# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୨୪/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, January 24/2020 | ★★★★★★

୪୭ଶ ଭାଗ ୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ୩୯ ବର୍ଷରେ ରିୟା ସେନ୍

ବଲିଉଡ୍ ଅଭିନେତ୍ରୀ ରିୟା ସେନ୍ ଶୁକ୍ରବାର ୩୯ ବର୍ଷରେ ପଦାର୍ପଣ କରିଛନ୍ତି। ଫିଲ୍ମ 'ବିଷକନ୍ୟା'ରେ ସେ ଚାଇଲ୍ଡ ଆର୍ଟିଷ୍ଟ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ।

୦୯ | ୧୮

## ନାଡାଲ ତୃତୀୟ ରାଉଣ୍ଡରେ

ରାଫାଲ ନାଡାଲ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ଶେଷ ଇଚ୍ଛା ଜଣାଉନାହାନ୍ତି ନିର୍ଭୟା ବଳାତ୍କାରୀ

## ଡେଥ୍ ୱାରେଣ୍ଟ ଦେଇଥିବା ବିଚାରପତିଙ୍କ ବଦଳି

ନୂଆଦିଲ୍ଲୀ,୨୩।୧

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କୁ ଫେବୃୟାରୀ ୧ରେ ଫାଶୀ ଦିଆଯିବାକୁ ଥିବାବେଳେ ଏହାର ୯ ଦିନ ପୂର୍ବରୁ ତିହାର ଜେଲ୍ କର୍ତ୍ତୃପକ୍ଷ ସେମାନଙ୍କର ଶେଷ ଇଚ୍ଛା ପଚାରିଥିଲେ। ସେମାନେ ପରିବାର ସଦସ୍ୟଙ୍କୁ ଭେଟିବାକୁ ଚାହାନ୍ତି କିମ୍ବା ସେମାନଙ୍କ ସମ୍ପତ୍ତି କାହା ନାଁରେ ୱିଲ୍ କରିବାର ଅଛି କି ବୋଲି ପଚରାଯାଇଥିଲା। ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ସେମାନଙ୍କୁ କୁହାଯାଇଥିଲା। ତେବେ ଅପରାଧୀମାନେ ଏପର୍ଯ୍ୟନ୍ତ କିଛି ଜଣାଇ ନାହାନ୍ତି। ସେମାନଙ୍କ ଶେଷ ଇଚ୍ଛା ସମ୍ପର୍କରେ ଜାଣିବାକୁ ଆମେ ଅପେକ୍ଷା କରିଛୁ ବୋଲି ଅତିରିକ୍ତ ଆଇଜି ରାଜକୁମାର କହିଛନ୍ତି। ଶେଷ ଇଚ୍ଛା ଜଣାପଡ଼ିବା ପରେ ତାହା ପୂରଣ କରାଯାଇପାରିବ କି ନାହିଁ ସେନେଇ ଜେଲ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ। ରିଭ୍ୟୁ ପିଟିଶନ, କ୍ୟୁରେଟିଭ୍ ପିଟିଶନ ଓ ରାଜକ୍ଷମା ଆବେଦନକୁ ନେଇ ୪ ଅପରାଧୀ ବିନୟ ଶର୍ମା, ଅକ୍ଷୟ କୁମାର ସିଂ, ମୁକେଶ କୁମାର ସିଂ ଏବଂ ପବନ ଗୁପ୍ତାଙ୍କ ଫାଶୀ ବିଳମ୍ବ ହେଉଛି। ଫେବୃୟାରୀ ୧ରେ ଫାଶୀ ଦେବା ପାଇଁ ଦିଲ୍ଲୀ କୋର୍ଟ ୱାରେଣ୍ଟ ଜାରି କରିଛନ୍ତି।

ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିବା ଦିଲ୍ଲୀ କୋର୍ଟର ଅତିରିକ୍ତ ଦୌରାଜଜ୍ ସତୀଶ କୁମାର ଆରୋରାଙ୍କୁ ସୁପ୍ରିମକୋର୍ଟର ଅତିରିକ୍ତ ରେଜିଷ୍ଟ୍ରାର ଭାବେ ବର୍ଷକ ପାଇଁ ଡେପୁଟେଶନ୍‌ରେ ବଦଳି କରାଯାଇଛି। ବଦଳି ପୂର୍ବରୁ ପଟିଆଲା ହାଉସ୍ କୋର୍ଟରେ ବିଚାରପତି ଥିବା ଆରୋରା ନିର୍ଭୟା ମାମଲା ସମେତ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ପକ୍ଷରୁ ଦାଏର ମାମଲାଗୁଡ଼ିକର ଶୁଣାଣି କରୁଥିଲେ। ନିର୍ଭୟା ମାମଲାରେ ଅନ୍ୟାନ୍ୟ ଶୁଣାଣି ନୂଆ ବିଚାରପତି କରିବେ।



## ପୂର୍ବତନ ବିଧାୟକ ଅନାମ ନାଏକ ଗିରଫ

**କଟକ ଅଫିସ, ୨୩।୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭବାନୀପାଟଣା ବିଧାନସଭା ଆସନର ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୩/୨୦୨୦) ରୁଜୁ କରାଯାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ଗତ ୧୭ ତାରିଖରେ ନାଏକଙ୍କ ଘର ସମେତ ମୋଟ୍ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଥିଲେ। ଯାଞ୍ଚରୁ ମୋଟ୍ ୩ କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ହଜାର ଟଙ୍କାର ସୁନାଗହଣା, ୧୩ହଜାର ୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ସାମଗ୍ରୀକୁ ମଧ ଭିଜିଲାନ୍ସ ଠାବ କରିଥିଲା। ତେବେ ସମ୍ପତ୍ତିଗୁଡ଼ିକ ଠାବ କରିବା ପରେ ଭିଜିଲାନ୍ସ ଆୟ ବ୍ୟୟର ହିସାବ କରିଥିଲା। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରୁ ୧ କୋଟି ୫୪ ଲକ୍ଷ ୧୨ହଜାର ୨୬୦ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ କହିଛି। ଏହି ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ନାଏକ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ।




# କଟକ ପାଇବ ନୂଆ ରୂପ

କଟକ ଅଫିସ, ୨୩।୧

ନୂଆ ରୂପ ନେବ କଟକ। ଅନେକ ଐତିହାସିକ ସ୍ମୃତି ବହନ କରୁଛି ଏହି ସହର। ତେଣୁ ଏହାର ସମୁଚିତ ବିକାଶ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କଟକ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ସହର ପାଇଁ ଏକ ବିଧିବଦ୍ଧ ପ୍ଲାନ୍ କରାଯିବ। ଏଥିରେ ରାସ୍ତାଘାଟର ପ୍ରଶସ୍ତୀକରଣ, ମୁକ୍ତ ପରିବେଶ, ଉଦ୍ୟାନ ଏବଂ ସବୁଜିମା ସହିତ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ କରାଯାଇ କଟକ ସହରକୁ ନୂଆ ରୂପ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗୁରୁବାର ମୁଖ୍ୟମନ୍ତ୍ରୀ କଟକ ଗସ୍ତରେ ଆସି ମାତାମଠ ନିକଟରେ ମହାନଦୀ କୂଳ (ହାଡ଼ିଆପଠା) ବୁଲି ଦେଖିବା ସହିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ରିଂ ରୋଡ୍‌କୁ ୬ ଲେନ୍ ବିଶିଷ୍ଟ କରାଯିବା ସହ ଏସ୍‌ସିବି ମେଡିକାଲ କଲେଜର ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚରୁ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଛନ୍ତି, କଟକ ସହର ଦେଇ ମହାନଦୀ ପ୍ରବାହିତ ହେଉଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମହାନଦୀର ପୁନରୁଦ୍ଧାର ଜମିରୁ କଟକ ସହରରେ ମୁକ୍ତ ପରିବେଶ ସହିତ ରିଭର ଫ୍ରଣ୍ଟର ବିକାଶ କରାଯାଇ ପର୍ଯ୍ୟଟନ ପାଇଁ ସୁଯୋଗ ସୃଷ୍ଟି କରାଯିବ। ପୁନରୁଦ୍ଧାର ହୋଇଥିବା ୪୨୧ ଏକର ପରିମିତ ଜମିର ପ୍ରତିଟି ଇଞ୍ଚକୁ ସହରବାସୀଙ୍କ ସୁବିଧା ଓ ମୌଳିକ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କ୍ରୀଡ଼ାଠାରୁ ଆରମ୍ଭକରି ସାଂସ୍କୃତିକ ତଥା ଅବସର ବିନୋଦନ ଏବଂ ପରିବେଶର ଉନ୍ନତି ନିମନ୍ତେ ଏଠାରେ ପଦକ୍ଷେପ ନିଆଯିବ। ଏହି ଜମିର ଅଧିକାଂଶ ଅଞ୍ଚଳ ସବୁଜିମା ସୃଷ୍ଟି ପାଇଁ ବିନିଯୋଗ କରାଯିବ। କଟକ ସହର ପାଇଁ ଏହିସବୁ ଯୋଜନା ନିମନ୍ତେ ଅଭିଜ୍ଞ ସହରାଞ୍ଚଳ ପ୍ରସ୍ତୁତିକାରୀଙ୍କୁ ନିୟୋଜିତ କରାଯିବ। ସହରର ବିକାଶରେ ଜନସାଧାରଣଙ୍କ ଅବଦାନକୁ ଗୁରୁତ୍ୱ ଦେବା ନିମନ୍ତେ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରାଯାଇ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରାଯିବ। କଟକ ସହରର ବିକାଶ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ସମ୍ବଳ ଯୋଗାଇ ଦେବେ। ସୂଚନାଥାଉ କି, ମହାନଦୀର ହାଡ଼ିଆପଠାରୁ ଚିହ୍ନଟ ୪୨୧ ଏକର ଜମିରେ ଗୁଜରାଟର ସାବରମତି ଢାଞ୍ଚାରେ ବାଲିଯାତ୍ରା ରିଭର ଫ୍ରଣ୍ଟ (ବରଫି) ପ୍ରକଳ୍ପ କରାଯିବ। ଏଥିନିମନ୍ତେ ନକ୍ସା ପ୍ରସ୍ତୁତ ହୋଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ୫-ଟି ସଚିବ ଭି.କେ. ପାଣ୍ଡିଆନ, ପୂର୍ତ୍ତ ସଚିବ କ୍ରିଷନ କୁମାର, ଆରଡିସି ଅନିଲ କୁମାର ସାମଲ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କଟକ ଜିଲାର ବିଧାୟକ ଓ ସରକାରୀ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ।



ଉନ୍ନୟନ କାର୍ଯ୍ୟର ମଡେଲ ନକ୍ସାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖୁଛନ୍ତି। ନିକଟରେ ଉପସ୍ଥିତ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ପୂର୍ତ୍ତ ସଚିବ କ୍ରିଷନ୍ କୁମାର।

### ମାର୍ଚ୍ଚରୁ ହେବ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ

- ହାଡ଼ିଆପଠାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ରିଂରୋଡ୍ ହେବ ୬ ଲେନ୍
- ମହାନଦୀ କୂଳର ବିକାଶ କରାଯିବ

# ସାବିତ୍ରୀ ରଥ ହେବେ ଓଡ଼ିଶା ହାଇକୋର୍ଟ ବିଚାରପତି

## ସୁପ୍ରିମକୋର୍ଟ କଲେଜିୟମର ସୁପାରିସ

କଟକ ଅଫିସ,୨୩।୧

ହାଇକୋର୍ଟ ଆଡଭୋକେଟ ସାବିତ୍ରୀ ରଥ ଓଡ଼ିଶା ହାଇକୋର୍ଟର ବିଚାରପତି ହେବେ। ସୁପ୍ରିମକୋର୍ଟଙ୍କ କଲେଜିୟମ ପକ୍ଷରୁ ସାବିତ୍ରୀଙ୍କ ନାମ ଗତ ବୁଧବାର ସୁପାରିସ କରାଯାଇଥିଲା। କଲେଜିୟମର ସୁପାରିସ ଉପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ମୋହର ମାରିବା ପରେ ରଥ ନିଯୁକ୍ତି ପାଇବେ। ସାବିତ୍ରୀ ଏବେ ହାଇକୋର୍ଟରେ ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଥାଉ କି, ସାବିତ୍ରୀ ହେଉଛନ୍ତି ରାଜ୍ୟର ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ପ୍ରଫୁଲ୍ଲ ରଥଙ୍କ ଝିଅ। କଟକରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ସେ ଦିଲ୍ଲୀରେ ଆଇନ ବିଦ୍ୟା ଲାଭ କରିଥିଲେ। ପରେ ଓଡ଼ିଶା ଆସି ହାଇକୋର୍ଟରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ। ହାଇକୋର୍ଟର ତତ୍କାଳୀନ ବରିଷ୍ଠ ଓକିଲ ତଥା ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରଫୁଲ୍ଲ ମିଶ୍ରଙ୍କ ଅଧୀନରେ ସେ ଓକିଲାତି କରୁଥିଲେ। ଏହା ପରେ ଭିଜିଲାନ୍ସ ଷ୍ଟାଣ୍ଡିଂ କାଉନସେଲ୍ ଭାବେ ମଧ କାର୍ଯ୍ୟ କରିଛନ୍ତି।



ଆଡଭୋକେଟ ସାବିତ୍ରୀ ରଥ

## ଫେବୃୟାରୀ ୫ରେ ପଶ୍ଚିମ ଓଡ଼ିଶା ବନ୍ଦ

**ବଲାଙ୍ଗୀର ଅଫିସ, ୨୩।୧:** ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଓକିଲ ସଂଘ ପକ୍ଷରୁ ଦୀର୍ଘବର୍ଷ ଧରି ଚାଲିଥିବା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଏବେ ଏକ ଭିନ୍ନମୋଡ ନେଇଛି। କିଛି ଦିନ ତଳେ ବାର କାଉନସିଲ ଅଫ୍ ଇଣ୍ଡିଆ ଆନ୍ଦୋଳନରତ ଓକିଲମାନଙ୍କ ଲାଇସେନ୍ସ ରଦ୍ଦ ତଥା ସେମାନଙ୍କ ମକଦ୍ଦମାକୁ ନିକଟସ୍ଥ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସ୍ଥାୟୀବେଞ୍ଚ ଦାବି ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ ନ କରି ଅଗଣତାନ୍ତ୍ରିକ ଉପାୟରେ ବାର କାଉନିସଲ ଅଫ୍ ଇଣ୍ଡିଆ ଓକିଲ ସଂଘମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ଓକିଲମାନଙ୍କ ଆନ୍ଦୋଳନକୁ ଦମନ କରିବା ପାଇଁ ବାର କାଉନସିଲ ଅଫ୍ ଇଣ୍ଡିଆର ଏପରି ଏକଚାଟିଆ ପଦକ୍ଷେପ ବିରୋଧରେ ପଶ୍ଚିମ ଓଡ଼ିଶାର ଓକିଲମାନେ ଏକଜୁଟ ହୋଇ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାର୍ କାଉନସିଲ ଅଫ୍ ଇଣ୍ଡିଆର ମନମୁଖୀ କାରବାର ଓ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୋଧରେ ଆସନ୍ତା ଫେବୃୟାରୀ ୫ ତାରିଖରେ ୧୨ଘଣ୍ଟିଆ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସେଦିନ ସମଗ୍ର ପଶ୍ଚିମ ଓଡ଼ିଶାର ସମସ୍ତ ଦୋକାନ, ବଜାର, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବୀମା ପ୍ରତିଷ୍ଠାନଗୁଡିକ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି।

# ଭିମ୍‌ସାର: ୪ ବର୍ଷରେ ୩୪୭୨ ଶିଶୁ ମୃତ

ଶୁଭାଶିଷ ପାଢ଼ୀ

ସମ୍ବଲପୁର,୨୩।୧

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ସ୍ୱାସ୍ଥ୍ୟସେବା ଉପରେ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ନିର୍ଭର କରନ୍ତି। ସେଥିପାଇଁ ସରକାର ଭିମ୍‌ସାରର ସ୍ୱାସ୍ଥ୍ୟସେବା ବିକାଶ ଦିଗରେ ନାନା ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ସେଥିରେ ସୁଫଳ ମିଳିପାରୁନାହିଁ। ବିଶେଷ କରି ଶିଶୁରୋଗୀଙ୍କ ମୃତ୍ୟୁହାର ଉଦ୍‌ବେଗଜନିତ ସ୍ଥିତିରେ ରହିଛି। ଏକ ରିପୋର୍ଟ ଅନୁଯାୟୀ ଗତ ୪ ବର୍ଷରେ ମୋଟ ୩ ହଜାର ୪ ଶହ ୭୨ ଜଣ ନବଜାତ ଓ ଚିକିତ୍ସିତ ଶିଶୁଙ୍କ ମୃତ୍ୟୁ ଘଟିଛି। ହାରାହାରି ପ୍ରତିବର୍ଷ ୯ ଶହ ଶିଶୁଙ୍କ ମୃତ୍ୟୁ ଘଟୁଛି ବୋଲି ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି।

ବିଶେଷ କରି ଗରିବ ଓ ଗ୍ରାମାଞ୍ଚଳ ଲୋକମାନେ ଭିମ୍‌ସାର ଉପରେ ନିର୍ଭର କରିଥାନ୍ତି। ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଉତ୍ତମ ଚିକିତ୍ସା ମିଳୁନାହିଁ। ଅନ୍ୟପଟେ ଗର୍ଭବତୀ ମହିଳାମାନଙ୍କୁ ଠିକ୍‌ଭାବେ ଟିକା ପ୍ରଦାନ କରାଯାଉ ନ ଥିବା ବେଳେ ଅନ୍ୟ ଆବଶ୍ୟକ ଚିକିତ୍ସାର ଅଭାବ ରହିଥିବା ଅଭିଯୋଗ ହୋଇଛି। ସଚେତନ ଅଭାବ ତଥା ଗର୍ଭସ୍ଥ ଶିଶୁର ଠିକ୍ ଭାବେ ଯତ୍ନ ନିଆଯାଉ ନ ଥିବାରୁ ଦୁର୍ବଳ ପିଲା ଜନ୍ମ ହେଉଛନ୍ତି। ଫଳରେ ☞ପୃଷ୍ଠା-୧୪

- ଉଦ୍‌ଘାଟନ ପରେ ବି ୯ ତାଲା ବିଶିଷ୍ଟ କୋଠା ଖାଲିପଡିଛି
- ଜମି ଅଭାବ ଯୋଗୁ ଚିନ୍ତା
- ଅନୁଦାନ ଥାଇ ବି ନିର୍ମାଣ ହେଉନି ଶିଶୁଭବନ



# ଓଡ଼ିଆ ଅଫିସର ସି.ପି. ମହାନ୍ତି ଦକ୍ଷିଣାଞ୍ଚଳ ସେନା କମାଣ୍ଡର



ସି.ପି. ମହାନ୍ତି



ୱାଇ.କେ. ଜୋଷୀ

ନୂଆଦିଲ୍ଲୀ,୨୩।୧(ପି.ଟି.)

ଓଡ଼ିଆ ଅଫିସର ଲ୍ୟୁଟ୍‌ନାଣ୍ଟ ଜେନେରାଲ ସି.ପି. ମହାନ୍ତିଙ୍କୁ ଦକ୍ଷିଣାଞ୍ଚଳ ସେନା କମାଣ୍ଡର ଭାବେ ନିଯୁକ୍ତି ମିଳିଛି। ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସାଇନିଙ୍କ ସ୍ଥାନରେ ଶନିବାର ସେନାର ନୂଆ ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ସେହିପରି ଲ୍ୟୁଟ୍‌ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଉତ୍ତରାଞ୍ଚଳ ସେନା କମାଣ୍ଡର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେ ଜମ୍ମୁ-କଶ୍ମୀର ସଂଲଗ୍ନ ପାକିସ୍ତାନ ସୀମା ଓ ଲଦାଖ ସହ ରହିଥିବା ଚାଇନା ସୀମାର ସୁରକ୍ଷା ଦାୟିତ୍ୱରେ ରହିବେ। ୩୧ରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂ ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଜୋଷୀ ଫେବୃୟାରୀ ୧ରେ ଦାୟିତ୍ୱ ଗ୍ରହଣ କରିବେ। କଶ୍ମୀରରେ ଆତଙ୍କବାଦ ନିରୋଧୀ ଅଭିଯାନରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। କାର୍ଗିଲ ହିରୋ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜୋଷୀଙ୍କୁ 'ବୀର ଚକ୍ର' ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଗିଲ ଯୁଦ୍ଧ ବେଳେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀଙ୍କ ନେତୃତ୍ୱରେ ସେନା ଦୁଃସାହସିକତା ପ୍ରଦର୍ଶନ କରିଥିଲେ।

### ୱାଇ.କେ. ଜୋଷୀଙ୍କୁ ଉତ୍ତରାଞ୍ଚଳ ଦାୟିତ୍ୱ

# ଆବର୍ଜନାରୁ ଇନ୍ଧନ ବାହାର କରିବ ପୂର୍ବତଟ ରେଳପଥ



ପଲିକ୍ରାକ୍ ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ବର୍ଜ୍ୟବସ୍ତୁ ପରିଚାଳନା ଓ ଅପସାରଣ କ୍ଷେତ୍ରରେ ଇତିହାସ ରଚିଛି ପୂର୍ବତଟ ରେଳପଥ। ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଶର ପ୍ରଥମ ସରକାରୀ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଗୁରୁବାର ପୂର୍ବତଟ ରେଳପଥର ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନାଠାରେ ରେଳବୋର୍ଡ ସଦସ୍ୟ (ରୋଲିଂ ଷ୍ଟକ୍) ରାଜେଶ ଅଗ୍ରୱାଲ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏବଂ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି।

ନୂତନ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ବର୍ଜ୍ୟବସ୍ତୁରୁ ଇନ୍ଧନ ଉତ୍ପାଦନ ପ୍ଲାଣ୍ଟ ଭାରତୀୟ ରେଳୱେରେ ☞ପୃଷ୍ଠା-୪

- ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ପଲିକ୍ରାକ୍ ପ୍ଲାଣ୍ଟ ଉଦ୍‌ଘାଟିତ
- ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରିବାରେ ଦେଶର ପ୍ରଥମ ସରକାରୀ ପ୍ରକଳ୍ପ

# ଫିଲ୍ମଫେୟାର ଦୌଡ଼ରେ ଓଡ଼ିଆ ଫିଲ୍ମମେକର

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ପ୍ରଥମଥର ପାଇଁ ଓଡ଼ିଶାରୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ଫିଲ୍ମଫେୟାର ଶର୍ଟ ଫିଲ୍ମ ଆୱାର୍ଡସ-୨୦୨୦' ପ୍ରତିଯୋଗିତା ଦୌଡ଼ରେ ସାମିଲ ହୋଇଛି। ଓଡ଼ିଶା ଜନ୍ମିତ ବିଜ୍ଞାପନ ଫିଲ୍ମ ନିର୍ମାତା ଦୟାନିଧି ଦହିମାଙ୍କ ଦ୍ୱାରା ନିର୍ମିତ ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର 'ନବାବ' ଏହି ☞ପୃଷ୍ଠା-୪




ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ

ପୃଷ୍ଠା - ୧୦ ଓ ୧୧



ଆଜିର ସମ୍ପାଦକୀୟ

ଅନେକ ଆଶା



Taste the difference! Vencobb Fresh Chicken

23.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 75 | 126 | 136 |
| BDK | 70 | 119 | 129 |
| BLS | 71 | 120 | 130 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers



ହିନ୍ଦୁ ମହାସଭାର ବିଭାଜନବାଦୀ ରାଜନୀତିକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବିରୋଧ କରୁଥିଲେ।

-ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



# ବେଜୋସ୍‌ଙ୍କ ଫୋନ୍ ହ୍ୟାକ୍ କରିଥିଲେ ଏମ୍‌ବିଏସ୍

**୨୦୧୮ ଅକ୍ଟୋବରରେ ତୁର୍କୀସ୍ଥିତ ଇସ୍ତାନବୁଲ ଦୂତାବାସରେ 'ୱାଶିଂଟନ ପୋଷ୍ଟ' ଖବରଦାତା ଜମାଲ କାଶୋଗୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଏହା ପରଠୁ ବିଦେଶୀ ପୁଞ୍ଜିନିବେଶ ବଢ଼ାଇ ସୌଦି ଆରବର ଅର୍ଥନୀତିକୁ ଅଧିକ ମଜଭୁତ କରିବା ପାଇଁ ସଲ୍‌ମାନଙ୍କ ଉଦ୍ୟମକୁ ଝଟ୍‌କା ଲାଗିଥିବାବେଳେ ସଦ୍ୟ ପ୍ରଘଟ ସୌଦିର ଭବିଷ୍ୟତ ରାଜାଙ୍କୁ ପୁଣିଥରେ ସନ୍ଦେହ ଘେରକୁ ଟାଣିନେଇଛି।**



ଜମାଲ ଖାଶୋଗୀ



ମହମ୍ମଦ ବିନ୍ ସଲ୍‌ମାନ

**ସନ୍ଦେହର କାଠଗଡ଼ାରେ ସୌଦି କ୍ରାଉନ୍ ପ୍ରିନ୍ସ**

- ଅଭିଯୋଗକୁ ସୌଦି ଆରବର ଖଣ୍ଡନ
- ତଦନ୍ତ ଦାବି କଲେ ଜାତିସଂଘ ବିଶେଷଜ୍ଞ

ଡାଭୋସ୍,୨୩।୧

ଆମାଜନ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜେଫ୍ ବେଜୋସ୍‌ଙ୍କ ମୋବାଇଲ୍ ଫୋନ୍‌କୁ ୨୦୧୮ରେ ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ(ଏମ୍‌ବିଏସ୍) ହ୍ୟାକ୍ କରିଥିଲେ। ଏମ୍‌ବିଏସ୍‌ଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ବେଜୋସ୍‌ଙ୍କ ଫୋନ୍‌କୁ ହ୍ୱାଟ୍ସଆପ୍ ଜରିଆରେ ଏକ ବିପଜ୍ଜନକ ଭିଡିଓ ଫାଇଲ ଯିବା ପରେ ଏପରି କରାଯାଇଥିବା କୁହାଯାଉଛି। ଅଭିଯୋଗକୁ ସୌଦି ଆରବ ପକ୍ଷରୁ ଖଣ୍ଡନ କରାଯାଇଥିବାବେଳେ ଜାତିସଂଘ ବିଶେଷଜ୍ଞମାନେ ଏହାର ତଦନ୍ତ ଦାବି କରିଛନ୍ତି। ଏହି ବିଷୟ ସାମ୍ନାକୁ ଆସିବା ପରେ ବିଶ୍ୱବ୍ୟାପୀ ହଟଚମଟ ସୃଷ୍ଟି ହୋଇଛି।

୨୦୧୮ରେ ସୌଦି ପ୍ରିନ୍ସ ଏମ୍‌ବିଏସ୍ ଏବଂ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ବେଜୋସ୍‌ଙ୍କ ମଧ୍ୟରେ ହ୍ୱାଟ୍ସଆପ୍ ଜରିଆରେ ମେସେଜ୍ ଆଦାନପ୍ରଦାନ ଚାଲିଥିଲା। ସେହିବର୍ଷ ମେ ୧ରେ ଏକ ଅନ୍‌ସୋଲିସିଟେଡ୍ ବା କରପ୍ଟ ଫାଇଲ୍ ବେଜୋସ୍‌ଙ୍କ ମୋବାଇଲ ଫୋନ୍‌କୁ ଆସିଥିଲା। ଉକ୍ତ ଫାଇଲ୍ ପହଞ୍ଚିବା ପରେ ବେଜୋସ୍‌ଙ୍କ ମୋବାଇଲରୁ ବହୁ ଡାଟା ସ୍ଥାନାନ୍ତର ହୋଇଥିଲା। ତେଣୁ ଏମ୍‌ବିଏସ୍‌ଙ୍କ ଆକାଉଣ୍ଟରୁ ବେଜୋସ୍‌ଙ୍କ ଫୋନ୍ ହ୍ୟାକ୍ କରାଯାଇଥିବା ନେଇ 'ଯଥାର୍ଥ ଭାବେ ନିଶ୍ଚିତ' ପ୍ରମାଣ ପାଇଥିବା ଜାତିସଂଘର ତଦନ୍ତକାରୀମାନେ କହିଛନ୍ତି। ଏହି ପ୍ରସଙ୍ଗରେ ତୁରନ୍ତ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏମ୍‌ବିଏସ୍‌ଙ୍କ ଫୋନ୍‌କୁ ଏକ ଜରିଆ ଭାବେ ବ୍ୟବହାର କରାଯାଇଥିଲା। କାରଣ ତାଙ୍କ ମାଧ୍ୟମରେ ବେଜୋସ୍‌ଙ୍କ ଫୋନ୍‌କୁ ମେସେଜ୍ ଗଲେ ସନ୍ଦେହ ସୃଷ୍ଟି ହେବନାହିଁ ବୋଲି ମନେକରାଯାଉଥିଲା। ସୌଦି କ୍ରାଉନ୍ ପ୍ରିନ୍ସ ନିଜେ ଆମାଜନ ପ୍ରତିଷ୍ଠାତାଙ୍କ ଫୋନ୍‌କୁ ହ୍ୟାକ୍ କରିଥାଇପାରନ୍ତି ବୋଲି ଜାତିସଂଘର ତଦନ୍ତକାରୀ ଅଗ୍‌ନେସ୍ କାଲାମର୍ଡ ମତ ଦେଇଛନ୍ତି। ନ୍ୟାୟ ବହିର୍ଭୂତ ହତ୍ୟା ମାମଲାର ବିଶେଷଜ୍ଞ କାଲାମର୍ଡ ଏହା ପୂର୍ବରୁ ୨୦୧୮ ଅକ୍ଟୋବରରେ ତୁର୍କୀର ଇସ୍ତାନବୁଲସ୍ଥିତ ସୌଦି ଦୂତାବାସରେ 'ୱାଶିଂଟନ ପୋଷ୍ଟ' ସ୍ତମ୍ଭକାର ଖାଶୋଗୀଙ୍କ ହତ୍ୟାରେ ରିୟାଧର ଭୂମିକାକୁ ନେଇ ମଧ୍ୟ ତଦନ୍ତ କରିସାରିଛନ୍ତି। ସେହିପରି ଜାତିସଂଘର ଅନ୍ୟତମ ତଦନ୍ତକାରୀ ଡାଭିଡ୍ କାୟେ ମାନବାଧିକାର ସୁରକ୍ଷାକାରୀ ଓ ଖବରଦାତାମାନଙ୍କୁ ଭୟଭୀତ କରି ସେମାନଙ୍କ ଉପରେ ନଜର ରଖିବା ପାଇଁ ମାଲିସୟସ୍ ସ୍ପାଏୱେରର ବଢ଼ିଚାଲିଥିବା ବେଆଇନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଉଭୟ ଅଗ୍‌ନେସ୍ ଓ କାୟେ ଜାତିସଂଘ ପକ୍ଷରୁ ନିଯୁକ୍ତ କର୍ମଚାରୀ ନୁହନ୍ତି, ବରଂ ଏହି ଅନ୍ତର୍ଜାତୀୟ ସଙ୍ଗଠନର ମାନବାଧିକାର ଶାଖାର ସ୍ୱାଧୀନ ବିଶେଷଜ୍ଞ। ଆମାଜନ୍ ସିଇଓ ବେଜୋସ୍ ହେଉଛନ୍ତି 'ୱାଶିଂଟନ ପୋଷ୍ଟ' ମାଲିକ। ଏହି ଖବରକାଗଜରେ ଖବରଦାତା ଭାବେ କାମ କରୁଥିଲେ ଜମାଲ ଖାଶୋଗୀ।

> ବେଜୋସ୍‌ଙ୍କ ସର୍ଭିଲାନ୍ସରେ କ୍ରାଉନ୍ ପ୍ରିନ୍ସଙ୍କ ସମ୍ପୃକ୍ତି ଥାଇପାରେ। ସୌଦି ଆରବ ସମ୍ପର୍କରେ 'ୱାଶିଂଟନ ପୋଷ୍ଟ'କୁ ଚୁପ୍ କରି ନ ପାରିଲେ ବି ଅନ୍ତତଃ ପ୍ରଭାବିତ କରିବା ପାଇଁ ଏହା ଏକ ଉଦ୍ୟମ।
>
> **-ଅଗ୍‌ନେସ୍ କାଲାମର୍ଡ, ଜାତିସଂଘର ସ୍ୱତନ୍ତ୍ର ତଦନ୍ତକାରୀ**

ମାନବାଧିକାରୀ କର୍ମୀଙ୍କ ପ୍ରତି ରିୟାଧର ବ୍ୟବହାର ଏବଂ ୟେମେନ ଯୁଦ୍ଧକୁ ନେଇ କ୍ରାଉନ୍ସ ପ୍ରିନ୍ସ ଓ ସୌଦି ଆରବ ସମ୍ପର୍କରେ 'ୱାଶିଂଟନ ପୋଷ୍ଟ'ରେ ସମାଲୋଚନାମୂଳକ ଖବର ପ୍ରକାଶ ପାଇଥାଏ। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମରେ ମଧ୍ୟ ଏଥିରେ ଅନେକ ରିପୋର୍ଟ ବାହାରିଥାଏ। ହ୍ୟାକ୍ ସମୟରେ 'ୱାଶିଂଟନ ପୋଷ୍ଟ'ର ଜଣେ ପ୍ରମୁଖ ସ୍ତମ୍ଭକାର ଏମ୍‌ବିଏସ୍‌ଙ୍କ ବିରୋଧରେ ଲେଖିଥିଲେ। ଅନ୍ୟପକ୍ଷରେ ବେଜୋସ୍ ଏବଂ ତାଙ୍କ ଗର୍ଲଫ୍ରେଣ୍ଡ ଲରେନ୍ ସାନ୍‌ଚେଜ୍‌ଙ୍କ ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ କେତେକ ମେସେଜ୍‌କୁ ନେଇ ଆମେରିକାର ଏକ ଖବରକାଗଜର ମୁଖ୍ୟ କାର୍ଯ୍ୟନିର୍ବାହୀ ତାଙ୍କୁ ବ୍ଲାକ୍‌ମେଲିଂ କରୁଥିବା ନେଇ ନିକଟରେ ବେଜୋସ୍ ନିଜ ବ୍ଲଗ୍ ପୋଷ୍ଟରେ ଉଲ୍ଲେଖ କରିଥିଲେ। ବେଜୋସ୍‌ଙ୍କ ମତରେ 'ୱାଶିଂଟନ ପୋଷ୍ଟ'ରେ ତାଙ୍କର ନିବେଶ ଯୋଗୁ ସେ କେତେଜଣ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଶତ୍ରୁ ପାଲଟିଯାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ପରବର୍ତ୍ତୀ ସମୟରେ ବେଜୋସ୍‌ଙ୍କ ସୁରକ୍ଷା ମୁଖ୍ୟ କହିଥିଲେ, ସୌଦି ସରକାର ତାଙ୍କ ବସ୍‌ଙ୍କ ଫୋନ୍‌କୁ ଆୟତ୍ତ କରିନେଇଛି। 'ନ୍ୟାଶନାଲ ଏନ୍‌କ୍ୱାରିୟର୍' ନାମକ ଖବରକାଗଜ ବେଜୋସ୍‌ଙ୍କ ବିବାହ ବହିର୍ଭୂତ ସମ୍ପର୍କ ନେଇ କେତେକ ଷ୍ଟୋରି ପ୍ରକାଶ କରିବା ସମୟରେ ବିଶ୍ୱର ଏହି ଧନୀ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ପରେ ନ୍ୟୁୟର୍କ ଟାଇମ୍ସରେ ଆଉ ଏକ ରିପୋର୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ 'ନ୍ୟାଶନାଲ ଏନ୍‌କ୍ୱାରିୟର୍' ଚିଫ୍ ଏକ୍‌ଜିକ୍ୟୁଟିଭ୍ ଡାଭିଡ୍ ପେକର୍ ୨୦୧୭ରେ ଏମ୍‌ବିଏସ୍‌ଙ୍କୁ ଭେଟିଥିବା ଉଲ୍ଲେଖ କରାଯାଇଥିଲା। ଟ୍ରମ୍ପଙ୍କ ଜଣେ ଘନିଷ୍ଠ ସହଯୋଗୀ ମଧ୍ୟ ବେଜୋସ୍‌ଙ୍କ ବିରୋଧରେ 'ନ୍ୟାଶନାଲ ଏନ୍‌କ୍ୱାରିୟର୍'ର ରିପୋର୍ଟକୁ ଟୁଇଟ୍ କରିଥିଲେ।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ହ୍ୟାକର୍ସମାନେ ପ୍ରମାଣ ଲିଭାଇଦେଇଥିଲେ କି। ହଁ ହ୍ୟାକର୍ସ ଏପରି ମାଲ୍‌ୱେର ଖଞ୍ଜିଥିଲେ, ଯାହା ଲୁକ୍କାୟିତ ଭାବେ ସମ୍ବେଦନଶୀଳ ତଥ୍ୟ କମାଣ୍ଡ ସର୍ଭର୍ସ ନିକଟକୁ ପଠାଇବା ପରେ ସ୍ୱତଃ ଉଡ଼ିଯାଏ। 'ପେଗାସସ୍' ନାମକ ମୋବାଇଲ୍ ସ୍ପାଏୱେର୍‌କୁ ଇସ୍ରାଏଲ୍‌ର ହ୍ୟାକର୍ସମାନେ ପ୍ରସ୍ତୁତ କରିଛନ୍ତି। ହାୟର୍ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ପାଇଁ ଡିଜାଇନ୍ କରାଯାଇଥିବା ଏହି ମାଲ୍‌ୱେର୍‌କୁ ସୌଦି ଆରବ ବ୍ୟବହାର କରିଥିଲା। ବେଜୋସ୍‌ଙ୍କ ମୋବାଇଲ୍ ହ୍ୟାକ୍ କରିବାର କିଛି ଦିନ ମଧ୍ୟରେ ସୌଦି ଆରବ ଏହାକୁ ସମାଲୋଚକ ଓ ମାନବାଧିକାର କର୍ମୀଙ୍କ ବିରୋଧରେ ଉପଯୋଗ କରିଥିଲା। ତେବେ ଏଭଳି ଅଭିଯୋଗକୁ ବୁଧବାର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ଖଣ୍ଡନ କରାଯାଇଛି। ସୌଦି ଅଧିକାରୀମାନେ ମଧ୍ୟ ସଦ୍ୟ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜେଫ୍ ବେଜୋସ୍‌ଙ୍କ ଫୋନ୍ ହ୍ୟାକିଂ ପଛରେ ରିୟାଧର ହାତ ଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ସଦସ୍ୟ ରିପୋର୍ଟଗୁଡ଼ିକ ଭିତ୍ତିହୀନ ବୋଲି ସୌଦି ଆରବୀୟ ଦୂତାବାସ ନିଜ ଟୁଇଟର୍ ଆକାଉଣ୍ଟରେ ବିବୃତି ଜାରି କରିଛି।

> ଜେଫ୍ ବେଜୋସ୍‌ଙ୍କ ଫୋନ୍ ହ୍ୟାକିଂ ପଛରେ ସୌଦି ଆରବର ହାତ ଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ସଦସ୍ୟ ରିପୋର୍ଟଗୁଡ଼ିକ ଭିତ୍ତିହୀନ। ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ପାଇଁ ତଦନ୍ତ କରାଯାଉ।
>
> **-ୱାଶିଂଟନସ୍ଥିତ ସୌଦି ଆରବ ଦୂତାବାସ**



ଫୋନ୍ ହ୍ୟାକିଂ ରିପୋର୍ଟ ପ୍ରକାଶ ପାଇବା ପରେ ଜମାଲ ଖାଶୋଗୀଙ୍କ ସ୍ମାରକୀ ଫଟୋକୁ ଟୁଇଟ୍ କରିଛନ୍ତି ଜେଫ୍ ବେଜୋସ୍। ତାଙ୍କ ନିକଟରେ ଅଛନ୍ତି ଖାଶୋଗୀଙ୍କ ପ୍ରେମିକା ହଟିସ୍ ସେଙ୍ଗିଜ୍।

## 'ବଳାତ୍କାରୀଙ୍କ ସହ ୪ ଦିନ ରୁହନ୍ତୁ ଇନ୍ଦିରା'



କଙ୍ଗନା ରାଣାୱତ୍



ଇନ୍ଦିରା ଜୟସିଂ

- ଏମିତି ମହିଳାଙ୍କ ଔରସରୁ ବଳାତ୍କାରୀ ଜନ୍ମ ନିଅନ୍ତି: କଙ୍ଗନା
- କଙ୍ଗନାଙ୍କୁ ଧନ୍ୟବାଦ ଜଣାଇଲେ ନିର୍ଭୟାଙ୍କ ମା'

ନୂଆଦିଲ୍ଲୀ, ୨୩।୧

ନିର୍ଭୟା ମାମଲାର ୪ ଦୋଷୀଙ୍କୁ ସର୍ବସାଧାରଣରେ ଫାଶୀ ଦିଆଯିବା ଉଚିତ। ସେହିପରି ସେମାନଙ୍କ ପାଇଁ ମାମଲା ଲଢୁଥିବା ଆଇନଜୀବୀ ଇନ୍ଦିରା ଜୟସିଂଙ୍କୁ ବଳାତ୍କାରୀଙ୍କ ସହ ଜେଲ୍‌ରେ ୪ ଦିନ ରହିବା ଲାଗି ଛାଡ଼ି ଦିଆଯିବା ଉଚିତ। ଏଭଳି ମହିଳାଙ୍କ ଔରସରୁ ବଳାତ୍କାରୀ ହିଁ ଜନ୍ମ ହୋଇଥାନ୍ତି ବୋଲି ବଲିଉଡ୍‌ର ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।

୨୪ରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ 'ପଙ୍ଗା' ରିଲିଜ୍ ହେବାକୁ ଯାଉଥିବାବେଳେ ଖବରଦାତାଙ୍କୁ ସେ କହିଛନ୍ତି, ଏଭଳି ଜଘନ୍ୟ ଅପରାଧ କରିଥିବା ଜଣେ ଦୋଷୀଙ୍କୁ ନାବାଳକ ଭାବେ ବିବେଚନା କରାଯିବା ଅନୁଚିତ। ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଉଦାହରଣ ସୃଷ୍ଟି କରାଯିବା ଦରକାର। ନିର୍ଭୟାଙ୍କ ବାପା-ମା' ନ୍ୟାୟ ଲାଗି ଲଢ଼େଇ ଜାରି ରଖିଥିବାବେଳେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ସ୍ୱାମୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ କ୍ଷମାଦେବା ଭଳି ନିର୍ଭୟାଙ୍କ ମା' ଆଶା ଦେବୀ ବଳାତ୍କାରୀଙ୍କୁ କ୍ଷମା ପ୍ରଦାନ କରନ୍ତୁ ବୋଲି ଓକିଲ ଇନ୍ଦିରା ଜୟସିଂ ଅନୁରୋଧ କରିଥିଲେ। ତେବେ ଇନ୍ଦିରାଙ୍କ ମନ୍ତବ୍ୟକୁ କଙ୍ଗନା ସମାଲୋଚନା କରିଥିବାରୁ ନିର୍ଭୟାଙ୍କ ମା' ଆଶା ଦେବୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ୨୦୧୨ ନିର୍ଭୟା ବଳାତ୍କାର ବେଳେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରତିବାଦ କରିଥିବା ଲୋକେ ଏବେ ରାଜନୈତିକ ଫାଇଦା ଲାଗି ମୋ ଝିଅର ମୃତ୍ୟୁ ସହ ଖେଳୁଛନ୍ତି ବୋଲି ଆଶାଦେବୀ କ୍ଷୋଭବ୍ୟକ୍ତ କରିଛନ୍ତି।

## ରାଜନୀତିରେ ରାଜ୍ ଠାକ୍‌ରେଙ୍କ ପୁଅ

**ଏମ୍‌ଏନ୍‌ଏସ୍‌ର ନୂଆ ପତାକା**

ମୁମ୍ବାଇ,୨୩।୧: ମହାରାଷ୍ଟ୍ର ନବନିର୍ମାଣ ସେନା(ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ୍ ଠାକ୍‌ରେ ଗୁରୁବାର ଦଳର ନୂଆ ପତାକା ଅନାବରଣ କରିଛନ୍ତି। ଏହାସହ ତାଙ୍କ ପୁଅ ଅମିତ ଠାକ୍‌ରେ(୨୭) ରାଜନୀତିରେ ପାଦ ଥାପିଛନ୍ତି। ଗୋରେଗାଓଁରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ୍ ଠାକ୍‌ରେଙ୍କ ୯୪ତମ ଜନ୍ମବାର୍ଷିକୀରେ ଏମ୍‌ଏନ୍‌ଏସ୍‌ର ମହାଅଧିବେଶନ ଅବସରରେ ଉନ୍ମୋଚିତ ନୂଆ ପତାକାରେ ସମ୍ପୂର୍ଣ୍ଣ ଗୈରିକ ରଙ୍ଗ ସହ ଛତ୍ରପତି ଶିବାଜୀଙ୍କ ରାଜମୁଦ୍ରା ରହିଛି। ମହାରାଷ୍ଟ୍ରରେ ଶିବସେନାକୁ ଘେରିବା ଲାଗି ଏମ୍‌ଏନ୍‌ଏସ୍ ସହ ଭାଜପା ମେଣ୍ଟ କରିବାକୁ ଉଦ୍ୟମ କରୁଥିବାବେଳେ ଅମିତ୍ ରାଜନୀତିକୁ ଆସିବା ନୂତନ ସଙ୍କେତଆଣିଦେଇଛି।



ଅମିତ ଠାକ୍‌ରେ

**ଇତିହାସର ଆଇନାରେ | ଜାନୁୟାରୀ ୨୪ର ପ୍ରମୁଖ ଘଟଣା**

୧୯୩୯ ଜାନୁୟାରୀ ୨୪ରେ ଦକ୍ଷିଣ-ପଶ୍ଚିମ ଚିଲିରେ ଭୂକମ୍ପ ଘଟି ୨୭ ହଜାର ଲୋକଙ୍କ ଜୀବନ ଯାଇଥିଲା। ୮.୩ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପରେ ୩,୫୦୦ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା।

୨୦୧୧ ଜାନୁୟାରୀ ୨୪ରେ ମସ୍କୋର ଡୋମୋଡେଡୋଭା ବିମାନବନ୍ଦରରେ ଘଟିଥିବା ଆତ୍ମଘାତୀ ବିସ୍ଫୋରଣରେ ୩୭ ନିହତ ଓ ୧୮୦ ଜଣ ଆହତ ହୋଇଥିଲେ। ବିଦେଶୀଙ୍କୁ ଏଥିରେ ଟାର୍ଗେଟ କରାଯାଇଥିଲା।

## ଭଲ ବ୍ୟବହାର ପାଇଁ କୋହଳ ହେବନି ଫାଶୀଦଣ୍ଡାଦେଶ

ନୂଆଦିଲ୍ଲୀ,୨୩।୧(ପି.ଟି.)

ମୃତ୍ୟୁଦଣ୍ଡାଦେଶ ପାଇଥିବା ଅପରାଧୀ ଯଦି ଦୋଷୀସାବ୍ୟସ୍ତ ହେବା ପରେ ଜେଲ୍‌ରେ ଭଲ ବ୍ୟବହାର ଦେଖାନ୍ତି, ତେବେ ସେମାନଙ୍କୁ ଦଣ୍ଡରୁ ମୁକ୍ତି ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଏପରି ହେଲେ ମୃତ୍ୟୁଦଣ୍ଡାଦେଶ ପାଇଥିବା କୌଣସି ଅପରାଧୀଙ୍କୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏସ୍.ଏ. ନାଜିର ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି।

ପରିବାରର ୭ ଜଣଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡାଦେଶ ପାଇଥିବା ଶବନମ୍ ଓ ତାଙ୍କ ପ୍ରେମିକ ସଲିମ ଦଣ୍ଡରୁ ମୁକ୍ତି ପାଇବା ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ରଖିଛନ୍ତି। ସଲିମ ଓ ଶବନମ୍‌ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ଓ ଉଭୟେ ବିବାହ କରିବାକୁ ଚାହୁଁଥିଲେ। ତେବେ ଶବନମ୍‌ଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଫଳରେ ୨୦୦୮ ଏପ୍ରିଲ ୧୫ରେ ଉଭୟେ ମିଶି ଶବନମ୍‌ଙ୍କ ପରିବାରର ୭ ଜଣ ସଦସ୍ୟଙ୍କୁ ହତ୍ୟା କରିଥିଲେ। ମାମଲାର ବିଚାର କରି ସେସନ୍ସ କୋର୍ଟ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଥିଲେ। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଓ ୨୦୧୫ରେ ସର୍ବୋଚ୍ଚ ଅଦାଲତ ଏହାକୁ କାଏମ ରଖିଥିଲେ।




## ଗର୍ଭବତୀଙ୍କୁ ଭିଜା ପ୍ରଦାନରେ ଆମେରିକାର କଟକଣା

ୱାଶିଂଟନ,୨୩।୧

'ପ୍ରଜନନ ପର୍ଯ୍ୟଟନ' ଉପରେ କଟକଣା ଲଗାଇବାକୁ ଯାଉଛନ୍ତି ଆମେରିକା ସରକାର। ଅନେକ ମହିଳା ପିଲା ଜନ୍ମ କରିବାକୁ ଆମେରିକା ଆସୁଛନ୍ତି, ଯେପରି ସେମାନଙ୍କ ପିଲା ସେଠାର ପାସ୍‌ପୋର୍ଟ ପାଇବାକୁ ଯୋଗ୍ୟ ହୋଇପାରିବ। ଏଭଳି ବ୍ୟବସ୍ଥା ବନ୍ଦ କରିବା ଲାଗି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଗୁରୁବାର ଏକ ନୂଆ ଭିଜା କଟକଣା ନୀତି ଆଣିଛନ୍ତି। ଉକ୍ତ ନୀତି ଅନୁଯାୟୀ ପିଲା ଜନ୍ମ କରିବାକୁ ଆସୁଥିବା ମହିଳାଙ୍କୁ ଅନ୍ୟାନ୍ୟ ବିଦେଶୀ ରୋଗୀଙ୍କ ଭଳି ବିବେଚନା କରାଯିବ। ସେମାନେ ଚିକିତ୍ସା ପାଇଁ ଆସିଛନ୍ତି ଓ ଅର୍ଥ ପୈଠ କରିଛନ୍ତି ବୋଲି ପ୍ରମାଣ ଦେଖାଇବାକୁ ହେବ। ଶୁକ୍ରବାରଠାରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବାକୁ ଯାଉଛି।



ଜୟପୁରସ୍ଥିତ ଡିଗ୍ରୀ ପ୍ୟାଲେସ୍‌ରେ ଜୟପୁର ଲିଟରେଚର ଫେଷ୍ଟିଭାଲ (ଜେଏଲ୍‌ଏଫ୍) ଚାଲିଥିବାବେଳେ ବାଦ୍ୟଯନ୍ତ୍ର ବଜାଉଛନ୍ତି ଜଣେ ଲୋକ କଳାକାର ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୫.୫ |
| ଚାନ୍ଦବାଲି | ୨୭.୯ | ୧୬.୪ |
| କଟକ | ୩୦.୫ | ୧୬.୫ |
| ପାରାଦ୍ୱୀପ | ୨୭.୦ | ୧୭.୪ |
| ଭୁବନେଶ୍ୱର | ୩୧.୪ | ୧୮.୫ |
| ଗୋପାଳପୁର | ୨୮.୮ | ୧୮.୨ |
| ପୁରୀ | ୨୮.୦ | ୧୮.୪ |
| ଅନୁଗୋଳ | ୨୯.୧ | ୧୨.୦ |
| ବାରିପଦା | ୨୪.୮ | ୧୬.୫ |
| ଝାରସୁଗୁଡ଼ା | ୨୮.୬ | ୧୬.୫ |
| କେନ୍ଦୁଝର | ୨୫.୫ | ୧୫.୮ |
| ସମ୍ବଲପୁର | ୨୮.୮ | ୧୬.୦ |
| ସୁନ୍ଦରଗଡ଼ | ୨୭.୦ | ୧୨.୦ |
| ହୀରାକୁଦ | ୨୭.୯ | ୧୭.୩ |
| ତାଳଚେର | ୩୦.୧ | ୧୪.୩ |
| ଭବାନୀପାଟଣା | ୩୦.୫ | ୧୪.୦ |
| ବଲାଙ୍ଗୀର | ୩୧.୫ | ୧୬.୬ |
| କୋରାପୁଟ | ୩୦.୦ | ୧୩.୬ |
| ଫୁଲବାଣୀ | ୨୮.୪ | ୧୨.୦ |
| ଟିଟିଲାଗଡ଼ | ୩୨.୪ | ୧୨.୦ |
| ମାଲକାନଗିରି | ୩୨.୦ | ୮.୦ |
| ସୋନପୁର | ୩୦.୨ | ୧୨.୪ |
| ଦାରିଙ୍ଗିବାଡ଼ି | ୨୭.୫ | ୧୨.୫ |

ଡିଗ୍ରୀ ସେଲ୍‌ସିୟସ୍

## ଆତ୍ମସମର୍ପଣ କଲେ ୬୪୪ ଉଗ୍ରପନ୍ଥୀ

ଗୁଆହାଟୀ,୨୩।୧(ଆଇଏଏନ୍‌ଏସ୍)

ଆସାମରେ ୮ଟି ବେଆଇନ ସଂଗଠନର ୬୪୪ ଜଣ ଉଗ୍ରପନ୍ଥୀ ଗୁରୁବାର ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଉଲ୍‌ଫା (ସ୍ୱାଧୀନ), ଏନ୍‌ଡିଏଫ୍‌ବି, ଆର୍‌ଏନ୍‌ଏଲ୍‌ଏଫ୍, କେଏଲ୍‌ଓ, ସିପିଆଇ (ମାଓବାଦୀ), ଏନ୍‌ଏସ୍‌ଏଲ୍‌ଏ, ଏଡିଏଫ୍ ଏବଂ ଏନ୍‌ଏଲ୍‌ଏଫ୍‌ବିରୁ ଏତେସଂଖ୍ୟାରେ ଉଗ୍ରପନ୍ଥୀ ଆତ୍ମସମର୍ପଣ କରିବା ଏହା ପ୍ରଥମ ଘଟଣା ହୋଇଥିବାରୁ ପୋଲିସ ଡିଜି ଭାସ୍କରଜ୍ୟୋତି ମହନ୍ତ ଏହାକୁ ଏକ ବିଶେଷ ଦିନ ବୋଲି କହିଛନ୍ତି। ଉଲ୍‌ଫା (ସ୍ୱାଧୀନ)ରୁ ୫୦ ଜଣ, ଏନ୍‌ଡିଏଫ୍‌ବିରୁ ୮, ଆଦିବାସୀ ଡ୍ରାଗନ ଫାଇଟର (ଏଡିଏଫ୍)ରୁ ୧୭୮ ଜଣ ଆତ୍ମସମର୍ପଣ କରିଛନ୍ତି। ଉଗ୍ରପନ୍ଥୀମାନେ ସରକାରଙ୍କ ପାଖରେ ୧୭୭ଟି ବନ୍ଧୁକ, ବିପୁଳ ପରିମାଣର ଗୁଳିଗୋଳା ଓ ବିସ୍ଫୋରକ ସାମଗ୍ରୀ ଜମା କରିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ସ୍ୱାଗତ କରିବା ସହ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି।

**ମୁଖ୍ୟସ୍ରୋତକୁ ଫେରିବା ପାଇଁ ଅସ୍ତ୍ରତ୍ୟାଗ**




### ଆଇଏସ୍ ଲିଙ୍କ୍: ୩ ଗିରଫ

ରାମନାଥପୁରମ୍,୨୩।୧(ପି.ଟି.)

ଆଇଏସ୍ ସହ ସମ୍ପର୍କ ରଖିଥିବା ୩ ଜଣଙ୍କୁ ତାମିଲନାଡୁର ରାମନାଥପୁରମ୍ ଜିଲାରୁ ଗିରଫ କରାଯାଇଛି। ସେମାନେ ହେଲେ ମହମ୍ମଦ ଅଲି, ପୁରା ଗନୀ ଏବଂ ଅମିର୍। ଶେଖ୍ ଦାଉଦ୍ ନାମରେ ଅନ୍ୟଜଣେ ଖସି ପଳାଇଥିବା ଜଣାପଡିଛି। ଏନ୍‌ଆଇଏ ତଦନ୍ତ କରୁଥିବା କେତେକ ମାମଲାରେ ସେମାନେ ସମ୍ପୃକ୍ତ ଅଛନ୍ତି। ଇସ୍‌ଲାମ ବିରୋଧୀଙ୍କୁ ହତ୍ୟା ଲାଗି ଯୋଜନା ପ୍ରସ୍ତୁତ କରିବା ସହ ଯୁବକମାନଙ୍କୁ ଆଇଏସ୍ ପାଇଁ ସେମାନେ ନିଯୁକ୍ତି ଦେଉଥିଲେ।




ସିଏଏ ଓ ଏନ୍‌ଆର୍‌ସିକୁ ନେଇ ମଧ୍ୟପ୍ରଦେଶରେ ଭାଜପା ସଂଖ୍ୟାଲଘୁ ସେଲ୍‌ର ୮୦ ସଦସ୍ୟ ଗୁରୁବାର ଦଳ ଛାଡ଼ିଛନ୍ତି। ଗତ ସପ୍ତାହରେ ୫୦ ସଦସ୍ୟ ଦଳ ଛାଡ଼ିଥିଲେ। ସିଏଏ ସପକ୍ଷରେ ଲୋକଙ୍କ ପାଖକୁ ଯାଇ ବୁଝାଇବା ଲାଗି ଭାଜପା ନିଷ୍ପତ୍ତି ନେଇଥିବାବେଳେ ଭୋପାଳ, ଇନ୍ଦୋର, ମାଲ୍‌ୱା-ନିମାର ଅଞ୍ଚଳରେ ଅନେକ ସଂଖ୍ୟାଲଘୁ ସେଲ୍ ସଦସ୍ୟ ଦଳ ଛାଡ଼ିବା ଭାଜପା ଚିନ୍ତା ବଢ଼ାଇଦେଇଛି। ଦଳର ନେତୃବୃନ୍ଦ ଭେଦଭାବ ଆଇନ ଆଣି ଅଶାନ୍ତ ପରିବେଶ ସୃଷ୍ଟି କରୁଥିବା ଏମାନେ ଅଭିଯୋଗ କରିଛନ୍ତି।




# ସିଂହଦ୍ୱାର ଚକଡ଼ାରେ ହାତାହାତି

**ଦକ୍ଷିଣା ପାଇଁ ଭକ୍ତଙ୍କୁ ଜୁଲମ**

**ପୁରୀ ଅଫିସ,୨୩।୧**

ଶ୍ରୀମନ୍ଦିରରେ ଦାନ, ଦକ୍ଷିଣା ଆଦାୟ ଉପରେ ସୁପ୍ରିମ୍‌କୋର୍ଟ ରୋକ ଲଗାଇଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ କୌଣସି ପ୍ରକାର ଜୁଲମ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଯଦିଓ ମନ୍ଦିର ଭିତରୁ ସେମିତି ଆଗଭଳି ଅଭିଯୋଗ ଜଣାପଡୁନାହିଁ କିନ୍ତୁ ବାହାରେ ଭକ୍ତଙ୍କୁ ଜୁଲମ କରାଯାଉଛି। କେତେକ ବ୍ୟକ୍ତି ନିଜକୁ ସେବକ ପରିଚୟ ଦେଇ ଶ୍ରୀମନ୍ଦିର ଆଖପାଖରେ ବୁଲୁଛନ୍ତି ଏବଂ ସୁଯୋଗ ଦେଖି ଭକ୍ତଙ୍କୁ ଜୁଲମ୍ କରୁଛନ୍ତି। ଗୁରୁବାର ଦକ୍ଷିଣାକୁ ନେଇ ସିଂହଦ୍ୱାର ଚକଡ଼ାରେ ଭକ୍ତ ଓ ଜଣେ ଅଣସେବକ ହାତାହାତି ହୋଇଛନ୍ତି। ସମ୍ପୃକ୍ତ ଅଣସେବକ ଦକ୍ଷିଣା ପାଇଁ ଭକ୍ତଙ୍କୁ ଜୁଲମ କରିବାରୁ ଏଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପୋଲିସ ଉଭୟଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ଭକ୍ତ ଏବଂ ସମ୍ପୃକ୍ତ ଅଣସେବକଙ୍କୁ ଧରି ନେଇଥିଲା।


ସିଂହଦ୍ୱାର ଚକଡ଼ାରେ ଭକ୍ତ ଓ ଜଣେ ଅଣସେବକଙ୍କ ମଧ୍ୟରେ ପାଟିତୁଣ୍ଡ ଚାଲିଛି।

ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା। ସିଂହଦ୍ୱାର ନିକଟ ପାଦ ପ୍ରକ୍ଷାଳନରେ ହଠାତ୍ ହୋ ହଲ୍ଲା ଶୁଭିଲା। ଜଣେ ଅଣସେବକଙ୍କ ସହ ୩ ଜଣ ଭକ୍ତ (ଜଣେ ମହିଳା ଓ ୨ ପୁରୁଷ) ପାଟିତୁଣ୍ଡ କରୁଥିଲେ। ଏହାପରେ ସେମାନେ ଠେଲାପେଲା ହୋଇ ସିଂହଦ୍ୱାର ଚକଡ଼ାକୁ ଆସିଲେ। ସମ୍ପୃକ୍ତ ଅଣସେବକ ଦର୍ଶନ କରାଇଦେବାକୁ କହି ଦକ୍ଷିଣା ମାଗିବା ବାହାନାରେ ତାଙ୍କ ଟଙ୍କା ଛଡ଼ାଇ ନେଇଥିବା ଭକ୍ତମାନେ କହୁଥିଲେ। ଅନ୍ୟପକ୍ଷରେ ଅଣସେବକ ଜଣଙ୍କ ଶ୍ରଦ୍ଧାଳୁଙ୍କ ଆଡ଼କୁ ହାତ ବଢାଇ ମୋ ଟଙ୍କା ଦିଅ ବୋଲି ବଡ଼ ପାଟିରେ କହୁଥିଲେ। ପ୍ରକୃତ ପ୍ରସଙ୍ଗ କ'ଣ ଜଣାପଡି ନ ଥିବାବେଳେ ହଠାତ୍ ସେମାନଙ୍କ ମଧ୍ୟରେ ଠେଲାପେଲା ଏପରି କି ହାତାହାତି ହୋଇଥିଲା। ମହିଳା ଭକ୍ତଙ୍କ ହାତକୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ମାଡ଼ି ବସିଥିଲେ। ଶ୍ରଦ୍ଧାଳୁମାନେ ଘଟଣା ସମ୍ପର୍କରେ ଜାଣିବା ପାଇଁ ସେଠାରେ ଘେରି ଯାଇଥିଲେ। ଫଳରେ କିଛି ସମୟ ପାଇଁ ସିଂହଦ୍ୱାର ଚକଡ଼ାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସେଠାରେ ଥିବା ସେବକ ଓ ଯାତ୍ରୀ ଗୁମାସ୍ତା ପାଟିତୁଣ୍ଡ କରିଥିବା ବ୍ୟକ୍ତି ଜଣଙ୍କୁ ଜଣେ ଅଣସେବକ ବୋଲି ପୋଲିସକୁ କହିଥିଲେ। ଏହାପରେ ପୋଲିସ ସେମାନଙ୍କୁ ଧରି ନେଇଥିଲା।

# ୧୨୩ କୋଟି ଟଙ୍କା ଜିଏସ୍‌ଟି ଠକେଇ

## କାଗଜପତ୍ରରେ ହୋଇଥିଲା ୧୧୮୦ କୋଟିର କିଣାବିକା, ୨ ଗିରଫ

**କଟକ ଅଫିସ ୨୩।୧**

ସାମଗ୍ରୀ କିଛି କିଣାବିକା ନ ହୋଇ କାଗଜରେ ୧୧୮୦ କୋଟି ଟଙ୍କାର କାରବାର ଦର୍ଶାଯାଇଛି। ଜାଲ୍ କାଗଜପତ୍ର ମାଧ୍ୟମରେ କୋଟି କୋଟି ଟଙ୍କାର ବ୍ୟବସାୟ ଦେଖାଇ ୧୨୩ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରିଛନ୍ତି ବ୍ୟବସାୟୀ। ଏହି ଅସାଧୁ ବ୍ୟବସାୟୀମାନେ ୨୮ଟି ଜାଲ୍ ବ୍ୟବସାୟ ପ୍ରତିଷ୍ଠାନ ଜରିଆରେ ୪୯୩ କୋଟି ଟଙ୍କାର ଦ୍ରବ୍ୟ କିଣିଥିବା ଏବଂ ୬୮୭ କୋଟି ଟଙ୍କାରେ ବିକ୍ରୟ କରିଥିବା ଜାଲ ବିଲ୍‌ରେ ଦର୍ଶାଇଛନ୍ତି। ତେବେ ବୁଧବାର ରାଜ୍ୟ ସରକାରଙ୍କ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ଏହି ଘଟଣାରେ ରାଉରକେଲାର ୨ଜଣ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ରାଉରକେଲାର ଅମିତ ବେରିୱାଲ୍ (ଜି.ଏସ୍. ୟୁନିଟ୍ରେଡେ, ସିଭିଲ ଟାଉନ୍‌ଶିପ୍‌ର ମାଲିକ), ରାଉରକେଲା ବାସନ୍ତୀ କଲୋନୀର ସୁବାସ ଚନ୍ଦ୍ର ସ୍ୱାଇଁ (ବିବି ଆସୋସିଏଟ୍‌ର ମାଲିକ)। ଅମିତ ଓ ସୁବାସ ଉଭୟ ଏହି ଠକେଇର ମୁଖ୍ୟ କାର୍ପଟଦାର ବୋଲି ଏନଫୋର୍ସମେଣ୍ଟ ବିଭାଗ ସୂଚନା ଦେଇଛି। ଏନଫୋର୍ସମେଣ୍ଟ ବିଭାଗ ପ୍ରାୟ ୨ମାସ ଧରି ଉଭୟଙ୍କ ଉପରେ ନଜର ରଖିଥିଲା। ସବିଶେଷ ପ୍ରମାଣ ମିଳିବା ପରେ ବୁଧବାର ରାଉରକେଲାର ୩୫ଟି ସ୍ଥାନରେ ଚଢାଉ କରି ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗୁରୁବାର ରାଉରକେଲା ଜେଏମ୍‌ଏଫ୍‌ସିରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ପଠାଯାଇଥିବା ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ସୁଶୀଲ କୁମାର ଲୋହାନୀ ଗୁରୁବାର ବାଣିଜ୍ୟକର ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଅମିତ ଓ ସୁବାସ କିଛି ଗୃହିଣୀ, କ୍ରେନ୍ ଚାଳକ, ଟାକ୍ସି ଚାଳକ, ପାନ ଦୋକାନୀ, ଦିନମଜୁରିଆ, ଘରୋଇ ଶିକ୍ଷକ ଓ ବେକାର ଯୁବକଙ୍କୁ ରୋଜଗାର ଦେବା ଆଳରେ ସେମାନଙ୍କଠାରୁ ଆଧାରକାର୍ଡ଼, ପାନକାର୍ଡ଼, ବ୍ୟାଙ୍କ ଖାତା ନମ୍ବର, ଫଟୋ ଆଦି ସଂଗ୍ରହ କରି ୨୮ଟି ଜାଲ କମ୍ପାନୀ ନାମରେ ଜିଏସ୍‌ଟି ପଞ୍ଜୀକରଣ କରିଥିଲେ। ଏପରି କି ସେମାନଙ୍କ ବ୍ୟାଙ୍କ ଖାତା ଅଭିଯୁକ୍ତମାନେ ଚଳାଉଥିଲେ ଓ ଏକ ବ୍ଲାଙ୍କ ଚେକ୍‌ବୁକ୍‌ରେ ସେମାନଙ୍କ ଦସ୍ତଖତ କରି ଏମାନେ ବ୍ୟବହାର କରୁଥିଲେ। ଏହି କମ୍ପାନୀ ସବୁ ଲୁହା ବ୍ୟବସାୟ କରୁଥିବା ଦର୍ଶାଯାଇଥିବାବେଳେ ସେମାନେ ରାଜ୍ୟ ବାହାରେ ଏହାକୁ ବିକ୍ରି କରିଥିବା ଜିଏସ୍‌ଟି କାଗଜପତ୍ରରେ ଦର୍ଶାଇଥିଲେ। ମାତ୍ର ପ୍ରକୃତରେ କୌଣସି ସାମଗ୍ରୀ କ୍ରୟ କିମ୍ବା ବିକ୍ରୟ ହୋଇ ନ ଥିବାବେଳେ ସେମାନେ ଏହି ୨୮ଟି କମ୍ପାନୀର ବିଲ୍ ଜରିଆରେ କୋଟି କୋଟି ଟଙ୍କାର ଇନ୍‌ପୁଟ୍ ଟାକ୍ସ ଦର୍ଶାଇଥିଲେ। ପରେ ଏହାକୁ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ଏହା ମାଧ୍ୟମରେ ଚୋରା ସାମଗ୍ରୀକୁ ବୈଧ ରୂପେ ବିକ୍ରି କରୁଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ଏହି କମ୍ପାନୀଗୁଡିକ ବାହାର ବ୍ୟବସାୟୀଙ୍କଠାରୁ ସଲାସୁତରାରେ ଜିଏସ୍‌ଟି ଅର୍ଥ ହାତେଇଥିଲେ ମଧ୍ୟ ସରକାରଙ୍କୁ ଟାକ୍ସ ଦେଇ ନ ଥିଲେ। ଉକ୍ତ ବ୍ୟବସାୟକୁ ଯଥାର୍ଥ ଦର୍ଶାଇବା ଲାଗି ଅଭିଯୁକ୍ତମାନେ କିଛି ବ୍ୟାଙ୍କରେ ଏହିସବୁ ପ୍ରତିଷ୍ଠାନ ନାମରେ ଥିବା ଜମାଖାତାରେ କୋଟିକୋଟି ଟଙ୍କାର କାରବାର କରିଥିଲେ। ତେବେ ଗିରଫ ଅଭିଯୁକ୍ତ ବ୍ୟବସାୟୀଙ୍କଠାରୁ ଟ୍ୟାକ୍ସ ଅର୍ଥ ସହ ଜରିମାନା ଆଦାୟ ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହିତ ବାହାର ରାଜ୍ୟରେ ଏହି ଠକେଇରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ଲାଗି ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି କମିଶନର ଲୋହାନୀ କହିଛନ୍ତି। କିଛିମାସ ତଳେ ଏହିପରି ଭାବେ ୧୩୮ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରି ୪ଜଣ ଗିରଫ ହୋଇଥିଲେ। ସେମାନଙ୍କ ଭିତରୁ ୨ଜଣ ମୁଖ୍ୟ ଅଭିଯୁକ୍ତ ରାଉରକେଲାର ଥିଲେ। ଗିରଫ ୨ଜଣଙ୍କୁ ମିଶାଇ ମୋଟ୍ ୭ଜଣଙ୍କୁ ଏପରି ଠକେଇ ଅଭିଯୋଗରେ ଗିରଫ କରାଯାଇଛି।

### କେମିତି ସନ୍ଦେହ ଘେରକୁ ଆସିଲେ

ଦୀର୍ଘଦିନ ହେବ ରାଜ୍ୟ ସରକାରଙ୍କ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ଏହିଭଳି ଜାଲ ଟିକଶ ଠକେଇ ଉପରେ ନଜର ରଖିଥିଲା। ତେବେ ରେଜିଷ୍ଟ୍ରେଶନ ହୋଇଥିବା ୨୮ଟି ଡିଲର ଓଡ଼ିଶାର ବିଭିନ୍ନ ଜିଲାର ହୋଇଥିବାବେଳେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ରାଉରକେଲାର ୨ଟି ବ୍ୟାଙ୍କ ଶାଖାରେ ରହିଥିଲା। ତେଣୁ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ସନ୍ଦେହ ସୃଷ୍ଟି ହୋଇଥିଲା। ଏ ନେଇ ଅଧିକ ତଦନ୍ତ କରିବାରୁ ଏହି ସମସ୍ତ ବ୍ୟାଙ୍କ ଖାତା ୨ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ହିଁ ବ୍ୟବହାର କରୁଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ଚିହ୍ନଟ କରାଯାଇ ପ୍ରାୟ ୨୮ଟି ଡିଲର ଉପରେ ଚଢାଉ କରାଯାଇଥିଲା। ସେମାନଙ୍କ କମ୍ପ୍ୟୁଟର ଜବତ କରାଯାଇ ଯାଞ୍ଚ କରାଯିବାରୁ ଠକେଇର ସବିଶେଷ ତଥ୍ୟ ମିଳିଥିଲା। ଏନେଇ ତାଙ୍କୁ ଗିରଫ କରାଯାଇଥିଲା।

### ଲୋକେ ସଚେତନ ହେବା ଆବଶ୍ୟକ

ବିଭିନ୍ନ ସମୟରେ କେତେଜଣ ଅସାଧୁ ବ୍ୟକ୍ତି ସାଧାରଣ ଲୋକଙ୍କୁ ରୋଜଗାରର ଲୋଭ ଦେଖାଉଛନ୍ତି। ଚାକିରି କରାଇଦେବା କିମ୍ବା ଟଙ୍କା ଦେବା ଲୋଭ ଦେଖାଇ ସେମାନଙ୍କ ନିକଟରୁ ପାନ୍‌କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ଫଟୋ ଆଦି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନେଉଛନ୍ତି। ପରେ ସେମାନେ ଏହାକୁ ବ୍ୟବହାର କରି ସେମାନଙ୍କ ନାଁରେ ଜାଲ ଡିଲରଶିପ ଖୋଲୁଛନ୍ତି ଓ ଏଥିରେ କୋଟି କୋଟି ଟଙ୍କାର ନେଣଦେଣ କରୁଛନ୍ତି। ଏମିତିକି ସେମାନଙ୍କ ବ୍ୟାଙ୍କ ଖାତା ନିଜ ନିୟନ୍ତ୍ରଣରେ ରଖୁଛନ୍ତି, ଯେଉଁଥିପାଇଁ ସାଧାରଣ ଲୋକଟି ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଲୋକେ ଏଥିପ୍ରତି ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ।

# ଭକ୍ତଙ୍କ ବିଶ୍ୱାସ ସହ ଖେଳ

■ ଅଙ୍ଗାର ପରେ ଚାଉଳ, ପନିପରିବା ମାନକୁ ନେଇ ଉଠିଲା ପ୍ରଶ୍ନ

**ପୁରୀ ଅଫିସ,୨୩।୧**

ଶ୍ରୀମନ୍ଦିର ଭିତରକୁ ଯାଉଛି ବାହାର ଅଙ୍ଗାର। ଏହି ଅଙ୍ଗାରରେ ରୋଷଘରେ ପ୍ରସ୍ତୁତ ହେଉଛି ମହାପ୍ରସାଦ। ଏ ନେଇ ଗତ ଡିସେମ୍ବର ୧୮ତାରିଖ ଛତିଶା ନିଯୋଗ ବୈଠକରେ ଅଭିଯୋଗ ଉଠିଥିଲା। ପରବର୍ତ୍ତୀ ସମୟରେ ଏହାକୁ ସୁଆର ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ଏଡ଼ାଇ ଦେଇଥିଲେ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଅଙ୍ଗାର ବ୍ୟବସାୟ କରୁଥିବା ଜଣେ ମହିଳା ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ୩୦ରୁ ୪୦ ବସ୍ତା ଅଙ୍ଗାର ଯାଉଥିବା ଗଣମାଧ୍ୟମ ଆଗରେ କହିବା ପରେ ଏବେ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ଚାଉଳ ଏବଂ ପନିପରିବା ମାନକୁ ନେଇ ଅଭିଯୋଗ କରିଛନ୍ତି ଜଣେ ସେବକ। ତେବେ ଏହି ସବୁ ଅଭିଯୋଗକୁ ଗୁରୁବାର ଖଣ୍ଡନ କରିଛି ସୁଆର ମହାସୁଆର ନିଯୋଗ। ତେଣୁ ଏଠି ପ୍ରଶ୍ନ ଉଠୁଛି ସତ କହୁଛି କିଏ ? କାହିଁକି ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ଏଭଳି ଧାରଣା ସୃଷ୍ଟି କରାଯାଉଛି ? ବ୍ୟବସାୟିକ ଅଭିସନ୍ଧି ରଖି ଯଦି କେହି ବି କିଛି କହୁଥାନ୍ତି ତେବେ ଏହା ନିଶ୍ଚିତ ସାଂଘାତିକ। କାରଣ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି କୋଟି କୋଟି ଭକ୍ତଙ୍କ ପ୍ରଗାଢ ଭକ୍ତି ରହିଛି। ଅଙ୍ଗାର ପ୍ରସଙ୍ଗ ସତ ହେଉ କି ମିଛ ଏହାଦ୍ୱାରା ଭକ୍ତଙ୍କ ବିଶ୍ୱାସ ସହ ଖେଳ ଖେଳାଯାଉଛି। ଏଭଳି ସ୍ପର୍ଶକାତର ପ୍ରସଙ୍ଗରେ ମନ୍ଦିର ପ୍ରଶାସନ ହସ୍ତକ୍ଷେପ କରି ଏହାର ସତ୍ୟାସତ୍ୟ ସ୍ପଷ୍ଟ କରିବା ଦରକାର। ଯେଉଁମାନେ ଏଭଳି କରୁଛନ୍ତି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଶ୍ରଦ୍ଧାଳୁ କହିଛନ୍ତି।

ଡିସେମ୍ବର ୧୮ ତାରିଖରେ ଛତିଶା ନିଯୋଗ ବୈଠକରେ ଜଣେ ସେବକ ବାହାର ଅଙ୍ଗାର ଶ୍ରୀମନ୍ଦିର ଭିତରକୁ ଯାଉଥିବା ନେଇ ଅଭିଯୋଗ ଉଠାଇଥିଲେ। ଏହାକୁ ଅନ୍ୟ ସେବକମାନେ ବିରୋଧ କରିଥିଲେ। ପରେ ଏହି ପ୍ରସଙ୍ଗ ଶିଥିଳ ପଡ଼ିଯାଇଥିଲା। ବୁଧବାର ଦକ୍ଷିଣ ପାର୍ଶ୍ୱ ମଠ ଉଚ୍ଛେଦ କରାଯାଉଥିଲା। ଏହି ମଠରେ ଅଙ୍ଗାର ବ୍ୟବସାୟ କରୁଥିବା ଜଣେ ମହିଳା କହିଥିଲେ, ପ୍ରତିଦିନ ରୋଷଘରକୁ ଖଜାଭାଟିରେ ଅଙ୍ଗାର ଯାଉଛି। ସେହିପରି ସୁଆର ମହାସୁଆର ନିଯୋଗର ପୂର୍ବତନ ସହସମ୍ପାଦକ ନାରାୟଣ ମହାପାତ୍ର ଏହାକୁ ସ୍ୱୀକାର କରିବା ସହ କହିଛନ୍ତି, ଏହା ଏବେର ନୁହେଁ ୮୦ ଦଶକରୁ ଏହି ଦ୍ୱନ୍ଦ୍ୱ ଉଠିଲାଣି। ଯେତିକି ଅଙ୍ଗାର ଦରକାର ତାହା ରୋଷଘରେ ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ବାହାର ଖଜା ଭାଟି ଅଙ୍ଗାର ଅଣାଯାଉଛି। କିନ୍ତୁ ଏପରି ହେବା କଥା ନୁହେଁ। କେବଳ ଅଙ୍ଗାର ନୁହେଁ ମହାପ୍ରସାଦ ପ୍ରସ୍ତୁତ ହେଉଥିବା ଚାଉଳ ଏବଂ ପନିପରିବାର ମାନ ଠିକ୍ ରହୁନାହିଁ। ଏପରି କି ତେଲ ବ୍ୟବହାର କରାଯାଉଛି। ଏ ବିଷୟରେ ମନ୍ଦିର ପ୍ରଶାସନ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ମହାପାତ୍ର ଅଭିଯୋଗ କରିବା ସହ ଏଥିପାଇଁ ସେ ବ୍ୟକ୍ତିଗତ ଭାବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏହିସବୁ ଅଭିଯୋଗକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ଖଣ୍ଡନ କରାଯାଇଛି। ମହାପ୍ରସାଦ ପ୍ରସ୍ତୁତିରେ କ୍ୱାଲିଟି ଚାଉଳ, ଭଲ ପନିପରିବା ଓ ଘିଅ ବ୍ୟବହାର କରାଯାଉଛି ବୋଲି ନିଯୋଗ ସମ୍ପାଦକ ଗଣମାଧ୍ୟମ ଆଗରେ କହିଛନ୍ତି।

ଅନ୍ୟପକ୍ଷରେ ମହାପ୍ରଭୁଙ୍କ ମହାପ୍ରସାଦକୁ ନେଇ ଏଭଳି ଅଭିଯୋଗ ଉଠିବା ପରେ ବିବ୍ରତ ହୋଇପଡ଼ିଛନ୍ତି ଭକ୍ତ। ବାଲେଶ୍ୱରର ସମ୍ବିତ ମହାନ୍ତି କହିଛନ୍ତି, ଏହି ଯେଉଁ ଅଭିଯୋଗ ଉଠୁଛି ସେଥିରେ ସତ୍ୟତା ଥାଉ କି ନ ଥାଉ ଏହାଦ୍ୱାରା ଭକ୍ତଙ୍କ ବିଶ୍ୱାସ ସହ ଖେଳ ଖେଳାଯାଉଛି। ମହାପ୍ରସାଦ ପ୍ରତି ସମସ୍ତଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ତେଣୁ ଏହାର ପବିତ୍ରତା ରକ୍ଷା କରାଯିବା ଦରକାର। ବାହାର ଅଙ୍ଗାରରେ ରୋଷଘରେ ମହାପ୍ରସାଦ ପ୍ରସ୍ତୁତି ହେଉଥିଲେ ଏହା ସାଂଘାତିକ କଥା। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଗୁରୁତର ସହ ନେବା ଦରକାର। ଯଦି ଏଥିରେ ସତ୍ୟତା ଥାଏ ତେବେ ବାହାରୁ ଅଙ୍ଗାର କିପରି ମନ୍ଦିର ଭିତରକୁ ଯାଉଛି, ସୁରକ୍ଷା କର୍ମୀମାନେ କରୁଛନ୍ତି କ'ଣ ବୋଲି ପ୍ରଶ୍ନ କରିଛନ୍ତି ସମ୍ବିତ୍। ତେବେ ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଯୋଗୀ ୧ ନମ୍ବର ମୁଖ୍ୟମନ୍ତ୍ରୀ, ଚତୁର୍ଥରେ ନବୀନ

**ନୂଆଦିଲ୍ଲୀ,୨୩।୧**


ଯୋଗୀ ଆଦିତ୍ୟନାଥ


ନବୀନ ପଟ୍ଟନାୟକ

ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ପକ୍ଷରୁ ଜାନୁୟାରୀରେ କରାଯାଇଥିବା ସର୍ଭେ ଅନୁଯାୟୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଅଭିହିତ କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତୃତୀୟ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚତୁର୍ଥ ସ୍ଥାନରେ ରହିଛନ୍ତି। ସର୍ଭେରେ ୧୮ ପ୍ରତିଶତ ଭୋଟ ସହ ଯୋଗୀ ସର୍ବାଗ୍ରେ ରହିଥିବାବେଳେ କେଜ୍‌ରିୱାଲ ଓ ମମତାଙ୍କୁ ୧୧ ପ୍ରତିଶତ, ନୀତୀଶଙ୍କୁ ୧୦ ପ୍ରତିଶତ ଓ ନବୀନଙ୍କୁ ୬ ପ୍ରତିଶତ ଭୋଟ ମିଳିଛି। ୧୯ ରାଜ୍ୟର ମୋଟ ୧୨,୧୪୧ ଜଣଙ୍କ ଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେହିପରି ନରେନ୍ଦ୍ର ମୋଦିଙ୍କୁ ଦେଶର ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ଭାବେ ୩୪ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି। ଏହା ପଛକୁ ରହିଛନ୍ତି ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ, ଜବାହରଲାଲ ନେହେରୁ।

**ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ମୋଦି ଶ୍ରେଷ୍ଠ**

ଇନ୍ଦିରାଙ୍କୁ ୧୬ ପ୍ରତିଶତ ଲୋକ ଶ୍ରେଷ୍ଠ କହିଥିବାବେଳେ ୧୩ ପ୍ରତିଶତ ବାଜପେୟୀଙ୍କୁ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ଭାବେ ବିଶ୍ୱାସ କରନ୍ତି। ଇଣ୍ଡିଆ ଟୁଡେ-କାର୍ଭି ଇନ୍‌ସାଇଟ୍ସ ମୁଡ୍ ଅଫ୍ ଦି ନେଶନ ପକ୍ଷରୁ ଏହି ସର୍ଭେ କରାଯାଇଥିଲା।






**ଜିଲା ଚିଠି**

**ମାଲକାନଗିରି**

## ନିୟମ ପାଣିର ଗାର

ଓଡ଼ିଶାକୁ ପଲିଥିନମୁକ୍ତ କରିବା ପାଇଁ ରାଜ୍ୟ ସରକାର କଠୋର ନିୟମ କରିଛନ୍ତି। ଅନେକ ସହର ଓ ଗ୍ରାମାଞ୍ଚଳରେ ପଲିଥିନ ବର୍ଜନ ନେଇ ସଭା, ଶୋଭାଯାତ୍ରା କରାଯିବା ସହ ବ୍ୟବସାୟୀଙ୍କ ଗୋଦାମରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଏହାକୁ ବର୍ଜନ ପାଇଁ ସଚେତନତା ସୃଷ୍ଟି ଲାଗି ଜିଲା ପ୍ରଶାସନ ସମସ୍ତ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସାପ୍ତାହିକ ହାଟରେ ପୋଷ୍ଟର ବ୍ୟାନର ମାରିବା ସହ ଡାକବାଜି ଯନ୍ତ୍ରରେ ପ୍ରଚାର କରିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ଚଢ଼ାଉ ସମୟରେ କେତେଜଣ ବ୍ୟବସାୟୀଙ୍କଠାରୁ ପଲିଥିନ ଜବତ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ଏନେଇ ଛୋଟ ଛୋଟ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଥିଲେ। ମାଲକାନଗିରି ସହରରେ ମାଛ ବ୍ୟବସାୟୀମାନେ ଜଙ୍ଗଲପତ୍ରରେ ଗ୍ରାହକଙ୍କୁ ପୁଡ଼ିଆ କରି ମାଛ ବାନ୍ଧି ଦେଉଥିଲେ। ଅଦରକାରୀ ଖବରକାଗଜରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଠୁଙ୍ଗା ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଆଶା ଥିଲା ମାଲକାନଗିରି ଜିଲା ସମ୍ପୂର୍ଣ୍ଣ ପଲିଥିନମୁକ୍ତ ହେବ। ମାତ୍ର ୬ମାସ ହେଲା ଏ ଦିଗରେ କୌଣସି ଧରପଗଡ଼ କିମ୍ବା କଟକଣା ନ ହେବାରୁ ପୁନର୍ବାର ସମଗ୍ର ଜିଲାରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏପରି କି ଯେଉଁ ପ୍ରଶାସନିକ ଅଧିକାରୀମାନେ ପଲିଥିନ ବର୍ଜନ ପାଇଁ ଦିନେ ସଭାସମିତିରେ ପରାମର୍ଶ ଦେଉଥିଲେ ସେହି ଅଧିକାରୀମାନେ ପଲିଥିନ ବ୍ୟବହାର କରୁଛନ୍ତି। ନିଜ କାର୍ଯ୍ୟାଳୟର କୌଣସି ବୈଠକ, ତାଲିମ କାର୍ଯ୍ୟକ୍ରମ ଅବା କର୍ମଶାଳାରେ ପାଣି ବୋତଲ ବ୍ୟବହାର କରୁଛନ୍ତି। ପଲିଥିନ ମିଶ୍ରିତ ବ୍ୟାନର, ପୋଷ୍ଟର ଓ ଫ୍ଲେକ୍ସ ବୋର୍ଡ ଆଦି ତିଆରି କରି ସମ୍ମିଳନୀ କକ୍ଷରେ ମାରୁଛନ୍ତି। ବିବାହ, ବ୍ରତ, ଭୋଜି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପଲିଥିନ୍ ପାଉଚ୍ ପାଣି ବହୁଳ ପରିମାଣରେ ବ୍ୟବହାର ହେଉଛି। ଫଳରେ ଜିଲାରେ ପଲିଥିନ ବ୍ୟବହାର ନେଇ ପୂର୍ବ ଅବସ୍ଥା ଫେରି ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଦେଖିଲେ ସରକାରୀ ନିୟମ ପାଣିରେ ଗାର ସଦୃଶ୍ୟ ହୋଇଛି।

– ଦୁର୍ଯ୍ୟୋଧନ ପାତ୍ର

# ୧୫ ଦିନ ଏନ୍‌ଆଇଏ ହାଜତକୁ ଗଲେ ଡିଏସ୍‌ପି ଦାବିନ୍ଦର

**ଜମ୍ମୁ,୨୩।୧(ପି.ଟି.)**

ଦୁଇ ହିଜ୍‌ବୁଲ ଆତଙ୍କବାଦୀଙ୍କୁ ସାଙ୍ଗରେ ନେଇ ଜମ୍ମୁ-କଶ୍ମୀର ବାହାରକୁ ନେଉଥିବାବେଳେ ଧରାପଡ଼ି ଗିରଫ ହୋଇଥିବା ଡିଏସ୍‌ପି ଦାବିନ୍ଦର ସିଂଙ୍କୁ ଅଦାଲତ ଗୁରୁବାର ୧୫ ଦିନ ପାଇଁ ଏନ୍‌ଆଇଏ ହାଜତକୁ ପଠାଇଦିଆଯାଇଛି। ଏହି ନିଲମ୍ବିତ ପୋଲିସ ଅଫିସରଙ୍କୁ ଦୁଇ ଆତଙ୍କବାଦୀ ଓ ସେମାନଙ୍କ ଦୁଇ ସହଯୋଗୀଙ୍କ ସହ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ବୁଲେଟ୍ ପ୍ରୁଫ୍ ଯାନରେ କୋର୍ଟକୁ ଅଣାଯାଇଥିଲା। ୫ ଜଣଙ୍କୁ ଜେରା କରିବା ଲାଗି ଏନ୍‌ଆଇଏ ୧୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଆତଙ୍କବାଦୀଙ୍କ ସହ ଡିଏସ୍‌ପି ସମ୍ପୃକ୍ତ ଥିବା ଜଣାପଡିବା ପରେ ଏନ୍‌ଆଇଏକୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।

# ହିନ୍ଦୁ ନାବାଳିକାଙ୍କୁ ସୁରକ୍ଷା କେନ୍ଦ୍ରକୁ ପଠାଇଲେ ପାକ୍ କୋର୍ଟ

**କରାଚୀ,୨୩।୧(ପି.ଟି.)**

ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଜଣେ ୧୫ ବର୍ଷୀୟ ହିନ୍ଦୁ ନାବାଳିକାଙ୍କୁ ଜୋର ଜବରଦସ୍ତ ଧର୍ମାନ୍ତରୀକରଣ କରାଯାଇ ଜଣେ ମୁସଲମାନ ଯୁବକଙ୍କ ସହ ବିବାହ କରିଦିଆଯାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ମହିଳା ସୁରକ୍ଷା କେନ୍ଦ୍ରକୁ ପଠାଯାଇଛି। ଗତ ୧୫ ତାରିଖରେ ମେହକ କୁମାରୀ ନାମ୍ନୀ ନବମ ଶ୍ରେଣୀ ଛାତ୍ରୀଙ୍କୁ ଜାକୋବାବାଦ ଜିଲାରୁ ଅଲି ରାଜା ସୋଲାଙ୍ଗୀ ଅପହରଣ କରିନେଇଥିଲେ ଓ ପରେ ତାଙ୍କୁ ବିବାହ କରିଥିଲେ। ଝିଅକୁ ବଳପୂର୍ବକ ବିବାହ କରାଯାଇଥିବା ତାଙ୍କ ବାପା ବିଜୟ କୁମାର ଏତଲା ଦେଇଥିଲେ। ମେହକ ଏବଂ ସୋଲାଙ୍ଗୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମେହକଙ୍କୁ ମହିଳା ପୋଲିସ ସୁରକ୍ଷା କେନ୍ଦ୍ରକୁ ପଠାଯିବା ସହ ତାଙ୍କ ବୟସ ସମ୍ପର୍କରେ ରିପୋର୍ଟ ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



**କିଛି ତଥ୍ୟ**
ଚତୁର୍ଥ ପର୍ଯ୍ୟାୟ ଓପନମାର୍କେଟ ଅପରେଶନ(ଓଏମ୍‌ଓ) ନିଲାମୀରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ୧୦ ହଜାର କୋଟି ଟଙ୍କାର ଦୀର୍ଘ ମିଆଦି ସିକ୍ୟୁରିଟି କ୍ରୟ କରାଯାଇଥିବା ୨୯୫୦ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ସରକାରୀ ବଣ୍ଡ ବିକ୍ରି କରାଯାଇଛି।
– ଆର୍‌ବିଆଇ

**ଆଜିର ମନ୍ତବ୍ୟ**
ବିଶ୍ୱର ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଭାରତରେ ମୁସ୍‌ଲିମମାନେ ଅଧିକ ସୁରକ୍ଷିତ।
–ପୀୟୂଷ ଗୋୟଲ, କେନ୍ଦ୍ରମନ୍ତ୍ରୀ




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଅଂଶୁମାନ
ପରିବାରବର୍ଗ


ଅର୍ପିତା ଦାସ
ପରିବାରବର୍ଗ


ଦେବାଶୀଷ
ପରିବାରବର୍ଗ


ଲିନ୍‌ସୀ
ପରିବାରବର୍ଗ


ସାଇ ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାର୍ଚ୍ଚରୁ ପିଏମ୍‌ଜିଏସ୍‌ୱାଇ-୩

- ନିର୍ମାଣ ହେବ ସ୍କୁଲ, ଗ୍ରାମ୍ୟ କୃଷି ବଜାର, ଡାକ୍ତରଖାନାକୁ ରାସ୍ତା ସଂଯୋଗ ହେବ
- ଫେବୃୟାରୀ ୨୫ ସୁଦ୍ଧା ଜିପି ରାସ୍ତା ପ୍ରକଳ୍ପ ଅନୁମୋଦନ ହେବ
- ୧.୨୫ ଲକ୍ଷ କି.ମି. ରାସ୍ତା ନିର୍ମାଣ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ରାଜ୍ୟ ସରକାର ସମସ୍ତ ସ୍କୁଲ ଓ ଗ୍ରାମାଞ୍ଚଳରେ ଥିବା ହସ୍ପିଟାଲଗୁଡ଼ିକୁ ରାସ୍ତା ସଂଯୋଗ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ରାସ୍ତାଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)-୩ରେ ଅନ୍ତର୍ଭୁକ୍ତ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ ପିଏମ୍‌ଜିଏସ୍‌ୱାଇ-୩ ଚଳିତବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହେବ। ଏହି ଯୋଜନା ଅଧୀନରେ ଗ୍ରାମୀଣ କୃଷି ବଜାର, ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକ ପାଇଁ ରାସ୍ତା ନିର୍ମାଣ କରାଯିବ। ରାସ୍ତା ନିର୍ମାଣ ପୂର୍ବରୁ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ(ଡିପିଆର) କରିବାକୁ ଯୋଜନା କରାଯାଇଛି। ଆସନ୍ତା ଫେବୃୟାରୀ ୨୫ ତାରିଖ ସୁଦ୍ଧା ଜିଲା ପରିଷଦ ପକ୍ଷରୁ ପ୍ରସ୍ତାବ ଦାଖଲ ଓ ଅନୁମୋଦନ ଶେଷ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲା ପରିଷଦ ଅନୁମୋଦନ ପାଇବା ପରେ ସମସ୍ତ ରାସ୍ତା ନିର୍ମାଣ ତାଲିକା ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି (ଏସ୍‌ଏଲ୍‌ଏସ୍‌ସି)ବୈଠକରେ ଫେବୃୟାରୀ ଶେଷ ସୁଦ୍ଧା ଏଥିପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୪ ତାରିଖ ସୁଦ୍ଧା



ଡିପିଆର ପଠାଇବାକୁ କେନ୍ଦ୍ର ସରକାର ଚୂଡ଼ାନ୍ତ ସମୟ ଧାର୍ଯ୍ୟ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ପିଏମ୍‌ଜିଏସ୍‌ୱାଇ-୩ ରାସ୍ତା ପାଇଁ ଅର୍ଥ ବରାଦ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ୨୦୧୮-୧୯ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଥିଲେ। ୨୦୧୯ ଜୁଲାଇରେ ଏହାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଉକ୍ତ ଯୋଜନାରେ କେନ୍ଦ୍ର ସରକାର ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ୧ ଲକ୍ଷ ୨୫ ହଜାର କିଲୋମିଟର ଲମ୍ବା ରାସ୍ତା ନିର୍ମାଣ କରିବାକୁ ପ୍ରାୟତଃ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୮୦,୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ସରକାର ଏଥିପାଇଁ ୫୩ ହଜାର ୮୦୦ କୋଟି ଟଙ୍କା ବହନ କରିବା ବେଳେ ରାଜ୍ୟ ଗୁଡ଼ିକର ଅଂଶଧନ ରହିବ ୨୬ ହଜାର ୪୫୦ କୋଟି ଟଙ୍କା। ଏହି ପ୍ରକଳ୍ପ ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିରେ ୮ଟି ଉତ୍ତର ପୂର୍ବ ରାଜ୍ୟ ଏବଂ ୩ଟି ହିମାଳୟ ପାର୍ବତ୍ୟ ରାଜ୍ୟ (ଜାମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ)ଗୁଡ଼ିକର ଅଂଶଧନ ୯୦:୧୦ ରହିବ। ପିଏମ୍‌ଜିଏସ୍‌ୱାଇ-୧ ଏବଂ ପିଏମ୍‌ଜିଏସ୍‌ୱାଇ-୨ରେ କେନ୍ଦ୍ର ସରକାର ୧୬ ହଜାର ୫୫୦ କୋଟି ଟଙ୍କାର ୬୫ ହଜାର ୩୪୧ କି.ମି. ରାସ୍ତା ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ସେଥିରୁ ୨୦୧୯ ଡିସେମ୍ବର ମଧ୍ୟରେ ୧୪ ହଜାର ୨୧୨ ପ୍ରକଳ୍ପ ଅଧୀନ ୫୬ ହଜାର କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ୨,୩୩୮ ରାସ୍ତା ନିର୍ମାଣ ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସେହି ପ୍ରକଳ୍ପ ଅଧୀନରେ ୧୭,୦୭୯ ଯୋଗ୍ୟ ବିବେଚିତ ଜନବସତି ମଧ୍ୟରୁ ୭୯୮ ଜନବସତିକୁ ଏ ପର୍ଯ୍ୟନ୍ତ ଯୋଗାଯୋଗ କରାଯାଇ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଆବର୍ଜନାରୁ ଇନ୍ଧନ...

ପ୍ରଥମ ଏବଂ ଦେଶରେ ଚତୁର୍ଥ ପ୍ଲାଣ୍ଟ। ଏହାକୁ ପଲିକ୍ରାକ୍ ପଦ୍ଧତି କୁହାଯାଉଥିବାବେଳେ ଏହା ବିଶ୍ୱର ପ୍ରଥମ 'ପ୍ୟାଟେଣ୍ଟେଡ୍ ହେଟେରୋଜିନିୟସ୍ କାଟାଲିଟିକ୍ ପ୍ରୋସେସ୍', ଯାହା ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁକୁ ହାଇଡ୍ରୋକାର୍ବନ ତରଳ ଇନ୍ଧନ, ଗ୍ୟାସ୍, କାର୍ବନ ଏବଂ ଜଳରେ ରୂପାନ୍ତରିତ କରିଥାଏ। ରେଳଡବା ମରାମତି କାରଖାନାରୁ ବହୁ ଅଣଲୌହ ଓ ଧାତବ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଥିଲେ ମଧ୍ୟ ଏହାର ପରିଚାଳନା ପାଇଁ ଆଗରୁ କୌଣସି ପଦ୍ଧତି ନ ଥିଲା। ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବା ଦ୍ୱାରା ପ୍ଲାଷ୍ଟିକ, ପେଟ୍ରୋଲଜାତ ଆବର୍ଜନା, ଇ-ୱେଷ୍ଟ, ଗାଡ଼ିମୋଟର ଆବର୍ଜନା, ଅର୍ଗାନିକ ୱେଷ୍ଟ ଭଳି ଆବର୍ଜନାକୁ ବ୍ୟବହାର କରାଯାଇ ଇନ୍ଧନ ସୃଷ୍ଟି କରାଯାଇପାରିବ। ସବୁଠାରୁ ବଡ଼କଥା ହେଲା, ଏହି ପ୍ରଣାଳୀରେ ମିଶ୍ରିତ ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ନ କରି ମଧ୍ୟ ପଲିକ୍ରାକ୍ ପ୍ଲାଣ୍ଟରେ ସିଧାସଳଖ ପ୍ରକ୍ରିୟାକରଣ କରିହେବ। ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ୨୪ ଘଣ୍ଟା ମଧ୍ୟରେ ଇନ୍ଧନ ସୃଷ୍ଟି କରାଯାଇପାରିବ। ଏହା ବିଶ୍ୱରେ ପ୍ରଚଳିତ ପ୍ରଦୂଷଣ ମାନଦଣ୍ଡ ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ଏଥିରେ ଅପେକ୍ଷାକୃତ କମ୍ ବାୟୁମଣ୍ଡଳ ପ୍ରଦୂଷଣ ହୋଇଥାଏ। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହି ପ୍ରଣାଳୀ ୨୦୦୭ରୁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏବଂ ଅନ୍ତଃରାଷ୍ଟ୍ରୀୟସ୍ତରରେ ବହୁବାର ପୁରସ୍କୃତ ହୋଇଛି। ୨ କୋଟି ଟଙ୍କା ବ୍ୟୟରେ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ନିର୍ମିତ ଏହି ପ୍ରକଳ୍ପ ମାତ୍ର ୩ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ଏବଂ ଭୁବନେଶ୍ୱର ଷ୍ଟେଶନରେ ଥିବା କୋଚିଂ ଡିପୋ ସହିତ ଷ୍ଟେଶନର ସମସ୍ତ ପ୍ରକାର ବର୍ଜ୍ୟବସ୍ତୁ ଏହି ପ୍ଲାଣ୍ଟ ଦ୍ୱାରା ପ୍ରକ୍ରିୟାକରଣ ହେବ। ପୂର୍ବତଟ ରେଳପଥର ଏହି ପ୍ଲାଣ୍ଟ ଥରକୁ ୫୦୦ କିଲୋଗ୍ରାମ ବର୍ଜ୍ୟବସ୍ତୁ ପରିଚାଳନା କ୍ଷମତା ରଖିଛି। ଏଥିପାଇଁ ବାର୍ଷିକ ୧୦.୪ ଲକ୍ଷ ଟଙ୍କା ପରିଚାଳନା ବାବଦରେ ଖର୍ଚ୍ଚ ହେବାକୁ ଥିବାବେଳେ ୧୭.୫ ଲକ୍ଷ ଟଙ୍କା ଆୟ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ଫିଲ୍ମଫେୟାର...

ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶ୍ରେଷ୍ଠ ୩୫ ଚଳଚ୍ଚିତ୍ର ତାଲିକାରେ ସ୍ଥାନ ପାଇଛି। ୨୦ ମିନିଟରୁ କମ୍ ସମୟର ଏହି ଚଳଚ୍ଚିତ୍ରରେ ଅପାରଶକ୍ତି ଖୁରାନା, ମଲ୍ଲିକା ଦୁଆ, ମାରିଆ ଗୋରେଚ୍ଚି ଓ ଗୀତିକା ବିଦ୍ୟାଙ୍କ ଭଳି ଦକ୍ଷ କଳାକାରମାନେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶକ ମାନସୀ ଜୈନ ଏହାର କାହାଣୀ ମଧ୍ୟ ଲେଖିଛନ୍ତି। ଦୟାନିଧିଙ୍କ ଫିଲ୍ମ ପ୍ରଡକ୍ସନ ହାଉସ୍ 'ଦୟା ଏଣ୍ଟରଟେନ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍' ଏବଂ 'ବିଗ୍ ବ୍ୟାନର୍ ଫିଲ୍ମସ' ଦ୍ୱାରା ମିଳିତ ଭାବେ ଏହାକୁ ପ୍ରସ୍ତୁତ କରାଯାଇଛି। ରାଜଗାଙ୍ଗପୁରରେ ଜନ୍ମିତ ୨୮ବର୍ଷୀୟ ଦୟାନିଧିଙ୍କ ପିଲାବେଳୁ ଫିଲ୍ମମେକିଂରେ ଆଗ୍ରହ ଥିବାବେଳେ ଏଥିପାଇଁ ସେ ମୁମ୍ବାଇ ଯାଇଥିଲେ। ଏଫ୍‌ଟିଆଇଆଇରୁ ଫିଲ୍ମମେକିଂରେ ଶିକ୍ଷା ଗ୍ରହଣ କରିଥିବା ଏହି ଯୁବ ପ୍ରତିଭା ଏକାଧିକ ଆଡ୍ ଫିଲ୍ମ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମାଧିପ କର୍ମକ୍ଷେତ୍ରକୁ ଯାଉଥିବାରୁ ଆଜି ଆପଣଙ୍କର କର୍ମତତ୍ପରତା, ବନ୍ଧୁମିଳନ, ଦୂରଯାତ୍ରାରୁ ସଫଳତା ପାଇବେ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିପାରେ। ରାସ୍ତାକାମ, ଘରତିଆରି କିମ୍ବା ଯାନବାହନ, କଳକବ୍ଜା ସମ୍ବନ୍ଧୀୟ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ଧର୍ମାଧିପଙ୍କ ଧର୍ମଭାବ ମଣ୍ଡନରୁ ଧର୍ମକାର୍ଯ୍ୟ, ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ଦେବାର୍ଚ୍ଚନା ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରନ୍ତି। ପ୍ରିୟବ୍ୟକ୍ତି ଚିନ୍ତାଧାରା ଭିନ୍ନ ପ୍ରକାରର ରହିପାରେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ନବମସ୍ଥ ଶୁକ୍ର ଶିକ୍ଷା, ପରୀକ୍ଷା, ସନ୍ତାନଙ୍କ କୃତିତ୍ୱ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାଦିରେ ସୁଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସ୍ଥଗିତ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହୋଇପାରିବ। ପାରିବାରିକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ମାଜିବା ଠିକ୍ ହେବନି। ବିଶେଷ ସମସ୍ୟା ଦେଖା ନ ଦେଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଅନୁଭବର ସୂଚନା ରହିଛି।

**କର୍କଟ** ବୃହସ୍ପତି ଦୁଃସ୍ଥାନସ୍ଥ ହୋଇ ପାପଗ୍ରହ ଯୁକ୍ତ କାରଣରୁ ଆପଣଙ୍କ ଉଦ୍ୟମ ପୂର୍ଣ୍ଣାଙ୍ଗ ହେବା କଷ୍ଟକର ହୋଇପାରେ। ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ କାର୍ଯ୍ୟବ୍ୟସ୍ତତା ହେତୁ ଘରେ ବିଶେଷ ସମୟ ରହିପାରିବେ ନାହିଁ। ବ୍ୟବସାୟରେ ଲାଭବାନ ହେବେ। ଯାନବାହନଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବାର ଆଶଙ୍କା ରହିଛି।

**ସିଂହ** ରବି ଓ ରାହୁଙ୍କ ସୁପ୍ରଭାବରେ ରାଜନୈତିକ ସ୍ଥିତିରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆଇନ, ଅଦାଲତରେ ରାୟ ଆପଣଙ୍କ ସପକ୍ଷରେ ଯିବ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ମଘା ନକ୍ଷତ୍ର କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** ଚତୁଃଗ୍ରହଙ୍କ ସ୍ଥିତି ପ୍ରଭାବରେ ଆପଣଙ୍କ ଆଲୋଚନା ଅସମ୍ପୂର୍ଣ୍ଣ ରହିବ। କାରଣ ନ ଥାଇ ପ୍ରତିଦ୍ୱନ୍ଦ୍ୱୀ ଆପଣଙ୍କୁ ଦୋଷ ଦେଇପାରନ୍ତି। ଆପଣଙ୍କ ପ୍ରତି ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ସମସ୍ୟା ସୃଷ୍ଟି ହୋଇପାରେ।

**ତୁଳା** ଗ୍ରହ ସାମ୍ୟତା କାରଣରୁ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଲାଭ କରି କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ତଥାପି ପ୍ରତ୍ୟେକ କାର୍ଯ୍ୟ ଆରମ୍ଭରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ନିଜର ଘରୋଇ କାମ ସକାଶେ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେବେ।

**ବିଛା** ଚନ୍ଦ୍ର ଓ ବୃହସ୍ପତିଙ୍କ ପ୍ରଭାବରେ ଭଲ ସମ୍ପର୍କ ରହିଥିବା ବନ୍ଧୁଟି ଆପଣଙ୍କୁ ଆଜି ନୈରାଶ୍ୟବାଣୀ ଶୁଣାଇପାରେ। ରାସ୍ତାରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ବିଶେଷତଃ କଳା, ସାହିତ୍ୟ ଓ ସଂଗୀତରେ ମଧ୍ୟ ସୁନାମ ଅର୍ଜନ କରିବେ।

**ଧନୁ** ମଙ୍ଗଳଙ୍କ ଦୃଷ୍ଟି ସମ୍ବନ୍ଧରୁ ସମ୍ପର୍କହାନି,ଜମିଜମା ବିକ୍ରି, ପରିବାର ସଦସ୍ୟଙ୍କ ସହ ଯୁକ୍ତିତର୍କ ଲାଗିପାରେ। ସଭାସମିତିରେ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଆଜି ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** ଚତୁର୍ଥଭାବ ପ୍ରତି କୋଣାଧିପଙ୍କ ସମ୍ପର୍କ ତର୍କବିତର୍କ ପରେ ଅଭିଳାଷକୁ ପୂରଣ କରିବାରେ ସାହାଯ୍ୟ କରିବ। ରାଶ୍ୟାଧିପଙ୍କ ସ୍ୱଗୃହ ପ୍ରତି ସୁଦୃଷ୍ଟି ହେତୁ ଶାରୀରିକ ସୁସ୍ଥତା ପୂର୍ବପରି ବଳବତ୍ତର ରହିବ। ବିସ୍ମୟକର ଖବର ପାଇ ବନ୍ଧୁଙ୍କ ପାଇଁ ମନ ଛଟପଟ ହୋଇପାରେ। ବାଣିଜ୍ୟ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ରାହୁଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବଦଳିଯିବାରୁ ମନ ବିବ୍ରତ ରହିବ। କର୍ମକ୍ଷେତ୍ରରେ ଅଧିକାଂଶ ସମୟ ଡିପ୍ରେଶନ ଲାଗି ରହିବା କାରଣରୁ ନିଜକୁ ନ୍ୟୂନ ମନେ କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଜଣେ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବାର ସୂଚନା ରହିଛି।

**ମୀନ** ଦ୍ୱାଦଶସ୍ଥ ଶୁକ୍ର ଆପଣଙ୍କୁ ମନୋରନର ଖୁରାକି ଯୋଗାଇପାରେ ଏବଂ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। କିଛି ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଓ ସ୍ଥଗିତ କାମ ସହଜରେ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ।

ଆଜି ଜାନୁୟାରୀ ୨୪ ତାରିଖ, ଜାତୀୟ କନ୍ୟା ସନ୍ତାନ ଦିବସ, ରାଷ୍ଟ୍ରୀୟ ବନ୍ଧୁ ଜଗବନ୍ଧୁଙ୍କ ତିରୋଧାନ ଦିବସ, ଶ୍ରୀଅଭିରାମ ପରମହଂସଙ୍କ ଜୟନ୍ତୀ, ବିରଜାଦେବୀଙ୍କ ଜନ୍ମୋତ୍ସବ, ମାଘମାସର ତ୍ରିବେଣୀ ଅମାବାସ୍ୟା ଶୁକ୍ରବାର, ରାଶି ନକ୍ଷତ୍ର-ଉତ୍ତରାଷାଢା/ମକର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ। ଦିବା ଘ୮ ।୩୯ମି. ଗତେ ଘ୧୦ ।୫୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭ ।୫୩ମି ଗତେ ଘ୯ ।୧୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦ ।୩୬ମି. ଗତେ ଘ୧୧ ।୫୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/outright)ରେ ମିଳୁଅଛି। 9937025614, 7008390130. D-68480

Duplex for sale, 4BHK at Niladribihar gated society, price- 1.6cr, 9949368924. D-16281

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

Plot for sale at Tollgate NH side 550/-, Contact: 9438183952, 8018382929. D-60867

ପୁରୀ ନିକଟସ୍ଥ Gharabari, patta, boundarywall, electricity ସୁବିଧାଥାଇ sqft.920/- ମିଳୁଅଛି। 7008067338. D-68478

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68548

Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826. D-16323

Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933. D-16063

Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar. D-16228

Patta land at Sisupalgarh near Lingaraj Temple, Contact Hindustan Jewellers- 9437033691. D-68330

ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possession/registration- 9937819395. D-68481

2BHK simplex 27,00,000/- Hanspal, Gharabari plot 300/- sqft. Atala- 9348633789. D-68649

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୫୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272. D-16257

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

ଭୁବନେଶ୍ୱର କଟଣ 1 ଗେଟ୍ ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

ଭୁବନେଶ୍ୱର କଟଣ 1 ଗେଟ୍ ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912. D-68476

Residential gharabari 1742sqft. yellowzone plot-5ft. boundarywall electricity near AIIMS Hospital, Patrapada, 9937816565, 9937568585. D-68970

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452. D-68761

ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road, ଘରବାରି boundary patta plot ନିଅନ୍ତୁ। 8895757735, 8114973999. D-68477

**GENERAL**

**PURCHASE**

Hindustan Jewellers, Bhubaneswar buy old gold at Highest Market rate at Bapuji Nagar, Contact: 9437033691. D-68331

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-16087

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies and gents. Contact: 9861064981. D-68759

Refresh your body with smart and expert therapist. Contact: 8457855286. D-68962

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies & gents smart therapist, 9668814589. D-68763

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

business

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

**୧୦ମ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ଅଂଶୁମାନ ଦାସ**
ଗୋଶାଳା, ସମ୍ବଲପୁର
ଆଜି ତୋର ଦଶମ ଜନ୍ମ ଦିବସ ଉପଲକ୍ଷେ ଆମେ ସମସ୍ତେ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ ଚିର କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ବୋଉ, ବାପା, ବାବା, ଅପା, ଝୁଅ, ବଡପିଉସା, ସାନ ପିଉସା, ଭାଇ।
ଧ-୧୭୩୫୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ଦିଲ୍ଲୀ ନିର୍ବାଚନ ପାଖେଇ ଆସୁଥିବାବେଳେ ଭାଜପା ସହ ମେଣ୍ଟ କରିଥିବା ଜେଡିୟୁରେ ବିବାଦ ଦେଖାଦେଇଛି। ଦଳର ଜାତୀୟ ସାଧାରଣ ସମ୍ପାଦକ ପବନ ବର୍ମା ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଏଭଳି ପଦକ୍ଷେପ ବିରୋଧରେ ସ୍ୱର ଉଠାଇଛନ୍ତି। ଏହାର ଜବାବରେ ନୀତୀଶ ଦଳର ପଦକ୍ଷେପ ବିରୋଧରେ ମୁହଁ ଖୋଲିଥିବା ନେତା ଦଳ ଛାଡ଼ି ପଳାନ୍ତୁ ବୋଲି କହିଛନ୍ତି। ସେପଟେ ଆଦର୍ଶଗତ ପାର୍ଥକ୍ୟ ଥିବାରୁ ଭାଜପାକୁ ସମର୍ଥନ କରିବା ଉଚିତ ନ ଥିଲା ବୋଲି ପବନ ପ୍ରକାଶ କରିଛନ୍ତି।

# ନେତାଜୀ, ସାଏଙ୍କ ଉଦ୍ଦାମ ଦେଶଭକ୍ତିର ପଟାନ୍ତର ନାହିଁ

## ■ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୨୩।୧ (ବ୍ୟୁରୋ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଉଦ୍ଦାମ ଦେଶଭକ୍ତି ଏବଂ ଅସୀମ ଆତ୍ମୋତ୍ସର୍ଗର ପଟାନ୍ତର ନାହିଁ। ବ୍ରିଟିଶ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ଏହି ଦୁଇ ଅନନ୍ୟ ଯୋଦ୍ଧାଙ୍କ ବୀରତ୍ୱର ଗାଥା ବିଶ୍ୱ ଇତିହାସରେ ମଧ୍ୟ ବିରଳ ବୋଲି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଗୁରୁବାର ସୂଚନା ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମିଶ୍ର କହିଲେ, ନେତାଜୀ ଦେଶର ଅନ୍ତିମ ସଶସ୍ତ୍ର ସଂଗ୍ରାମର ସୁଦକ୍ଷ ସେନାଧ୍ୟକ୍ଷ, ରାଷ୍ଟ୍ର ବିପ୍ଳବର ଅନୁପମ ଯୋଦ୍ଧା। ଜନ୍ମଭୂମିର




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂହ ଓ ଅନ୍ୟ ଅତିଥିମାନେ।

ମୁକ୍ତି ପାଇଁ ଯେଉଁ ମହାନ ଜନନାୟକଗଣ ସ୍ୱପ୍ନ ଦେଖିଥିଲେ ଓ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଅତୁଳନୀୟ ତ୍ୟାଗ ଓ ସାଧନାକୁ ମୃତ୍ୟୁ ପର୍ଯ୍ୟନ୍ତ ଜାରି ରଖିଥିଲେ। ସେହିଭଳି ସମ୍ବଲପୁର ଜାତୀୟ ଜାଗରଣର ପଟପୁରୋଧା ଥିଲେ ବୀର ସୁରେନ୍ଦ୍ର ସାଏ। ଦେଶପ୍ରେମର ଏହି ଅଗ୍ନିସ୍ଫୁଲିଙ୍ଗ ବିପ୍ଳବର ଲେଲିହାନ ଅଗ୍ନିଶିଖାରେ ପରିଣତ ହୋଇ ନିଜ ଜନ୍ମମାଟି ସମ୍ବଲପୁରରୁ ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ବଜ୍ର ଶପଥ ନେଇଥିଲେ ବୋଲି ବିଧାୟକ ମିଶ୍ର କହିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂହ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କୈଳାସ ଚନ୍ଦ୍ର ଦାଶ ଯୋଗଦେଇ ଦୁଇ ବୀରଙ୍କ ସମ୍ପର୍କରେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଧାରିତ 'ଗୁଟେ ବୀରର କଥା' ମଞ୍ଚାୟନ ହୋଇଥିଲା। ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ ସଭାପତି ଉଦିତ୍‌ପ୍ରତାପ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ସକାଳେ ରସୁଲଗଡ଼ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଭିଏସ୍‌ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ମିଶ୍ର, ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକୀ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସନ୍ତୋଷ କୁମାର ଦାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କଲେଜ ପରିଚାଳନା କମିଟିରୁ ବାଦ୍‌ପଡ଼ିବେ ରାଜନେତା

ଭୁବନେଶ୍ୱର, ୨୩।୧ (ବ୍ୟୁରୋ)

ଏବେ କଲେଜ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉଦ୍ୟମ ଆରମ୍ଭ କରିଛି। କଲେଜ ପରିଚାଳନା କମିଟିରେ ସ୍ଥାନୀୟ ବିଧାୟକ କିମ୍ବା ରାଜନେତାମାନେ ସ୍ଥାନ ପାଇବେ ନାହିଁ। ଗୁରୁବାର ଓଡ଼ିଶା ଅଭିଭାବକ ମହାସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏକଥା କହିଛନ୍ତି। କେବଳ ଶିକ୍ଷାବିତ୍‌ମାନଙ୍କୁ ଏଥିରେ ନିଯୁକ୍ତି ଦିଆଯିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଏବଂ ପରିଚାଳନା ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଏହି କମିଟିରେ ସଭାପତି ଭାବେ ନିଯୁକ୍ତି ଦିଆଯିବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରାଯିବ। ଏହାଦ୍ୱାରା କଲେଜ ପରିଚାଳନା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆସିବା ସହ ଉଚ୍ଚଶିକ୍ଷା ସୁଦୃଢ଼ ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ କଲେଜଗୁଡ଼ିକର ଅଧ୍ୟାପକମାନେ ଆଉ ଘରୋଇ ଟ୍ୟୁସନ କରି ପାରିବେନାହିଁ। କୌଣସି କୋଚିଂ ସେଣ୍ଟରକୁ ଯାଇ ପାଠ ପଢ଼ାଇ ପାରିବେ ନାହିଁ। ଯେଉଁମାନେ ଏଭଳି କରୁଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ଅଧ୍ୟାପକମାନେ ଟ୍ୟୁସନ୍‌ରେ ବ୍ୟସ୍ତ ରହୁଥିବା ଯୋଗୁ ପାଠ ପଢ଼ାରେ ବ୍ୟାହତ ସୃଷ୍ଟି ହେଉଛି। କେତେକ ଶିକ୍ଷକ ଘରୋଇ କଲେଜରେ ଅଧିକ ଧ୍ୟାନ ଦେଉଛନ୍ତି। ୧୯୯୨ ଶିକ୍ଷା ଆଇନରେ ଘରୋଇ ଟ୍ୟୁସନ ନ କରିବାକୁ ବ୍ୟବସ୍ଥା ରହିଥିଲେ ମଧ୍ୟ କେତେକ ଅଧ୍ୟାପକ ଘରୋଇ କଲେଜ ଓ କୋଚିଂ ସେଣ୍ଟରରେ ପାଠ ପଢ଼ାଉଛନ୍ତି। ଏ ନେଇ ପୂର୍ବରୁ ମଧ୍ୟ ତାଗିଦ୍ କରାଯାଇଛି। ତେବେ ଏହାର କିଛି ଫରକ ପଡୁ ନାହିଁ। ଏଣିକି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

# କପିଳାସ ଜୁ'ରେ ନରହନ୍ତା ଦନ୍ତା ଆତଙ୍କ



■ ୩ ଚେନ୍ ଛିଣ୍ଡାଇଲା, ଚିଡ଼ିଆଖାନା ବନ୍ଦ
■ ପୁଣି କରାଗଲା ଟ୍ରାଙ୍କୁଲାଇଜ୍
■ ସୁରକ୍ଷା ପାଇଁ ଖୋଳାଗଲା ଟ୍ରେଞ୍ଚ୍
■ ଅନ୍ୟ ହାତୀଙ୍କୁ ସ୍ଥାନାନ୍ତର କରାଗଲା

ଢେଙ୍କାନାଳ ଅଫିସ, ୨୩।୧

ତାଳଚେରରୁ କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିବା ନରହନ୍ତା ଦନ୍ତାର ହିଂସ୍ର ଆଚରଣରେ ସାମାନ୍ୟତମ ପରିବର୍ତ୍ତନ ଆସିନାହିଁ। ଗୁରୁବାର ହାତୀର ଜଙ୍ଗଲୀ ପ୍ରବୃତ୍ତିକୁ ନେଇ ଜୁ' ପରିସରରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏଠାକାର ରେସ୍କ୍ୟୁ ସେଣ୍ଟର ପରିସରରେ ଥିବା ଏକ ମଣ୍ଡପରେ ୪ଟି ଲୁହା ଚେନ୍‌ରେ ହାତୀକୁ ବନ୍ଧାଯାଇଥିଲା। ସେଥିରୁ ୩ଟିକୁ ହାତୀ ଛିଣ୍ଡାଇ ଦେଇଛି। ଦନ୍ତାର ଗର୍ଜନରେ ଚିଡ଼ିଆଖାନା ସମେତ ଆଖପାଖ ଅଞ୍ଚଳ କମ୍ପି ଉଠିଥିଲା। ଅନ୍ୟପଟେ ଦର୍ଶକ ଏବଂ ଅନ୍ୟ ଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଚିଡ଼ିଆଖାନାକୁ ବନ୍ଦ ରଖାଯାଇଥିଲା। ରେସ୍କ୍ୟୁ ସେଣ୍ଟରରେ ଥିବା ଅନ୍ୟ ୪ହାତୀଙ୍କୁ କପିଳାସ ରେଞ୍ଜ କାର୍ଯ୍ୟାଳୟ ପଛପାଖରେ ରଖାଯାଇଛି।

ହାତୀ ଅଣାୟତ୍ତ ହେଉଥିବା ବେଳେ ଅଘଟଣ ଆଶଙ୍କା ଥିବାର ସୂଚନା ପାଇ ସାତକୋଶିଆରୁ ପ୍ରାଣୀ ଚିକିତ୍ସକ ଡା. କିଶୋର ଚନ୍ଦ୍ର ସାହୁ, ବନ୍ୟପ୍ରାଣୀ ବିଶେଷଜ୍ଞ ଅରବିନ୍ଦ ମାଝି ସଦଳବଳ ଜୁ'ରେ ପହଞ୍ଚିଥିଲେ। ହାତୀକୁ ପୁନର୍ବାର ୩ ଥର ଟ୍ରାଙ୍କୁଲାଇଜ କରିଥିଲେ। ଏହାପରେ ଏକ ବଲା ସହାୟତାରେ ହାତୀକୁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ ଦିଆଯାଇଥିଲା। ଅପରାହ୍ନ ୪ଟାରେ ଦନ୍ତା ନିସ୍ତେଜ ହୋଇଯିବା ପରେ ତାକୁ ପୁଣି ବନ୍ଧାଯାଇଛି। ଏଥିସହ ଉକ୍ତ ସ୍ଥାନର ଚାରିପଟେ ଟ୍ରେଞ୍ଚ୍ ଖୋଳାଯାଇଛି। ଫଳରେ ହାତୀ ଉଦ୍ୟମ କଲେ ମଧ୍ୟ ଟ୍ରେଞ୍ଚ ଡେଇଁ ବାହାରକୁ ଯାଇପାରିବ ନାହିଁ।

ଅନ୍ୟପଟେ କପିଳାସ ରେଞ୍ଜ୍ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଥିବା ବେଳେ ନରହନ୍ତା ଦନ୍ତାକୁ ସ୍ୱତନ୍ତ୍ର ଭାବେ ଦେଖାରଖା କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଉଗ୍ର ସ୍ୱଭାବର ହାତୀକୁ ଆୟତ୍ତ କରିବାକୁ ତାଲିମପ୍ରାପ୍ତ ମାହୁନ୍ତ ନ ଥିବାରୁ ଆଗକୁ ସମସ୍ୟା ବଢ଼ିବା ଆଶଙ୍କା ରହିଛି। ସେହିପରି ରେସ୍କ୍ୟୁ ସେଣ୍ଟରରେ ରହି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ୪ ହାତୀ କାର୍ତ୍ତିକ, ଉମା, ଚନ୍ଦୁ ଏବଂ ହିରୋକୁ କେଉଁଠି ରଖାଯିବ ତାହା ଏବେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। କପିଳାସ ଚିଡ଼ିଆଖାନାର ଦାୟିତ୍ୱ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦେବା ପାଇଁ ସେଣ୍ଟ୍ରାଲ ଜୁ ଅଥରିଟି ଅଫ୍ ଇଣ୍ଡିଆ ଜିଲା ବନ ବିଭାଗକୁ ପତ୍ର ମାଧ୍ୟମରେ ଜଣାଇଛି। ହେଲେ ଏବେ ସୁଦ୍ଧା କପିଳାସ ଚିଡ଼ିଆଖାନା ପରିଚାଳନା ଦାୟିତ୍ୱ ସ୍ଥାନୀୟ ବନ ବିଭାଗ ହାତରେ ଥିବାରୁ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ କପିଳାସ ରେଞ୍ଜର ଦର୍ଶନିଆ ଭୋଇ କୁହନ୍ତି, ଦନ୍ତା ହାତୀଟି ସକାଳୁ ୩ଟି ଚେନ୍ ଛିଣ୍ଡାଇଦେବା ଦେଖି ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ସୁରକ୍ଷା ଦୃଷ୍ଟିରୁ ଚିଡିଆଖାନାକୁ ବାଧହୋଇ ବନ୍ଦ କରାଯାଇଥିଲା। ହାତୀ ରହୁଥିବା ସ୍ଥାନର ଚାରିପଟେ ଟ୍ରେଞ୍ଚ୍ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି।

### ନିରାଶରେ ଫେରିଲେ ପର୍ଯ୍ୟଟକ

ନରହନ୍ତା ଦନ୍ତାର ଆତଙ୍କ ଲାଗି ସୁରକ୍ଷା ଦୃଷ୍ଟିରୁ କପିଳାସ ଚିଡ଼ିଆଖାନାକୁ ବନ୍ଦ ରଖାଯାଇଥିଲା। ଫଳରେ ବିଭିନ୍ନ ସ୍ଥାନରୁ ଆସିଥିବା ପର୍ଯ୍ୟଟକମାନେ ନିରାଶରେ ଫେରିଥିଲେ। ଗୁରୁବାର ନେତାଜୀ ଜୟନ୍ତୀ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ଫଳରେ ଜିଲା, ରାଜ୍ୟ ସମେତ ପଶ୍ଚିମବଙ୍ଗରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ। ହେଲେ ନରହନ୍ତା ଦନ୍ତା ଅଣାୟତ୍ତ ହୋଇପଡ଼ିଥିବାରୁ ଚିଡ଼ିଆଖାନା ବନ୍ଦ ରଖିବାକୁ ଜୁ' କର୍ତ୍ତୃପକ୍ଷ ବାଧ ହୋଇଥିଲେ।

**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ]
**କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ "ଓଡ଼ିଶା ରାଜ୍ୟ"ରୁ "ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର"କୁ ପରିବର୍ତ୍ତନ କରିବା ପାଇଁ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞପ୍ତି**
ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ (କେନ୍ଦ୍ର ସରକାର)ଙ୍କ ସମ୍ମୁଖରେ
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ସି-୭୯, ବିଡିଏ ଡୁପ୍ଲେକ୍ସ, ଏୟାରପୋର୍ଟ ନିକଟ, ପଳାଶପଲ୍ଲୀ, ଭୁବନେଶ୍ୱର, କଟକ, ଓଡ଼ିଶା-୭୫୧୦୨୦ ମାମଲାରେ,
ବାଦୀ
ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ସୋମବାର, ଜାନୁୟାରୀ ୧୩, ୨୦୨୦ରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ ଖଣ୍ଡପୀଠ (କେନ୍ଦ୍ର ସରକାର)ଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪, ଏ.ଜେ.ସି. ବୋଷ ରୋଡ୍, କୋଲକାତା ୭୦୦୦୨୦ ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ୧୪ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ଉପରୋକ୍ତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ଏବଂ ତରଫରୁ**
ସ୍ୱା./-
ପ୍ରିୟା ପଖାରେ
କମ୍ପାନୀ ସେକ୍ରେଟାରୀ
ଏଫ୍‌ସିଏସ୍: ୭୮୦୫
ତାରିଖ: ୨୩।୦୧।୨୦୨୦
ସ୍ଥାନ: ମୁମ୍ବାଇ

# ସିଏଏ ବିରୋଧରେ ସଂକଳ୍ପନାମା ଆଣିବେ ରାଜସ୍ଥାନ ସରକାର

ଜୟପୁର, ୨୩।୧ (ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ରାଜସ୍ଥାନ ସରକାର ବିଧାନସଭାରେ ସଂକଳ୍ପନାମା ଆଣିବେ ବୋଲି ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ କହିଛନ୍ତି। ସାରା ଦେଶରେ ଉକ୍ତ ଆଇନ ବିରୋଧରେ ବିକ୍ଷୋଭ ଜାରି ରହିଥିବାରୁ କେନ୍ଦ୍ର ସରକାର ଲୋକମାନଙ୍କ କଥା ଶୁଣିବା ଆବଶ୍ୟକ। ଯଦି ଆଲୋଚନା ନ ହୁଏ ତେବେ ଗଣତନ୍ତ୍ର ଦୁର୍ବଳ ହୋଇପଡ଼ିବ ବୋଲି ସେ ମତ ଦେଇଛନ୍ତି। ସିଏଏର ପୁନର୍ବିଚାର ପାଇଁ ସେ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏହି ଆଇନ ପ୍ରତ୍ୟାହାର ଦାବିରେ ପୂର୍ବରୁ କେରଳ ଓ ପଞ୍ଜାବ ସରକାର ସେମାନଙ୍କ ବିଧାନସଭାରେ ସଂକଳ୍ପନାମା ଗୃହୀତ କରାଇଛନ୍ତି।

# ୨୦୧୯ରେ କମିନାହିଁ ଦୁର୍ନୀତି

ନୂଆଦିଲ୍ଲୀ, ୨୩।୧ (ଆଇଏଏନ୍‌ଏସ୍)

୨୦୧୮ରେ ସ୍ଥିତି ଯାହା ଥିଲା ଏବେ ବି ସେଇଆ। ଦୁର୍ନୀତି ଭାରତରେ କମିନାହିଁ। ବିଶ୍ୱବ୍ୟାପୀ ସ୍ୱାଧୀନ ଓ ନିରପେକ୍ଷ ଭାବେ ସର୍ଭେ କରିଥିବା ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ଦିଆଯାଇଥିବା ରିପୋର୍ଟରୁ ଏହା ସହଜେ ଅନୁମେୟ। ୨୦୧୮ରେ ଭାରତ ବିଶ୍ୱ ଦୁର୍ନୀତି ସୂଚକାଙ୍କରେ ୪୧ ସ୍କୋର୍ କରିଥିବାବେଳେ ୨୦୧୯ରେ ମଧ୍ୟ ସେଇ ସ୍ଥାନରେ ରହିଛି। ଚାଇନା, ଘାନା, ବେନିନ୍, ମରକ୍କୋ ମଧ୍ୟ ସମାନ ସ୍କୋର୍ କରିଛନ୍ତି। ପଡ଼ୋଶୀ ପାକିସ୍ତାନ ୧୨୦ ସ୍କୋର୍ କରିଥିବାବେଳେ ଏଠାରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ଦର୍ଶାଯାଇଛି। ମୋଟ ୧୮୦ଟି ଦେଶରେ ଏହି ସର୍ଭେ କରାଯାଇଥିଲା। ସବୁଠାରୁ କମ୍ ଦୁର୍ନୀତି ହେଉଥିବା ଦେଶ ମଧ୍ୟରେ ଡେନ୍‌ମାର୍କ ଓ ନ୍ୟୁଜିଲାଣ୍ଡ ରହିଥିବା ଜଣାପଡ଼ିଛି। ଏମାନଙ୍କ ପଛକୁ ରହିଛନ୍ତି ଫିନ୍‌ଲାଣ୍ଡ, ସିଙ୍ଗାପୁର, ସ୍ୱିଡେନ୍, ସ୍ୱିଜରଲାଣ୍ଡ, ନରୱେ, ନେଦରଲାଣ୍ଡ୍ସ, ଜର୍ମାନୀ ପ୍ରମୁଖ। ବିକଶିତ ରାଷ୍ଟ୍ର ମଧ୍ୟରେ କାନାଡ଼ା, ଫ୍ରାନ୍ସ, ବ୍ରିଟେନ୍, ଡେନ୍‌ମାର୍କ ଗତବର୍ଷ ତୁଳନାରେ କମ୍ ସ୍କୋର୍ କରିଛନ୍ତି।

# ୮ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

## ଥାନାରେ ୪ ନାବାଳକ ଅଟକ

ଭୁବନେଶ୍ୱର, ୨୩।୧ (ବ୍ୟୁରୋ)

ରାଜଧାନୀରେ ପୁଣି ଲଜ୍ଜା। ଖଣ୍ଡଗିରି ଥାନା ଆଇଗଣିଆ ଅଞ୍ଚଳରେ ଥିବା ଏକ ବସ୍ତିରେ ଜଣେ ୮ବର୍ଷର ଶିଶୁ କନ୍ୟାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଶିଶୁ କନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣ ନାବାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ନାବାଳିକାଙ୍କ ଡାକ୍ତରୀମାଇନା କରିଛି। ବଳାତ୍କାର କରିଥିବା ୪ଜଣଙ୍କ ମଧ୍ୟରେ ୩ଜଣଙ୍କ ବୟସ ୧୦ ବର୍ଷ ମଧ୍ୟରେ ହୋଇଥିବାବେଳେ ଜଣଙ୍କ ବୟସ ୧୨ବର୍ଷ ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଆଇଗଣିଆ ଅଞ୍ଚଳରେ ଥିବା ଏକ ବସ୍ତିରେ ପୀଡ଼ିତା ଶିଶୁ କନ୍ୟା ପରିବାର ସହ ରୁହନ୍ତି। ଏପରି କି ସମ୍ପୃକ୍ତ ନାବାଳକମାନେ ମଧ୍ୟ ଉକ୍ତ ବସ୍ତିରେ ରହୁଥିବା ଜଣାପଡ଼ିଛି। ସବୁଦିନ ପରି ବୁଧବାର ଅପରାହ୍ନରେ ଶିଶୁ କନ୍ୟା ଘର ନିକଟରେ ନାବାଳକଙ୍କ ସହ ଖେଳୁଥିଲେ। ଏହି ସମୟରେ ୪ଜଣ ନାବାଳକ ଶିଶୁ କନ୍ୟାକୁ ନିକଟରେ ଥିବା ଏକ ନିଛାଟିଆ ଜଙ୍ଗଲିଆ ସ୍ଥାନକୁ ଟେକି ନେଇ ସେଠାରେ ଜଣଙ୍କ ପରେ ଜଣେ ବଳାତ୍କାର କରିଥିଲେ। ଶିଶୁଟି ଚିତ୍କାର କରିବାରୁ ତାର ପାଟିକୁ ବନ୍ଦ କରିଦେଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ୪ନାବାଳକ ଶିଶୁ କନ୍ୟାକୁ ସେଠାରେ ଛାଡ଼ି ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଉକ୍ତ ନିଛାଟିଆ ସ୍ଥାନରୁ ଶିଶୁ କନ୍ୟାକୁ ଅଚେତ ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସା କରିବା ପରେ ଘରକୁ ଆଣିଥିଲେ। ଘରେ ପଚରାଉଚରା ପରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ସବୁ କଥା କହିଥିଲେ। ଏହାପରେ ଶିଶୁ କନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁକରି ୪ନାବାଳକଙ୍କୁ କାବୁ କରି ଥାନାକୁ ଆଣିଛି। ଏନେଇ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ବୁଧବାର ଖରାବେଳେ ଏଭଳି ଘଟଣା ହୋଇଥିବାନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଏକ ବଳାତ୍କାର ମାମଲା ରୁଜୁ କରାଯାଇ ୪ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ୪ ମାସ ମଧ୍ୟରେ ରାଜଧାନୀରେ ୧୩ରୁ ଊର୍ଦ୍ଧ୍ୱ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଜଣାପଡ଼ିଛି; ଯାହାକି କମିଶନରେଟ ପୋଲିସର ଚିନ୍ତା ବଢାଇ ଦେଇଛି। ବଳାତ୍କାର ରୋକିବାକୁ ପୋଲିସ ପକ୍ଷରୁ ପରୀ ରଥ ପରିକ୍ରମା କରାଯାଇଛି ହେଲେ ନାବାଳିକା ବଳାତ୍କାର ଥମିବାର ନାଁ ନେଉନାହିଁ।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଅନେକ ଆଶା

କେନ୍ଦ୍ର ବଜେଟ ଯେତେ ପାଖେଇ ଆସୁଛି, ଲୋକଙ୍କ ଆଶାର ତାଲିକା ସେତେ ଲମ୍ବିଚାଲିଛି। ଯେତେଦୂର ମନେହୁଏ ଆସନ୍ତା ସପ୍ତାହର ବଜେଟରେ କିଛି ବଡ଼ ଘୋଷଣା କରାଯିବ। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ସରକାର ଅନେକ ଗାଠନିକ ପରିବର୍ତ୍ତନ ଆଣିପାରନ୍ତି। ଅଭିବୃଦ୍ଧିକୁ ଆଗକୁ ନେବା ଏବେ ସରକାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଲୋକେ ତ ଆଶା କରୁଛନ୍ତି ଯେ ଏଥର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କର ଟଙ୍କା ମୁଣି ପୂରା ଫୁଗୁଳା କରିଦେବେ, ଯାହାଦ୍ୱାରା ଲୋକଙ୍କ ହାତରେ ଅଧିକ ଟଙ୍କା ରହିବ। କିନ୍ତୁ ସରକାରଙ୍କ ବିତ୍ତୀୟ ସ୍ଥିତି ଭଲ ନ ଥିବାରୁ ଅର୍ଥମନ୍ତ୍ରୀ କିଭଳି ପଦକ୍ଷେପ ନେବେ ତାହା କହିହେବ ନାହିଁ। ଘରୋଇ କ୍ଷେତ୍ର ବିଶେଷ ବିନିଯୋଗ କରୁ ନ ଥିବାରୁ ଖରାପ ଆର୍ଥିକ ସ୍ଥିତି ଆଳରେ ସରକାର ବଡ଼ ଧରଣର ବ୍ୟୟ କରିବାରୁ ନିବୃତ୍ତ ରହିବା ଉଚିତ ନୁହେଁ। ବିତ୍ତୀୟ ନିଅଣ୍ଟ ଖସୁଥିବା ଦେଖି ସରକାର ବିଚଳିତ ହୋଇପଡ଼ିବା ଅନୁଚିତ।

ଦିଲ୍ଲୀ ବିଧାନସଭା ନିର୍ବାଚନ ଛଡ଼ା ନିକଟରେ କୌଣସି ବଡ଼ ଧରଣର ନିର୍ବାଚନ ହେବାର ନାହିଁ। ଆସନ୍ତା ଅକ୍ଟୋବରରେ ଯାଇ ବିହାର ବିଧାନସଭା ନିର୍ବାଚନ ହେବ। ଏହି ଦୃଷ୍ଟିରୁ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ କିଛି କଠିନ ନିଷ୍ପତ୍ତି ନେବା ପାଇଁ ଅର୍ଥମନ୍ତ୍ରୀଙ୍କ ପାଖରେ କିଛିଟା ସ୍ୱାଧୀନତା ରହିଛି। ଦରଦାମ୍ ବୃଦ୍ଧି, ବ୍ୟାପକ ନିଯୁକ୍ତିହୀନତା, ଖାଉଟି ଚାହିଦା ହ୍ରାସ ଏବଂ କୃଷି କ୍ଷେତ୍ରର ଦୁର୍ଗତି ଗ୍ରାମୀଣ ଭାରତର ଦୁର୍ଦ୍ଦଶା ବଢ଼ାଇଦେଇଛି। ଏକ ଜନପ୍ରିୟ ସରକାର ଥିବା ଓଡ଼ିଶା ପରି ରାଜ୍ୟଗୁଡ଼ିକରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ଲୋକଙ୍କ କ୍ରୋଧକୁ ଅନେକାଂଶରେ ପ୍ରଶମିତ କରିପାରିଛି। ଗତବର୍ଷ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଓଡ଼ିଶା ସରକାରଙ୍କ କାଳିଆ ଯୋଜନା ଏବଂ ପ୍ରଧାନମନ୍ତ୍ରୀଙ୍କ କିଷାନ ଯୋଜନା ଗରିବ କୃଷକଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣି ଦେଇଥିଲା। ତେବେ ଏଗୁଡ଼ିକ ସାମୟିକ ମଲମ ପରି। ଏବେ କୃଷିକ୍ଷେତ୍ରକୁ ଆକ୍ରାନ୍ତ କରୁଥିବା ସଂରଚନାତ୍ମକ ରୋଗର ନିରାକରଣ କରିପାରିବ ନାହିଁ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ରେକର୍ଡ ନିମ୍ନ ସ୍ତରରେ ରହିଥିବା ଏବଂ ବେକାରି ସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲୁଥିବା ବେଳେ ଅର୍ଥମନ୍ତ୍ରୀ ନିଶ୍ଚିତ ରୂପେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ କିଛି ପଦକ୍ଷେପ ବିଷୟରେ ଘୋଷଣା କରିବେ। କୃଷକ, ଫାର୍ମ ମ୍ୟାନେଜର, ନିବେଶକ, ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବେତନଭୋଗୀ କର୍ମଚାରୀ ପର୍ଯ୍ୟନ୍ତ ଆଶାର ଲମ୍ବା ତାଲିକା ଧରି ବସିଛନ୍ତି। ବ୍ୟକ୍ତିଗତ ଆୟକରରେ ରିହାତିଠାରୁ ଆରମ୍ଭ କରି କୃଷି ପାଇଁ ଅଧିକ ପାଣ୍ଠି ଯୋଗାଣ ପର୍ଯ୍ୟନ୍ତ ଏବଂ ଗ୍ରାମୀଣ ଗୃହନିର୍ମାଣ,

## ଆଜିର ଅର୍ଥନୀତି

କ୍ଷୁଦ୍ର ବ୍ୟବସାୟଠାରୁ ଆରମ୍ଭ କରି ଇକ୍ୱିଟି ନିବେଶକଙ୍କ ପାଇଁ ଟିକସ ହ୍ରାସ ପର୍ଯ୍ୟନ୍ତ, ବଜାରରେ ସମସ୍ତେ ଅର୍ଥମନ୍ତ୍ରୀଙ୍କଠାରୁ ଅନେକ ବଡ଼ ଘୋଷଣା ଆଶା କରୁଛନ୍ତି। ତା'ହେଲେ ସାଧାରଣ ଲୋକେ କେନ୍ଦ୍ର ବଜେଟରୁ କ'ଣ ଚାହୁଁଛନ୍ତି? ଗ୍ରାମୀଣ ଭାରତ ଚାହୁଁଛି ଗ୍ରାମୀଣ ଭିତ୍ତିଭୂମି ଓ ଗୃହନିର୍ମାଣରେ ପୁଞ୍ଜିନିବେଶ ହେଉ। କୃଷିକ୍ଷେତ୍ର ପାଇଁ ଅଧିକ ପାଣ୍ଠି ଯୋଗାଣ ହେଲେ ନିଶ୍ଚିତ ରୂପେ କୃଷକ ସମ୍ପ୍ରଦାୟ ଖୁସି ହେବେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପୁନଃପୁଞ୍ଜୀକରଣ ହେଲେ ସେମାନେ ଗ୍ରାମୀଣ ଭାରତକୁ ଅଧିକ ପାଣ୍ଠି ଯୋଗାଇପାରିବେ। ଅନାଦେୟ ଋଣଗୁଡ଼ିକ ଆଦାୟ କରିବା ପାଇଁ ସରକାର ସଂରଚନାତ୍ମକ ନିୟମ କଡ଼ାକଡ଼ି କରିପାରନ୍ତି। ଗତ ଡିସେମ୍ବର ମାସରେ ଅର୍ଥମନ୍ତ୍ରୀ ୧୦୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଉଚ୍ଚାଭିଳାଷୀ ଯୋଜନା କିପରି କାର୍ଯ୍ୟକାରୀ ହେବ, ସେଥି ନେଇ ବଜେଟରେ ଘୋଷଣା କରାଯାଇପାରେ। ଶକ୍ତି, ରେଳପଥ, ସହରୀ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ବିଦ୍ୟୁତୀକରଣ ଏବଂ ରିୟଲ ଇଷ୍ଟେଟ୍ ପ୍ରଭୃତିର ଉନ୍ନତି ଉପରେ ଜୋର ଦିଆଯାଇପାରେ।

ବିତ୍ତୀୟ ନିଅଣ୍ଟ ହ୍ରାସ ସରକାରଙ୍କ ଉପରେ ଭାରି ପଡ଼ିପାରେ। ବଜାର ସ୍ଥିତି ଯାହା ସେହି ଦୃଷ୍ଟିରୁ ବିତ୍ତୀୟ ନିଅଣ୍ଟ ଓ ଜିଡିପିର ଅନୁପାତ ୩.୭ରୁ ୩.୮ ଭିତରେ ରହିପାରେ। ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ହେଉଥିବାରୁ ତାହାକୁ ଭରଣା କରିବା ପାଇଁ ସରକାର କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବା ପୁଞ୍ଜି ପ୍ରତ୍ୟାହାର ଉପରେ ଗୁରୁତ୍ୱ ଦେଇପାରନ୍ତି। ଆସନ୍ତା ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରିମାସୀରେ ସରକାର ଏୟାର ଇଣ୍ଡିଆର ଘରୋଇକରଣ କାର୍ଯ୍ୟ ଶେଷ କରିପାରନ୍ତି। କେତେକ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବୃଦ୍ଧି ଓ ସବ୍ସିଡି ଘୋଷଣା ବଜାରରେ ଚାହିଦା ବୃଦ୍ଧିରେ ସହାୟକ ହୋଇପାରେ। ବ୍ୟକ୍ତିଗତ ଆୟକର ସ୍ଲାବ୍‌ରେ ହ୍ରାସ ଲାଗି ମଧ୍ୟ ଅର୍ଥମନ୍ତ୍ରୀ ନିଷ୍ପତ୍ତି ନେଇପାରନ୍ତି, ଯାହା ପରୋକ୍ଷରେ ଖାଉଟି ଚାହିଦା ବୃଦ୍ଧିରେ ସହାୟକ ହେବ।

ଷ୍ଟକ୍ ମାର୍କେଟରେ ପୁଞ୍ଜିନିବେଶକୁ ପରିଚାଳନା କରୁଥିବା କେତେକ ନୀତିର ସରଳୀକରଣ କରାଯାଇପାରେ। ବର୍ତ୍ତମାନ ଷ୍ଟକ୍ ମାର୍କେଟଗୁଡ଼ିକ ବୁଲିଶ୍ ବା ତେଜୀ ଅଛନ୍ତି। ବଜାରକୁ ଅନେକ ବିଦେଶୀ ପୁଞ୍ଜି ଆସୁଛି। କିଛିବର୍ଷ ହେଲା ଭାରତକୁ ଏଫ୍‌ଡିଆଇ (ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି)ର ପ୍ରବାହ ବୃଦ୍ଧି ପାଉଛି। ତେବେ ଏହା ନିଶ୍ଚିତ ହେବ ବୋଲି ସରକାର ଧରିନେବା ଉଚିତ ନୁହେଁ। ଆମାଜନ ସିଇଓ ଜେଫ୍ ବେଜୋସ୍ ଚଳିତ ସପ୍ତାହରେ ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଦେଇଥିବା ବେଳେ ତାକୁ ବେଖାତିର କଲାଭଳି ବ୍ୟବହାର କରାଯିବା ଘଟଣା ବିଶ୍ୱ ନିବେଶକମାନଙ୍କୁ ଏକ ଭୁଲ୍ ବାର୍ତ୍ତା ଦେଇଛି। ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଦେଶରେ ସ୍ୱଚ୍ଛନ୍ଦ ବ୍ୟବସାୟରେ କିପରି ଉନ୍ନତି ହେବ (ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍) ସେ ବିଷୟରେ ଘୋଷଣା କରିବା ଉଚିତ। ଅଧିକନ୍ତୁ ବର୍ତ୍ତମାନ ଥିବା ଏଫ୍‌ଡିଆଇ ନୀତିରେ କିଛି ପରିବର୍ତ୍ତନ କରାଯାଇପାରେ ଏବଂ ନୂତନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଅନୁମତି ଦେବା ଆବଶ୍ୟକ। ଲୋକଙ୍କର ବଜେଟୀୟ ଆଶା ତାଲିକା ଏହିପରି ଲମ୍ବିପାରେ। ଆମେ ଆଶା କରୁଛୁ ଅର୍ଥମନ୍ତ୍ରୀ କିଛି ବଡ଼ ଘୋଷଣା କରିବେ, ଯାହା ଆମ ଅର୍ଥନୀତିକୁ ପୁଣିଥରେ ଶଗଡ଼ଗୁଳାରେ ପକାଇବାରେ ସାହାଯ୍ୟ କରିବ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 4 | C | | | 9 | | | 5 | | | | | |
| | | | 5 | | D | | | | | | | | 3 | |
| | 8 | 7 | | | 0 | E | B | | | | 9 | | 5 | |
| | | | | | A | | 8 | C | | | | | | |
| | 1 | B | | | | D | | 6 | A | 0 | 3 | E | | |
| | | D | | | | | | 5 | | C | 2 | | 1 | 3 |
| | | | 9 | | E | C | | | | | | | 2 | |
| | | 0 | 1 | 8 | | A | | E | 6 | | | | | |
| | | | | 0 | | 2 | | 1 | D | 8 | | | 4 | B |
| | | 8 | | | 5 | | | 7 | | A | B | | | |
| | 9 | | | 2 | | 8 | | 0 | | E | | | | |
| | | | E | | C | | 6 | | 4 | B | A | 2 | 9 | |
| | | | | | | | A | | 7 | | C | 4 | | |
| 5 | | 2 | | | | | C | | | 3 | | | D | 8 |
| 4 | | | D | | | | | | | | 8 | 6 | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | 4 | C | 8 | 9 | 1 | E | 0 | 5 | 3 | A | D | B | 2 |
| B | A | 0 | 2 | 7 | 1 | C | 8 | D | 4 | 9 | E | 5 | 6 | 3 |
| 2 | 9 | 3 | E | 5 | 6 | A | B | 7 | 1 | D | C | 0 | 8 | 4 |
| 1 | C | 8 | B | 4 | D | 3 | 6 | 5 | 2 | 7 | 0 | A | E | 9 |
| E | 5 | D | 0 | 3 | A | 4 | 2 | 9 | 8 | B | 6 | 1 | 7 | C |
| 0 | B | 6 | 7 | D | 3 | 8 | 9 | 1 | E | A | 2 | C | 4 | 5 |
| 9 | 2 | C | A | 6 | 8 | D | 5 | E | 7 | 1 | 4 | 3 | 0 | B |
| A | 7 | 5 | 4 | 2 | B | 6 | 0 | 3 | D | C | 8 | E | 9 | 1 |
| 4 | 3 | 1 | 5 | 9 | E | 7 | C | A | 6 | 0 | B | 2 | D | 8 |
| D | 8 | E | 1 | 0 | C | 2 | 4 | B | 3 | 5 | 9 | 6 | A | 7 |
| C | D | 9 | 3 | E | 5 | 0 | 1 | 4 | B | 6 | 7 | 8 | 2 | A |
| 6 | 1 | B | 8 | A | 7 | E | D | 2 | C | 4 | 5 | 9 | 3 | 0 |
| 5 | 4 | A | 6 | B | 2 | 9 | 3 | 8 | 0 | E | 1 | 7 | C | D |
| 3 | 0 | 2 | 9 | C | 4 | 5 | 7 | 6 | A | 8 | D | B | 1 | E |
| 8 | E | 7 | D | 1 | 0 | B | A | C | 9 | 2 | 3 | 4 | 5 | 6 |

ଗତକାଲିର ଉତ୍ତର

# ଭାରତ ବିକାଶରେ ଧର୍ମର ଗୁରୁତ୍ୱ



ଶକ୍ତି ପ୍ରସାଦ ଦାସ

ସୁସ୍ଥ ଜୀବନଯାପନ ପାଇଁ ବ୍ୟକ୍ତି ତଥା ସମାଜର ସର୍ବାଙ୍ଗୀଣ ବିକାଶ ନିହାତି ଜରୁରୀ। ଅର୍ଥନୈତିକ ବିକାଶ ସେଥିମଧ୍ୟରୁ ଅନ୍ୟତମ। ଆମେ ସାଧାରଣ ଲୋକାଚାରରେ ଅର୍ଥନୈତିକ ବିକାଶ ସହିତ ଧର୍ମର ବିଶେଷ କିଛି ସମ୍ପର୍କ ନାହିଁ ବୋଲି ଜାଣୁ। କିନ୍ତୁ ଟିକିଏ ନିରିଖେଇ ଦେଖିଲେ ଦେଖାଯିବ ଯେ, ବିକାଶ ଉପରେ ପ୍ରଚଳିତ ଧର୍ମର ଅଖଣ୍ଡ ପ୍ରଭାବ ରହିଛି। ବିକାଶର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମଗ୍ର ମାନବଜଗତର ଜୀବନଯାପନ ଶୈଳୀରେ ଉନ୍ନତି ଆଣିବା। ଉନ୍ନତ ଜୀବନଯାପନ ପାଇଁ ବିକାଶଶାସ୍ତ୍ର ଧର୍ମ ନିକଟରୁ ତିନୋଟି ପ୍ରତ୍ୟଶା ରଖେ : ବ୍ୟକ୍ତିକୁ ସାମାଜିକ ପରିଚୟ ଦେବା ; ମୂଲ୍ୟବୋଧ ଓ କ୍ଷମତାର ଉତ୍ସ ହେବା ଏବଂ ସମ୍ପ୍ରଦାୟ ଓ ସାମାଜିକ କଲ୍ୟାଣର ମାଧ୍ୟମ ସାଜିବା।

ଆପଣାର ଭାବନା ଜରିଆରେ ଧର୍ମ ବ୍ୟକ୍ତିକୁ ସାମାଜିକ ସହାୟତା ତଥା ଗୋଟିଏ ସାମାଜିକ ପରିଚୟ ପ୍ରଦାନ କରିଥାଏ। ବ୍ୟକ୍ତି ତଥା ସମାଜ ହିସାବରେ ଉନ୍ନତ ଜୀବନଯାପନ କରିବାର ମାର୍ଗ ନିର୍ଦ୍ଧାରଣ କରିବା ପାଇଁ ଧର୍ମ ସମୁଚିତ ଶିକ୍ଷା ଦେଇଥାଏ ଓ ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ। ଧର୍ମ ବ୍ୟକ୍ତିର ଉଚ୍ଚାଭିଳାଷ ଓ ଏହାର ପ୍ରାପ୍ତି ମଧ୍ୟରେ ଦୂରତ୍ୱକୁ କମାଇବା ସହିତ ଆତ୍ମ-ସନ୍ତୋଷ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

ପାଶ୍ଚାତ୍ୟରେ ବିଜ୍ଞାନ, କଳା, ରାଜନୀତି କିମ୍ବା ଅର୍ଥନୈତିକ ବିକାଶ ତର୍କସଂଗତ ତଥ୍ୟ ଆଧାରରେ ଅଭିବୃଦ୍ଧି ଲାଭ କରିଛି, ଯାହା ଭାରତ ଓ ଚାଇନା ପ୍ରଭୃତି ଦେଶରେ ବିଳମ୍ବରେ ଘଟିଛି। କାରଣ, ଭାରତରେ ହିନ୍ଦୁ ଧର୍ମର ମୌଳିକ ବିଚାରଧାରା ଭୌତିକ ବିକାଶରେ ଅଟକି ରହିଯାଇ ନାହିଁ। ହିନ୍ଦୁ ବୌଦ୍ଧିକତା ହେଉଛି ମୁକ୍ତ। ଏଥିରେ ମନୁଷ୍ୟ ଓ ପ୍ରକୃତିକୁ ବ୍ରହ୍ମାଣ୍ଡର ଅଭିନ୍ନ ଅଙ୍ଗ ରୂପରେ ଚିନ୍ତା ଓ ଅନୁଭବ କରାଯାଏ। ହିନ୍ଦୁ ପାଇଁ ପ୍ରକୃତି ଜୀବନ୍ତ ଓ ଅଦୃଶ୍ୟର ଏକ ପ୍ରତୀକ। ତେଣୁ ଆଧୁନିକ ବୈଜ୍ଞାନିକ ଭାବନା ତଥା ପ୍ରଯୁକ୍ତି ବିଦ୍ୟା, ଯାହା ପ୍ରକୃତିକୁ ମନୁଷ୍ୟଠାରୁ ପୃଥକ୍ କରେ, ଭାରତରେ ପାଦ ଥାପିବା ପାଇଁ ସମୟ ନେଇଛି।

ଆଧୁନିକ ଯୁକ୍ତିବତ୍ତାରେ ପ୍ରକୃତିଗତ ବସ୍ତୁ ସହଜରେ ଖାପେଇଯାଏ, କିନ୍ତୁ ମାନବିକ ବିଜ୍ଞାନ ନୁହେଁ। ଏହା ହିଁ ଭୌତିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ଉଦୟର କାରଣ। ମନୁଷ୍ୟର ଏହି ତର୍କସଂଗତ ମନୋବୃତ୍ତି ଓ ପ୍ରକୃତି ସହିତ ଏହି ନୂତନ ଅନୁଭୂତି ପୁଞ୍ଜିବାଦ ପାଇଁ ଉପଯୁକ୍ତ ପୃଷ୍ଠଭୂମି ତିଆରି କରେ।

ଖ୍ରୀଷ୍ଟ, ଇସ୍‌ଲାମ ଓ ବୌଦ୍ଧ ଧର୍ମ ପରି ହିନ୍ଦୁ ଧର୍ମର ନା କେହି ସଂସ୍ଥାପକ ଅଛନ୍ତି ନା ଏହାର କିଛି ଅୟମାରମ୍ଭ ଅଛି। ସେଥିପାଇଁ ହିନ୍ଦୁ ଧର୍ମର ଚରିତ୍ର ସମୟହୀନ ଓ ଇତିହାସହୀନ। ଅନନ୍ତ କାଳର ସଚେତନତାର ଏହା ଏକ ଦୃଷ୍ଟିକୋଣ ମାତ୍ର ଏବଂ ପରିଣାମ ସ୍ୱରୂପ ଏହା ଇତିହାସ ପ୍ରତି ଉଦାସୀନ। ତେଣୁ ଏହାର କ୍ରମ ବିକାଶ, ବୈଜ୍ଞାନିକ ଭାବନା ଓ ପ୍ରୌଦ୍ୟୋଗିକୀରେ ପରିବର୍ତ୍ତିତ ହେବା ପାଇଁ ସମୟ ନେଇଛି।

ଏ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜା ରାମମୋହନ ରାୟ, ମହର୍ଷି ଦେବେନ୍ଦ୍ରନାଥ ଠାକୁର, ସ୍ୱାମୀ ବିବେକାନନ୍ଦ ପ୍ରମୁଖ ସଂସ୍କାରକ ଅନେକ କାର୍ଯ୍ୟ କରିଯାଇଛନ୍ତି। ସେମାନେ ସମସ୍ତେ ପଶ୍ଚିମର ଆହ୍ୱାନ ଓ ପରମ୍ପରାର ବିଶ୍ଳେଷଣ ପ୍ରତି ପ୍ରତିକ୍ରିୟାଶୀଳ ଥିଲେ। ସେମାନେ ତର୍କବାଦକୁ ଉତ୍ସାହିତ କରିଛନ୍ତି। ସ୍ୱାମୀ ଦୟାନନ୍ଦ ତାଙ୍କର ଆର୍ଯ୍ୟସମାଜ ମାଧ୍ୟମରେ ସଂସ୍କାରବାଦ ଓ ସଂସ୍କୃତିନିଷ୍ଠ ଅଭିବିନ୍ୟାସକୁ ପର୍ଯ୍ୟାପ୍ତ ରୂପରେ ସଂରକ୍ଷଣ କରି ହିନ୍ଦୁ ଧର୍ମକୁ କେତେକାଂଶରେ ତର୍କ-ସଂଗତ କରିଛନ୍ତି।

ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଭାରତର ମୌଳିକ ସମସ୍ୟା ହେଉଛି ପରମ୍ପରାଗତ ପ୍ରଥା ଯେପରି କି ଜାତି, ଲିଙ୍ଗ, ମୂଲ୍ୟବୋଧ ଓ ଦୃଷ୍ଟିକୋଣ ଇତ୍ୟାଦିର ଅସ୍ତିତ୍ୱରୁ ଜାତ ପ୍ରତିରୋଧକୁ ଅତିକ୍ରମ କରିବା ଓ ଏହାର ବିଳମ୍ବିତ ପ୍ରଭାବର ସମ୍ମୁଖୀନ ହେବା। ଦୁଇଟି ସର୍ବାଧିକ ଦୁର୍ବଳ ବର୍ଗ- ବଞ୍ଚିତ ଜାତି ଓ ମହିଳାଗୋଷ୍ଠୀଙ୍କ ଅବଦାନକୁ ଖୁବ୍ ସୀମିତ କରିଦିଆଯାଇଛି, ଯାହା ଭାରତକୁ ତା'ର ସର୍ବାଧିକ ସମ୍ଭାବ୍ୟ ଆର୍ଥିକ ଅଭିବୃଦ୍ଧି ହାସଲ କରିବାରେ ବାଧକ ସାଜିଛି। କର୍ମ ପରିସରରେ ମହିଳାଙ୍କ ଅଂଶ ଭାରତରେ ମାତ୍ର ୨୭ପ୍ରତିଶତ, ଯାହା ଦକ୍ଷିଣ-ଏସୀୟ ଦେଶଗୁଡ଼ିକ ମଧ୍ୟରେ ନିମ୍ନତମ। ଯଦି ଭାରତ ଜାତି ଓ ଲିଙ୍ଗଗତ ଅସମାନତାକୁ ଧାର୍ମିକ ମାନ୍ୟତା ଦେଇ ନ ଥା'ନ୍ତା, ତେବେ ଗତ ୬୦ ବର୍ଷରେ ଏହା ନିଜର GDPକୁ ଅଧା ସମୟରେ ଦୁଇଗୁଣରୁ ଅଧିକ କରିପାରିଥା'ନ୍ତା।

ଆମ ଦେଶରେ ଜନସଂଖ୍ୟାର ଗୋଟିଏ ବିରାଟ ଅଂଶ (ମହିଳା ଓ ଅନୁସୂଚିତ ଜାତିର ଲୋକ)କୁ ସଂସାଧନ (ପୁଞ୍ଜି ଓ କୌଶଳ) ବାରଣ କରି ଅର୍ଥନୈତିକ ଗତିବିଧିକୁ ବାଧା ଦେଇଛି। ଭାରତରେ ଜାତିବାଦ ଏତେ ଗଭୀରକୁ ବ୍ୟାପିଯାଇଛି ଯେ ଅନୁସୂଚିତ ଜାତିର ଲୋକ ଇସ୍‌ଲାମ କିମ୍ବା ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ମଧ୍ୟ ସେମାନଙ୍କ ଦଳିତ ସ୍ଥିତି ଜାରି ରହୁଛି। ଆମେ ସେମାନଙ୍କୁ ଦଳିତ ମୁସଲମାନ ଅବା ଦଳିତ ଖ୍ରୀଷ୍ଟିଆନ ଆଖ୍ୟା ଦେଉଛୁ। ତେଣୁ ଏସବୁ ମନୋବୃତ୍ତିରେ ଗୋଟିଏ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଅନୁଭୂତ ହୁଏ।

ୱାର୍ଲ୍ଡ ଭାଲ୍ୟୁ ସର୍ଭେ (WVS) ତଥ୍ୟ ଅନୁସାରେ ଧର୍ମବିଶ୍ୱାସୀଙ୍କର ସବୁଠାରୁ ବଡ ବୈଶ୍ୱିକ ଭଣ୍ଡାର ଭାରତରେ ଅଛି। ସାମ୍ପ୍ରତିକ ଗବେଷଣାଲବ୍ଧ ତଥ୍ୟ କହେ: ଭାରତରେ ବିକାଶନୀତି ଓ କାର୍ଯ୍ୟକ୍ରମଗୁଡିକ ସଂଖ୍ୟାଧିକ ଲୋକଙ୍କ ଜୀବନର ଏକ କ୍ଷୁଦ୍ର ଅଂଶ ହୋଇଥିବାବେଳେ, ଧର୍ମ ଏକ ଅନ୍ତର୍ନିହିତ ନୈତିକ ବ୍ୟବସ୍ଥା ସହିତ ଜଡିତ।

ତେଣୁ ବିକାଶକର୍ତ୍ତାମାନେ ସେମାନଙ୍କର ଦାବି ଓ ଲକ୍ଷ୍ୟ ଉପସ୍ଥାପନରେ ନମ୍ର ହେବାର ଅଛି। ଅପରିଚିତ ପ୍ରସଙ୍ଗରେ, ନିଜ ଧାରଣାକୁ ଅନୁମାନ ଲଗାଇ ତ୍ୱରିତ ନିଷ୍କର୍ଷକୁ ଡେଇଁ ପଡିବା ଅନୁଚିତ। ଧର୍ମ ଓ ଅର୍ଥନୀତିର ଶ୍ରେଷ୍ଠ ବିଦ୍ୱାନ ମାକ୍ସ ୱେବର (୧୯୫୮) ବିଶ୍ୱାସ କରନ୍ତି କି ଭାରତର ଧର୍ମୀୟ ପରମ୍ପରା ଏଠାରେ ପୁଞ୍ଜିବାଦର ବିକାଶକୁ ଘୋର ପ୍ରତିରୋଧ କରିଥିଲା। ତେଣୁ, ଭାରତରେ ଆଧୁନିକତାର ମହତ୍ତ୍ୱକୁ ବୁଝିବାକୁ ଗଲାବେଳେ ଏହାର ଧାର୍ମିକ ସଂରଚନା ଓ ବିଶ୍ୱାସ ପ୍ରତି ଯଥେଷ୍ଟ ମହତ୍ତ୍ୱ ଦେବାକୁ ହେବ।

ସ୍ୱାଧୀନତା ପରେ ଭାରତର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ସ୍ୱାଧୀନତା-ପରବର୍ତ୍ତୀ ୪୦ବର୍ଷ ଧରି ଭାରତ ଏକ ରାଷ୍ଟ୍ର-କୈନ୍ଦ୍ରିକ, ସମାଜବାଦୀ ଚିନ୍ତାଧାରା ଅନୁପ୍ରେରିତ ଅର୍ଥନୈତିକ ମଡେଲକୁ ଅନୁସରଣ କଲା। ୧୯୯୧ରେ ନରସିଂହ ରାଓ ସରକାର ସମୟରେ ଅର୍ଥନୈତିକ ଉଦାର ନୀତି ଆସିବା ଫଳରେ ପ୍ରଚଳିତ ଢାଞ୍ଚାରେ ପରିବର୍ତ୍ତନ ଆସିଲା। ଅର୍ଥନୈତିକ ବିଚାରଧାରା ଓ ନୀତିରେ ଏପରି ମୌଳିକ ପରିବର୍ତ୍ତନ, ସୁସ୍ଥ ଜୀବନଯାପନ ବିଷୟରେ ଲୋକଙ୍କର ଭାବନା ଓ ଏହାକୁ ହାସଲ କରିବାର ପ୍ରକ୍ରିୟାରେ ଗଭୀର ପ୍ରଭାବ ପକାଇଲା। କିନ୍ତୁ ଏହା ବାହାରେ ନାଗରିକମାନଙ୍କ ସହିତ ରାଷ୍ଟ୍ରର ସମ୍ପର୍କରେ ମଧ୍ୟ ପରିବର୍ତ୍ତନ ଘଟିଲା।

ଔପନିବେଶିକ ଶାସନ ସମୟରୁ ବିକାଶ କ୍ଷେତ୍ରରେ ଧାର୍ମିକ ପରିଚୟକୁ ଲୋପ କରିଦିଆଯାଇଥିଲା। ଗତ ଦେଢ ଦଶକ ମଧ୍ୟରେ ଆର୍ଥିକ ବିକାଶ ପାଇଁ ମୂଲ୍ୟବୋଧର ଭୂମିକା ବିଷୟରେ ସଚେତନତା ବଢିଛି। ଅଧିକାଂଶ ଲୋକଙ୍କ ପାଇଁ ଧର୍ମ ମୂଲ୍ୟବୋଧ ଦୃଷ୍ଟିରୁ ସବୁଠାରୁ ବଡ ଉତ୍ସ ଭାବରେ ଉଭା ହୋଇଛି। ପ୍ରତ୍ୟେକ ଧର୍ମର ସଦସ୍ୟ ଦ୍ୱାରା ପାଳନ କରାଯାଉଥିବା ମୂଲ୍ୟବୋଧଜନିତ ବିଧି, ତତ୍‌ସଂଲଗ୍ନ ଆର୍ଥିକ ପରିସ୍ଥିତି ଓ ରାଜନୈତିକ ଚାପ କାରଣରୁ ଅନବରତ ବଦଳୁଥାଏ। ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବେ ହେଉ, ଧର୍ମ ସର୍ବଦା ଗୁରୁତ୍ୱ ବହନ କରେ।

ପାଶ୍ଚାତ୍ୟର ଆର୍ଥିକ ବିକାଶ ଉଦାର-ପ୍ରତିଯୋଗିତାମୂଳକ ସମାଜରେ ହୋଇଛି। ଏହା ଯୋଜନାବଦ୍ଧ ଭାବରେ ସମାଜବାଦୀ ଚିନ୍ତାଧାରାରେ ଓ ଲୋକହିତକାରୀ ପ୍ରଶାସନ ସଂଦର୍ଭରେ ହୋଇନାହିଁ। ଭାରତର ଆର୍ଥିକ ବିକାଶ ସାମାଜିକ ସମସ୍ୟାରୁ ଜାତ। ଏହା ଯୋଜନାବଦ୍ଧ ଭାବରେ ସିଦ୍ଧ- ସମାଜର ପୁଞ୍ଜିବାଦୀ ବିଚାରଧାରାକୁ ଆରୋପିତ କରିବାରେ ନାହିଁ କି ଏକ କ୍ରମବିକଶିତ ପରମ୍ପରାରୁ ଜାତ ବିକାଶକୁ ବିରୋଧ କରୁଥିବା ଚିନ୍ତାଧାରାକୁ ଜୟ କରିବାରେ ନାହିଁ। ଯୋଜନାବଦ୍ଧ ଭାବରେ ଆର୍ଥିକ ବିକାଶ ପାଇଁ ଏକ ଦର୍ଶନ ଖୋଜିବାର ହିଁ ଅଛି। ଏହି ଦର୍ଶନ ହିଁ କେବଳ ଧର୍ମ, ଏହାର ପରମ୍ପରା ଓ ଆର୍ଥିକ ବିକାଶ ମଧ୍ୟରେ ଏକ ସୁସଂଗଠିତ ସମନ୍ୱୟ ଆଣିପାରିବ।

ମୋ:୯୪୩୭୧୬୪୬୧୧, saktiprasadd@yahoo.in

# ଆଜି ଶନି ଚଳନ

ଦୋଳଗୋବିନ୍ଦ ପଣ୍ଡା

ମହାଗ୍ରହ ଶନି ଆଜି (ତା୨୪।୦୧।୨୦-ଶୁକ୍ରବାର) ଦିବା ୦୯।୫୬ରେ ଧନୁରାଶିରୁ ଉତ୍ତରାଷାଢ଼ା ନକ୍ଷତ୍ର ମକର ରାଶିକୁ ଚଳିବେ। ଶନି ଗୋଟିଏ ରାଶିରେ ହାରାହାରି ଅଢ଼େଇ ବର୍ଷ ଅବସ୍ଥାନ କରିଥାନ୍ତି। ଶନିଙ୍କର ଏହି ଚଳନର ଫଳ କ'ଣ ହେବ ସେ ବିଷୟରେ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ରହିବା ସ୍ୱାଭାବିକ। ତେବେ ଜ୍ୟୋତିଷଶାସ୍ତ୍ରରେ ଗୋଚର ଫଳ ବିଚାରର ଅନେକ ଦିଗ ରହିଛି। ଗୋଟିଏ ଦିଗ ଉପରେ ବିଚାର କରି କୁହାଯାଉଥିବା ଫଳ ନିର୍ଭରଯୋଗ୍ୟ ହୋଇ ନ ଥାଏ। ଉଦାହରଣସ୍ୱରୂପ ଜ୍ୟୋତିଷଶାସ୍ତ୍ରରେ ଏକ ପାଠ ଅଛି, ଯାହାର ନାମ ଅଷ୍ଟକବର୍ଗ ବିଚାର। ଲଗ୍ନ ଓ ଗ୍ରହଗୁଡ଼ିକର ପାରସ୍ପରିକ ସ୍ଥିତିକୁ ନେଇ ତାହା ବିଚାର କରାଯାଇଥାଏ। ଶନିଙ୍କ ଅଷ୍ଟକବର୍ଗରେ ଯଦି ସେ ଚାରୋଟିରୁ ଅଧିକ ଶୁଭ ବିନ୍ଦୁ ପାଇଥାନ୍ତି ତେବେ ଶନିସପ୍ତା, ଶନି ସାଢ଼େସାତୀ ବା କଣ୍ଟକ ଶନି ହେଲେ ବି ସେ ଶୁଭଫଳ ଦେବେ। ଶୁଭସ୍ଥାନସ୍ଥ ଗ୍ରହ ବି ଶୁଭଫଳ ଦେଇପାରନ୍ତି ନାହିଁ ଯଦି ସେ ନୀଚସ୍ଥ, ଅସ୍ତଂଗତ ବା ଅନ୍ୟ ପ୍ରକାରେ ଦୁର୍ବଳ ହୋଇଥାନ୍ତି କିମ୍ବା ତାଙ୍କର ବେଧ ସ୍ଥାନରେ ଅନ୍ୟ ଗ୍ରହ ଅବସ୍ଥାନ କରିଥାନ୍ତି। ବଳାବଳ, ଗ୍ରହବେଧ ଏବଂ ଅନ୍ୟ ଗ୍ରହମାନଙ୍କ ସହ ପାରସ୍ପରିକ ସମ୍ପର୍କ ବିଚାର ବିନା ଗୋଚର ବିଚାର ପୂର୍ଣ୍ଣାଙ୍ଗ ହୋଇ ନ ଥାଏ।

ଶାସ୍ତ୍ରରେ ଅଛି- ''ଦ୍ୱାଦଶେ ଜନ୍ମଗେ ରାଶୌ ଦ୍ୱିତୀୟେ ଚ ଶନୈଶ୍ଚରଃ। ସାର୍ଦ୍ଧାନି ସପ୍ତବର୍ଷାଣି ତଥା ଦୁଃଖୈର୍ଯୁତୋ ଭବେତ୍॥'' ଅର୍ଥାତ୍ ଶନି ଜନ୍ମରାଶିରୁ ଦ୍ୱାଦଶରେ, ଜନ୍ମରାଶିରେ ଓ ଦ୍ୱିତୀୟରେ ଥିଲେ ସାଢ଼େ ସାତ ବର୍ଷ ଦୁଃଖକଷ୍ଟ ଭୋଗ କରାନ୍ତି। ଏହାକୁ ସାଢ଼େସାତୀ ଶନି କୁହାଯାଏ। ଜଣକର ଜୀବନକାଳ ଭିତରେ ସାଧାରଣତଃ ତିନିଥର ସଢ଼େସାତୀ ଭୋଗ କରିବାକୁ ପଡ଼େ। ଆଜିର ଚଳନ ପରେ ଧନୁ, ମକର ଓ କୁମ୍ଭ ରାଶି ଜାତକଙ୍କର ସାଢ଼େସାତୀ ହେବ। ଜୀବନକାଳ ଭିତରେ ସାଢ଼େସାତୀର ତିନୋଟି ଚକ୍ର ମଧ୍ୟରୁ ପ୍ରଥମ ଚକ୍ରଟି ଅତ୍ୟନ୍ତ କଷ୍ଟପ୍ରଦ ହୋଇଥାଏ। ମଧ୍ୟମ ଚକ୍ରଟି ଜୀବନର ମଧ୍ୟାହ୍ନରେ ଆସୁଥିବାରୁ ଏହାକୁ ଆପଣ ସହିଯାଇପାରନ୍ତି। କିନ୍ତୁ ଅନ୍ତିମ ଚକ୍ରଟି ଶାରୀରିକ ଅସୁସ୍ଥତା ସହ ମୃତ୍ୟୁଭୟ ମଧ୍ୟ ଆଣିଥାଏ। ଏଥିପାଇଁ ପ୍ରତିକାର କରଣୀୟ। ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ ଏକ ଉତ୍କୃଷ୍ଟ ପ୍ରତିକାର। ପୁଣି ପ୍ରତ୍ୟେକ ଚକ୍ରରେ ତିନୋଟି ଧାୟା ବା ଚରଣ ଭୋଗ ହୁଏ। ଦ୍ୱାଦଶ ଶନିକୁ ପ୍ରଥମ, ଜନ୍ମଶନିକୁ ଦ୍ୱିତୀୟ ଓ ଦ୍ୱିତୀୟ ଶନିକୁ ତୃତୀୟ ଧାୟା କୁହାଯାଏ। ପ୍ରଥମ ଧାୟାରେ ଶନି ମସ୍ତକରେ ଅବସ୍ଥାନ କରନ୍ତି ଏବଂ ୨ୟ, ୬ଷ୍ଠ ଓ ୯ମ ଭାବକୁ ପୂର୍ଣ୍ଣ ଦୃଷ୍ଟି ଦିଅନ୍ତି। ତେଣୁ ସେ ମାନସିକ ଓ ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରନ୍ତି। ଦୁର୍ବଳ ଦୃଷ୍ଟିଶକ୍ତି, ଆର୍ଥିକ ହାନି, ଅବାଞ୍ଛିତ ବ୍ୟୟ, ବିଚ୍ଛେଦ, ପାରିବାରିକ ଅସ୍ଥିରତା ଆଦି ଦେଖାଦେଇ ପାରେ। ପରିଶ୍ରମ କଲେ ବି ଫଳ ଆଶାନୁରୂପ ମିଳେ ନାହିଁ। ବ୍ୟକ୍ତି ଲକ୍ଷ୍ୟହୀନ ଭାବେ ଭ୍ରମଣ କରିପାରେ। ଆପଣଙ୍କୁ କେହି ସାହାଯ୍ୟ କରିବେ ନାହିଁ। କୌଣସି କାର୍ଯ୍ୟରେ ଯେଉଁ ସରକାରୀ କାର୍ଯ୍ୟାଳୟକୁ ଯିବେ, ସେଠି ବାବୁମାନେ ଆପଣଙ୍କୁ ହଇରାଣ କରିବେ। ବାରମ୍ବାର ଦୌଡ଼ାଇବେ। ଦୂରସ୍ଥାନ ଭ୍ରମଣ କଷ୍ଟପ୍ରଦ ହେବ। ଦ୍ୱିତୀୟ ଧାୟାରେ ଅର୍ଥାତ୍ ଜନ୍ମଶନି ତୃତୀୟ, ସପ୍ତମ ଓ ଦଶମ ଭାବକୁ ପୂର୍ଣ୍ଣ ଦୃଷ୍ଟି ଦିଅନ୍ତି। ଏହି ସମୟରେ ଶନି ପେଟରେ ଅବସ୍ଥାନ କରନ୍ତି। ତେଣୁ ଶରୀରର ମଧ୍ୟମଭାଗ ବିଶେଷତଃ ପେଟଜନିତ ସମସ୍ୟା ଦେଖାଯାଏ। ଶାରୀରିକ ଶକ୍ତି କ୍ରମଶଃ କମିବାକୁ ଆରମ୍ଭ କରେ। ଭାଇ ଓ ବ୍ୟବସାୟିକ ଅଂଶୀଦାରଙ୍କ ସହ ଅମେଳ ଦେଖାଯାଏ। କୌଣସି ନିକଟସମ୍ପର୍କୀୟଙ୍କ ସମ୍ପର୍କରେ ଅଶୁଭ ଖବର ଶୁଣିପାରନ୍ତି। ସ୍ୱାସ୍ଥ୍ୟ, ଧନ ଓ ସାମାଜିକ ପ୍ରତିଷ୍ଠାରେ ହାନି ଘଟିପାରେ। ତୃତୀୟ ଧାୟା ବା ଜନ୍ମରାଶିରୁ ଦ୍ୱିତୀୟ ଶନି ଚତୁର୍ଥ, ଅଷ୍ଟମ ଓ ୧୧ଶ ଭାବକୁ ପୂର୍ଣ୍ଣ ଦୃଷ୍ଟି ଦିଅନ୍ତି। ଏହି ସମୟରେ ଶନି ପାଦରେ ଅବସ୍ଥାନ କରନ୍ତି। ତେଣୁ ଏହି ସମୟରେ ଆପଣଙ୍କ ଗତିଶୀଳତା କମିଯାଇପାରେ। ଶାରୀରିକ ଭାବେ ଅଳସୁଆ ବା ଦୁର୍ବଳ ହୋଇପାରନ୍ତି। ସୁଖଶାନ୍ତି ବ୍ୟାହତ ହେବା ସହ ଅବାଞ୍ଛିତ ବିବାଦରେ ଫସିଯାଇପାରନ୍ତି। ଟଙ୍କା ଆସିଲେ ବି ରହିବ ନାହିଁ। ନିମ୍ନସ୍ତରର ଲୋକମାନେ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି।

ଶନି ଜନ୍ମରାଶିରୁ ସପ୍ତମ, ଅଷ୍ଟମ ବା ନବମରେ ରହିଲେ ତାକୁ ଶନିସପ୍ତା କୁହାଯାଏ। ବର୍ତ୍ତମାନ ମକର ରାଶିକୁ ଶନି ଚଳନ ପରେ ବୃଷ, ମିଥୁନ ଓ କର୍କଟ ରାଶି ପାଇଁ ଶନିସପ୍ତା ହେଉଛି। ଶନି ସାଢ଼େସାତୀ ଯେପରି ଅଶୁଭ, ଶନିସପ୍ତା ସେହିପରି ଅଶୁଭ ଫଳ ଦେଇଥାଏ। ସ୍ଥାନାଭାବ ହେତୁ ପୂର୍ଣ୍ଣ ବିବରଣୀ ଦେବା ସମ୍ଭବ ନୁହେଁ। ଚତୁର୍ଥ, ପଞ୍ଚମ କଣ୍ଟକ ଶନିଙ୍କ ଫଳ ମଧ୍ୟ ଅଶୁଭପ୍ରଦ।

ସଂକ୍ଷେପରେ ମକର ରାଶିକୁ ଶନିଚଳନର ଶୁଭାଶୁଭ ଗୋଚର ଫଳ- ଶନି ଜନ୍ମ ରାଶିରେ ରହିଲେ ଅର୍ଥାତ୍ ମକରରାଶି ଜାତକ ପାଇଁ ଧନହାନି, ଅସ୍ଥିରତା, ମନସ୍ତାପ, ଧନୁ: ମୃତ୍ୟୁବତ୍ ପୀଡା, ବିଛା: ଶତ୍ରୁହାନି, ତୁଳା: ବନ୍ଧୁହାନି, କନ୍ୟା: ପୁତ୍ର, ଭୃତ୍ୟ ଓ ଅର୍ଥନାଶ, ସିଂହ: ଅର୍ଥଲାଭ, ଶତ୍ରୁନାଶ, କର୍କଟ: ଅନିଷ୍ଟ ଓ ଅପମାନ, ମିଥୁନ: ସ୍ୱାସ୍ଥ୍ୟ ଓ ସମ୍ପଦ ହାନି, ବୃଷ: ବୃଥାଭ୍ରମଣ, ମେଷ: ରୋଗନାଶ, ମୀନ: ସର୍ବସୌଖ୍ୟ, ଧନ, ସମ୍ମାନ ପ୍ରାପ୍ତି, କୁମ୍ଭ: ବ୍ୟୟବୃଦ୍ଧି, ଅନର୍ଥ ଓ ଦ୍ୱନ୍ଦ୍ୱ। ଅର୍ଥାତ୍ ଗୋଚରରେ ଶନି ମେଷ, ସିଂହ, ବିଛା ଓ ମୀନ ରାଶିକୁ ଶୁଭଫଳ ପ୍ରଦାନ କରିବେ ଓ ଅନ୍ୟ ରାଶିମାନଙ୍କୁ ଅଶୁଭଫଳ ପ୍ରଦାନ କରିବେ।

ମେଷ, ସିଂହ, ବିଛା ଓ ମୀନ ରାଶିର ଶନି ଗୋଚରରେ ଶୁଭ ଏବଂ ଚଳନ ସମୟେ ଚନ୍ଦ୍ର ଶୁଭ ହେତୁ ଅତିଶୁଭ ଫଳ ପ୍ରଦାନ କରିବେ। କର୍କଟ, ତୁଳା, ମକର ଓ କୁମ୍ଭ ରାଶିର ଗୋଚରରେ ଅଶୁଭ ମାତ୍ର ଚନ୍ଦ୍ର ଶୁଭ ହେତୁ ସମଫଳ ପ୍ରଦାନ କରିବେ। ବୃଷ, ମିଥୁନ, କନ୍ୟା ଓ ଧନୁ ରାଶିର ଗୋଚରରେ ଅଶୁଭ ଏବଂ ଚନ୍ଦ୍ର ଅଶୁଭ କାରଣରୁ ଅତି ଅଶୁଭଫଳ ପ୍ରଦାନ କରିବେ। ତେବେ ଗ୍ରହବେଧ, ଅଷ୍ଟକବର୍ଗ ବିଚାର ବିନା ଗୋଚର ବିଚାର ଅସମ୍ପୂର୍ଣ୍ଣ ହୋଇଥାଏ। ଏଥି ସହ ଦଶା ବିଚାର କରିବା କର୍ତ୍ତବ୍ୟ। ଦଶା ବିଚାର ମୁଖ୍ୟ ଏବଂ ଗୋଚର ବିଚାର କେବଳ ସାହାଯ୍ୟକାରୀ ହୋଇଥାଏ।

ତେବେ ଶନି ହେଉଛନ୍ତି କର୍ମଫଳଦାତା ଓ ନ୍ୟାୟଦାତା ଗ୍ରହ। ସତ୍‌କର୍ମକାରୀଙ୍କୁ ସେ କେବେହେଲେ ଅଶୁଭଫଳ ଦିଅନ୍ତି ନାହିଁ। ବେଳେବେଳେ କଷ୍ଟ ଦେଇ ଆମ ଭିତରେ ଥିବା ମଇଳାଗୁଡ଼ିକୁ ସେ ସଫା କରିଦିଅନ୍ତି। ସେଥିପାଇଁ ତ କଷ୍ଟଭୋଗ ପରେ ପୁଣି ଇଷ୍ଟଭୋଗ ମିଳିଥାଏ। କବି ଲେଖିଛନ୍ତି: ମହୀରେ ଆସେ ଯେବେ ଦାରୁଣ ଶୀତ, ଦୂରେ ଥାଏ କି ଆଉ ଚାରୁ ବସନ୍ତ। ତେଣୁ ଭୟ କରିବାର କୌଣସି କାରଣ ନାହିଁ।

ଅଶୁଭ ଶନିଙ୍କ ପାଇଁ ପ୍ରତିକାର ସ୍ୱରୂପ ବ୍ରୀହି, ଇନ୍ଦ୍ରନୀଳମଣି, କୃଷ୍ଣ ତିଳ, ତୈଳ, କୋଳଥ, ମଇଁଷି, ଲୌହ, ତୈଳପୂର୍ଣ୍ଣ ଲୌହପାତ୍ର - ଏ ମଧ୍ୟରୁ ପ୍ରାପ୍ତ ଦ୍ରବ୍ୟ, କୃଷ୍ଣବସ୍ତ୍ର ଓ ଦକ୍ଷିଣା ସହିତ ଗ୍ରହବିପ୍ର (ଜ୍ୟୋତିଷ ବ୍ରାହ୍ମଣ)ଙ୍କୁ ଦାନ କଲେ ଶନିଙ୍କର ଅଶୁଭତ୍ୱ ହ୍ରାସ ପାଏ। ଏତଦ୍‌ବ୍ୟତୀତ ବାଡିଅଁଳା ବୃକ୍ଷର ମୂଳକୁ ନିଜର ନାମଗୋତ୍ରରେ ଗ୍ରହବିପ୍ରଙ୍କ ଦ୍ୱାରା ଅଭିମନ୍ତ୍ରିତ କରାଇ ସେହି ମୂଳକୁ ଅଷ୍ଟଧାତୁ ନିର୍ମିତ ଡେଉଁରିଆରେ ପୂରାଇ ପୁରୁଷ ବ୍ୟକ୍ତି ଦକ୍ଷିଣ ହସ୍ତରେ ଓ ନାରୀମାନେ ବାମ ବାହୁରେ ଧାରଣ କଲେ ଅଶୁଭ ଫଳ ହ୍ରାସ ପାଇଥାଏ। କଳାରଙ୍ଗର ବସ୍ତ୍ର ଧାରଣ କଲେ ଉପକାର ମିଳିବ। ତା'ଛଡ଼ା ସ୍ୱାସ୍ଥ୍ୟଜନିତ ସମସ୍ୟା ଓ ମହାଭୟ ପାଇଁ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଉଚିତ।

୧୮୧୪/୪୦୬୯, ନିଗମ ବିହାର, ଶ୍ରୀରାମନଗର (୩ୟ ଗଳି), ଭୁବନେଶ୍ୱର, ମୋ-୭୦୦୮୯୬୦୫୦୨,
ଇମେଲ୍: dolagovinda@gmail.com

## ଏଇ ଭାରତରେ

ଶିକ୍ଷା ବିନା ବିକାଶର କଳ୍ପନା କରାଯାଇପାରେନା। ଏଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଶିକ୍ଷା ଜରୁରୀ। କିନ୍ତୁ ସମାଜରେ ଏମିତି କିଛି ଲୋକ ଅଛନ୍ତି ଯାହାଙ୍କ ପାଖରେ ଶିକ୍ଷା ପହଞ୍ଚିପାରୁନାହିଁ। ଏହି ସ୍ଥିତିରେ ଗରିବ ଓ ଅସହାୟ ପରିବାରରୁ ପ୍ରତିଭା ବାହାରକୁ ଆସିପାରନ୍ତି ନାହିଁ। ଏଣୁ ଏଭଳି ପ୍ରତିଭାଙ୍କୁ ବିକଶିତ କରିବା ପାଇଁ ଡା. ଜେ.କେ. ଭାରତୀ ଶିକ୍ଷାର ଦୀପ ପ୍ରଜ୍ୱଳିତ କରି ଉଦାହରଣ ସୃଷ୍ଟି କରିଛନ୍ତି। ସେ ଏକ ଗୁରୁକୁଳ ଗଢି ତା' ମାଧ୍ୟମରେ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି। ସେ ଏହାର ନାମ ରଖିଛନ୍ତି 'ଭାରତୀ ନିଃଶୁଳ୍କ ଗୁରୁକୁଳ'। ଏଠାରେ ତାଙ୍କ ଶିକ୍ଷାଦାନ ପଦ୍ଧତି ବି ପୂରା ନିଆରା। ମାଧ୍ୟମିକ ପରୀକ୍ଷାର ଠିକ୍ ୪ ମାସ ପୂର୍ବରୁ ବାରାକ୍‌ପୁର ଅଞ୍ଚଳର ଭାଟପଡାରେ ଗଙ୍ଗାନଦୀ କୂଳରେ ପ୍ରାକୃତିକ ପରିବେଶରେ ଆରମ୍ଭ ହୋଇଯାଏ ଡା. ଭାରତୀଙ୍କ ଗୁରୁକୁଳ। ତାଙ୍କ ଗୁରୁକୁଳରେ ଦୈନିକ ୩ ହଜାର ପିଲା ପଢ଼ନ୍ତି। ପିଲାମାନଙ୍କୁ ବିନା ଦେୟରେ ସେ ପଢାନ୍ତି। ଏଠାରେ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ ପ୍ରତ୍ୟେକ ବିଷୟ ପଢାଯାଏ। ଏଥିପାଇଁ ସେ କୌଣସି ବେସରକାରୀ ସଂସ୍ଥାର ସହଯୋଗ ମଧ୍ୟ ନେଉନାହାନ୍ତି। ନିଜେ ଅଭାବରେ ରହି ସେ ୨୨ ବର୍ଷ ହେବ ଗରିବ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଏମିତିକି ତାଙ୍କ ପିତାଙ୍କ ହତ୍ୟାକାରୀଙ୍କ ପୁଅକୁ ବି ବିନା ଦେୟରେ ପଢାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଜାନୁୟାରୀ ୧୯୯୫**

- ଅଣୁ ଅସ୍ତ୍ର ପ୍ରସାର ବିରୋଧ ଚୁକ୍ତି (ଏନ୍‌ପିଟି) ମିଆଦକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢାଇଦେବାକୁ ଜାପାନ ସମେତ ବିଶ୍ୱର ୮୫ଟି ରାଷ୍ଟ୍ର ସହମତି ପ୍ରଦାନ କରିଛନ୍ତି।
- ନେତାଜୀ ସୁଭାଷ ବୋଷଙ୍କ ୯୮ତମ ଜନ୍ମ ତିଥିରେ କଲିକତା ବିମାନବନ୍ଦରକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦର ଭାବରେ ନାମିତ କରାଯାଇଛି।

## ଚିରନ୍ତନୀ

ପଥପରେ ଶତ ମାନବର ଶିଶୁ
ଦେଖାଏ କାନି
ଅକାଳେ ଝାଉଁଳି ପଡ଼ଇ କେତେରେ
ଜୀବନ-ଲତା !
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ !
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରଠାରୁ ଜୋତା ଷ୍ଟାଣ୍ଡ ଦୂର

ମହାଶୟ,

ଦୀର୍ଘଦିନ ପରେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ପୁରୀ ଆସିଥିଲି। ଦିନକୁ ଦିନ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ଯାହା ପଦକ୍ଷେପ ନେଇଛନ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପ୍ରବଳ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ମନ୍ଦିରର ପରିବେଶ ପରିଷ୍କାର, ପରିଚ୍ଛନ୍ନ ଦେଖି ଆନନ୍ଦ ଲାଗିଲା। ତେବେ ଜୋତାଷ୍ଟାଣ୍ଡ ମନ୍ଦିରଠାରୁ ଟିକେ ଦୂରରେ ରହିଛି। ଫଳରେ ଦର୍ଶନାର୍ଥୀ ଜୋତା ରଖିବାକୁ ଅସୁବିଧା ହେଉଛି। ବାଧହୋଇ ଭକ୍ତମାନେ ବ୍ୟାରିକେଡ ପାର୍ଶ୍ୱରେ ଶହ ଶହ ଜୋତା ରଖି ଦର୍ଶନ କରିବାକୁ ଯାଉଛନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମହାବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ

ଉଚ୍ଚଶିକ୍ଷା ବିଭାଗ ଯେତେ କଠୋର ହେଲେ ମଧ୍ୟ ଖୋଦ୍ ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଶତକଡା ୭୫% ଉପସ୍ଥାନ ଖୁବ୍ କମ୍ ଛାତ୍ରୀଛାତ୍ରଙ୍କର ରହୁଛି। ଏହାର ବିଭିନ୍ନ କାରଣ ଅଛି, ଯଥା ପିଲାଙ୍କ ରୁଚି ମୁତାବକ କ୍ଲାସ ହେଉନାହିଁ ଏବଂ ଅଧ୍ୟାପକମାନେ ମଧ୍ୟ ଆଗ୍ରହର ସହ ପଢ଼ାଉନାହାନ୍ତି। ଅଭିଭାବକମାନେ ପିଲାଙ୍କ ଉପସ୍ଥାନ ପଚାରି ବୁଝୁନାହାନ୍ତି ଏବଂ ଛାତ୍ରୀଛାତ୍ରମାନେ ମଧ୍ୟ ନିୟମିତ କ୍ଲାସ କରୁନାହାନ୍ତି। ଉପସ୍ଥାନ ବଢ଼ିବା ପାଇଁ ବିଭାଗ କିଛି ନୂଆ ଯୋଜନା କରୁ।

କେ. ରବି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରାଜପଥରେ ବିମାନର ଜରୁରୀ ଅବତରଣ

ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ କ୍ଷୁଦ୍ର ବିମାନ ଗୁରୁବାର ଗାଜିଆବାଦ ନିକଟ ଜାତୀୟ ରାଜପଥରେ ଜରୁରୀ ଅବତରଣ କରିଛି। ବିମାନରେ ଦୁଇଜଣ ପାଇଲଟ ଥିଲେ ଓ ଉଭୟ ସୁରକ୍ଷିତ ଅଛନ୍ତି। ବରେଲୀରୁ ହିଣ୍ଡନ୍ ଏୟାରବେସ୍ ଅଭିମୁଖେ ଯାଉଥିବା ବିମାନଟିର ଇଞ୍ଜିନ ଅଚଳ ହୋଇଯାଇଥିଲା ବୋଲି ଡିଜିସିଏର ଜଣେ ଅଧିକାରୀ କହିଛନ୍ତି। ଅବତରଣ ବେଳେ ଏହାର ବାମପାର୍ଶ୍ୱ ୱିଙ୍ଗ୍ କ୍ଷତିଗ୍ରସ୍ତ ହୋଇଛି। ଏନ୍‌ସିସି ପ୍ରଶିକ୍ଷଣ ପାଇଁ ଏହି ବିମାନକୁ ବ୍ୟବହାର କରାଯାଉଥିଲା।

# ‘ଆଞ୍ଚଳିକତାବାଦ ରାଜନୀତିରେ ବିଶ୍ୱାସ ନାହିଁ’

**୨୦୧୯ ସାଧାରଣ ନିର୍ବାଚନ ପରେ ଭାଜପାରେ ଆରମ୍ଭ ହୋଇଥିବା ସାଙ୍ଗଠନିକ ନିର୍ବାଚନୀ ପ୍ରକ୍ରିୟା ନିକଟରେ ଶେଷ ହୋଇଛି। କେନ୍ଦ୍ରରେ ଜଗତ୍ ପ୍ରକାଶ ନଡ୍ଡା ନୂଆ ରାଷ୍ଟ୍ରୀୟ ଅଧକ୍ଷଭାବେ ଦାୟିତ୍ୱ ପାଇଛନ୍ତି। ଏପରିକି ଓଡିଶାରେ ସମୀର ମହାନ୍ତି ନୂଆ ସଭାପତି ହୋଇଛନ୍ତି। ୨୦୦୪ରୁ ଲଗାତର ପଶ୍ଚିମ ଓଡ଼ିଶାର ନେତାଙ୍କ ହାତରେ ରାଜ୍ୟ ସଭାପତି ପଦ ରହି ଆସୁଥିବା ବେଳେ ୧୬ବର୍ଷ ପରେ ଉପକୂଳ ଓଡ଼ିଶାରୁ ଜଣେ ନେତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ଏକ ମଜଭୁତ ସ୍ଥିତିରେ ଭାଜପା ଥିବାବେଳେ ସମୀରଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ତାଙ୍କଠାରୁ କେନ୍ଦ୍ରୀୟ ନେତୃତ୍ୱ ଅଧିକ କିଛି ଆଶା ରଖିଛନ୍ତି। ତେବେ ଆଗକୁ ତାଙ୍କ ରଣନୀତି କ’ଣ ରହିବ ସେନେଇ ଧରିତ୍ରୀ ତରଫରୁ ମହାନ୍ତିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର।**


ସମୀର ମହାନ୍ତି

**■ ନବେଦଶକ ପୂର୍ବରୁ ଆପଣ ଭାଜପା ସହ ଜଡ଼ିତ ଅଛନ୍ତି। ଦଳ ଦୀର୍ଘଦିନ ଧରି ରାଜ୍ୟରେ ସ୍ଥାଣୁ ଅବସ୍ଥା ଦେଇ ଗତି କରିବା ସ୍ଥିତି ଆପଣ ଦେଖିଛନ୍ତି। ଏବେ ଯେତେବେଳେ ନୂଆ ସଭାପତି ଦାୟିତ୍ୱ ପାଇଛନ୍ତି ସେତେବେଳେ ଦଳ ମଜଭୁତ ସ୍ଥିତି ସହ ରାଜ୍ୟରେ ଦୁଇ ନମ୍ବର ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ଆପଣ ଅଧିକ କ’ଣ କରିବେ ବୋଲି ଭାବୁଛନ୍ତି?**

**ଉତ୍ତର:** ଭାଜପାର ଆରମ୍ଭ ଦିନରୁ ସଙ୍ଗଠନ ଧୀରେ ଧୀରେ ସୁଦୃଢ଼ ହେଉଛି। ଅନେକ ନେତୃବୃନ୍ଦଙ୍କ ଏଥିରେ ପ୍ରମୁଖ ଭୂମିକା ରହିଛି। ମୋ ଦାୟିତ୍ୱ ପ୍ରଥମେ ଓଡ଼ିଶାର ୩୬ ହଜାର ବୁଥ୍ ସଙ୍ଗଠନକୁ ମଜଭୁତ କରିବି। ଏଥିପାଇଁ ଦଳର ସାମୂହିକ ନେତୃତ୍ୱ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ କାର୍ଯ୍ୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ୧୩୬ ପ୍ରକାର ଯୋଜନାର ସୁଫଳ ଠିକ୍‌ଭାବେ ସାଢେ ୪ କୋଟି ଓଡ଼ିଆଙ୍କ ନିକଟରେ ପହଞ୍ଚାଇବି। ଏଥିରେ ମୁଁ ସଂଯୋଜକ ଭାବେ କାର୍ଯ୍ୟ କରିବି।

**■ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ଭୋଟ ହାର ବୃଦ୍ଧି ପାଇଥିଲେ ମଧ୍ୟ ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହା ଯେଉଁ ୧୨୦ ଆସନ ଦଖଲର ଚ୍ୟାଲେଞ୍ଜ ଦେଇଥିଲେ ତାହା ସଫଳ ହେଲାନାହିଁ। ଏବେ କେନ୍ଦ୍ରରେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଆପଣଙ୍କ ନୂଆ ଟାର୍ଗେଟ ଓଡ଼ିଶା ପାଇଁ କ’ଣ ରହିବ?**

**ଉତ୍ତର:** ମିଶନ ୧୨୦ ଆମର ଲକ୍ଷ୍ୟ। ତାକୁ ସଫଳ କରିବା ପାଇଁ ଆମକୁ ଜନ ଆଶୀର୍ବାଦ ମିଳିଛି। ରାଜ୍ୟବାସୀ ଓଡ଼ିଶାରେ ଆମକୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି। ବହୁ ଉଚ୍ଚଶିକ୍ଷିତ ବିଧାୟକ ବିଧାନସଭାରେ ରାଜ୍ୟବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବେ। ଏହି ଲକ୍ଷ୍ୟ ମଧ୍ୟ ଆମର ପୂରଣ ହେବ।

**■ ଗତ ନିର୍ବାଚନରେ ଶାସକ ବିଜେଡି ସହ ପ୍ରତିଯୋଗିତାକରି ଭାଜପା ଦୁଇନମ୍ବର ଦଳ ହୋଇପାରିଛି। ମାତ୍ର ଏହାପରେ ରାଜ୍ୟ ସଭା ଆସନ ବୁଝାମଣା ଘଟଣା, ପାର୍ଲାମେଣ୍ଟରେ କେନ୍ଦ୍ରର ସମସ୍ତ ପ୍ରସ୍ତାବକୁ ବିଜେଡି ସମର୍ଥନ ଦେବା, ପ୍ରଧାନମନ୍ତ୍ରୀ ବିଜେଡିକୁ ସବୁଠାରୁ ଶୃଙ୍ଖଳିତ ଦଳ ବୋଲି କହିବା ଆଦି ଘଟଣା ଯୋଗୁ ବିଜେଡି–ଭାଜପା ଏକ ବୋଲି ଏବେ ଚର୍ଚ୍ଚା ହେଉଛି। ତୃଣମୂଳସ୍ତରର କର୍ମୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏନେଇ କ’ଣ କହିବେ?**

**ଉତ୍ତର:** ରାଜ୍ୟ ସଭା ଆସନ ବୁଝାମଣା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ହିତ ପାଇଁ କଥା ହୋଇ ନିଷ୍ପତ୍ତି ନେଇଛନ୍ତି। ତୃଣମୂଳସ୍ତରରେ ଲୋକମାନେ ଭାଜପା ରାଷ୍ଟ୍ର ହିତ ପାଇଁ ଏହା କରିଥିବା କଥା ଭଲରେ ବୁଝିଛନ୍ତି। ଏଥିଲାଗି ଭାଜପାର କୌଣସି କ୍ଷତି ହୋଇନାହିଁ।

**■ ବହୁବର୍ଷ ଧରି ଭାଜପା ସଭାପତି ପଦରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ଦାୟିତ୍ୱ ଦିଆଯାଉଥିଲା। ମାତ୍ର ଗତ ନିର୍ବାଚନରେ ଉପକୂଳ ଓଡ଼ିଶାରେ ଦଳ ଭଲ ପ୍ରଦର୍ଶନ କରିପାରିଲା ନାହିଁ। ତେଣୁ ଉପକୂଳ ସଙ୍ଗଠନକୁ ମଜଭୁତ ପାଇଁ ଆପଣଙ୍କୁ ସଭାପତି କରାଯାଇଥିବା ଚର୍ଚ୍ଚା ହେଉଛି। ଯଦି ଏହି ଚର୍ଚ୍ଚା ସତ ହୋଇଥାଏ, ତେବେ ଏହି ରଣନୀତିକୁ ଆପଣ କେତେ ମାତ୍ରାରେ ସଫଳ କରିପାରିବେ?**

**ଉତ୍ତର:** ଭାଜପାର ବିଚାର ଆଦର୍ଶରେ ଆମେ ଅନୁପ୍ରାଣିତ। କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆମେ ଏକ। ଆଞ୍ଚଳିକତାବାଦ ରାଜନୀତିରେ ଆମର ବିଶ୍ୱାସ ନାହିଁ। ବୁଥ୍‌ସ୍ତରରେ ସଙ୍ଗଠନ ମଜଭୁତ କରିବା ଦିଗରେ ଆମର ପ୍ରାଥମିକତା ରହିବ। କେନ୍ଦ୍ରର ଯେଉଁ ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରୁଛନ୍ତି ତା’ର ସତ୍ୟାସତ୍ୟ ଲୋକଙ୍କ ଆଗରେ ରଖି ଜନ ଆଶୀର୍ବାଦ ନେବୁ।

**■ ଭାଜପାରେ ଗୋଷ୍ଠୀକନ୍ଦଳ ଚାଲିଥିବା କିଛିଦିନ ହେଲା ଚର୍ଚ୍ଚା ହୋଇଛି। ଯଦିଓ ଅନେକ ସ୍ଥାନରେ ଗୋଷ୍ଠୀକନ୍ଦଳକୁ ପ୍ରତିହତ କରିବାରେ ଦଳ ସଫଳ ହୋଇଛି ସବୁଠାରୁ ଫୋକସ୍‌ରେ ଥିବା ସାଙ୍ଗଠନିକ ଜିଲା ଭୁବନେଶ୍ୱରରେ ଜିଲା ସଭାପତି ଚୟନ ହୋଇପାରିନାହିଁ। ନେତାମାନଙ୍କ ମଧ୍ୟରେ ମତଭେଦ କାରଣରୁ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିବା ଚାରିଆଡୁ ଶୁଣିବାକୁ ମିଳୁଛି। ଆଗକୁ ସହରାଞ୍ଚଳ ଭୋଟ ଅଛି, ଆଗାମୀ ଦିନରେ ଯଦି ଏଭଳି ପରିସ୍ଥିତି ବଢ଼ିବ ଆପଣ କ’ଣ କରିବେ?**

**ଉତ୍ତର:** ଭାଜପା ଏକ ନୀତି ଓ ଆଦର୍ଶରେ ରହିଛି। ଭୁବନେଶ୍ୱରରେ ଆମର ଦୃଢ଼ ସଙ୍ଗଠନ ଅଛି। ଆମର ସେପରି କୌଣସି ଗୋଷ୍ଠୀକନ୍ଦଳ ନାହିଁ। ଆମର ସାଙ୍ଗଠନିକ ପ୍ରକ୍ରିୟା ଭୁବନେଶ୍ୱରରେ ବିଳମ୍ବ ହୋଇଥିବାରୁ ଜିଲା ସଭାପତି ଚୟନ ହୋଇପାରିନାହିଁ। ଦଳ ସେଥିଲାଗି ଆମ ସମ୍ବିଧାନ ନିୟମ ଅନୁଯାୟୀ ଭୁବନେଶ୍ୱରରେ କାର୍ଯ୍ୟ କରିବାକୁ ଚେଷ୍ଟା ଚଳାଇଛି। ବାହାରେ କ’ଣ ଚର୍ଚ୍ଚା ଚାଲିଛି ସେନେଇ ମୋର କିଛି କହିବାର ନାହିଁ।

**■ ଆପଣଙ୍କ ଦଳ ଗତ ସାଧାରଣ ନିର୍ବାଚନରେ ବହୁ ଯୁବତୀ, ଯୁବକଙ୍କ ଭୋଟ ହାତେଇବାରେ ସକ୍ଷମ ହୋଇଥିଲା। ହେଲେ ଭାଜପାରେ ନିର୍ଦ୍ଦିଷ୍ଟ କୌଣସି ଛାତ୍ର ସଙ୍ଗଠନ ନ ଥିବାବେଳେ ଯୁବ ସଙ୍ଗଠନ ସେତେଟା ସକ୍ରିୟ ନ ଥିବା ଜଣାପଡୁଛି। ଅନ୍ୟପଟେ ବିଜେଡି ନିଜର ଶାସନ କାଳ ମଧ୍ୟରେ ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ପାଇଁ ବହୁ କାର୍ଯ୍ୟକ୍ରମ କରିଛି। ବିଜେଡିର ସ୍ୱତନ୍ତ୍ରଭାବେ ସଶକ୍ତ ଯୁବ ଏବଂ ଛାତ୍ର ସଙ୍ଗଠନ ରହିଛି। ଆପଣ ଆଗକୁ ଦଳରେ ସେମିତି କିଛି ସଙ୍ଗଠନ କରିବେ କି?**

**ଉତ୍ତର:** ବହୁ ଯୁବଭୋଟର ଆମକୁ ସମର୍ଥନ ଦେଇଛନ୍ତି। ଦଳର ଯେଉଁ ସୁଦୃଢ଼ ମୂଳଦୁଆ ପଡୁଛି ତା’ର ସୁଫଳ ସବୁ ଯୁବକ ପାଇବେ। କଂଗ୍ରେସ ଏବଂ ବାମପନ୍ଥୀ ଦଳର ଷଡ଼ଯନ୍ତ୍ରରେ କେତେକ ଯୁବଗୋଷ୍ଠୀ ପଡି ପଥଭ୍ରଷ୍ଟ ହୋଇଛନ୍ତି, ହେଲେ ଲୋକମାନେ ଏବେ ତାହାକୁ ପ୍ରତ୍ୟାଖ୍ୟାନ କଲେଣି। ନିର୍ବାଚନ ଶେଷ ହେବାର ମାତ୍ର ୬ମାସ ହୋଇଛି। ଆଗକୁ ଭାଜପାରେ ଛାତ୍ର, ଯୁବ ସଙ୍ଗଠନ ପାଇଁ ଯାହା କରାଯିବ ସେନେଇ ସମୟ ଆସିଲେ ନିଷ୍ପତ୍ତି ନିଆଯିବ।

**– ସାକ୍ଷାତ୍: ସୁନୀତ ମିଶ୍ର**

# ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ଯୋଗୀଙ୍କ ଚେତାବନୀ

**ଲକ୍ଷ୍ନୌ,୨୩।୧(ପି.ଟି.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭକାରୀଙ୍କୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେବା ପରେ ଏହାକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ଯୋଗୀଙ୍କ ଏଭଳି ଧମକକୁ ସମାଜବାଦୀ ପାର୍ଟି ବ୍ରିଟିଶ ଶାସନ ସହ ତୁଳନା କରିଥିବାବେଳେ କଂଗ୍ରେସ ଏହାକୁ ଏକଚ୍ଛତ୍ରବାଦୀମାନଙ୍କ ଭାଷା ବୋଲି କହିଛି। ବୁଧବାର କାନପୁରରେ ଏକ ସଭାରେ ଉଦ୍‌ବୋଧନ ଦେଇ

### ନିନ୍ଦା କଲେ ବିରୋଧୀ

ଯୋଗୀ କହିଥିଲେ, କଶ୍ମୀର ଭଳି ଯଦି ଏଠାରେ ବିକ୍ଷୋଭକାରୀ ‘ସ୍ୱାଧୀନତା’ର ସ୍ଲୋଗାନ ଦିଅନ୍ତି, ତେବେ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ଉପରେ ପ୍ରତିକ୍ରିୟା ଦେଇ ଏସ୍‌ପି ନେତା ରାମଗୋବିନ୍ଦ ଚୌଧୁରୀ କହିଛନ୍ତି, ବ୍ରିଟିଶ ଶାସକମାନେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆତଙ୍କବାଦୀ କହୁଥିଲେ। ସେମାନଙ୍କ ସମର୍ଥକମାନେ ଏବେ ସ୍ୱାଧୀନତା ସ୍ଲୋଗାନ ଦେଉଥିବା ଲୋକଙ୍କୁ ଦେଶଦ୍ରୋହୀ କହୁଛନ୍ତି। ସେମାନଙ୍କର କ୍ଷମତାରୁ ଯିବା ସମୟ ଆସିଗଲାଣି ବୋଲି ଚୌଧୁରୀ ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଗଣତନ୍ତ୍ର ବିରୋଧୀ ବୋଲି ଏସ୍‌ପି ମୁଖପାତ୍ର ରାଜେନ୍ଦ୍ର ଚୌଧରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏକଚ୍ଛତ୍ରବାଦୀଙ୍କ ଭାଷା କହୁଥିବା ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ କୁମାର ଲାଲୁ କହିଛନ୍ତି।

# ସୌଦି ହସ୍ପିଟାଲରେ ୩୦ ଭାରତୀୟ ନର୍ସଙ୍କୁ ଅଲଗା ରଖାଗଲା

**ଥିରୁଭାନନ୍ତପୁରମ୍,୨୩।୧**

### କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା

ସୌଦି ଆରବର ଏକ ହସ୍ପିଟାଲରେ କାର୍ଯ୍ୟରତ କେରଳର ୩୦ ଜଣ ନର୍ସଙ୍କୁ କରୋନା ଭାଇରସ୍ ସଂକ୍ରମଣ ହୋଇଥିବା ଆଶଙ୍କା କରାଯିବା ପରେ ସେମାନଙ୍କୁ ଅନ୍ୟମାନଙ୍କଠାରୁ ପୃଥକ୍ କରି ରଖାଯାଇଛି। ଚାଇନାରେ ୧୭ରୁ ଅଧିକ ଲୋକ ଏହି ରୋଗରେ ପ୍ରାଣ ହରାଇଲେଣି ଓ ପାଖାପାଖି ୫୦୦ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ସାରା ବିଶ୍ୱ ଉଦ୍‌ବେଗ ପ୍ରକାଶ ପାଇଛି। ଭାରତୀୟ ନର୍ସଙ୍କୁ ସୌଦି ହସ୍ପିଟାଲର ଦୁଇଟି କୋଠରିରେ ଆବଦ୍ଧ କରି ରଖାଯାଇଥିବା ସେମାନେ ସମ୍ପର୍କୀୟମାନଙ୍କୁ ଫୋନ୍‌ରେ ଜଣାଇବା ପରେ ଘଟଣା ପଦାକୁ ଆସିଛି। ସେମାନଙ୍କର ଉପଯୁକ୍ତ ପରୀକ୍ଷା କରାଯାଇ ନାହିଁ କିମ୍ବା ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସେମାନେ ଭାରତୀୟ ଦୂତାବାସରେ ଅଭିଯୋଗ କରିଛନ୍ତି। ଖବର ନେବାରେ ଜଣାପଡିଛି କୋଟାୟମର ଜଣେ ନର୍ସ ଫିଲିପାଇନ୍ସର ଜଣେ ରୋଗୀଙ୍କୁ ଚିକିତ୍ସା କରୁଥିବାବେଳେ ଭୂତାଣୁ ସଂସ୍ପର୍ଶରେ ଆସିଥିଲେ। ତାଙ୍କଠାରେ କରୋନା ଭାଇରସ୍ ଥିବା ପରୀକ୍ଷାରୁ ଜଣାପଡିଥିଲା। ତାଙ୍କ ସହ ମିଶୁଥିବା ଅନ୍ୟ ନର୍ସମାନଙ୍କୁ ପରୀକ୍ଷା କରା ନ ଯାଇ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କାରେ ଅନ୍ୟତ୍ର ରଖାଯାଇଛି।

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
● ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
● ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566


ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
୧ମ ଶୁଦ୍ଧିପତ୍ର
ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୬୨, ତାରିଖ: ୦୨।୦୧।୨୦୨୦ (ଖୋଲା ଟେଣ୍ଡର)। କଥିତ ଟେଣ୍ଡର କାଗଜପତ୍ର ବାବଦରେ ୧ମ ସଂଶୋଧନ-ଚିଠା ଜାରି କରାଯାଉଛି ଯାହା ଟେଣ୍ଡର କାଗଜପତ୍ରର ଅଂଶବିଶେଷ ହେବ।
ଅନୁସୂଚୀ ‘୧’ର ସାମଗ୍ରୀ ନଂ.୧ ଓ ୨ର ସର୍ତ୍ତାବଳୀ ସଂକ୍ରାନ୍ତରେ କେତେକ ପରିବର୍ତ୍ତନ କରାଯାଇଛି ଏବଂ ତାହାର ବିବରଣୀ ‘ଆଇଆର୍‌ଇପିଏସ୍’ ୱେବ୍‌ସାଇଟ୍‌ରେ ଟେଣ୍ଡର ନଂ.: ସିଇସି/ବିଏସ୍‌ପି/୧୯-୨୦/୬୨ ପ୍ରତି ୧ମ ଶୁଦ୍ଧିପତ୍ର ଭାବେ ଉପଲବ୍ଧ ଏବଂ ଏହା ଟେଣ୍ଡରର ଅଂଶବିଶେଷ ହେବ।
ଅନ୍ୟାନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । ଅଧିକ ବିବରଣୀ ପାଇଁ ଆମ ୱେବ୍‌ସାଇଟ୍: www.ireps.gov.in ପରିଦର୍ଶନ କରନ୍ତୁ ।
ଡେପୁଟି ଚିଫ୍ ଇଞ୍ଜିନିୟର୍ (ସିଓଏନ୍), ବିଳାସପୁରଙ୍କ ପାଇଁ
CPR/10/423
South East Central Railway @secrail

ମୋ ସରକାର ☎ 14545
FICCI
ଓଡ଼ିଶା ଶାସନ
DSPL-244
# କୃଷି ଓଡ଼ିଶା
୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା
ଉଦ୍‌ଯାପନୀ ଉତ୍ସବ
୨୪ ଜାନୁଆରୀ, ୨୦୨୦ (ଶୁକ୍ରବାର)
ସନ୍ଧ୍ୟା ୬ ଘଟିକା
ମୁଖ୍ୟ ଅତିଥି
ପ୍ରଫେସର ଗଣେଶୀ ଲାଲ
ମହାମହିମ ରାଜ୍ୟପାଳ, ଓଡ଼ିଶା
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ ପ୍ରଯୁକ୍ତ ବିଦ୍ୟା, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
ଡଃ ପବନ କୁମାର ଅଗ୍ରୱାଲ
କୁଳପତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ସଭାପତି
ଡଃ ଅରୁଣ କୁମାର ସାହୁ
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା
ସ୍ୱାଗତ ଭାଷଣ
ଡଃ. ସୌରଭ ଗର୍ଗ, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା
ଧନ୍ୟବାଦ ଅର୍ପଣ
ଡଃ ଏମ୍. ମୁଥୁକୁମାର, ଭା.ପ୍ର.ସେ.
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା
କୃଷି ପ୍ରଦର୍ଶନୀ, ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
01034/13/0045/1920

DADLS-92
ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ
୨୪ ଜାନୁଆରୀ, ୨୦୨୦



ସମୟ – ସକାଳ ଘ.୭.୩୦.ମି.
ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।
ସାଧାରଣ ସଭା
ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ
ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
ଡଃ. ଲେନିନ୍ ମହାନ୍ତି, ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଓମ୍ ପ୍ରକାଶ, ଖ୍ୟାତନାମା ଗ୍ରନ୍ଥକାର ଓ ସାମ୍ବାଦିକ
କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।
ସ୍ୱରସୁଧା ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନାଟକ ବକ୍ସି ଜଗବନ୍ଧୁ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0127/1920



ମନୁଷ୍ୟ ଖିଅର ହୋଇସାରିବା ପରେ, ତୈଳ ଲଗାଇଲା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।

- ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ, ମ୍ୟୁଜିୟମ ଛକସ୍ଥିତ ପ୍ରତିମୂର୍ତ୍ତି, ସକାଳ ୭ଟା ୩୦। ସାଧାରଣ ସଭା, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ରାମକ୍ରିଷ୍ଣା ମଠ ଓ ରାମକ୍ରିଷ୍ଣା ମିଶନର ଶତବାର୍ଷିକ ଉତ୍ସବର ଉଦ୍‌ଘାଟନ, ବିବେକାନନ୍ଦ ମାର୍ଗ, ମଠ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଏମ୍‌ସି ଘେରାଉ, ବିଏମ୍‌ସି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୨ଟା।
- ଲକ୍ଷ୍ମୀସାଗରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ, ଝାରପଡ଼ା ମେଳଣ ପଡ଼ିଆ, ଅପରାହ୍ନ ୩ଟା ୩୦।
- ରତ୍ନାକର ମାଣିଆ ଫାଉଣ୍ଡେଶନ ପକ୍ଷରୁ ସାମାଜିକ କର୍ମୀ ରତ୍ନାକର ମାଣିଆଙ୍କ ୯୭ତମ ଜୟନ୍ତୀ ସମାରୋହ, ରୋଟାରି ଭବନ, ୟୁନିଟ-୯, ଅପରାହ୍ନ ୪ଟା।
- ମାଷ୍ଟର ଗିରିଜା ମେମୋରିଆଲ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ଇଡ୍‌କୋଲ ଅଡିଟୋରିୟମ, ଅପରାହ୍ନ ୫ଟା।
- କୃଷି ଓଡ଼ିଶାର ଉଦ୍‌ଯାପନୀ ଉତ୍ସବ, ଜନତା ମଇଦାନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଶ୍ରୀ ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ସଂକୀର୍ତ୍ତନ ମହାମଣ୍ଡଳୀ ପକ୍ଷରୁ ୫୨ତମ ସଂକୀର୍ତ୍ତନ ମହୋତ୍ସବ, ନଖରାସ୍ଥିତ ଶ୍ରୀ ଲକ୍ଷେଶ୍ୱର ଦେବ ପୀଠ, ସକାଳ ୮ଟା।

**ବାଲିପାଟଣା**

- ତ୍ରିବେଣୀ ମହୋତ୍ସବ, ବନମାଳିପୁର, ଅପରାହ୍ନ ୪ଟା।

# ଚନ୍ଦନ, ବିଶ୍ୱନାଥ, ପ୍ରତ୍ୟୁଷ ଏନ୍‌ଏସ୍‌ଏରେ ବୁକ୍

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

**ମାର୍କେଟ ବିଲ୍ଡିଂ ଆତଙ୍କ ଘଟଣା**

- **ଭଙ୍ଗାରୁଜା, ଆକ୍ରମଣ ସହ ଦଙ୍ଗା ପରିସ୍ଥିତି ସୃଷ୍ଟି କରିଥିଲେ**
- **ଜେଲ୍‌ରୁ ବାହାରିବା ପରେ ପୁଣି ଅପରାଧ ଘଟାଇବା ଆଶଙ୍କା**

ବହୁଚର୍ଚ୍ଚିତ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଆତଙ୍କ ଘଟଣାରେ କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୩ ମାଷ୍ଟରମାଇଣ୍ଡ ଚନ୍ଦନ ଦାସ, ବିଶ୍ୱନାଥ ପ୍ରଧାନ ଓ ପ୍ରତ୍ୟୁଷ କହଁରଙ୍କୁ ପୋଲିସ ଜାତୀୟ ନିରାପତ୍ତା ଆକ୍ଟ (ଏନ୍‌ଏସ୍‌ଏ)ରେ ବୁକ୍ କରିଛି। ସର୍ବସାଧାରଣ ସ୍ଥାନରେ ଦଙ୍ଗା କରିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଆତଙ୍କ ରଚାଇବା, ଖଣ୍ଡା ଓ ବନ୍ଧୁକ ଧରି ଆକ୍ରମଣ କରିବା ଭଳି ସଙ୍ଗିନ ଅପରାଧରେ ଅଭିଯୁକ୍ତମାନେ ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ସେମାନେ ଜେଲ୍‌ରୁ ବାହାରିଲେ ପୁଣି ଏଭଳି ଅପରାଧ ଘଟାଇ ସମାଜ ପାଇଁ ବିପଦ ସୃଷ୍ଟି କରିପାରନ୍ତି। ତେଣୁ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଉଛି।

ଗିରଫ ୩ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଆକ୍ରମଣ, ଦାଦାବଟି ମାଗିବା ଭଳି ଅନେକ ସଙ୍ଗିନ ମାମଲା ରହିଛି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ସେମାନେ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଗ୍ୟାଙ୍ଗ୍ ଗଢ଼ି ଅପରାଧ ଘଟାଇଥାନ୍ତି। ଏପରି କି ବହୁ ନାବାଳକଙ୍କୁ ଗ୍ୟାଙ୍ଗ୍‌ରେ ସାମିଲ୍ କରିଛନ୍ତି। ମାର୍କେଟ ବିଲ୍ଡିଂ ଘଟଣାରେ ମଧ୍ୟ ବହୁ ନାବାଳକ ସମ୍ପୃକ୍ତ ଥିଲେ। ଏହି ମାମଲାକୁ ରାଜନେତା ଜଣକ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେବା ପରେ କମିଶନରେଟ ପୋଲିସ ନିଜ ଭାବମୂର୍ତ୍ତିକୁ ଗୁରୁତ୍ୱ ଦେଇ ଏପରି କାର୍ଯ୍ୟାନୁଷ୍ଠାନ ନେଇଥିବା ଆଲୋଚନା ଚାଲିଛି।

ସୂଚନାଯୋଗ୍ୟ, ଗତ ୯ ତାରିଖ ରାତି ୯ଟାରେ ବଡ଼ଗଡ଼ ଅଞ୍ଚଳର ଜଣେ ଯୁବତୀ ମାର୍କେଟ ବିଲ୍ଡିଂକୁ ଘଣ୍ଟା କିଣିବାକୁ ଆସିଥିଲେ। କେଶରୀ ମଲ୍ ସମ୍ମୁଖ ଏକ ଘଣ୍ଟା ଦୋକାନରୁ ଘଣ୍ଟା କିଣୁଥିବାବେଳେ ମୂଲଚାଲ ବେଳେ ଦୋକାନୀ ଓ ଯୁବତୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଦୋକାନୀ ଜଣକ ତାଙ୍କ ଦୁର୍ବ୍ୟବହାର କରିଥିଲେ। ଖବର ପାଇ ଯୁବତୀଙ୍କ ଭାଇ ପହଞ୍ଚି ପ୍ରତିବାଦ କରିବା ସହ ଦୋକାନୀଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ କେତେଜଣ ଦୋକାନୀ ଓ ଗୁଣ୍ଡାଶ୍ରେଣୀର ଅଣଓଡ଼ିଆ ଯୁବକମାନେ ଏକାଠି ହୋଇ ଯୁବତୀଙ୍କ ଭାଇଙ୍କୁ ମାଡ଼ ମାରିଥିଲେ। ଏନେଇ ଯୁବତୀଙ୍କ ଭାଇ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଥାନାରେ ଅପୋସ ସମାଧାନ କରିଦେଇଥିଲେ। ଏହି ଘଟଣା ଚନ୍ଦନଙ୍କ କାନରେ ପଡ଼ିଥିଲା। ମାର୍କେଟ ବିଲ୍ଡିଂରେ ଆଧିପତ୍ୟ ଜାହିର କରି ଦାଦାବଟି ଆଦାୟ ପାଇଁ ଚାହୁଁଥିବା ଚନ୍ଦନ ଏହାକୁ ସୁଯୋଗ ବୋଲି ଧରିନେଇଥିଲେ। ୧୦ ତାରିଖ ରାତି ୭ଟାରେ ୩୦ରୁ ଊର୍ଦ୍ଧ୍ୱ ଯୁବକ ଓ ନାବାଳକ ମାର୍କେଟ ବିଲ୍ଡିଂ ଭିତରକୁ ଖଣ୍ଡା, ଲୁହା ରଡ଼, ହକି ଷ୍ଟିକ୍ ଏବଂ ବନ୍ଧୁକ ଧରି ପଶି ଗୋଟିଏ ପାର୍ଶ୍ୱରୁ ଦୋକାନ ଭଙ୍ଗାରୁଜା ସହ ବ୍ୟବସାୟୀଙ୍କୁ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଚନ୍ଦନ, ବିଶ୍ୱନାଥ, ପ୍ରତ୍ୟୁଷଙ୍କ ସମେତ ୨୯ଜଣଙ୍କୁ ଧରିଥିବାବେଳେ ସେମାନଙ୍କ ମଧ୍ୟରେ ୧୫ ନାବାଳକ ରହିଛନ୍ତି।

### ୨ ମାସରେ ଏନ୍‌ଏସ୍‌ଏରେ ବୁକ୍ ହେଲେଣି ୫ଜଣ

ଗତ ଦୁଇମାସ ଭିତରେ ୮ଜଣ ଅଭିଯୁକ୍ତଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରିଛି କମିଶନରେଟ ପୋଲିସ। ପୂର୍ବରୁ ୫ଜଣ ଓ ଗୁରୁବାର ୩ଜଣଙ୍କ ଉପରେ ଏଭଳି ଆପରାଧିକ ଆକ୍ଟ ଲାଗୁ କରାଯାଇଛି। ଏହା ସହ ୪ଜଣଙ୍କୁ ତଡ଼ିପାର କରାଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଅପରାଧୀ ଓ ଅଭିଯୁକ୍ତ ପ୍ରତି ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ଜଣାପଡ଼ିଛି।



ରସୁଲଗଡ଼ସ୍ଥିତ ନେତାଜୀଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତି ନିକଟରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଓ ଅନ୍ୟ ନେତୃବୃନ୍ଦ।

# ସ୍ୱାଧୀନତା ପାଇବାରେ ସୁଭାଷ, ସୁରେନ୍ଦ୍ରଙ୍କ ଅବଦାନ ଅବିସ୍ମରଣୀୟ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

**ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଭାଜପା ରାଜ୍ୟ ସଭାପତି**

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୩ତମ ଜୟନ୍ତୀ ଅବସରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ରସୁଲଗଡ଼ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ସେହିପରି ଭାରତର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୧ତମ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ସମୀର ମାଲ୍ୟାର୍ପଣ କରିବା ସହିତ ସେମାନଙ୍କ ବୀରତ୍ୱର ଗାଥାକୁ ସ୍ମରଣ କରିଛନ୍ତି। ବ୍ରିଟିଶ ଶାସନରୁ ଭାରତ ସ୍ୱାଧୀନତା ପାଇବାରେ ଏହି ୨ ମହାପୁରୁଷଙ୍କ ଅବଦାନ ଅବିସ୍ମରଣୀୟ। ଯୁବପିଢ଼ି ଏହି ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେରଖି ସେମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ଦରକାର ବୋଲି ସମୀର କହିଛନ୍ତି। ବୀର ସୁରେନ୍ଦ୍ର ସାଏ ୨୦ବର୍ଷ ଧରି ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ତାଙ୍କର ଅଦ୍ଭୁତ ସଙ୍ଗଠନ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ଇଂରେଜଙ୍କୁ ଅନେକ ସମୟରେ ବିପଦରେ ପକାଉଥିଲା ବୋଲି ସମୀର କହିଥିଲେ। ଏଥିସହିତ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନକୁ ଯାଇ ସମୀର ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।



ରସୁଲଗଡ଼ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କର୍ମକର୍ତ୍ତା ମାଲ୍ୟାର୍ପଣ କରୁଛନ୍ତି।

# ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ନେତାଜୀ ଜୟନ୍ତୀ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ସୁଭାଷ ବୋଷଙ୍କର ୧୨୩ ତମ ଜନ୍ମ ତିଥିରେ ରସୁଲଗଡସ୍ଥିତ ତେନାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରାଧୀନ ଭାରତକୁ ସ୍ୱାଧୀନ କରିବା ପାଇଁ ଆଜାଦ ହିନ୍ଦ୍ ଫୌଜର ଗଠନ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ତାଙ୍କର ଭୂମିକା, ପରାଧୀନ ଭାରତକୁ ସ୍ୱାଧୀନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆଲୋଚନା ହୋଇଥିଲା। ଓଡ଼ିଆ ମାଟିରେ ଜନ୍ମ ନେଇଥିବା ଏହି ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଡ. ସୁରେଶ ବାରିକଙ୍କ ନେତୃତ୍ୱରେ ଆଇନଜୀବୀମାନେ ଯୋଗଦେଇ ନେତାଜୀଙ୍କ ଆଦର୍ଶ ଓ ନୀତିକୁ ଗ୍ରହଣ କରିବାକୁ ଶପଥ ଗ୍ରହଣ କରିଥିଲେ। ସଭାରେ ସାମ୍ମୁଖ୍ୟର ଆଞ୍ଚଳିକ ଆବାହକ ଆଇନଜୀବୀ ପ୍ରବୀର ପଟ୍ଟନାୟକ, ଭିକାରୀ ମହାନ୍ତି, ସୁଦର୍ଶନ ପ୍ରଧାନ, ଅକ୍ଷୟ ଜେନା, ବଳରାମ ଦେଓ, ରତ୍ନାକର ନାୟକ, ଶକ୍ତି ପ୍ରସାଦ ମିଶ୍ର, ସନ୍ତୋଷ କୁମାର ଦାସ, ଅଶୋକ ରାଉତରାୟ ଓ ଅନ୍ୟ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଏମ୍‌ସି: ମାର୍କେଟ ଦାୟିତ୍ୱରୁ ହଟିଲେ ଶ୍ରୀମନ୍ତ, ହାତେଇଲେ ଶୁଭେନ୍ଦୁ

**ଭୁବନେଶ୍ୱର, ୨୩।୧ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମରେ ଦୀର୍ଘଦିନ ପରେ ଦାୟିତ୍ୱ ବଦଳ କରାଯାଇଛି। ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ରଙ୍କୁ ମାର୍କେଟ ଦାୟିତ୍ୱରୁ ହଟାଇ ଦିଆଯାଇଛି। ସେ ମାର୍କେଟ ସହ ରାଜସ୍ୱ ବିଭାଗ କଥା ବୁଝୁଥିଲେ। ପରିମଳ ବିଭାଗର ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କୁ ମାର୍କେଟ ଦାୟିତ୍ୱ ମିଳିଛି। ଦୀର୍ଘଦିନ ହେବ ଡେପୁଟି କମିଶନର ମିଶ୍ର ହାଟ ଦାୟିତ୍ୱରେ ଥିବାବେଳେ ସବୁବେଳେ ଚର୍ଚ୍ଚାରେ ଥିଲେ। ୧ ନମ୍ବର ହାଟର ନିର୍ଦ୍ଦିଷ୍ଟ କେତେଜଣ ବ୍ୟବସାୟୀ ୧୭ ବର୍ଷ ହେବ ସାପ୍ତାହିକ ଦେୟ ପୈଠ ନ କରି ମଧ୍ୟ ଆଇନ ମୁତାବକ ବିନା ଜରିମାନାରେ ଏକକାଳୀନ ଏହି ଟଙ୍କା ପୈଠ କରିଥିଲେ। ଏ କ୍ଷେତ୍ରରେ ଅନିୟମିତତା ହୋଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ତାଙ୍କୁ ମାର୍କେଟ ତଦାରଖ ଦାୟିତ୍ୱରୁ ହଟାଇ ଦିଆଯାଇଛି। ବିଏମ୍‌ସି ଦ୍ୱାରା ଆଦାୟ ଦେୟକୁ କମ୍ କିମ୍ବା ଛାଡ଼ କରିବାର କ୍ଷମତା କାହାର ନାହିଁ। ମାର୍କେଟ ଦେୟ ସଂକ୍ରାନ୍ତ ଅଭିଯୋଗ ପରେ ଏକ ନୂଆ କମିଟି କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ଏବେ ଶ୍ରୀମନ୍ତ ମିଶ୍ରଙ୍କୁ ଉକ୍ତ ଦାୟିତ୍ୱରୁ ହଟାଇ ଦିଆଯାଇଥିବାରୁ ନାନା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଏମ୍‌ସିରେ କିଛି ତଳିଆ କର୍ମଚାରୀଙ୍କ ସମେତ ବରିଷ୍ଠ ଅଧିକାରୀ ଦୀର୍ଘଦିନ ହେବ ଗୋଟିଏ ଗୋଟିଏ ବିଭାଗକୁ ଜାବୁଡ଼ି ଧରିଛନ୍ତି। ବିଶେଷକରି ମାର୍କେଟ୍ ସେକ୍ସନ୍‌ରେ ଥିବା କର୍ମଚାରୀମାନେ ବହୁଦିନରୁ ସେହି ଗୋଟିଏ ବିଭାଗରେ କାମ କରୁଥିବାବେଳେ ସେମାନଙ୍କର ଅନ୍ୟ ବିଭାଗକୁ ବଦଳି ହେଉନାହିଁ।

# କାଉନ୍‌ସେଲିଂ କଲେ ମାନସିକ ବିଶେଷଜ୍ଞ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

**ପ୍ରଦୀପ ସେଠୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

- **ହସ୍ପିଟାଲରେ ଆଖି ପରୀକ୍ଷା କରାଗଲା**
- **ଜେଲରେ ରଖାଯାଇଛି ସ୍ୱତନ୍ତ୍ର କଡ଼ାନଜର**

ଚିଟ୍‌ଫଣ୍ଡ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଝାରପଡା ଜେଲରେ ଥିବା ପ୍ରଦୀପ ସେଠୀ ଗତ ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ମାନସିକ ରୋଗ ଡାକ୍ତରଙ୍କ ନିକଟରେ କାଉନସେଲିଂ କରାଯିବା ପରେ ଔଷଧ ଦିଆଯାଇଥିବା ଜଣାପଡିଛି। ଏପରି କି ପ୍ରତି ସପ୍ତାହରେ ମାନସିକ ରୋଗ ଡାକ୍ତରଙ୍କ ଦ୍ୱାରା ତାଙ୍କୁ ଚିକିତ୍ସା କରାଯିବ ବୋଲି ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କର ମାନସିକ ଅବସ୍ଥା ଠିକ୍ ନ ଥିବାରୁ ତାଙ୍କ ଉପରେ କିଛିଦିନ କଡା ନଜର ରଖାଯିବ। ସେ ଯାଉଥିବା ଶୌଚାଳୟରେ ଆତ୍ମହତ୍ୟା କରାଯାଇପାରିବା ଭଳି ସାମଗ୍ରୀ ରଖାଯିବ ନାହିଁ। ଅନ୍ୟପକ୍ଷରେ ପ୍ରଦୀପଙ୍କ ମଧୁମେୟ ରୋଗ ଥିବାରୁ ତାଙ୍କର ଆଖି ସମସ୍ୟା ଦେଖାଯାଉଛି। ତେଣୁ ଗୁରୁବାର ପୂର୍ବାହ୍ନ ୧୦ଟା ରେ ତାଙ୍କ ଆଖି ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଯିବା ପରେ ମେଡିଶିନ୍ ନେଇ ଅପରାହ୍ନ ପ୍ରାୟ ୨ଟା ରେ ଝାରପଡା ଜେଲକୁ ଫେରିଥିଲେ। ସୂଚନାଥାଉ କି, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ପ୍ରଦୀପ ଏକ ଇନ୍‌ଭର୍ଟରର ତାର ଛିଣ୍ଡାଇ ଶୌଚାଳୟର କବାଟକୁ ଭିତରୁ ବନ୍ଦ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

### ଖୁବ୍‌ଶୀଘ୍ର ଜେଲରେ ଲାଗିବ ୫ଜି ଜାମ୍‌ର

ଅନେକ ସମୟରେ ଜେଲରେ ଅପରାଧୀମାନେ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି। ଏପରିକି ଅଣ୍ଡ୍ରୋଏଡ ଫୋନ୍ ମଧ୍ୟ ଜେଲ ଭିତରକୁ ନେଉଥିବା ନଜର ରହିଛି। ଜେଲରେ ଥିବା ୨ଜି ଜାମ୍‌ର ବଦଳାଯିବ। ଏବେ ଅତ୍ୟାଧୁନିକ ମୋବାଇଲ୍ ଫୋନ ତଥା ୩ଜି, ୪ଜି ବାହାରିଥିବାରୁ ତାକୁ ଜାମ୍‌ର ଧରିପାରୁନି। ତେଣୁ ଏଥର ଜେଲରେ ୫ଜି ଜାମର ଲଗାଯିବାର ଯୋଜନା କରାଯାଇଛି। ପ୍ରଥମ ଫେଜରେ ଝାରପଡା, ଚୌଦ୍ୱାର ଓ ବ୍ରହ୍ମପୁର ଜେଲରେ କରାଯିବ। ଏହାଦ୍ୱାରା ଜେଲରେ ଅତ୍ୟାଧୁନିକ ମୋବାଇଲ୍ ଫୋନ ଗଲେ ଏହା ଚିହ୍ନଟ କରିଦେବ ବୋଲି ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

### ସଂଘବଦ୍ଧ ଆକ୍ରମଣ, ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଭବାନୀ ମଲ୍ ନିକଟରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ବେହେରା ସାହିରେ ରହୁଥିବା ନିଆଳି ଥାନା ସୁନ୍ଦରଦା ଗ୍ରାମର ବିକାଶ କୁମାର ବାରିକ ଓରଫ ଲିପୁ (୩୦)। ସୂଚନା ମୁତାବକ, ଶହୀଦନଗର ପ୍ଲଟ୍ ନଂ.୯ରେ ରହୁଥିବା ଦୀପକ କୁମାର ପାତ୍ର ବୁଧବାର ସନ୍ଧ୍ୟାରେ ସାଙ୍ଗଙ୍କ ସହ ଭବାନୀ ମଲ୍ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ପୂର୍ବଶତ୍ରୁତାକୁ ନେଇ ଅଭିଯୁକ୍ତ ଲିପୁ ଓ ସହଯୋଗୀମାନେ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୀପକଙ୍କ ସାଙ୍ଗ ଆଶିଷ ଯାଦବଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଦୀପକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଫେରାର ଥିବା ଲିପୁଙ୍କ ସହଯୋଗୀ ଅନିଲ ଓ ସୋହେଲଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଯୌତୁକ ନିର୍ଯାତନା: ସ୍ତ୍ରୀଙ୍କୁ ମାଡ଼ମାରି ୨ ଗିରଫ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ପୃଥକ ଦୁଇ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶ୍ରୀରାମ ନଗରରେ ରହୁଥିବା ଶୁକଦେବ ସାହୁ ଓ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗାନ୍ଧୀ ବସ୍ତିର ଉମାକାନ୍ତ ନାୟକ। ଗୁରୁବାର ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ, ଶୁକଦେବ ଶ୍ରୀରାମ ନଗର ଅଞ୍ଚଳରେ ପରିବାର ସହ ରହୁଛନ୍ତି। ସେ ଯୌତୁକ ପାଇଁ ତାଙ୍କ ସ୍ତ୍ରୀଙ୍କୁ ନାନା ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ପ୍ରଚୁର ମଦ୍ୟପାନ କରି ସ୍ତ୍ରୀଙ୍କୁ ନିସ୍ତୁକ ମାଡ଼ମାରି ଫେରାର ହୋଇଯାଇଥିଲେ। ଖବର ପାଇ ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୁକଦେବଙ୍କ ସ୍ତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପୋଲିସ ୩୬/୨୦ରେ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତ ସ୍ୱାମୀ ଶୁକଦେବଙ୍କୁ ଗିରଫ କରିଥିଲା। ସେହିପରି ନୟାପଲ୍ଲୀ ଗାନ୍ଧୀ ବସ୍ତିରେ ରହୁଥିବା ଉମାକାନ୍ତ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଥିଲା। ଗତ ୪ ତାରିଖରେ ଉମାକାନ୍ତ ପ୍ରଚୁର ମଦ୍ୟପାନ କରି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ଏ ନେଇ ସ୍ତ୍ରୀ ଅଭିଯୋଗ କରିବା ପରେ ପୋଲିସ ୬/୨୦ରେ ମାମଲା ରୁଜୁ କରି ଗୁରୁବାର ଉମାକାନ୍ତଙ୍କୁ ଗିରଫ କରିଥିଲା।

# ସମ୍‌ସାଦ ଆରା, ମୁକୁନ୍ଦ ପ୍ରଥମ

**ପୁରୀ ଅଫିସ, ୨୩।୧**

**ପୁରୀ ମିନି ମାରାଥନ**

- **୮ କି.ମି. ଦୌଡ଼ିଲେ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ**

ପ୍ରାକୃତିକ ବିପର୍ଯ୍ୟୟ ବେଳେ ଐତିହ୍ୟର ସୁରକ୍ଷା ଲାଗି ସଚେତନତା ସୃଷ୍ଟି ନିମନ୍ତେ ଗୁରୁବାର ପୁରୀରେ ଅନୁଷ୍ଠିତ ହୋଇଛି ମିନି ମାରାଥନ। ଏନ୍‌ଡିଆର୍‌ଏଫ୍, ବିମ୍‌ଷ୍ଟେକ, ଓସ୍‌ଡମା ଏବଂ ପୁରୀ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ପ୍ରଥମଥର ଲାଗି ପୁରୀରେ ଆୟୋଜିତ ଏହି ଗଣଦୌଡ଼ରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ପୁରୀ ଜଙ୍ଗଲୀ କ୍ଲବର ସମ୍‌ସାଦ ଆରା ବେଗମ୍ ଓ ମୁକୁନ୍ଦ ବାନରା। ଦୁହେଁ ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

ସକାଳ ସାଢେ ୭ଟାରେ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରୁ ଏହି ଗଣଦୌଡ଼କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ମହିଳା ଓ ପରେ ପୁରୁଷ ବର୍ଗରେ ଦୌଡ଼ ଆରମ୍ଭ ହୋଇଥିଲା। ୮ କି.ମି. ବ୍ୟାପୀ ଏହି ମିନି ମାରାଥନର ପ୍ରତିଯୋଗୀମାନେ ହେଲିପ୍ୟାଡ ଛକ, ପେଣ୍ଟକଟା, ୟୁଥ୍ ହଷ୍ଟେଲ ଛକ, ସୁଭାଷ ବୋଷ ଛକ, ସମୁଦ୍ରକୂଳ ଥାନା, ଦିଗବାରିଣୀ ଛକ ଦେଇ ବଳିଆପଣ୍ଡାସ୍ଥିତ ଆସିଆନା ଲାଗୁନଠାରେ ଦୌଡ଼ ଶେଷ କରିଥିଲେ। ପୁରସ୍କାର ବିତରଣ ପୂର୍ବରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଏନ୍‌ଡିଆର୍‌ଏଫ୍ ଡିଆଇଜି ମହସିନ ସାଜିଦ୍, ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍, ଇଷ୍ଟର୍ନ ମିଡ଼ିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ମହିଳା ବର୍ଗରେ ସମ୍‌ସାଦ ଆରା ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱିତୀୟ ଏବଂ ସାଇନା ସ୍ମାଇଲ୍ ମହାନ୍ତି ତୃତୀୟ, ପୁରୁଷ ବର୍ଗରେ ମୁକୁନ୍ଦ ବାନରା ପ୍ରଥମ, ରଶ୍ମିରଞ୍ଜନ ନାୟକ ଦ୍ୱିତୀୟ ଏବଂ ସୁଧାଂଶୁ ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦,୦୦୦, ୨୦,୦୦୦ ଏବଂ ୧୦,୦୦୦ ଟଙ୍କା, ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ବର୍ଗରେ ଚତୁର୍ଥରୁ ଦଶମ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା।

### ମୁକୁନ୍ଦ, ସମ୍‌ସାଦ ଆରାଙ୍କ ଲକ୍ଷ୍ୟ ଅଲିମ୍ପିକ୍

ମିନି ମାରାଥନ୍‌ରେ ପୁରୁଷ ବର୍ଗରେ ପ୍ରଥମ ହୋଇଥିବା ମୁକୁନ୍ଦଙ୍କ ଘର ଝାଡଖଣ୍ଡରେ। ସେ ପୁରୀ ଜଙ୍ଗଲୀ କ୍ଲବ ପକ୍ଷରୁ ଏଥିରେ ଭାଗନେଇଥିଲେ। ମୁକୁନ୍ଦ କହିଛନ୍ତି, ପୂର୍ବରୁ ଏକାଧିକ ମାରାଥନରେ ଭାଗ ନେଇଛି। କିନ୍ତୁ ଏଠାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବହୁତ ଖୁସି ଲାଗୁଛି। ଆଗକୁ ଏହା ଅଧିକ ଉତ୍ସାହିତ କରିବ। ଅଲିମ୍ପିକ୍ସରେ ଭାଗନେବା ମୋର ଲକ୍ଷ୍ୟ। ସେହିପରି ମହିଳା ବର୍ଗରେ ପ୍ରଥମ ହୋଇଛନ୍ତି ଖୋର୍ଦ୍ଧାର ସମ୍‌ସାଦ ଆରା। ସେ ପୂର୍ବରୁ ଜାତୀୟ ସ୍ତରରେ ୫ ହଜାର ମିଟର ଦୌଡ଼ରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ସମ୍‌ସାଦ ଆରା କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୂତି ଚାନ୍ଦ ଓ ଶ୍ରାବଣୀ ନନ୍ଦ ରାଜ୍ୟ ତଥା ଦେଶକୁ ଗର୍ବିତ କରୁଛନ୍ତି। ସମ୍‌ସାଦ ଅଲିମ୍ପିକ୍ସରେ ଭାଗନେବା ଲକ୍ଷ୍ୟ ରଖିଛନ୍ତି।

# ୮ ସ୍ଥାନରେ ଏମ୍‌ସିସି ନିର୍ମାଣ କାର୍ଯ୍ୟ ହେବ ଆରମ୍ଭ

## ଲୋକଙ୍କ ସହ ଆଲୋଚନା କଲେ ବିଏମ୍‌ସି କମିଶନର

**ଭୁବନେଶ୍ୱର, ୨୩।୧ (ବ୍ୟୁରୋ)**

ଭୁବନେଶ୍ୱରରେ ନିର୍ମାଣାଧୀନ ଥିବା ୪୩ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରୁ ୨୩ଟିର ନିର୍ମାଣ କାର୍ଯ୍ୟରେ ବାଧା ଉପୁଜୁଛି। ଫଳରେ ନିର୍ଦ୍ଧାରିତ ସମୟରେ ସମସ୍ତ ଏମ୍‌ସିସିର ନିର୍ମାଣ ସରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତତ୍ପରତା ଦେଖାଯିବା ସହ ଗୁରୁବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ବାଧା ଉପୁଜୁଥିବା ୨୩ଟି ଏମ୍‌ସିସି ସ୍ଥଳରୁ ୮ଟିକୁ ଗସ୍ତ କରିଥିଲେ। ସେଠାକାର ଲୋକଙ୍କ ସହ ସେ କଥାବାର୍ତ୍ତା ହୋଇଥିଲେ। ଲୋକଙ୍କ ବିଭିନ୍ନ ଦାବି ଶୁଣିବା ସହ ସେଗୁଡ଼ିକ ପ୍ରତି ବିଏମ୍‌ସି ଧ୍ୟାନଦେବ ଓ ସତର୍କତା ରକ୍ଷା କରିବା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଏବେ ଉକ୍ତ ୮ଟି ସ୍ଥାନରେ ଏମ୍‌ସିସି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

କମିଶନର ଚୌଧାରୀ କହିଛନ୍ତି, ଜନସାଧାରଣ ଏମ୍‌ସିସିର କାର୍ଯ୍ୟକାରିତା ନେଇ ଏଯାବତ୍ ଅବଗତ ନାହାନ୍ତି। ଏମ୍‌ସିସି କିପରି କାମ କରିବ, ଏମ୍‌ସିସି ଦ୍ୱାରା ସେମାନଙ୍କୁ କ'ଣ ଲାଭ ମିଳିବ ସେ ନେଇ ସେମାନେ ଜାଣି ନାହାନ୍ତି। ସେମାନଙ୍କୁ ବୁଝାଶୁଝା କରିବା ସହ ସେମାନଙ୍କ ଦାବି ପ୍ରତି ଗୁରୁତ୍ୱାରୋପ କରିଥିଲି। ବିଏମ୍‌ସି ଯେତେ ପରିମାଣରେ ସେମାନଙ୍କ ଦାବି ପୂରଣ କରିପାରିବ ତାହା କରିବ ବୋଲି କହିଥିଲି।

ସେହିପରି ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଭୁବନେଶ୍ୱରରେ ମୋଟ ୪୩ ଟି ଏମ୍‌ସିସି ହେବ। ସେଥିମଧ୍ୟରୁ ୨୩ଟିର ନିର୍ମାଣ କାର୍ଯ୍ୟକୁ ସମ୍ପୃକ୍ତ ୱାର୍ଡବାସୀ ବିରୋଧ କରୁଥିଲେ। କମିଶନର ଚୌଧାରୀ ବୁଝାଶୁଝା କରିବା ପରେ ସେମାନେ ଏବେ ନିର୍ମାଣ କରିବାକୁ ରାଜି ହୋଇଛନ୍ତି। ବହୁତ କମ୍‌ଦିନରେ କାମ ସରିବା ସହ ସହରରେ ବର୍ଜ୍ୟ ପରିଚାଳନାର ନକ୍ସା ବଦଳିବ ବୋଲି ସେ କହିଛନ୍ତି।



ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏମ୍‌ସିସି କାର୍ଯ୍ୟକୁ ବିରୋଧ ହେଉଥିଲା। ନିଜ ୱାର୍ଡରେ ଅନ୍ୟ ୱାର୍ଡର ବର୍ଜ୍ୟକୁ କମ୍ପୋଷ୍ଟ କରିବାକୁ ଲୋକେ ବିରୋଧ କରିଥିଲେ। ଏଥିସହ କେତେକ ସ୍ଥାନରେ ବର୍ଜ୍ୟ ପରିଚାଳନା କରିବା ପାଇଁ ହିଁ ଅମଙ୍ଗ ହୋଇଥିଲେ। ଏହାପରେ ଚଳିତ ମାସ ଆରମ୍ଭରୁ ଦାରୁଠେଙ୍ଗବାସୀଙ୍କ ଡମ୍ପିଙ୍ଗ ବନ୍ଦ କରିବା ପ୍ରୟାସ ବିଏମ୍‌ସିର ମୁଣ୍ଡ ବିନ୍ଧାର କାରଣ ସାଜିଥିଲା। ୭ରୁ ୮ଦିନ ଡମ୍ପିଙ୍ଗ ବନ୍ଦ ରହିବାରୁ ସହରରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପରେ କମିଶନର ଦାରୁଠେଙ୍ଗବାସୀଙ୍କ ସହ ଆଲୋଚନା କରିବା ସହ ଲିଖିତ ପ୍ରତିଶ୍ରୁତି ଦେବା ପରେ ସେଠାରେ ଡମ୍ପିଙ୍ଗ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସହରରେ ବିରୋଧ କରାଯାଉଥିବା ଏମ୍‌ସିସିର ନିର୍ମାଣ କାର୍ଯ୍ୟକୁ କିପରି ପୁନର୍ବାର ଆରମ୍ଭ କରିହେବ ସେନେଇ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବା ସଦୃଶ କମିଶନର ଚୌଧାରୀ ବିରୋଧ ହେଉଥିବା ସ୍ଥାନକୁ ପରିଦର୍ଶନ କରିବାକୁ ଯାଉଛନ୍ତି ବୋଲି ଜଣାପଡ଼ିଛି।



ମୋ ଘରେ ଦର୍ପଣ ନ ଥିଲା। ମୁଁ ମୋ ଛାଇକୁ ଦେଖି ସବୁବେଳେ ନାଚୁଥିଲି।

-ବାବା ଜ୍ୟାକ୍‌ସନ୍,
ଟିକ୍‌ଟକ୍ ଷ୍ଟାର୍

# ସୁନିଶ୍ଚିତ କରାଯାଉ ବାଳିକାଙ୍କ ଅଧିକାର

## ଜାତୀୟ ଶିଶୁକନ୍ୟା ଦିବସ

ଭାରତରେ ମହିଳା ଓ ଝିଅମାନଙ୍କୁ ଦେବୀ ଓ ଲକ୍ଷ୍ମୀ ଭାବେ ବିବେଚନା କରାଯାଉଥିବା ବେଳେ ସେମାନେ ସମାଜରେ ଅସମାନତାର ଶିକାର ହେଉଛନ୍ତି। ଏହାକୁ ଦୂର କରି ଶିଶୁକନ୍ୟାମାନେ କିଭଳି ଏକ ସଶକ୍ତ,ସୁରକ୍ଷିତ ପରିବେଶ ପାଇପାରିବେ ସେଥିଲାଗି ପ୍ରତିବର୍ଷ ୨୪ ଜାନୁୟାରୀରେ ଜାତୀୟ ଶିଶୁକନ୍ୟା ଦିବସ ପାଳନ କରାଯାଏ। ମହିଳା ଏବଂ ଶିଶୁବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୦୮ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ସମାଜରେ ବାଳିକାମାନେ ସାମ୍ନା କରୁଥିବା ଅସମାନତା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ବାଳିକାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ସମେତ ସମ୍ମାନ ଓ ଅଧିକାର ଉପରେ ଉକ୍ତ ଦିବସ ଗୁରୁତ୍ୱ ପ୍ରଦାନ କରେ। ଜାତୀୟ ଶିଶୁକନ୍ୟା ଦିବସରେ ବାଳିକାମାନଙ୍କ ଅଧିକାର ଓ ସମସ୍ତ ସାମାଜିକ ସମସ୍ୟାକୁ ସାମ୍ନା କରିବା ଲାଗି ରହିଥିବା ବିଭିନ୍ନ ଆଇନ ଓ ଘରୋଇ ହିଂସା ଅଧିନିୟମ ୨୦୦୯, ଶିଶୁବିବାହ ନିରୋଧୀ ଆଇନ ୨୦୦୯, ଯୌତୁକ ନିରୋଧୀ ଆଇନ ୨୦୦୬ ସମ୍ପର୍କରେ ଅବଗତ କରାଯାଏ। ଭାରତରେ ମହିଳା ସାକ୍ଷରତା ହାର ଏବେ ୫୩.୮୭ ପ୍ରତିଶତ ଓ ମୋଟ ବାଳିକାଙ୍କ ମଧ୍ୟରୁ ଏକ ତୃତୀୟାଂଶ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏହି କାରଣରୁ ସେମାନେ ପ୍ରାପ୍ତ ବୟସ୍କ ବେଳକୁ ବିଭିନ୍ନ ରୋଗରେ ପଡୁଛନ୍ତି। ବିଭିନ୍ନ ଯୋଜନା ଦ୍ୱାରା ବାଳିକାମାନଙ୍କ ସ୍ଥିତି ସୁଧାରିବା ଲାଗି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଏବଂ ରାଜ୍ୟ ସ୍ତରରେ ପଦକ୍ଷେପ ନିଆଯାଉଛି। ଶିକ୍ଷା ଅଧିକାର ଆଇନରେ ବାଳିକାମାନଙ୍କୁ ମାଗଣା ଓ ଜରୁରୀ ଶିକ୍ଷା ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଇଛି।



# ଭୁଶୁଡ଼ିପଡ଼ିଲା ପାଣିଟାଙ୍କି



## ଭିଡିଓ ଭାଇରାଲ

**କୋଲକାତା:** ସୋସିଆଲ୍ ମିଡ଼ିଆରେ ଗୁରୁବାର ଏକ ପାଣିଟାଙ୍କି ଭୁଶୁଡ଼ିବାର ଭିଡ଼ିଓ ଶେୟାର କରାଯାଇଛି। ଏହା ଅଧିକରୁ ଅଧିକ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓଟି ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ବୋଲି କୁହାଯାଉଛି। ସ୍ଥାନୀୟ ସେରେଙ୍ଗା ଗାଁରେ ଥିବା ଏହି ପାଣିଟାଙ୍କିଟି ବୁଧବାର ଅପରାହ୍ନ ୩ଟାରେ ଭାର ସହି ନ ପାରି ଭୁଶୁଡ଼ି ପଡ଼ିଥିଲା। କେବେ ବି ଏଭଳି ଘଟଣା ଘଟି ନ ଥିବାବେଳେ ହଠାତ୍ ପାଣିଟାଙ୍କି ଭୁଶୁଡ଼ିବା ଘଟଣାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ କିଛି ସମୟ ପାଇଁ ଜଳମଗ୍ନ ହୋଇଯାଇଥିଲା। ଏହାକୁ ଫେସବୁକ୍ , ଟୁଇଟର ଆଦି ସୋସିଆଲ୍ ମିଡ଼ିଆ ସାଇଟ୍‌ରେ ୟୁଜର ଅଧିକ ସଂଖ୍ୟାରେ ଶେୟାର କରୁଥିବା ଜଣାପଡ଼ିଛି।

# ପାହାଡ଼ ଉପରେ ହଜାରେ ବର୍ଷର ଗଣେଶଙ୍କ ମୂର୍ତ୍ତି




**ରାୟପୁର:** ଭାରତର ବିଭିନ୍ନ ସ୍ଥାନରେ ବହୁ ପର୍ଯ୍ୟଟନ ସ୍ଥାନ ରହିଛି। ସେଥିମଧ୍ୟରେ ଛତିଶଗଡ଼ ଦାନ୍ତେୱାଡା ଜିଲାର ଦନ୍ତେଶ୍ୱରୀ କାଳି ଏବଂ ଗଣେଶଙ୍କ ପାଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ବେଶ୍ ଜମିଥାଏ। ଢ଼ୋଲକଲ ପାହାଡ଼ରେ ଥିବା ପ୍ରଭୁ ଗଣେଶଙ୍କ ମନ୍ଦିରରେ ହଜାରେ ବର୍ଷ ପୁରୁଣା ମୂର୍ତ୍ତି ରହିଛି। ଏହା ପାହାଡ଼ ଉପରେ ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ ଉଚ୍ଚରେ ରହିଛି। ଦାନ୍ତେୱାଡ଼ାଠାରୁ ପ୍ରାୟ ୧୩ କିମି ଦୂରରେ ଥିବା ଏହି ମୂର୍ତ୍ତିଙ୍କୁ ଲୋକେ ସ୍ଥାନୀୟ ଅଞ୍ଚଳର ରକ୍ଷକ ବୋଲି କହିଥାନ୍ତି। ମନ୍ଦିରକୁ ନାଗବଂଶୀ ରାଜା ୧୦ରୁ୧୧ ଶତାବ୍ଦୀରେ ନିର୍ମାଣ କରିଥିବା ଐତିହାସିକମାନେ ମତ ଦିଅନ୍ତି। ଏଭଳି ଦୁର୍ଗମ ଅଞ୍ଚଳରେ ପାହାଡ଼ରେ ଏତେ ଉପରେ କିଭଳି ମୂର୍ତ୍ତି ସ୍ଥାପନ କରାଗଲା ସେନେଇ ଶ୍ରଦ୍ଧାଳୁ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥାନ୍ତି। ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ୩ରୁ ୪ଫୁଟ ହୋଇଥିବାବେଳେ ଏହା କଳା ମୁଗୁନି ପଥରରେ ନିର୍ମିତ। ଏଠାରେ ଥିବା କୈଳାସ ଗୁମ୍ଫା ଅଞ୍ଚଳରେ ଗଣେଶ ଏବଂ ପର୍ଶୁରାମଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇଥିଲା ବୋଲି ଲୋକେ ବିଶ୍ୱାସ କରନ୍ତି। ଯୁଦ୍ଧରେ ଗଣେଶଙ୍କ ଦାନ୍ତ ଭାଙ୍ଗି ଏଠାରେ ପଡ଼ିଥିଲା। ସେବେଠାରୁ ଗଣେଶ ଏକଦନ୍ତ ଭାବେ ପରିଚିତ ହୋଇଥିଲେ ବୋଲି ଲୋକେ କୁହନ୍ତି।

# ବିଶ୍ୱକୁ ଭୟ 'ସାର୍ସ' ସଂକ୍ରମଣ

ଫୁସ୍‌ଫୁସ୍‌ରେ ଗୁରୁତର ପ୍ରଦାହକୁ 'ସାର୍ସ' (ସିଭିୟର ଆକ୍ୟୁଟ ରେସିପିରେଟୋରି ସିଣ୍ଡ୍ରୋମ୍ )କୁହାଯାଏ। ଭୂତାଣୁ ସଂକ୍ରମଣରୁ ଏହା ହୋଇଥାଏ। ଅଧିକ ଜ୍ୱର, କାଶ ଓ ମୁଣ୍ଡବିନ୍ଧା ହୁଏ। ବାନ୍ତି ଲାଗେ। ପ୍ରତିବର୍ଷ ଶୀତଦିନେ ଚାଇନା, କୋରିଆ ଓ ମଧ୍ୟପ୍ରାଚ୍ୟ ଦେଶରେ ଏହା ମହାମାରୀ ରୂପ ନିଏ। ମଧ୍ୟ ଚାଇନାରେ ଗତ ଦୁଇସପ୍ତାହ ମଧ୍ୟରେ ୫୯ ଜଣ ଆକ୍ରାନ୍ତ ହୋଇଛନ୍ତି। ୧୫ ଜଣଙ୍କ କଫରେ ଏହି ଭୂତାଣୁ ଚିହ୍ନଟ ହୋଇଛି। ୨୦୦୦ ମସିହାରେ ଠିକ୍ ସେହି ସ୍ଥାନରେ 'ସାର୍ସ ' ମହାମାରୀ ଦେଖାଦେଇଥିଲା। ଏହା ସମୟକ୍ରମେ ଦକ୍ଷିଣ-ପୂର୍ବ ଏସିଆ ଓ ୟୁରୋପ ମହାଦେଶକୁ ପରିବ୍ୟାପ୍ତ ହୋଇ ଅନେକ ରୋଗୀଙ୍କ ମୃତ୍ୟୁ ହେଲା। ଏହା ଭୂତାଣୁଜନିତ ନିମୋନିଆ ରୋଗ। ଜୀବାଣୁ ଦ୍ୱାରା ହେଉଥିବା ନିମୋନିଆ ଆଣ୍ଟିବାୟୋଟିକ ସେବନ ଦ୍ୱାରା ଆରୋଗ୍ୟ ହୁଏ, କିନ୍ତୁ ଭୂତାଣୁ ନିମୋନିଆର ଠିକ୍ ଚିକିତ୍ସା ଏଯାବତ ଉପଲବ୍ଧ ହୋଇପାରିନାହିଁ। 'ସାର୍ସ' ରୋଗର ଲକ୍ଷଣ ଇନ୍‌ଫ୍ଲୁଏଞ୍ଜା କିମ୍ବା ଶର୍ଦ୍ଦି ରୋଗ ସହିତ ସମାନ। ସାମାନ୍ୟ ଜ୍ୱର, କାଶ, ମୁଣ୍ଡବିନ୍ଧା ଓ ଥଣ୍ଡାରୁ ଏହା ଆରମ୍ଭ ହୁଏ। ଚାରି ପାଞ୍ଚଦିନ ମଧ୍ୟରେ ଜ୍ୱର ପ୍ରକୋପ ବଢ଼ି ନିମୋନିଆ ଲକ୍ଷଣ ପ୍ରକାଶ ପାଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଭୂତାଣୁ ଶରୀରରେ ପ୍ରବେଶ କରିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଏ। 'ସାର୍ସ' ଭୂତାଣୁ କାଶ, ଛିଙ୍କ, ନିଃଶ୍ୱାସ ଓ କଫର ବିନ୍ଦୁ ସଂକ୍ରମଣ ଦ୍ୱାରା ପ୍ରସାରିତ ହୁଏ। ରୋଗୀର ପରିବାର ସଦସ୍ୟ, ଡାକ୍ତର, ନର୍ସ ଓ ପରିଚାରକମାନେ ସହଜରେ ଆକ୍ରାନ୍ତ ହୁଅନ୍ତି। ସଫଳ ଚିକିତ୍ସା କଲେ ଦୁଇ ସପ୍ତାହ ବେଳକୁ ରୋଗୀ ଭଲ ହୋଇଯାଏ। କିନ୍ତୁ ପୀଡିତଙ୍କ ମଧ୍ୟରୁ ତିନି ପ୍ରତିଶତ ରୋଗୀଙ୍କର ମୃତ୍ୟୁହୁଏ। ସଂକ୍ରମଣ ଅଞ୍ଚଳକୁ ନ ଯାଇ ରୋଗୀ ସାନ୍ନିଧ୍ୟରୁ ନିବୃତ୍ତ ରହିଲେ ସଂକ୍ରମଣ ସମ୍ଭାବନା ହ୍ରାସ ପାଏ। ଲକ୍ଷଣକୁ ଦେଖି ଚିକିତ୍ସା କରିବା ଏକମାତ୍ର ଉପାୟ। ଏହି ରୋଗରେ ନିଃଶ୍ୱାସ ଅବରୁଦ୍ଧ ହେଲେ ଅମ୍ଳଜାନ ଦିଆଯାଏ। କମ୍ ସମୟ ବ୍ୟବଧାନରେ ଏହି ରୋଗ ବହୁଳ ପ୍ରସାରିତ ହୁଏ। ୧୯୬୦ ମସିହାରେ 'ସାର୍ସ' ଭୂତାଣୁ ପ୍ରଥମେ ନାକର ପାଣିରୁ ଚିହ୍ନଟ ହେଲା। ଶୀତଋତୁରେ ଏହାର ପ୍ରାଦୁର୍ଭାବ ବେଶି। ଏହା ଏକ ପ୍ରକାର 'କରୋନା' ଭୂତାଣୁ। ୨୦୦୩ ମସିହାରେ ପୋଷା ଜୀବ ଓ ପକ୍ଷୀମାନଙ୍କ ଦେହରେ ଏହା ଦେଖିବାକୁ ମିଳିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତଥ୍ୟ ଅନୁଯାୟୀ ଏଥିରେ ୮୦୦୦ ବ୍ୟକ୍ତି ସଂକ୍ରମିତ ହୋଇଥିଲେ ଓ ୧୦ ଶତାଂଶଙ୍କର ମୃତ୍ୟୁ ଘଟିଥିଲା। ପରେ ପ୍ରାଣୀମାନଙ୍କ ଦ୍ୱାରା ମଣିଷମାନେ ବି ରୋଗଗ୍ରସ୍ତ ହେଲେ। 'କରୋନା' ଭୂତାଣୁ ବାଦୁଡ଼ିଠାରୁ ମଣିଷକୁ ସଂକ୍ରମିତ କରେ। ୨୦୧୯ ଡ଼ିସେମ୍ବରରେ ଏହା କେନ୍ଦ୍ରୀୟ ଚାଇନାରେ ମହାମାରୀ ଆକାର ଧାରଣ କରିବା ପରେ ଏବେ ଦକ୍ଷିଣ-ପୂର୍ବ ଏସିଆ ଦେଶଗୁଡ଼ିକୁ ଏହା ପ୍ରସାରିତ ହେବାର ଆଶଙ୍କା ରହିଛି। ବିଭିନ୍ନ ଦେଶ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହେବା ଦ୍ୱାରା ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ ଦେଶକୁ ଯିବାଆସିବା କରୁଛନ୍ତି। ତେଣୁ ମହାମାରୀ ବିଶ୍ୱବ୍ୟାପି ଦେଖାଦେବାର ଆଶଙ୍କା ରହିଛି। ସରକାର ଗଣମାଧ୍ୟମ ଦ୍ୱାରା ଜନସଚେତନତା ସୃଷ୍ଟି କରି ଏହାର ପ୍ରତିରୋଧ କରିବା ଆବଶ୍ୟକ।

**-ଡା. ଦ୍ୱିଜେଶ କୁମାର ପଣ୍ଡା**
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ-୯୪୩୮୪୭୦୭୭୭



# ୩୯ ବର୍ଷରେ ରିୟା ସେନ୍



ମୁମ୍ବାଇ: ବଲିଉଡ୍‌ର ଚୁଲ୍‌ବୁଲି ଅଭିନେତ୍ରୀ ସୁନ୍ଦରୀ ରିୟା ସେନ୍ ଶୁକ୍ରବାର ୩୯ ବର୍ଷରେ ପଦାର୍ପଣ କରିଛନ୍ତି । ସେ ୧୯୮୧ ଜାନୁୟାରୀ ୨୪ରେ କୋଲକତାଠାରେ ଜନ୍ମଗ୍ରହଣ କରିଥିଲେ। ନିଜର ବୋଲ୍ଡନେସ୍ ପାଇଁ ରିୟା ବଲିଉଡ୍‌ରେ ବେଶ୍ ଚର୍ଚ୍ଚିତ ରହିଛନ୍ତି। ୧୯୯୧ରେ ଫିଲ୍ମ 'ବିଷକନ୍ୟା'ରେ ସେ ଚାଇଲ୍ଡ ଆର୍ଟିଷ୍ଟ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୧୬ ବର୍ଷ ବୟସରେ ରିୟା ଫାଲଗୁନୀ ପାଠକଙ୍କ 'ୟାଦ୍ ପିୟା କି ଆନେ ଲଗି'ରେ ଦର୍ଶକଙ୍କ ମନକୁ ଜିଣିନେଇଥିଲେ। ୨୦୦୧ରେ ଏନ୍. ଚନ୍ଦ୍ରାଙ୍କ ଫିଲ୍ମ 'ଷ୍ଟାଇଲ୍'ରେ ସେ ଲିଡ୍ ରୋଲ୍‌ରେ ଡେବ୍ୟୁ କରିଥିଲେ। ୨୦୧୭ରେ ଶିବମ୍ ତିୱାରୀଙ୍କ ସହିତ ସେ ଲୁଚିଛପି ବିବାହ କରିଥିଲେ। ଏହାକୁ ନେଇ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା ଜାରି ରହିଥିଲା। ତେବେ ରିୟା ବିବାହ ପୂର୍ବରୁ ଗର୍ଭବତୀ ଥିବା ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।

# ଟୁଥ୍‌ପିକ୍‌ରେ ଜାତୀୟ ପତାକା ତିଆରି କଲେ ଶିକ୍ଷକ

**ଅମୃତସର:** ପଞ୍ଜାବର ଅମୃତସରସ୍ଥିତ ଏକ ସରକାରୀ ସ୍କୁଲର ଶିକ୍ଷକ ବଲ୍‌ଜିନ୍ଦର ସିଂ ଟୁଥ୍‌ପିକ୍ ବ୍ୟବହାର କରି ଜାତୀୟ ପତାକା ତିଆରି କରିଛନ୍ତି। ୭୧ତମ ସାଧାରଣତନ୍ତ୍ର ଦିବସ ଅବସରରେ ଏହାକୁ ସେ ତିଆରି କରିଥିବା ପ୍ରକାଶ କରିଛନ୍ତି। ଏଥିପାଇଁ ସେ ୭୧,୦୦୦ଟି ଟୁଥ୍‌ପିକ୍ ବ୍ୟବହାର କରିଛନ୍ତି। ଆଉ ଏହାକୁ ତିଆରି କରିବାକୁ ତାଙ୍କୁ ୪୦ ଦିନ ସମୟ ଲାଗିଛି। ସାଧାରଣତନ୍ତ୍ର ଦିବସକୁ ଆଉ ମାତ୍ର ୨ ଦିନ ବାକିଥିବା ବେଳେ ବଲ୍‌ଜିନ୍ଦରଙ୍କ ଏହି ଜାତୀୟ ପତାକା ଚର୍ଚ୍ଚାକୁ ଆସିଛି। ଟୁଥ୍‌ପିକ୍‌ରେ ପତାକାଟି ତିଆରି କରିବା ପରେ ସେ ଏହାକୁ ଜାତୀୟ ପତାକାରେ ଥିବା ୩ଟି ରଙ୍ଗରେ ରାଙ୍ଗେଇଛନ୍ତି। ବଲଜିନ୍ଦରଙ୍କ ଏହି କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



# ମାଟ୍ରିକ ପରୀକ୍ଷା ସାଥୀ





## ସାଧାରଣ ବିଜ୍ଞାନ (GENERAL SCIENCE)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

#### Physical Science

**1. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ। [1×5=5**

(i) ଏକ ହଳଦିଆ ବର୍ଣ୍ଣର ଯୌଗିକ 'X' କୁ ସୂର୍ଯ୍ୟାଲୋକରେ ରଖିଲେ ଏହା ଧୂସର ବର୍ଣ୍ଣର ପଦାର୍ଥ 'Y' ଉତ୍ପନ୍ନ କରେ; ତେବେ 'Y' କ'ଣ ?

(ii) ଅମ୍ଳ ଧାତବ କାର୍ବୋନେଟ୍ ସହ ପ୍ରତିକ୍ରିୟା କଲେ ଲବଣ ଓ ଜଳ ବ୍ୟତୀତ ଆଉ କ'ଣ ସୃଷ୍ଟି କରେ ?

(iii) Mg ପରମାଣୁ ଅଷ୍ଟକ ସଂପୂର୍ଣ୍ଣ ପାଇଁ କେତୋଟି ଇଲେକ୍ଟ୍ରନ ତ୍ୟାଗ କରେ ?

(iv) ପାୱାର୍‌କୁ ଡାୟପ୍ଟର ଏକକରେ ପ୍ରକାଶ କରିବାକୁ ଗଲେ ଫୋକସ୍ ଦୂରତାକୁ କେଉଁ ଏକକରେ ପ୍ରକାଶ କରିବା ଆବଶ୍ୟକ ହୁଏ ?

(v) ବିଦ୍ୟୁତ୍ ପ୍ରବାହୀ ଦୀର୍ଘ ସଲେନଏଡ୍ ଭିତରେ କେଉଁ ପ୍ରକାର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ ?

**2. ଶୂନ୍ୟସ୍ଥାନ ପୂରଣ କର। [1×5=5**

(i) ଲେଡ୍ ନାଇଟ୍ରେଟ୍‌ର ବିଘଟନ _______ ଦ୍ୱାରା ହୋଇଥାଏ।

(ii) _______ ଅଧାତୁ ହେଲେ ମଧ୍ୟ ଉଜ୍ଜ୍ୱଳତା ପ୍ରଦର୍ଶନ କରେ।

(iii) ଫରମିକ୍ ଅମ୍ଳରେ ସକ୍ରିୟ ଗ୍ରୁପ୍ ହେଉଛି _______।

(iv) ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଆଲୋକ ରଶ୍ମି _______ ଦ୍ୱାରା ପ୍ରତିସୃତ ହୁଏ।

(v) _______ ସରଳ ଭୋଲଟୀୟ ସେଲ୍ ତିଆରି କରିଥିଲେ।

**3. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ଲେଖ। [1×5=5**

(i) ପୋଟାସିୟମ୍ ଏଲୁମିନେଟ୍‌ର ସଂକେତ $KAl_2O_4$।

(ii) ହାଲୋଜେନ୍ ଶ୍ରେଣୀରେ ସର୍ବାଧିକ ବିଦ୍ୟୁତ୍ ଋଣାତ୍ମକ ମୌଳିକ ହେଉଛି ଫ୍ଲୋରିନ୍।

(iii) ବାୟୁମଣ୍ଡଳୀୟ ପ୍ରତିସରଣ ଯୋଗୁଁ ତାରାମାନେ ଦପ୍‌ଦପ୍ ହେବା ଦେଖାଯାଏ।

(iv) ଅବତଳ ଲେନ୍ସରେ ବସ୍ତୁ ଅନନ୍ତ ଦୂରତାରେ ରହିଲେ ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ।

(v) ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ ସାହାଯ୍ୟରେ ସହଜରେ ବିଦ୍ୟୁତ୍ ସ୍ରୋତର ଦିଗ ଜାଣିହୁଏ।

**4. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମେଳ କର। [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $BaSO_4$ | (a) $CH_3COOH$ |
| (ii) ପିମ୍ପୁଡ଼ି ଦଂଶନ | (b) S |
| (iii) Ca | (c) 2, 6 |
| (iv) ଏସିଟିକ୍ ଏସିଡ୍ | (d) ବିଦ୍ୟୁତ୍ ସଂଶ୍ଲେଷଣ |
| (v) O | (e) ମିଥାନୋଇକ୍ ଏସିଡ୍ |

**5. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ। [1×5=5**

(i) ଜିଂକ୍ ସଲ୍‌ଫେଟ୍ ଦ୍ରବଣରେ ତମ୍ବାପାତ ବୁଡ଼ାଇଲେ କୌଣସି ପ୍ରତିକ୍ରିୟା ନ ଘଟିବାର କାରଣ କ'ଣ ?

(ii) ହାଇଡ୍ରୋଜେନ୍ ଆୟନ୍‌କୁ କାହିଁକି ହାଇଡ୍ରୋନିୟମ୍ ($H_3O^+$) ଆୟନ ରୂପେ ଦର୍ଶାଯାଏ ?

(iii) B, O, N, F, C ମୌଳିକଗୁଡ଼ିକୁ ଆକାର ବୃଦ୍ଧି କ୍ରମରେ ସଜାଇ ଲେଖି ଏଗୁଡ଼ିକ କେଉଁ ପର୍ଯ୍ୟାୟର ଉଲ୍ଲେଖ କର।

(iv) ବର୍ଣ୍ଣାଳୀର ଊର୍ଦ୍ଧ୍ୱରେ କାହିଁକି ଲାଲ୍ ବର୍ଣ୍ଣ ରହେ ?

(v) ଭୋଲ୍‌ଟର ସଂଜ୍ଞା ଲେଖ।

#### Life Science

**6. ଶୂନ୍ୟସ୍ଥାନ ପୂରଣ କର : [1×5=5**

(i) ପାକସ୍ଥଳୀର ଉପର ଅଂଶକୁ କାର୍ଡ଼ିଆକ୍ ଷ୍ଟୋମାକ୍ ଓ ତଳ ଅଂଶକୁ _______ କୁହାଯାଏ।

(ii) ପତ୍ରରେ ପ୍ରସ୍ତୁତ ଶ୍ୱେତସାର _______ ଟିସୁ ଦ୍ୱାରା ସ୍ଥାନାନ୍ତରିତ ହୋଇଥାଏ।

(iii) ଭ୍ରୂଣପୋଷର ଗୁଣସୂତ୍ର ସଂଖ୍ୟା _______ ଅଟେ।

(iv) ଗୋବର ଗ୍ୟାସ୍‌ରେ ମୁଖ୍ୟତଃ _______ ଗ୍ୟାସ୍ ଅଧିକ ପରିମାଣରେ ଥାଏ।

(v) ପରିସଂସ୍ଥାରେ ସ୍ଥଳ ଉଦ୍ଭିଦ ଏକ _______।

**7. ଗୋଟିଏ ବା ଦୁଇଟି ଶବ୍ଦରେ ଉତ୍ତର ଦିଅ। [1×5=5**

(i) ସବୁଜ ଉଦ୍ଭିଦ କେଉଁ ପ୍ରକ୍ରିୟାରେ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥାଏ ?

(ii) କେଉଁ ପ୍ରକାର ପତ୍ରର କେବଳ ଉପରିଭାଗରେ ବା ପୃଷ୍ଠତଳରେ ଷ୍ଟୋମାଟା ଥାଏ ?

(iii) ଲୋହିତ ରକ୍ତକଣିକାର ଆବରଣରେ ଥିବା ପ୍ରୋଟିନ୍‌ଟି କ'ଣ ?

(iv) ପ୍ରାଣୀ ଓ ଉଦ୍ଭିଦରେ ହେଉଥିବା ବିବର୍ତ୍ତନକୁ କ'ଣ କୁହାଯାଏ ?

(v) ଖାଦ୍ୟ ପ୍ରବାହ ଜରିଆରେ ପ୍ରାଣୀ ଶରୀରରେ ବିଷାକ୍ତ ପଦାର୍ଥର କ୍ରମାଗତ ବୃଦ୍ଧିକୁ କ'ଣ କୁହାଯାଏ ?

**8. ଗୋଟିଏ ବାକ୍ୟରେ ଉତ୍ତର ଦିଅ : [1×5=5**

(i) ରୁବିସ୍କୋ କ'ଣ ଓ ଏହାର କାର୍ଯ୍ୟ ଲେଖ।

(ii) ଦ୍ୱୈତ ସଞ୍ଚାଳନ କହିଲେ କ'ଣ ବୁଝ ?

(iii) ବଂଶାନୁକ୍ରମ କହିଲେ କ'ଣ ବୁଝ ?

(iv) ସୌର କୁକରର ପାତ୍ରଗୁଡ଼ିକର ଭିତର ପାଖରେ କଳା ରଙ୍ଗର ପ୍ରଲେପ ଦିଆଯାଇଥାଏ କାହିଁକି ?

(v) ଜଳମଣ୍ଡଳ କାହାକୁ କୁହାଯାଏ ?

**9. 'କ' ସ୍ତମ୍ଭରେ ପ୍ରଥମ ଯୋଡ଼ାର ସମ୍ପର୍କକୁ ଲକ୍ଷ୍ୟ କରି 'ଖ' ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର। [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ଚିପ୍‌କୋ ଆନ୍ଦୋଳନ: ସୁନ୍ଦରଲାଲ୍ ବହୁଗୁଣା | ମେଧା ପାଟ୍‌କର: _______। |
| (ii) ହରିଣ : ତୃଣଭୋଜୀ | ମନୁଷ୍ୟ : _______ । |
| (iii) ଉତ୍ତପ୍ତ ଜଳ : ଉଷ୍ଣ ପ୍ରସ୍ରବଣ | ତରଳ ଶିଳା : _______। |
| (iv) ଗାଲିଛିଦ୍ର : ଫୁସ୍‌ଫୁସ୍ | ପୃଷ୍ଠରଜ୍ଜୁ : _______। |
| (v) ଭାସେକ୍ଟୋମୀ : ଶୁକ୍ରବାହୀ ନଳୀ : : | ଟ୍ୟୁବେକ୍ଟୋମୀ : _______। |

**10. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ସୂଚାଅ। [1×5=5**

(i) ଏଡ୍‌ସରେ ଆକ୍ରାନ୍ତ ବ୍ୟକ୍ତିର ଶରୀରରେ ଟି-ଲିମ୍ଫୋସାଇଟ୍ ନାମକ ଏକ ପ୍ରକାର ଶ୍ୱେତ ରକ୍ତକଣିକା ସଂଖ୍ୟା ଦ୍ରୁତ ଗତିରେ ହ୍ରାସପାଏ।

(ii) ପାକିଟିନ୍ ଉପାବସ୍ଥାରେ ଗୁଣସୂତ୍ରଗୁଡ଼ିକ ସ୍ଥୂଳ ଓ କ୍ଷୁଦ୍ରାକାର ହୋଇଥାଏ।

(iii) କେନ୍ଦ୍ରୀୟ ସ୍ନାୟୁତନ୍ତ୍ର କରୋଟି ସ୍ନାୟୁ ଓ ସୁଷୁମ୍ନା ସ୍ନାୟୁକୁ ନେଇ ଗଠିତ।

(iv) ମଳରେ ୟୁରୋକ୍ରୋମ୍ ନାମକ ବର୍ଣ୍ଣକଣିକାର ଉପସ୍ଥିତି ଯୋଗୁଁ ହଳଦିଆ ଦେଖାଯାଏ।

(v) ଇନ୍ଦିରା ଗାନ୍ଧି କେନାଲ ଯୋଜନା କର୍ଣ୍ଣାଟକରେ କାର୍ଯ୍ୟକାରୀ ହେଉଅଛି।

### PART – II (SUBJECTIVE)

#### Physical Science

**11.(କ)** ସହ ସଂଯୋଜ୍ୟ କ'ଣ? ଡଟ୍‌କ୍ରସ ଇଲେକ୍ଟ୍ରନ୍ ସଂରଚନା ଦ୍ୱାରା ଏମୋନିଆ ଓ ମିଥେନ୍ ଅଣୁର ଗଠନ ଚିତ୍ର ମାଧ୍ୟମରେ ବୁଝାଅ। [4

**କିମ୍ବା,** କଳିଚୂନ ଓ ଶମିତ ଚୂନର ରାସାୟନିକ ନାମ ଓ ସଙ୍କେତ ଲେଖ। ଏଗୁଡ଼ିକ କିପରି ସୃଷ୍ଟି ହୁଏ, ରାସାୟନିକ ସମୀକରଣ ସହ ଉଲ୍ଲେଖ କର। ଶମିତ ଚୂନର ଦ୍ରବଣ କାନ୍ଥକୁ କିପରି ଧବଳ ଉଜ୍ଜ୍ୱଳତା ପ୍ରଦାନ କରେ ସମୀକରଣ ସହ ବୁଝାଅ।

**(ଖ)** ଇନ୍ଦ୍ରଧନୁ କିପରି ସୃଷ୍ଟି ହୁଏ ଚିତ୍ର ସହ ବୁଝାଅ। [4

**କିମ୍ବା,** ପରିବାହୀର ପ୍ରତିରୋଧ କେଉଁ କେଉଁ କାରକ ଉପରେ ନିର୍ଭର କରେ ଲେଖ। ବିଶିଷ୍ଟ ପ୍ରତିରୋଧ ନିର୍ଣ୍ଣୟ ପାଇଁ ଏକ ସୂତ୍ର ନିଗମନ କର। ଧାତୁ ଓ ମିଶ୍ରଧାତୁମାନଙ୍କର ପ୍ରତିରୋଧିତା ବିଷୟରେ ଲେଖ।

**12.(କ)** କୌଣସି ରାସାୟନିକ ପ୍ରତିକ୍ରିୟାରେ କେବଳ ଜାରଣ କିମ୍ବା କେବଳ ବିଜାରଣ ଘଟେ ନାହିଁ। ଉଦାହରଣ ଦ୍ୱାରା ଏହାର ସତ୍ୟତା ପ୍ରତିପାଦନ କର। [3

**କିମ୍ବା,** ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍‌ର ପ୍ରସ୍ତୁତି ବର୍ଣ୍ଣନା କର।

**(ଖ)** ସକ୍ରିୟତା କ୍ରମ ଅନୁଯାୟୀ ମୌଳିକଗୁଡ଼ିକର ପ୍ରତୀକ ଏବଂ ସେଗୁଡ଼ିକର ଧାତୁ ନିଷ୍କାସନ ପ୍ରଣାଳୀ ଲେଖ। [3

**କିମ୍ବା,** କ୍ଷାରୀୟ ଧାତୁ ଓ ହାଲୋଜେନ୍ ମୌଳିକ ସହ ହାଇଡ୍ରୋଜେନ୍‌ର କିପରି ସାମଞ୍ଜସ୍ୟ ଅଛି ବୁଝାଅ।

**(ଗ)** ଏକ ଉତ୍ତଳ ଦର୍ପଣଠାରୁ ବସ୍ତୁକୁ ଘୁଞ୍ଚାଇ ନେଲେ ପ୍ରତିବିମ୍ବର ଅବସ୍ଥିତି ଓ ଆକାର କିପରି ବଦଳି ଥାଏ ? [3

**କିମ୍ବା,** ବୈଦ୍ୟୁତିକ ଉପକରଣଗୁଡ଼ିକୁ ସମାନ୍ତରାଳ ଭାବେ ସଂଯୋଗ କରିବା ଦ୍ୱାରା କି କି ସୁବିଧା ହୋଇଥାଏ ?

**13.(କ)** ପ୍ରତି ପର୍ଯ୍ୟାୟରେ ଯୋଜ୍ୟତାର କି ପରିବର୍ତ୍ତନ ଘଟେ ? ଉଦାହରଣ ଦିଅ। [2

**କିମ୍ବା,** ବେଞ୍ଜିନ୍‌ର ସଙ୍କେତ ଓ ସଂରଚନା ଲେଖ।

**(ଖ)** ଥରମିଟ୍ ପ୍ରତିକ୍ରିୟା କ'ଣ ବୁଝାଅ। [2

**କିମ୍ବା,** $H^+(aq)$ ଆୟନ୍‌ଗୁଡ଼ିକର ଗାଢ଼ତା ଦ୍ରବଣର ପ୍ରକୃତି ଉପରେ କି ପ୍ରଭାବ ପକାଇଥାଏ ?

**(ଗ)** ଏକ ଅବତଳ ଦର୍ପଣ ଓ ଉତ୍ତଳ ଲେନ୍ସକୁ ଜଳ ମଧ୍ୟରେ ରଖିଲେ ସେଗୁଡ଼ିକର ଫୋକସ୍ ଦୈର୍ଘ୍ୟରେ କି ପରିବର୍ତ୍ତନ ଘଟେ ? [2

**କିମ୍ବା,** ମୁକୁରିକା କ'ଣ ? ଏହାର କାର୍ଯ୍ୟ ଲେଖ।

**(ଘ)** ବିଦ୍ୟୁତ୍ ଶକ୍ତିର ବ୍ୟବସାୟିକ ଏକକ କ'ଣ ? ଏହାକୁ ଜୁଲ୍‌ରେ ପ୍ରକାଶ କର। [2

**କିମ୍ବା,** ସଲେନଏଡ୍ କିପରି ଦଣ୍ଡଚୁମ୍ବକ ପରି କାର୍ଯ୍ୟ କରେ ?

#### Life Science

**14.(କ)** ସ୍ନାୟୁକୋଷର ଗଠନ ବର୍ଣ୍ଣନା କର। [4

**କିମ୍ବା,** ସମାୟନ ପରେ ଯୁଗ୍ମକର କି ପ୍ରକାର ପରିବର୍ତ୍ତନ ହୋଇଥାଏ ବୁଝାଅ।

**(ଖ)** ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର ବୋଲି କାହିଁକି କୁହାଯାଏ ? [4

**କିମ୍ବା,** ବର୍ଷାଜଳ ସଂରକ୍ଷଣର ଉପାୟଗୁଡ଼ିକ ଉଲ୍ଲେଖ କର।

**15.(କ)** ସୁରାସାର କିଣ୍ୱନ ଓ ଲାକ୍ଟିକ୍ ଅମ୍ଳ କିଣ୍ୱନ ବୁଝାଅ। [3

କିମ୍ବା, ବଂଶାନୁକ୍ରମରେ ଜିନୀୟ ପଦାର୍ଥର ଭୂମିକା ଲେଖ।

**(ଖ)** ଖାଦ୍ୟ ଜାଲି କହିଲେ କ'ଣ ବୁଝ ? [3

**କିମ୍ବା,** ସୌର ସେଲ୍ କେଉଁଠାରେ ବ୍ୟବହାର କରାଯାଏ ? ଏହି ସେଲ୍ ତିଆରିରେ ଅସୁବିଧାଗୁଡ଼ିକ କ'ଣ ?

**(ଗ)** ମନୁଷ୍ୟର ଶ୍ୱାସତନ୍ତ୍ରର ନାମାଙ୍କିତ ଚିତ୍ର ଅଙ୍କନ କର। [3

**କିମ୍ବା,** ଉଦ୍ଭିଦ ଗର୍ଭାଶୟର ନାମାଙ୍କିତ ଚିତ୍ର ଅଙ୍କନ କର।

**16. (କ)** ମୂଳର ବୃଦ୍ଧି ଉପରେ ହରମୋନ୍‌ର ପ୍ରଭାବ ଆଲୋଚନା କର। [2

**କିମ୍ବା,** ଅନ୍ତଃ ଅଣୁ ବଂଶବିସ୍ତାର କ'ଣ ?

**(ଖ)** ମେଣ୍ଡେଲଙ୍କ ପ୍ରଭାବୀ ଗୁଣ ନୀତି କ'ଣ ? [2

**କିମ୍ବା,** ରକ୍ତବାହିନୀ କାହାକୁ କୁହାଯାଏ ? ଏଗୁଡ଼ିକର ନାମ ଓ କାର୍ଯ୍ୟ ଲେଖ।

**(ଗ)** ଜୀବାଶ୍ମ ଇନ୍ଧନର ଦୁଇଟି ଅପକାରିତା ଲେଖ। [2

**କିମ୍ବା,** ଜିନ୍ କ'ଣ ? ଏହା କିପରି କାର୍ଯ୍ୟ କରିଥାଏ ?

**(ଘ)** ଅପଘଟକ ପରିସଂସ୍ଥାର କି କାର୍ଯ୍ୟ କରିଥାଏ ? [2

**କିମ୍ବା,** 3R କହିଲେ କ'ଣ ବୁଝ ? ଏଗୁଡ଼ିକ ଉଲ୍ଲେଖ କର।

### ANSWER - PART – I (OBJECTIVE)

**1.** (i) Ag (ii) ଅଙ୍ଗାରକାମ୍ଳ (iii) 2 (iv) ମିଟର (v) ଶକ୍ତିଶାଳୀ ସମଚୁମ୍ବକୀୟ କ୍ଷେତ୍ର

**2.** (i) ତାପ (ii) ଆୟୋଡ଼ିନ୍ (iii) କାର୍ବୋକ୍ସିଲିକ୍ ଏସିଡ୍ (iv) ସ୍ୱଚ୍ଛପଟଳ (v) ଭୋଲ୍‌ଟା

**3.** (i) ☒ (ii) ☑ (iii) ☑ (iv) ☑ (v) ☒

**4.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $BaSO_4$ | (a) S |
| (ii) ପିମ୍ପୁଡ଼ି ଦଂଶନ | (b) ମିଥାନୋଇକ୍ ଏସିଡ୍ |
| (iii) Ca | (c) ବିଦ୍ୟୁତ୍ ସଂଶ୍ଲେଷଣ |
| (iv) ଏସିଟିକ୍ ଏସିଡ୍ | (d) $CH_3COOH$ |
| (v) O | (e) 2, 6 |

**5.** (i) ଜିଂକ୍ କପରଠାରୁ ଅଧିକ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଏହା କପରଦ୍ୱାରା ବିସ୍ଥାପିତ ହୋଇପାରେ ନାହିଁ। (ii) ହାଇଡ୍ରୋଜେନ୍ ଆୟନ୍ ସ୍ୱତନ୍ତ୍ରଭାବେ ରହି ନପାରି ଜଳ ଅଣୁ ସହିତ ମିଳିତହୋଇ ରହିଥାଏ। (iii) B, C, N, O, F ଏଗୁଡ଼ିକ ଦ୍ୱିତୀୟ ପର୍ଯ୍ୟାୟର। (iv) ପ୍ରିଜିମ୍‌ରେ ସୂର୍ଯ୍ୟାଲୋକର ପ୍ରତିସରଣପରେ ଲାଲ୍ ବର୍ଣ୍ଣର ଆଲୋକ ପ୍ରିଜିମ୍‌ର ଭୂମି ଆଡ଼କୁ ସବୁଠାରୁ କମ୍ ବଙ୍କାଏ। (v) ପରିପଥର ଦୁଇ ବିନ୍ଦୁ ମଧ୍ୟରେ 1 କୁଲମ୍ ଚାର୍ଜ ପ୍ରବାହିତ ହୋଇ 1 ଜୁଲ୍ କାର୍ଯ୍ୟ ହେଲେ ବିଭବାନ୍ତର 1 ଭୋଲ୍‌ଟ ହୁଏ।

**6.** (i) ପାଇଲୋରିକ୍ (ii) ଫ୍ଲୋଏମ୍ (iii) ତ୍ରିଗୁଣିତ, 3n (iv) ମିଥେନ୍ (v) ଉତ୍ପାଦକ

**7.** (i) ଆଲୋକଶ୍ଲେଷଣ (ii) ପୃଷ୍ଠକୁକ୍ଷୀୟ (iii) ଏଣ୍ଟିଜେନ୍ (iv) ଜୈବ ବିବର୍ତ୍ତନ (v) ଜୈବ ପରିବର୍ଦ୍ଧନ

**8.** (i) ରୁବିସ୍କୋ ଏକ ଏନ୍‌ଜାଇମ୍ ଏବଂ ଏହା ସାହାଯ୍ୟରେ $CO_2$ ଜୈବ ପଦାର୍ଥରେ ବିବନ୍ଧିତ ହୋଇ ଗ୍ଳୁକୋଜ୍‌ରେ ପରିଣତ ହୁଏ। (ii) ଶରୀରର କୌଣସି ଅଙ୍ଗକୁ ଥରେ ରକ୍ତ ପହଞ୍ଚିଲାବେଳକୁ ତାହା ଦୁଇଥର ହୃତ୍‌ପିଣ୍ଡ ଦେଇ ପ୍ରବାହିତ ହେବାକୁ ଦ୍ୱୈତ ସଞ୍ଚାଳନ କୁହାଯାଏ। (iii) ପିତାମାତାଙ୍କର ଗୁଣ ପରବର୍ତ୍ତୀ ପିଢ଼ିରେ ପ୍ରକାଶିତ ହେବାକୁ ବଂଶାନୁକ୍ରମ କୁହାଯାଏ। (iv) କଳାରଙ୍ଗ ଅଧିକ ତାପ ଅବଶୋଷଣ କରେ। (v) ପୃଥିବୀପୃଷ୍ଠରେ ଥିବା ସମସ୍ତପ୍ରକାର ଜଳର ଉତ୍ସକୁ ଜଳମଣ୍ଡଳ କୁହାଯାଏ।


**9.** (i) ନର୍ମଦା ବଞ୍ଚାଅ ଆନ୍ଦୋଳନ
(ii) ସର୍ବଭୋଜୀ
(iii) ମାଗ୍‌ମା
(iv) ମେରୁଦଣ୍ଡ
(v) ଡିମ୍ବବାହୀ ନଳୀ

**10.** (i) ☑ (ii) ☑ (iii) ☒ (iv) ☒ (v) ☑

### ANSWER - PART – II (SUBJECTIVE)


**11.(କ)** (i) ସହ ସଂଯୋଜ୍ୟ ବନ୍ଧ : ଦୁଇଟି ପରମାଣୁ ମଧ୍ୟରେ ଇଲେକ୍ଟ୍ରନ୍ ସହଭାଜନ ଦ୍ୱାରା ଗଠିତ ବନ୍ଧକୁ ସହ ସଂଯୋଜ୍ୟ ବନ୍ଧ କୁହାଯାଏ।

(ii) ଏମୋନିଆ ଅଣୁର ଗଠନ :



ଯବକ୍ଷାରଜାନ ପରମାଣୁର ବାହ୍ୟତମ କକ୍ଷରେ 5 ଟି ଇଲେକ୍ଟ୍ରନ୍ ଥିବାରୁ ଅକ୍ଟେଟ୍ ପୂରଣ ପାଇଁ ଆହୁରି 3 ଟି ଇଲେକ୍ଟ୍ରନ୍ ଆବଶ୍ୟକ କରିଥାଏ। ତେଣୁ 3 ଟି ଉଦ୍‌ଜାନ ପରମାଣୁ ସହ ଇଲେକ୍ଟ୍ରନ୍ ଭାଗ କରି ବନ୍ଧ ଗଠନ କରିଥାଏ।

(iii) ମିଥେନ୍ ଅଣୁର ଗଠନ :



କାର୍ବନ୍ ପରମାଣୁର ବାହ୍ୟତମ କକ୍ଷରେ 4 ଟି ଇଲେକ୍ଟ୍ରନ୍ ଥିବାରୁ ଅକ୍ଟେଟ୍ ପୂରଣ ପାଇଁ ଆହୁରି 4 ଟି ଇଲେକ୍ଟ୍ରନ୍ ଆବଶ୍ୟକ କରିଥାଏ। ତେଣୁ 4 ଟି ଉଦ୍‌ଜାନ ପରମାଣୁ ସହ ଇଲେକ୍ଟ୍ରନ୍ ଭାଗ କରି ବନ୍ଧ ଗଠନ କରିଥାଏ।

**କିମ୍ବା,**


(i) କଳିଚୂନର ରାସାୟନିକ ନାମ – କ୍ୟାଲସିୟମ୍ ଅକ୍ସାଇଡ୍ (CaO)।
ଶମିତ ଚୂନର ରାସାୟନିକ ନାମ – କ୍ୟାଲସିୟମ୍ ହାଇଡ୍ରକ୍ସାଇଡ୍ ($Ca(OH)_2$)।

(ii) ଚୂନପଥରକୁ ଉତ୍ତପ୍ତ କଲେ ଏହା ବିଘଟିତ ହୋଇ କଳିଚୂନ ଓ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ।
$CaCO_3 \xrightarrow{\text{ତାପ}} CaO + CO_2$

(iii) କଳିଚୂନ ଜଳ ସହ ପ୍ରତିକ୍ରିୟା କରି ଶମିତ ଚୂନ ଉତ୍ପନ୍ନ ହୁଏ।
$CaO + H_2O \rightarrow Ca(OH)_2$

(iv) ଶମିତ ଚୂନର ଦ୍ରବଣରେ କାନ୍ଥକୁ ଧଉଳାଇଲେ କ୍ୟାଲସିୟମ୍ ହାଇଡ୍ରକ୍ସାଇଡ୍ ବାୟୁରେ ଥିବା ଅଙ୍ଗାରକାମ୍ଳ ସହ ଧୀରେ ଧୀରେ ପ୍ରତିକ୍ରିୟା କରି କାନ୍ଥ ଉପରେ କ୍ୟାଲସିୟମ୍ କାର୍ବୋନେଟ୍‌ର ଏକ ପତଳା ଆସ୍ତରଣ ସୃଷ୍ଟି କରି କାନ୍ଥକୁ ଧବଳ ଉଜ୍ଜ୍ୱଳତା ପ୍ରଦାନ କରେ।
$Ca(OH)_2 + CO_2 \rightarrow CaCO_3 + H_2O$

**(ଖ)**




(i) ଇନ୍ଦ୍ରଧନୁ ଆଲୋକ ପ୍ରକୀର୍ଣ୍ଣନର ଏକ ପ୍ରାକୃତିକ ଉଦାହରଣ। ବାୟୁରେ ଭାସମାନ ଜଳବିନ୍ଦୁଗୁଡ଼ିକ ଦ୍ୱାରା ଆଲୋକର ପ୍ରକୀର୍ଣ୍ଣନ ହୋଇ ଇନ୍ଦ୍ରଧନୁ ସୃଷ୍ଟି ହୁଏ।

(ii) ବର୍ଷାଦିନେ ଆକାଶରେ ସୂର୍ଯ୍ୟ ଯେଉଁ ଦିଗରେ ଥାଏ, ତାହାର ବିପରୀତ ଦିଗରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ। ମେଘରେ ଥିବା ଅସଂଖ୍ୟ କ୍ଷୁଦ୍ର ଜଳକଣା ଛୋଟ ଛୋଟ ପ୍ରିଜିମ୍ ପରି କାର୍ଯ୍ୟ କରନ୍ତି।

(iii) ଏହି ଭାସମାନ ଜଳକଣାଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ିଲେ ପ୍ରଥମେ ପ୍ରତିସୃତ ଓ ପ୍ରକୀର୍ଣ୍ଣିତ ହୁଏ। ଏହାପରେ ଜଳବିନ୍ଦୁଗୁଡ଼ିକ ମଧ୍ୟରେ ଆଲୋକର ଆଭ୍ୟନ୍ତରୀଣ ପ୍ରତିଫଳନ ଓ ପୁନର୍ବାର ପ୍ରତିସରଣ ଘଟେ। ଏହାପରେ ସୂର୍ଯ୍ୟାଲୋକ ଜଳକଣାରୁ ବାହାରି ଆସେ ଯାହାକି ସାତ ବର୍ଣ୍ଣବିଶିଷ୍ଟ ଇନ୍ଦ୍ରଧନୁର ଧାରଣା ଦିଏ।

**କିମ୍ବା,**

(i) ଗୋଟିଏ ପରିବାହୀର ପ୍ରତିରୋଧ ପରିବାହୀର ଦୈର୍ଘ୍ୟ (L), ପରିବାହୀର ପ୍ରସ୍ଥଚ୍ଛେଦ (A) ଓ ପରିବାହୀ ଯେଉଁ ପଦାର୍ଥରୁ ତିଆରି ତାହାର ପ୍ରକୃତି ଉପରେ ନିର୍ଭର କରେ।

(ii) ପରିବାହୀର ପ୍ରତିରୋଧ ତାହାର ଦୈର୍ଘ୍ୟ ସହ ସମାନୁପାତୀ।
$R \propto L$ ..................(i)
ପରିବାହୀର ପ୍ରତିରୋଧ ତାହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ସହ ପ୍ରତିଲୋମାନୁପାତୀ।
$$R \propto \frac{1}{A} \quad \text{..................(ii)}$$
(i) ଓ (ii) ରୁ $R \propto \frac{L}{A} \Rightarrow R = \rho \frac{L}{A}$

$\rho$ ଏକ ସମାନୁପାତୀ ସ୍ଥିରାଙ୍କ ଏହାକୁ ପରିବାହୀର ବିଶିଷ୍ଟ ପ୍ରତିରୋଧ ବା ପ୍ରତିରୋଧିତା କୁହାଯାଏ। ଏହାର ଏକକ ଓମ୍.ମି.।

(iii) ଧାତୁ ଓ ମିଶ୍ରଧାତୁଗୁଡ଼ିକର ପ୍ରତିରୋଧିତା ଅପେକ୍ଷାକୃତ କମ୍ $(10^{-4}\Omega m$ ରୁ $10^{-6}\Omega m)$ ହୋଇଥିବାରୁ ସେମାନେ ବିଦ୍ୟୁତ୍ ସୁପରିବାହୀ।

**12.(କ)** (i) ମନେକର ଏକ ପଦାର୍ଥ A ରେ B କୁ ଜାରକ ଭାବରେ ବ୍ୟବହାର କରାଗଲା । ତେବେ A ଓ B ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟିଲେ A ର ଜାରଣ ଘଟିବା ସହ ଜାରକ B ର ବିଜାରଣ ଘଟିବ।

(ii) ଜିଙ୍କ୍ ଅକ୍ସାଇଡ୍ ସହ କାର୍ବନ୍‌ର ପ୍ରତିକ୍ରିୟା ଘଟି ଜିଙ୍କ୍ ଓ କାର୍ବନ୍ ମନୋକ୍ସାଇଡ୍ ସୃଷ୍ଟି ହୁଏ।
$ZnO + C \rightarrow Zn + CO$

(iii) ଏହି ରାସାୟନିକ ପ୍ରତିକ୍ରିୟାରେ ZnO ର ବିଜାରଣ ଘଟୁଥିବାବେଳେ C ର ଜାରଣ ଘଟି CO ସୃଷ୍ଟି ହୁଏ।

**କିମ୍ବା,**

(i) ସୋଡ଼ିୟମ୍ କ୍ଲୋରାଇଡ୍‌ର ଜଳୀୟ ଦ୍ରବଣରେ ବିଦ୍ୟୁତ୍ ସ୍ରୋତକୁ ପ୍ରବାହିତ କରାଇଲେ ସୋଡ଼ିୟମ୍ କ୍ଲୋରାଇଡ୍ ବିଘଟିତ ହୋଇ ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍ ଉତ୍ପନ୍ନ କରେ।

(ii) ଏହି ପ୍ରଣାଳୀକୁ କ୍ଲୋର-ଆଲକାଲି ପ୍ରଣାଳୀ କୁହାଯାଏ। କାରଣ ଉତ୍ପାଦଗୁଡ଼ିକ ହେଉଛି – କ୍ଲୋର (କ୍ଲୋରିନ୍) ଓ ଆଲ୍‌କାଲି (ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍)।
$2NaCl(aq) + 2H_2O(l) \rightarrow 2NaOH(aq) + Cl_2(g) + H_2(g)$

(iii) ବିଦ୍ୟୁତ୍ ବିଶ୍ଳେଷଣ ବେଳେ କ୍ଲୋରିନ୍ ଗ୍ୟାସ୍ ($Cl_2$) ଏନୋଡ୍‌ଠାରେ, ହାଇଡ୍ରୋଜେନ୍ ଗ୍ୟାସ୍ ($H_2$) କ୍ୟାଥୋଡ୍‌ଠାରେ ଓ ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍ ଦ୍ରବଣ (NaOH) କ୍ୟାଥୋଡ୍ ନିକଟରେ ଉତ୍ପନ୍ନ ହୁଏ।

**(ଖ)** (i) ସକ୍ରିୟତା ଅନୁକ୍ରମର ଊର୍ଦ୍ଧ୍ୱରେ ଥିବା ଧାତୁଗୁଡ଼ିକ ହେଲେ K, Na, Ca, Mg ଓ Al । ଏହି ଧାତୁଗୁଡ଼ିକର ନିଷ୍କାସନ ବିଦ୍ୟୁତ୍ ବିଶ୍ଳେଷଣ ପ୍ରଣାଳୀରେ କରାଯାଏ।

(ii) ସକ୍ରିୟତା ଅନୁକ୍ରମର ମଝିରେ ଥିବା ଧାତୁଗୁଡ଼ିକ ହେଲେ Zn, Fe, Pb ଓ Cu। ଏହି ଧାତୁଗୁଡ଼ିକର ନିଷ୍କାସନ କାର୍ବନ ବିଜାରଣ ପ୍ରଣାଳୀରେ କରାଯାଏ।

(iii) ସକ୍ରିୟତା ଅନୁକ୍ରମର ନିମ୍ନରେ ଥିବା ଧାତୁଗୁଡ଼ିକ ହେଲେ Ag ଓ Au। ଏହି ଧାତୁଗୁଡ଼ିକ ପ୍ରକୃତିରୁ ମୁକ୍ତ ଅବସ୍ଥାରେ ମିଳିଥାଏ।

**କିମ୍ବା,**

(i) ହାଇଡ୍ରୋଜେନ୍, କ୍ଷାରୀୟ ଧାତୁ (Li, Na ଓ K) ଇତ୍ୟାଦି ପରି ହାଲୋଜେନ୍ (F, Cl, Br, I) ଇତ୍ୟାଦି ଅକ୍ସିଜେନ୍ ଓ ସଲ୍‌ଫର୍ ସହ ସଂଯୁକ୍ତ ହୋଇ ଏକାଭଳି ସଂକେତର ଯୌଗିକ ସୃଷ୍ଟି କରେ।

(ii) ଉଦାହରଣ :

| H ର ଯୌଗିକ | K ର ଯୌଗିକ |
|---|---|
| $HCl$ | $HCl$ |
| $H_2O$ | $K_2O$ |
| $H_2S$ | $K_2S$ |

(iii) ପୁନଶ୍ଚ ହାଇଡ୍ରୋଜେନ୍ ହାଲୋଜେନ୍ ଭଳି ଦୁଇ ପରମାଣୁ ବିଶିଷ୍ଟ ଅଣୁ ଗଠନ କରିବା ସହ ଅନ୍ୟ ଅଧାତୁ ସହ ପ୍ରତିକ୍ରିୟା କରି ସହସଂଯୋଜ୍ୟ ବନ୍ଧ ଗଠନ କରେ।

**(ଗ)**(i) ବସ୍ତୁଟି ଘୁଞ୍ଚାଇ ନେଇ ଦର୍ପଣର ପୋଲ୍ (P) ଓ ଫୋକସ୍ (F) ମଧ୍ୟରେ ରଖିଲେ ପ୍ରତିବିମ୍ବ ଦର୍ପଣ ପଛପଟେ P ଓ F ମଧ୍ୟରେ ଗଠିତ ହୁଏ। ଏହା ସଳଖ ଓ କ୍ଷୁଦ୍ର ହୋଇଥାଏ।

(ii) ବସ୍ତୁକୁ F ଠାରେ ରଖିଲେ ପ୍ରତିବିମ୍ବ ଦର୍ପଣ ପଛପଟେ ଫୋକସ୍‌ର ନିକଟବର୍ତ୍ତୀ ହୋଇଥାଏ ଓ P ଓ F ମଧ୍ୟରେ ଗଠିତ ହୁଏ। ଏହା ସଳଖ ଓ କ୍ଷୁଦ୍ର ହୋଇଥାଏ।

(iii) ବସ୍ତୁକୁ ବହୁଦୂରକୁ ଘୁଞ୍ଚାଇନେଲେ ପ୍ରତିବିମ୍ବ F ଠାରେ ଗଠିତ ହୁଏ। ଏହା ସଳଖ ଓ ଅତିକ୍ଷୁଦ୍ର ହୋଇଥାଏ।

**କିମ୍ବା,**

(i) ଗୋଟିଏ ଉପକରଣ ଅଚଳ ହେଲେ ମଧ୍ୟ ଅନ୍ୟ ସମସ୍ତ ଉପକରଣଗୁଡ଼ିକ ସାଧାରଣ ଭାବେ କାର୍ଯ୍ୟ କରନ୍ତି।

(ii) ପ୍ରତ୍ୟେକ ଉପକରଣ ପାଇଁ ପୃଥକ୍ ସୁଇଚ୍ ଥିବାରୁ ତାହା ସ୍ୱାଧୀନ ଭାବେ ବ୍ୟବହୃତ ହୋଇପାରେ। ସମସ୍ତ ଉପକରଣ ସମାନ ଭୋଲ୍‌ଟେଜ୍ ପାଇଥାନ୍ତି।

(iii) ପ୍ରତିରୋଧ ହ୍ରାସ ପାଉଥିବାରୁ ବିଦ୍ୟୁତ୍ ଯୋଗାଣ ଅଧିକ ହୋଇଥାଏ।

**13.(କ)**(i) ପ୍ରତି ପର୍ଯ୍ୟାୟରେ ବାମରୁ ଡାହାଣକୁ ଯୋଜ୍ୟତା 1 ରୁ 4 କୁ ବୃଦ୍ଧିପାଏ ଏବଂ ପରେ 1 କୁ ହ୍ରାସପାଏ।


(ii) ଉଦାହରଣ : 2ୟ ପର୍ଯ୍ୟାୟରେ

| ମୌଳିକ : | Li | Be | B | C | N | O | F |
|---|---|---|---|---|---|---|---|
| ଯୌଗିକ : | 1 | 2 | 3 | 4 | 3 | 2 | 1 |

**କିମ୍ବା,**

(i) ବେଞ୍ଜିନ୍‌ର ସଙ୍କେତ = $C_6H_6$

(ii) ସଂରଚନା :



**(ଖ)** (i) ଫେରିକ୍ ଅକ୍ସାଇଡ୍ ($Fe_2O_3$) କୁ ଏଲୁମିନିୟମ୍ ସହ ପ୍ରତିକ୍ରିୟା କଲେ ଲୁହା ତରଳାବସ୍ଥାରେ ମିଳେ ଓ ପ୍ରଚୁର ତାପ ଉତ୍ପନ୍ନ କରେ।
$Fe_2O_3(S) + 2Al(S) \rightarrow Al_2O_3(S) + 2Fe(l) +$ ତାପ

(ii) ଏହି ପ୍ରତିକ୍ରିୟାରେ ଲୁହା ତରଳାବସ୍ଥାରେ ମିଳେ, ଯାହାକି ଝାଳେଇ ଏବଂ ରେଳ ଧାରଣା ଯୋଡ଼ିବାରେ ବ୍ୟବହୃତ ହୁଏ।

**କିମ୍ବା,**

(i) $H^+(aq)$ ଆୟନ୍‌ଗୁଡ଼ିକର ଗାଢ଼ତା ବୃଦ୍ଧିପାଇଲେ ଦ୍ରବଣର pH ର ମୂଲ୍ୟ ହ୍ରାସପାଏ ଏବଂ ଅମ୍ଳୀୟ ପ୍ରକୃତି ବୃଦ୍ଧିପାଏ।

(ii) $H^+(aq)$ ଆୟନ୍‌ଗୁଡ଼ିକର ଗାଢ଼ତା ହ୍ରାସପାଇଲେ ଦ୍ରବଣର pH ର ମୂଲ୍ୟ ବୃଦ୍ଧିପାଏ ଏବଂ କ୍ଷାରୀୟ ପ୍ରକୃତି ବୃଦ୍ଧିପାଏ।

**(ଗ)** (i) ଦର୍ପଣର ଫୋକସ୍ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରେ ନାହିଁ। ତେଣୁ ପାଣି ଭିତରେ ଅବତଳ ଦର୍ପଣର ଫୋକସ୍ ଦୈର୍ଘ୍ୟ ଅପରିବର୍ତ୍ତିତ ରହେ।

(ii) ଲେନ୍ସର ଫୋକସ୍ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରୁଥିବାରୁ ପାଣି ଭିତରେ ଉତ୍ତଳ ଲେନ୍ସର ଫୋକସ୍ ଦୈର୍ଘ୍ୟ ପରିବର୍ତ୍ତିତ ହୁଏ।

**କିମ୍ବା,**

(i) ଚକ୍ଷୁର ଆଲୋକସମ୍ବେଦୀ ପରଦାକୁ ମୁକୁରିକା କହନ୍ତି।

(ii) ମୁକୁରିକାରେ ବସ୍ତୁର ପ୍ରତିବିମ୍ବ ଗଠିତ ହୁଏ।

**(ଘ)** (i) ବିଦ୍ୟୁତ୍ ଶକ୍ତିର ବ୍ୟବସାୟିକ ଏକକ ହେଉଛି କିଲୋୱାଟ୍ ଘଣ୍ଟା (KWh)।

(ii) 1 KWh
$= 1\ KW \times 1\ h$
$= 10^3\ W \times 3600\ S$
$= 10^3\ J/S \times 3.6 \times 10^3\ S$
$= 3.6 \times 10^6\ J$

**କିମ୍ବା,**

(i) ବିଦ୍ୟୁତ୍ ପ୍ରବାହୀ ସଲେନଏଡ୍‌ର ଚୁମ୍ବକୀୟ କ୍ଷେତ୍ର ଦଣ୍ଡଚୁମ୍ବକ ଦ୍ୱାରା ସୃଷ୍ଟ ଚୁମ୍ବକୀୟ କ୍ଷେତ୍ର ସହ ସମାନ।

(ii) ଯଦି ଏକ ବିଦ୍ୟୁତ୍ ପ୍ରବାହୀ ସଲେନଏଡ୍‌କୁ ମୁକ୍ତଭାବରେ ଝୁଲାଯାଏ, ଏହା ଝୁଲନ୍ତା ଦଣ୍ଡ ଚୁମ୍ବକ ଭଳି ଉତ୍ତର-ଦକ୍ଷିଣ ଦିଗରେ ସ୍ଥିର ରହିବ।

**14.(କ)** (i) ମସ୍ତିଷ୍କ, ସୁଷୁମ୍ନାକାଣ୍ଡ, କ୍ରେନିଏଲ୍ ସ୍ନାୟୁ, ସ୍ପାଇନାଲ୍ ସ୍ନାୟୁ ଆଦି ସ୍ନାୟୁକୋଷ ଦ୍ୱାରା ଗଠିତ ହୋଇଥିବାରୁ ଏହା ଆମ ସ୍ନାୟୁତନ୍ତ୍ରର ଗାଠନିକ ଓ କ୍ରିୟାତ୍ମକ ଏକକ।

(ii) ସ୍ନାୟୁକୋଷରେ ଗୋଟିଏ ନ୍ୟଷ୍ଟି ଓ କୋଷଜୀବକ ରହିଛି। ନ୍ୟଷ୍ଟି ଥିବା ଅଂଶକୁ ସେଲ୍‌ବଡି କୁହାଯାଏ।

(iii) ପ୍ରତ୍ୟେକ ସ୍ନାୟୁକୋଷର ଗୋଟିଏ ପଟେ ଥିବା ଅନେକ କ୍ଷୁଦ୍ର ଶାଖାୟିତ ତନ୍ତୁକୁ ଡେନ୍‌ଡ୍ରାଇଟ୍ କୁହାଯାଏ। ଡେନ୍‌ଡ୍ରାଇଟ୍‌ର ଠିକ୍ ବିପରୀତ ପଟେ ସେଲ୍‌ବଡିରୁ ଏକ ଦୀର୍ଘ ଆକ୍ସନ ବାହାରିଥାଏ। ସ୍ନାୟୁକୋଷ ଆମ ଶରୀରର ସବୁଠାରୁ ଲମ୍ବା କୋଷ।

(iv) ଗୋଟିଏ ସ୍ନାୟୁକୋଷର ଆକ୍ସନ୍‌ର ଶାଖାଯୁକ୍ତ ଶେଷଭାଗ ନିକଟବର୍ତ୍ତୀ ଅନ୍ୟ ସ୍ନାୟୁକୋଷର ଡେନ୍‌ଡ୍ରାଇଟ୍‌ଗୁଡ଼ିକର ଅତି ନିକଟରେ ଥାଏ। ଏହି ସ୍ଥାନକୁ ସିନାପ୍‌ସ କୁହାଯାଏ।

**କିମ୍ବା,**

(i) ସମାୟନ ପରେ ଯୁଗ୍ମକଟିର ବାରମ୍ବାର ବିଭାଜନ ପ୍ରକ୍ରିୟା ଘଟି ଏକକୋଷୀ ଯୁଗ୍ମଜରୁ ବହୁକୋଷୀ ବ୍ଲାଷ୍ଟୁଲା ସୃଷ୍ଟି ହୁଏ। ବ୍ଲାଷ୍ଟୁଲାଟି ବ୍ଲାଷ୍ଟୋସିଷ୍ଟ ଅବସ୍ଥାକୁ ପରିଣତ ହୋଇ ଗର୍ଭାଶୟ କାନ୍ଥରେ ନିବିଡ଼ ଭାବେ ଲାଗିରହେ।

(ii) ଗର୍ଭାଶୟ ସହିତ ଭ୍ରୂଣଟି ପ୍ଲାସେଣ୍ଟା ଜରିଆରେ ଏକ ଜୈବିକ ସମ୍ବନ୍ଧ ସୃଷ୍ଟିକରେ ଏବଂ ପ୍ଲାସେଣ୍ଟା ଦେଇ ଭ୍ରୂଣ ମାଆ ଶରୀରରୁ ନାଭିରଜ୍ଜୁ ଦେଇ ଖାଦ୍ୟ ଓ ଅମ୍ଳଜାନ ଗ୍ରହଣ କରେ। ବର୍ଜ୍ୟବସ୍ତୁ ମଧ୍ୟ ପ୍ଲାସେଣ୍ଟା ବାଟଦେଇ ମାଆ ଶରୀରକୁ ଓ ପରେ ବାହାରକୁ ଆସିଥାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଜାନୁୟାରୀ, ୨୦୨୦



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ। -ସେନେକା



# ଜଳପଥ ଦେଇ ପଶୁଛନ୍ତି ବାଂଲା ରୂପଜୀବୀ

**ବାଲେଶ୍ୱର, କେନ୍ଦ୍ରାପଡ଼ା ଦେଇ ହେଉଛି ଅନୁପ୍ରବେଶ**

## ଫିଟୁଛି ବାଂଲା ସେକ୍ସ ର୍ୟାକେଟ ଗୁମର

ଭୁବନେଶ୍ୱର,୨୩।୧(ବ୍ୟୁରୋ): ଓଡ଼ିଶାରେ ବାଂଲା ସେକ୍ସ ର୍ୟାକେଟ ଧରାପଡ଼ିବା ପରେ ବାଂଲାଦେଶୀ ରୂପଜୀବୀ ଚାଲାଣ ରାକେଟର ବଡ଼ ଗୁମର ଫିଟିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ କମିଶନରେଟ ପୋଲିସ ମିଳିତ ଭାବେ ମାମଲାର ତଦନ୍ତ କରୁଥିବାବେଳେ ମିଳୁଥିବା ନୂଆ ନୂଆ ତଥ୍ୟ ଅଧିକାରୀଙ୍କୁ ଚକିତ କରିଦେଉଛି। ବାଂଲାଦେଶରୁ ଓଡ଼ିଶାକୁ କିଭଳି ଭାବେ ରୂପଜୀବୀମାନେ ଆସୁଛନ୍ତି ଓ ସେମାନଙ୍କୁ କିଏ ଆଣୁଛନ୍ତି ତାହାର ତଦନ୍ତ ଚାଲିଛି। ସେକ୍ସ ର୍ୟାକେଟର କିଙ୍ଗପିନ୍ ଅଞ୍ଜଳି ଦିଦି ଓରଫ ରୁକ୍‌ସାର ବେଗମ୍ ଓ ସ୍ୱାମୀ ସେକ୍ ଇବ୍ରାହିମ୍ ଖାନ୍ ପିପିଲିରୁ ଧରାପଡ଼ିବା ପରେ ଅନ୍ତଃରାଷ୍ଟ୍ରୀୟ ରୂପଜୀବୀ ଓ ଯୁବତୀ ଚାଲାଣର ସୁରାକ ପାଇଛି ଏସ୍‌ଟିଏଫ୍। ବାଂଲାଦେଶରେ ଥିବା ଅଞ୍ଜଳିଙ୍କ ଭଉଣୀ ଓ ଭିଣୋଇ ଯୁବତୀମାନଙ୍କୁ କଲିକତା ପଠାଉଥିଲେ। ସେଠାରୁ ଓଡ଼ିଶା ଆଣିବାରେ ଇବ୍ରାହିମ୍ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ପୁରୁଣା ଭୁବନେଶ୍ୱର ରଥରୋଡ୍‌ରୁ ଧରାପଡ଼ିଥିବା ୬ ରୂପଜୀବୀଙ୍କୁ ଶର୍ଟ ଷ୍ଟେ’ ହୋମ୍‌ରେ ରଖି ପଚରାଉଚରା ଚାଲିଛି। ସେମାନଙ୍କ ନକଲି ଆଧାରକାର୍ଡ, କିଛି ବ୍ୟାଙ୍କ୍ ପାସ୍‌ବୁକ୍ ଓ ଅନ୍ୟ କେତେକ କାଗଜପତ୍ର ଜବତ ସହ ଅଧିକ ତଦନ୍ତ କରୁଛି ଏସ୍‌ଟିଏଫ। ରୂପଜୀବୀଙ୍କୁ ପଚରାଉଚରା କରିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେମାନଙ୍କୁ ଅଞ୍ଜଳି ଦିଦିଙ୍କ ଭଉଣୀ ଓ ଭିଣୋଇ ଚାକିରି କରାଇ ଦେବାକୁ କହି ଘରୁ ପଠାଇଥିଲେ। ୪ଜଣ ଦଲାଲଙ୍କ ସହାୟତାରେ କେତେଜଣ ସୀମା ଦେଇ କଲିକତା ଓ ତା’ପରେ ଭୁବନେଶ୍ୱର ଆସିଥିଲେ। କାଗଜପତ୍ର ସମସ୍ୟା ଉପୁଜିବାରୁ ଆଉ କେତେଜଣଙ୍କୁ ଜଳପଥ ଦେଇ ଓଡ଼ିଶାରେ ପ୍ରବେଶ କରାଇଥିଲେ। କେତେଜଣ ବୋଟ୍ ଯୋଗେ ବାଲେଶ୍ୱର ଓ ଆଉ କେତେଜଣ କେନ୍ଦ୍ରାପଡ଼ାରେ ଓହ୍ଲାଇବା ପରେ ସେଠାରୁ ଭୁବନେଶ୍ୱର ଅଣାଯାଇଥିଲା ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି।



## ୫ ଦିନିଆ ରିମାଣ୍ଡରେ ଆସିବେ ଅଞ୍ଜଳି ଦିଦି, ଇବ୍ରାହିମ୍

ଯୁବତୀ ଓ ରୂପଜୀବୀ ଚାଲାଣର ପୂରା ଖୁଲାସା କରିବା ପାଇଁ ଜେଲ୍‌ରେ ଥିବା ଅଞ୍ଜଳି ଦିଦି ଓ ଇବ୍ରାହିମ୍‌ଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍। ଏନେଇ ଶୁକ୍ରବାର ଦିନ ଭୁବନେଶ୍ୱର କୋର୍ଟରେ ଆବେଦନ କରାଯିବ। ଅନୁମତି ମିଳିବା ପରେ ସେମାନଙ୍କଠାରୁ ବହୁ ନୂଆ ତଥ୍ୟ ପାଇବାକୁ ଆଶା ରଖିଛି ଏସ୍‌ଟିଏଫ୍। ଏପରି କି ୬ ରୂପଜୀବୀଙ୍କ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଦିଦି ଓ ଇବ୍ରାହିମ୍‌ଙ୍କୁ ପଚରାଉଚରା ହେବ। ଏଥିସହ କମିଶନରେଟ ପୋଲିସ ଗିରଫ କରିଥିବା ୩ ଦଲାଲଙ୍କ ସହ ସେମାନଙ୍କୁ ମୁହାଁମୁହିଁ ଜେରା କରାଯିବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

## ସିଲ୍ ହେବ ଦିଦିଙ୍କ ଆଲିଶାନ ବଙ୍ଗଳା

ବେଆଇନ ଦେହ ବ୍ୟବସାୟ ଓ ମାନବ ଚାଲାଣ ଟଙ୍କାରେ ଅଞ୍ଜଳି ଦିଦି ପିପିଲି ଓ ଡେଲାଙ୍ଗ ରାସ୍ତା ମଧ୍ୟବର୍ତ୍ତୀ ସ୍ଥାନରେ ନିର୍ମାଣ କରିଛନ୍ତି ବହୁ କୋଟି ମୂଲ୍ୟର ଆଲିସାନ ବଙ୍ଗଳା। ଘର ଭିତରେ ରାଜକୀୟ ଢାଞ୍ଚାରେ ସାଜସଜ୍ଜା ହୋଇଛି। ବଙ୍ଗଳାର ପଛପଟେ ଫୁଲ ବଗିଚା ସହ ପରିସରରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଦିଦି ଗିରଫ ହେବା ପରେ ଏହି ଘରକୁ ସିଲ୍ କରିବାକୁ ଯାଉଛି ଏସ୍‌ଟିଏଫ୍। ଏହାସହ ଦିଦିଙ୍କ ସମ୍ପତ୍ତି ଓ ବ୍ୟାଙ୍କ୍ ଆକାଉଣ୍ଟକୁ ମଧ୍ୟ ଜବତ କରାଯିବ ବୋଲି ସୂଚନା ମିଳିଛି।

## କଲିକତା, ବାଂଲାଦେଶ ଯିବ ଏସ୍‌ଟିଏଫ୍ ଟିମ୍

ମାନବ ଚାଲାଣ ରାକେଟର ପର୍ଦ୍ଦାଫାଶ କରିବାକୁ ଏସ୍‌ଟିଏଫ୍‌ର ଦୁଇଟି ଟିମ୍ କଲିକତା ଓ ବାଂଲାଦେଶ ଯିବ। ଦୁଇଦେଶର ଆମ୍ବାସାଡ଼ର ଓ ତଦନ୍ତକାରୀ ଏଜେନ୍ସିଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବାଂଲାଦେଶର କେଉଁ ଜିଲାରୁ ଏକାଧିକ ଯୁବତୀଙ୍କୁ ଚାକିରି ନାଁରେ ଦଲାଲ କଲିକତା ଏବଂ ଓଡ଼ିଶା ଆଣିଛନ୍ତି ତାହାର ମଧ୍ୟ ସ୍ଥାନୀୟ ପୋଲିସ ସହଯୋଗରେ ଖୋଳତାଡ଼ କରାଯିବ। ଅଞ୍ଜଳି ଦିଦିଙ୍କ ଭଉଣୀ ଓ ଭିଣୋଇଙ୍କ ସମେତ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ। ଏହାସହ କଲିକତା ବିଏସ୍‌ଏଫ୍, ଆଇବି ସହ ସୁରକ୍ଷା ସଂକ୍ରାନ୍ତ ଆଲୋଚନା କରାଯିବ। ସୀମାରେ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ କିଭଳି ସୀମାପାର ହୋଇ ଯୁବତୀମାନେ ଜାଲ୍ କାଗଜପତ୍ରରେ ଭାରତକୁ ପଶୁଛନ୍ତି ତାହା ଉପରେ ଗୁରୁତ୍ୱ ଦେବାକୁ ବିଏସ୍‌ଏଫ୍ ଅଧିକାରୀଙ୍କୁ ଅବଗତ କରିବାକୁ ଲକ୍ଷ୍ୟ ରଖିଛି ଏସ୍‌ଟିଏଫ୍।





## ଝିଅକୁ ନେବାକୁ ବାଂଲାଦେଶରୁ ଓଡ଼ିଶା

କଟକରୋଡ଼ସ୍ଥିତ ଏକ ଲଜ୍‌ରେ ବାଂଲାଦେଶର ଜଣେ ଯୁବତୀ ବଳାତ୍କାର ଅଭିଯୋଗ ଆଣିବା ପରେ ଏପରି ଏକ ବଡ଼ ର୍ୟାକେଟର ଖୁଲାସା ହୋଇଥିଲା। ବାଂଲାଦେଶୀ ଯୁବତୀ ଜଣକ ନକଲି ଆଧାରକାର୍ଡରେ ଆସିଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ସେ ଝାରପଡା ଜେଲ୍‌ରେ ଅଛନ୍ତି। ଯୁବତୀଙ୍କ ବାପା ଝିଅକୁ ଖୋଜି ଖୋଜି ଏବେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ଝାରପଡା ଜେଲକୁ ଯାଇ ଝିଅଙ୍କ ସହ ଦେଖା କରିଥିଲେ। ଝିଅଙ୍କୁ କିଭଳି ଜେଲରୁ ମୁକୁଳେଇବେ ସେନେଇ ଜଣେ ଆଇନଜୀବୀଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ଯୁବତୀଙ୍କ ବାପା କହିଛନ୍ତି, ତାଙ୍କ ଝିଅକୁ ୩ଜଣ ଦଲାଲ କଲିକତାରେ ଚାକିରି କରାଇଦେବା ପାଇଁ କହି ଆଣିଥିଲେ। ପାସ୍‌ପୋର୍ଟ କରାଇଥିବା ମଧ୍ୟ କହିଥିଲେ। ହେଲେ ଏଠାକୁ ଆଣି ଦେହ ବ୍ୟବସାୟରେ ଲଗାଇଥିଲେ। ତେଣୁ ତାଙ୍କ ଝିଅ ନିର୍ଦ୍ଦୋଷ ଓ ନ୍ୟାୟ ଦରକାର ବୋଲି ସେ କହିଛନ୍ତି।







## ନକଲି ଆଧାରକାର୍ଡ ପଛରେ ଓଡ଼ିଆ ଯୁବକ

ଭୁବନେଶ୍ୱର,୨୩।୧(ବ୍ୟୁରୋ): ବାଂଲାଦେଶରୁ ଯୁବତୀଙ୍କୁ ସ୍ଥଳପଥ ଦେଇ କୋଲକାତାକୁ ଆଣନ୍ତି ଦଲାଲ। ସେଠାରେ ଅଞ୍ଜଳି ଦିଦିଙ୍କ ଇଙ୍ଗିତରେ କୋଲକାତାର ଜଣେ ଯୁବତୀ ସେମାନଙ୍କ ନକଲି ଆଧାରକାର୍ଡ ପ୍ରସ୍ତୁତ କରନ୍ତି। ଯୁବତୀଙ୍କୁ ସେଠାରେ ରଖାଯାଇ ସେମାନଙ୍କ ଫଟୋ ପର୍ନସାଇଟ୍‌ରେ ଛଡାଯାଏ। ଯେଉଁ ଯୁବତୀଙ୍କର ଚାହିଦା ଓଡ଼ିଶାରେ ଥିବ ସେମାନଙ୍କୁ ଦିଦି ଭୁବନେଶ୍ୱରକୁ ନେଇ ଆସନ୍ତି। ରାତିକୁ ଦିଦି ୧୫ ହଜାରରୁ ୨୦ ହଜାର ଟଙ୍କା ନିଅନ୍ତି। ସ୍ଥଳପଥରେ ସମସ୍ୟା ହେଲେ ଜଳପଥରେ ପଠାନ୍ତି। କମିଶନରେଟ ପୋଲିସ ଗିରଫ କରିଥିବା ପ୍ରଶାନ୍ତ ପରିଡ଼ା, ରାଜୁ ଦାଶ ଓ ଉତ୍ତମ ଜେନା ସେମାନଙ୍କୁ ରାଜଧାନୀ ଆଣିବାରେ ସହଯୋଗ କରନ୍ତି। ରାଜଧାନୀରେ ପହଞ୍ଚିବା ପରେ ସେମାନଙ୍କୁ ଏକ ହୋଟଲରେ ରଖାଯାଏ। ଏହାପରେ ରାଜଧାନୀ ଉପକଣ୍ଠର ଜଣେ ଯୁବକ ସେମାନଙ୍କ ନକଲି ଆଧାରକାର୍ଡ ପ୍ରସ୍ତୁତ କରନ୍ତି। ଏଥିପାଇଁ ଯୁବକ ଜଣକ କଲିକତା ଯାଇ ଟ୍ରେନିଂ ନେଇଥିବା ଏସ୍‌ଟିଏଫ ଜାଣିବାକୁ ପାଇଛି। ର୍ୟାକେଟ ଧରାପଡ଼ିବା ପରେ ଯୁବକ ଜଣକ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ଗୁରୁବାର କେତେକ ସ୍ଥାନରେ ଚଢାଉ କରିଥିବା ଜଣାପଡିଛି।

–ରିପୋର୍ଟ: ତ୍ରିନାଥ ମହାନ୍ତି

**ସଂକ୍ଷେପରେ**

## ୫୫ କେଜି ଗଞ୍ଜେଇ, ୨୫ କୁଇଣ୍ଟାଲ ଭାଙ୍ଗ ଜବତ





ଜବତ ହୋଇଥିବା ଗଞ୍ଜେଇ ଓ ଅଭିଯୁକ୍ତ ପ୍ରଦୀପ୍ତ କୁମାର ଉପାଧ୍ୟାୟ।

ପିପିଲି,୨୩।୧(ଡି.ଏନ୍.ଏ.): ବେଆଇନଭାବେ ଗଞ୍ଜେଇ ବିକ୍ରି ଓ ଲାଇସେନ୍ସ ଥାଇ ଧାର୍ଯ୍ୟ ପରିମାଣରୁ ଅଧିକ ଭାଙ୍ଗ ରଖିବା ଅଭିଯୋଗରେ ପିପିଲି ପୋଲିସ ଜଣେ ଦୋକାନୀଙ୍କୁ ଗିରଫ କରିଛି। ସେ ହେଲେ ସଂଗଳେଇ ଗ୍ରାମର ପ୍ରଦୀପ୍ତ କୁମାର ଉପାଧ୍ୟାୟ। ତାଙ୍କ ଠାରୁ ୫୫କେଜି ଗଞ୍ଜେଇ ଓ ୨୫କୁଇଣ୍ଟାଲ ଭାଙ୍ଗ ଜବତ ହୋଇଛି। ଜବତ ଗଞ୍ଜେଇ ଓ ଭାଙ୍ଗର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସଂଗଳେଇ ଗ୍ରାମରେ ବେଆଇନ ଭାବେ ଗଞ୍ଜେଇ ଓ ଭାଙ୍ଗ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗଠିତ ହୋଇଥିବା ସ୍ପେଶାଲ ଟିମ୍ ଓ ପିପିଲି ପୋଲିସ ମିଳିତଭାବେ ଗୁରୁବାର ଉପାଧ୍ୟାୟଙ୍କୁ ଧରିବା ସହ ଗଞ୍ଜେଇ ଓ ଭାଙ୍ଗ ଜବତ କରିଥିଲେ। ଏ ସମ୍ପର୍କରେ ପିପିଲି ଥାନା ପୋଲିସ ଏକ ମାମଲା(ନଂ.୨୩/୨୦)ରୁଜୁ କରି ତଦନ୍ତ ଚଳାଇଛି।

## ଭକ୍ତଙ୍କଠାରୁ ୧ହଜାର ଝାମ୍ପି ଯୁବକ ଗିରଫ

ପୁରୀ ଅଫିସ,୨୩।୧: ଭକ୍ତଙ୍କ ଠାରୁ ୧ହଜାର ଟଙ୍କା ଝାମ୍ପି ନେବା ଅଭିଯୋଗରେ ସିଂହଦ୍ୱାର ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ବାଲିସାହିର ସତ୍ୟନାରାୟଣ ମିଶ୍ର। ପଶ୍ଚିମବଙ୍ଗ ନନ୍ଦିଗ୍ରାମର ଗୌରାଙ୍ଗ ଘଡ଼େଇଙ୍କ ଠାରୁ ସତ୍ୟ ୧ହଜାର ଟଙ୍କା ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ସେ ଜଣେ ଅଣ ସେବାୟତ ବୋଲି ଜଣାପଡିଛି।

# ବଳାତ୍କାର ପରେ ଟ୍ରେନ୍ ଲାଇନକୁ ଡେଇଁ ଆତ୍ମହତ୍ୟା କଲେ ମହିଳା

**ଖୋର୍ଦ୍ଧା ଅଫିସ, ୨୩।୧**

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଷ୍ଟେଶନର ଅତି ନିକଟସ୍ଥ ରେଳଧାରଣାରୁ ଜଣେ ମହିଳାଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା ସ୍ୱାମୀ ଅଭିଯୋଗ କରିଛନ୍ତି। ମୃତା ମହିଳାଙ୍କ ବୟସ ୩୮ ହେବ। ଘର ବେଗୁନିଆ ଥାନାର ପରିଛଳ ଗାଁରେ। ପୋଲିସ ସୂଚନା ଅନୁସାରେ, ପ୍ରଥମେ ମହିଳାଙ୍କର ପରିଚୟ ଜଣାପଡି ନ ଥିଲା। ବେଗୁନିଆ ଷ୍ଟେଶନ ମାଷ୍ଟର ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଭିଯୋଗକ୍ରମେ ପୋଲିସ (୧/୨୦) ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତାଙ୍କ କପଡା ଜବତ କରି ରଖାଯାଇଛି। ରେଳଧାରଣାରୁ ଜବତ ହୋଇଥିବା ମୃତା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ସ୍ତ୍ରୀଙ୍କୁ ବଳାତ୍କାର କରାଯାଇଥିବା ସ୍ୱାମୀ ଲେଖିଛନ୍ତି। ଏପରି କି ଘରେ କେହି ନ ଥିବାବେଳେ ବୁଧବାର ରାତିରେ ଖୋର୍ଦ୍ଧା ସଦର ଥାନା ପୋଡାପାଟଣା ଗାଁର ଜଣେ ବ୍ୟକ୍ତି ମହିଳାଙ୍କୁ ବଳାତ୍କାର କରିଥିଲେ। ଲୋକଲଜ୍ଜା ସହ୍ୟ କରି ନ ପାରି ସ୍ତ୍ରୀ ରେଳଧାରଣାରେ ଆତ୍ମହତ୍ୟା କରିଥିବା ସ୍ୱାମୀ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ବାଘମାରୀ ପୋଲିସର ସୂଚନା ଅନୁସାରେ, ଏ ନେଇ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ପରବର୍ତ୍ତୀ ପଦକ୍ଷେପ ନେବ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାଧାରଣ ବିଜ୍ଞାନ (GENERAL SCIENCE)

(iii) ଅନ୍ତଃରୋପଣ ପରେ ଗ୍ରାଷ୍ଟୁଲେସନ ପ୍ରକ୍ରିୟା ଦ୍ୱାରା ତିନୋଟି ଜାୟକ ସ୍ତର ଦେଇ ଗ୍ରାଷ୍ଟୁଲା ତିଆରି ହୁଏ। ଗ୍ରାଷ୍ଟୁଲାର 3ଟି ଜାୟକ ସ୍ତର ହେଉଛି ଏକ୍ଟୋଡର୍ମ, ମିସୋଡର୍ମ ଓ ଏଣ୍ଡୋଡର୍ମ।

(iv) ଏହାପରେ ଅଙ୍ଗ ବିକାଶ ଦ୍ୱାରା ଏହି 3ଟି ଜାୟକ ସ୍ତରରୁ ବିଭିନ୍ନ ପ୍ରକାର ଟିସୁ, ଅଙ୍ଗ ଓ ଅଙ୍ଗତନ୍ତ୍ର ତିଆରି ହୁଏ। ଶେଷ ପର୍ଯ୍ୟାୟରେ ଶିଶୁଟି ମାଆର ଶରୀର ବାହାରକୁ ଶିଶୁ ପ୍ରସବ ଦ୍ୱାରା ଆସିଥାଏ।

(ଖ) (i) ପୃଥିବୀ ପୃଷ୍ଠରେ ମିଳୁଥିବା ସମସ୍ତ ଶକ୍ତିର ଉତ୍ସ ହେଉଛି ସୂର୍ଯ୍ୟ। ଜଳସ୍ରୋତ ଓ ବାୟୁସ୍ରୋତଠାରୁ ଆରମ୍ଭ କରି ବୃକ୍ଷଲତା ଆଦିରେ ଥିବା ଜୈବ ରାସାୟନିକ ଶକ୍ତି, ଜୀବାଶ୍ମ ଶକ୍ତି ଆଦି ସମସ୍ତ ଶକ୍ତି ସୌରଶକ୍ତିରୁ ହିଁ ସୃଷ୍ଟି ହୋଇଛି।

(ii) ଜଳସ୍ରୋତ ସୂର୍ଯ୍ୟକିରଣ ପ୍ରଭାବରେ ଉତ୍ପନ୍ନ ହେଉଥିବା ବୃଷ୍ଟିପାତ ଯୋଗୁଁ ହିଁ ସମ୍ଭବ ହୋଇଥାଏ। ସୂର୍ଯ୍ୟକିରଣ ପ୍ରଭାବରେ ବାୟୁମଣ୍ଡଳର ବିଭିନ୍ନ ସ୍ଥାନ ସମାନ ଭାବେ ଉତ୍ତପ୍ତ ହେଉ ନଥିବାରୁ ବାୟୁଚାପରେ ପାର୍ଥକ୍ୟ ରହେ। ଏହାଦ୍ୱାରା ବାୟୁସ୍ରୋତ ସୃଷ୍ଟି ହୋଇଥାଏ।

(iii) ବୃକ୍ଷଲତାର ଜୈବ ରାସାୟନିକ ଶକ୍ତି ସୂର୍ଯ୍ୟଙ୍କଠାରୁ ଆଲୋକଶ୍ଲେଷଣ ପଦ୍ଧତିରେ ମିଳିଥାଏ। ଏହି ଶକ୍ତି ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କଲାପରେ ଅନ୍ୟ ଜୀବଜନ୍ତୁମାନେ ପାଇଥାନ୍ତି।

(iv) ଭୂମିକମ୍ପ ବା ଅନ୍ୟ କୌଣସି ପ୍ରାକୃତିକ ଘଟଣାରେ ଜଙ୍ଗଲପୂର୍ଣ୍ଣ ଭୂଖଣ୍ଡ ଓ ଜୀବଜନ୍ତୁ ମାଟି ତଳେ ପୋତି ହୋଇଗଲେ କାଳକ୍ରମେ ଅତ୍ୟଧିକ ଚାପ ଓ ତାପ ଯୋଗୁଁ ତାହା କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍‌ରେ ରୂପାନ୍ତରିତ ହୋଇଥାଏ। ଏହି ଜୀବାଶ୍ମ ଜାଳେଣୀଗୁଡ଼ିକର ଉପଯୋଗ କରି ଆମେ ତାପଶକ୍ତି, ବିଦ୍ୟୁତ୍‌ଶକ୍ତି ଓ ଯାନ୍ତ୍ରିକଶକ୍ତି ଆଦି ପାଇଥାଉ।

କିମ୍ବା,

(i) ଗାଁମୁଣ୍ଡରେ ପୋଖରି ଖୋଳିବାଦ୍ୱାରା ବୃଷ୍ଟିଜଳ ଏହି ଗଡ଼ିଆ ଓ ପୋଖରିରେ ସଞ୍ଚିତ ହୋଇ ଭୂତଳକୁ ପ୍ରବେଶ କରି ଭୂତଳ ଜଳର ପରିମାଣ ବୃଦ୍ଧି କରିଥାଏ।

(ii) ସମତଳ ଅଞ୍ଚଳରେ ମାଟି କିମ୍ବା କଂକ୍ରିଟ୍ ସାହାଯ୍ୟରେ ଛୋଟ ଛୋଟ ଆଡ଼ିବନ୍ଧ କରାଯାଇ ବର୍ଷାଜଳକୁ ରଖାଯିବା ଦ୍ୱାରା ଏହି ଜଳ ତଳକୁ ଗତିକରି ଭୂତଳ ଜଳସ୍ତରର ବୃଦ୍ଧି ଘଟାଇପାରୁଛି।

(iii) ସହରାଞ୍ଚଳରେ ଛାତ ଉପରେ ପଡୁଥିବା ବର୍ଷାଜଳକୁ ଏକ ବାଲିଶଯ୍ୟା ଥିବା କମ୍ ଗଭୀର ଗର୍ତ୍ତକୁ ଛାଡିଦେଲେ ଏହି ଜଳ ବାଲିଶଯ୍ୟା ଦ୍ୱାରା ଶୋଷି ହୋଇ ମାଟି ତଳକୁ ଗତିକରି ଭୂତଳ ଜଳସ୍ତର ସଙ୍ଗେ ମିଶି ଭୂତଳ ଜଳର ପରିମାଣ ବୃଦ୍ଧି କରିଥାଏ।

(iv) ଖାଲୁଆ ଅଞ୍ଚଳରେ ବୃଷ୍ଟିଜଳ ଭୂପୃଷ୍ଠ ଜଳରୂପେ ସଞ୍ଚିତ ହୋଇ ବର୍ଷସାରା ଲବ୍ଧ ହୋଇଥାଏ ଏବଂ ଖରାଦିନେ ରକ୍ଷକାର୍ଯ୍ୟ ମଧ୍ୟ ହୋଇଥାଏ। ବୃଷ୍ଟିଜଳକୁ ଟାଙ୍କି ସାହାଯ୍ୟରେ ସିଧାସଳଖ ସଂଗ୍ରହ କରି ବ୍ୟବହାର ମଧ୍ୟ କରାଯାଇଥାଏ।

15.(କ)(i) ମୁକ୍ତ ଅମ୍ଳଜାନର ଅଭାବରେ ଇଷ୍ଟ ଭଳି କବକ ପାଇରୁଭେଟ୍‌ରୁ ସୁରାସାର, ଅଙ୍ଗାରକାମ୍ଳ ଓ ଶକ୍ତି ଉତ୍ପନ୍ନ କରିଥାନ୍ତି। ଏହାକୁ ସୁରାସାର କିଣ୍ୱନ କୁହାଯାଏ। ଏହା ବାୟୁ ଅପଜୀବୀ ଶ୍ୱସନର ଏକ ସାଧାରଣ ଉଦାହରଣ।

(ii) ବେଳେବେଳେ ଆମ ପେଶୀକୋଷରେ ଅମ୍ଳଜାନର ଅଭାବରେ ପାଇରୁଭେଟ୍ ଅଣୁଟି ଭାଙ୍ଗି ଲାକ୍‌ଟିକ୍ ଅମ୍ଳରେ ପରିଣତ ହୁଏ ଓ କିଛି ଶକ୍ତି ନିର୍ଗତ ହୋଇଥାଏ। ଏହାକୁ ଲାକ୍‌ଟିକ୍ ଅମ୍ଳ କିଣ୍ୱନ କୁହାଯାଏ। ଏଥିରେ ପେଶୀ ହଠାତ୍ ଶକ୍ତ ହୋଇଯିବା ସହ ବାବୁଲା ବା କ୍ରାମ୍ପ ହୋଇଥାଏ।

(iii) ଅମ୍ଳଜାନ ଅନୁପସ୍ଥିତିରେ ଇଷ୍ଟକୋଷରେ ସୁରାସାର, ଅଙ୍ଗାରକାମ୍ଳ ଓ ଶକ୍ତି ସୃଷ୍ଟି ହେଉଥିବା ବେଳେ ପେଶୀକୋଷରେ ଲାକ୍‌ଟିକ୍ ଅମ୍ଳ ଓ ଶକ୍ତି ସୃଷ୍ଟି ହୋଇଥାଏ।

କିମ୍ବା,

(i) ସନ୍ତାନମାନଙ୍କ ମଧ୍ୟରେ ଦେଖାଯାଉଥିବା ଗୁଣଗୁଡ଼ିକର ସାମଞ୍ଜସ୍ୟ ଉଭୟ ମାତା ଓ ପିତାଙ୍କ ଗୁଣ ସହିତ ରହିଥାଏ।

(ii) ପ୍ରଜନନ ସମୟରେ ପିତାମାତାଙ୍କଠାରୁ ସମାନ ପରିମାଣରେ ଜିନୀୟ ପଦାର୍ଥ ଯୁଗ୍ମକ ଜରିଆରେ ସନ୍ତାନ ନିକଟକୁ ଯାଇଥାଏ। ଏହି ଜିନୀୟ ପଦାର୍ଥ ପିତାମାତାଙ୍କର ସମସ୍ତ ଗୁଣ ବହନ କରିଥାଏ।

(iii) ସେହି ଗୁଣଗୁଡ଼ିକ ମଧ୍ୟରୁ କିଛି ଗୁଣ ସନ୍ତାନ ନିକଟରେ ପ୍ରକଟ ହେଉଥିଲାବେଳେ ଆଉ କିଛି ଗୁଣ ଅଦୃଶ୍ୟ ହୋଇ ରହିଥାଏ। ଗୋଟିଏ ପିଢ଼ିରେ ଦୃଶ୍ୟ ହୋଇ ନଥିବାର ଗୁଣ ପରବର୍ତ୍ତୀ ପିଢ଼ିରେ ଦୃଶ୍ୟ ହୋଇଥାଏ।

(ଖ) (i) ପରିବେଶରେ ଗୋଟିଏ ପ୍ରକାର ଖାଦ୍ୟକୁ ଅନେକ ପ୍ରକାର ପ୍ରାଣୀ ଖାଆନ୍ତି, ଯେପରି ଘାସକୁ ଝିଣ୍ଟିକା, ଠେକୁଆ, ହରିଣ ଖାଇ ବଞ୍ଚନ୍ତି। ଅନ୍ୟପକ୍ଷରେ ପ୍ରାଣୀ କେବଳ ଗୋଟିଏ ପ୍ରକାର ଖାଦ୍ୟ ଉପରେ ନିର୍ଭର ନ କରି ଅନେକ ପ୍ରକାର ଖାଦ୍ୟ ଖାଇ ବଞ୍ଚେ ଯେପରି – ମଣିଷ ତୃଣଭୋଜୀ ହୋଇପାରେ, ମାଂସାଶୀ ($C_1$) ହୋଇପାରେ ବା ସର୍ବଭୋଜୀ ମଧ୍ୟ ହୋଇପାରେ।

(ii) ପରିବେଶରେ ଗୋଟିଏ ଜୀବ ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ବଞ୍ଚେ ଏବଂ ସେହି ପ୍ରାଣୀକୁ ଅନ୍ୟ ପ୍ରାଣୀମାନେ ଖାଦ୍ୟ ଭାବେ ବ୍ୟବହାର କରନ୍ତି।

(iii) ପରିବେଶରେ ପ୍ରାଣୀମାନଙ୍କ ମଧ୍ୟରେ ଖାଦ୍ୟ ସଂପର୍କ ଗୋଟିଏ ସରଳରେଖା ପରି ନ ହୋଇ ଏକ ଗଛର ଶାଖାପ୍ରଶାଖା ପରି ଛନ୍ଦି ହୋଇ ରହିଥାନ୍ତି। ଏହାକୁ ଖାଦ୍ୟଜାଲି କୁହାଯାଏ।


କିମ୍ବା,

(i) ମହାକାଶକୁ ପ୍ରେରିତ ଉପଗ୍ରହ, ଦୁର୍ଗମ ପାର୍ବତ୍ୟାଞ୍ଚଳରେ ଥିବା ବେତାର ଓ ଦୂରଦର୍ଶନ କେନ୍ଦ୍ର ଓ ଟ୍ରାଫିକ୍ ସଙ୍କେତ ଇତ୍ୟାଦିରେ ସୋଲାର ସେଲ୍ ବ୍ୟବହୃତ ହୁଏ।

(ii) ଏହି ସେଲ୍ ତିଆରିରେ ପ୍ରଥମ ଅସୁବିଧା ହେଲା ଏହି ସେଲ୍ ତିଆରି ନିମନ୍ତେ ଦରକାର ପଡୁଥିବା ବିଶେଷ ଧରଣର ସିଲିକନ୍ ସହଜରେ ମିଳେ ନାହିଁ।

(iii) ସେଲ୍ ତିଆରି ଅତ୍ୟନ୍ତ ବ୍ୟୟବହୁଳ ପ୍ରକ୍ରିୟା ଅଟେ। ପାନେଲ୍ ପ୍ରସ୍ତୁତି ପାଇଁ ସେଲ୍ ଓ ସେଲ୍‌କୁ ଯୋଡ଼ିବା ପାଇଁ ବ୍ୟବହୃତ ସିଲଭର୍ ଖର୍ଚ୍ଚକୁ ବହୁଗୁଣିତ କରିଥାଏ।

(ଗ)




(ମନୁଷ୍ୟରେ ଶ୍ୱାସତନ୍ତ୍ର)

କିମ୍ବା,




(ଗର୍ଭଶୀର୍ଷରେ ପରାଗରେଣୁର ଅଙ୍କୁରଣ)

16.(କ)(i) ମୂଳର ଯେଉଁ ଅଂଶରେ ହରମୋନ୍‌ର ସାନ୍ଦ୍ରତା କମ୍ ସେଠାରେ ବୃଦ୍ଧି ଅଧିକ ହୁଏ ଏବଂ ଯେଉଁ ଅଂଶରେ ସାନ୍ଦ୍ରତା ଅଧିକ ହୁଏ, ସେଠାରେ ବୃଦ୍ଧି ହ୍ରାସ ପାଏ।

(ii) ଫଳରେ ମୂଳର ବୃଦ୍ଧି କାଣ୍ଡ ବୃଦ୍ଧିର ବିପରୀତ ଦିଗରେ ହୋଇଥାଏ ଏବଂ ମୂଳ ଭୂପୃଷ୍ଠ ଆଡ଼କୁ ବଙ୍କେଇ ଯାଏ।

କିମ୍ବା,

(i) ଟିସୁ ପୋଷଣ ପଦ୍ଧତିରେ ସୃଷ୍ଟ ଚାରା ଉଦ୍ଭିଦଗୁଡ଼ିକୁ ନିୟନ୍ତ୍ରଣାଧୀନ ପରିବେଶରେ ବଢ଼ିବାକୁ ଦିଆଯାଇ ସଂପୂର୍ଣ୍ଣ ଉଦ୍ଭିଦରେ ପରିଣତ କରାଯାଏ। ଏହାକୁ ଅନ୍ତଃ ଅଣୁ ବଂଶବିସ୍ତାର କୁହାଯାଏ।

(ii) ଏହି ପଦ୍ଧତିରେ ଉନ୍ନତ, ରୋଗଶୂନ୍ୟ ଚାରା ଉତ୍ପନ୍ନ କରାଯାଇ ଜଙ୍ଗଲ ସୃଷ୍ଟି, ବନୀକରଣ ଓ ଫଳଚାଷ କରାଯାଉଛି।

(ଖ) (i) ସଂକରଣ ପରେ $F_1$ ପିଢ଼ିରେ ଦୁଇଟି ବିକଳ୍ପ କାରକ ମଧ୍ୟରୁ ମାତ୍ର ଗୋଟିଏ କାରକର ପ୍ରଭାବ ପରିଲକ୍ଷିତ ହୋଇଥାଏ। ତାହାକୁ ପ୍ରଭାବୀ କାରକ କୁହାଯାଏ। ପ୍ରକଟିତ ହୋଇ ନଥିବା କାରକକୁ ଅପ୍ରଭାବୀ କାରକ କୁହାଯାଏ।

(ii) ସଙ୍କର ଡେଙ୍ଗା ଗଛରେ ରହିଥିବା ଦୁଇଟି କାରକ (Tt) ମଧ୍ୟ T ପ୍ରଭାବୀ କାରକ ଓ t ଅପ୍ରଭାବୀ କାରକ। ଶୁଦ୍ଧ ଡେଙ୍ଗା ଗଛରୁ (TT) ରୁ ଶୁଦ୍ଧ ଡେଙ୍ଗା ଓ ଶୁଦ୍ଧ ଡେଙ୍ଗା (tt) ଗଛରୁ ଶୁଦ୍ଧ ଗେଡ଼ା ଗଛ ସୃଷ୍ଟି ହୋଇଥାଏ।

କିମ୍ବା,

(i) ମନୁଷ୍ୟ ଶରୀରରେ ରକ୍ତ ସଞ୍ଚାଳନ ପାଇଁ ରହିଥିବା ନଳୀଗୁଡ଼ିକୁ ରକ୍ତବାହିନୀ କୁହାଯାଏ। ଏହି ନଳୀଗୁଡ଼ିକ ପରିବହନ ସଂସ୍ଥାର ଏକମୁହାଁ ରାସ୍ତାପରି। ଶରୀରରେ ପ୍ରାୟ 96000 ରୁ 1,60,000 କି.ମି. ନଳୀ ଜାଲ ପରି ବିଛେଇ ରହିଛି।

(ii) ରକ୍ତବାହିନୀ ମୁଖ୍ୟତଃ ତିନି ପ୍ରକାର, ଯଥା - ଧମନୀ, ଶିରା ଓ ରକ୍ତକୈଶିକ। ରକ୍ତବାହିନୀଗୁଡ଼ିକ ମଧ୍ୟରେ ରକ୍ତକୁ ସଞ୍ଚାଳିତ କରିବାରେ ହୃତ୍‌ପିଣ୍ଡ ଗୋଟିଏ ପମ୍ପ ପରି ଅବିରାମ କାର୍ଯ୍ୟ କରିଥାଏ।

(ଗ) (i) କାର୍ବନ୍, ଯବକ୍ଷାରଜାନ ଓ ଗନ୍ଧକର ଅକ୍‌ସାଇଡ୍ ଅମ୍ଳ ବୃଷ୍ଟି କରାଇଥାଏ।

(ii) ଜୀବାଶ୍ମ ଇନ୍ଧନ ଦହନରୁ ନିର୍ଗତ ଗ୍ୟାସ୍‌ଗୁଡ଼ିକ ବାୟୁମଣ୍ଡଳର ସବୁଜ କୋଠରି ପ୍ରଭାବ ସୃଷ୍ଟି କରିଥାଏ।

କିମ୍ବା,

(i) ଜିନ୍ DNA ର ଏକ ଅଂଶବିଶେଷ ଏବଂ ଏହା ଶରୀରର ସମସ୍ତ ପ୍ରକ୍ରିୟା ନିୟନ୍ତ୍ରଣ କରିଥାଏ।

(ii) ଜିନ୍ DNA ର ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଲକ୍ଷଣର ପରିପ୍ରକାଶ ସମ୍ଭବ ହୋଇଥାଏ।

(ଘ) (i) ଉତ୍ପାଦକ ଓ ଭକ୍ଷକମାନଙ୍କର ମୃତ୍ୟୁପରେ ମାଟିରେ ଥିବା ବ୍ୟାକ୍ଟେରିଆ ଓ କବକମାନେ ମୃତ ଶରୀରକୁ ଅପଘଟନ କରି ମାଟିରେ ମିଶାଇ ଦେଉଥିବାରୁ ଏମାନଙ୍କୁ ଅପଘଟକ କୁହାଯାଏ।

(ii) ଏମାନଙ୍କୁ ଯୋଗୁଁ ପୋଷକ ପଦାର୍ଥଗୁଡ଼ିକ ପରିବେଶରୁ ମୁକ୍ତ ହୋଇ ଉଦ୍ଭିଦମାନଙ୍କ ଦ୍ୱାରା ଏବଂ ସେମାନଙ୍କ ଜରିଆରେ ଅନ୍ୟ ଜୀବମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ।

କିମ୍ବା,

(i) ପରିବେଶ ତଥା ପ୍ରାକୃତିକ ସଂପଦର ସଂରକ୍ଷଣ ପାଇଁ 3R ନୀତି ଏକ ମାଧ୍ୟମ ଅଟେ।

(ii) ଏହି 3R ନୀତିଗୁଡ଼ିକ ହେଉଛି – **ସୟରଣ** (Reduce), ପୁନଶ୍ଚକ୍ରଣ (Recycle) ଓ ପୁନର୍ବ୍ୟବହାର (Re-use)।

❑❑❑

## ସଂକ୍ଷେପରେ

### ଗୋପ ବ୍ଲକ୍‌ରେ ଆବାସ ଦୁର୍ନୀତି

**■ ଟୁଇଟ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ**

ଗୋପ,୨୩।୧(ଡି.ଏନ୍.ଏ): ଗୋପ ବ୍ଲକ୍‌ରେ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ନିକଟରେ ଅଭିଯୋଗ ହୋଇଛି। ତେବେ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବ୍ଲକର ସିମିଳି ପଞ୍ଚାୟତରେ ଆବାସ ଯୋଜନାରେ ଘର ନ ଥାଇ କେତେକ ବ୍ୟକ୍ତିଙ୍କ ନାମରେ ମିଥ୍ୟା ବିଲ୍ କରାଯାଇଛି। ଅଧିକାରୀମାନେ ତଦନ୍ତ ବେଳେ ଆସିଥିବା ବେଳେ ଅନ୍ୟ ତଥା ପୁରୁଣା ଘରକୁ ଦେଖାଯାଇ ଅର୍ଥଲୁଟ ହୋଇଛି। ଏପରି କି ଘର କାର୍ଯ୍ୟ ନ କରି ମଧ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟ କରିଥିବା ଦର୍ଶାଇ ପ୍ରାପ୍ୟ ପ୍ରଦାନ କରାଯାଇଛି। ଏହି ଦୁର୍ନୀତିରେ ବ୍ଲକ୍‌ର ତଳିଆ କର୍ମଚାରୀଠାରୁ ଉପରିସ୍ଥ କର୍ମଚାରୀ ପର୍ଯ୍ୟନ୍ତ ସଂଶ୍ଳିଷ୍ଟ ଥିବା ନେଇ ଜଣେ ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବଙ୍କୁ ଟୁଇଟ୍ ମାଧମରେ ଅଭିଯୋଗ କରିଛନ୍ତି। ସିମିଳି ଗ୍ରାମ ପଞ୍ଚାୟତର ବାବୁଲି ମହାରଣା, ପୁଷ୍ପାଳି ଜେନା, ସୁରେନ୍ଦ୍ର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ମାଣିଆ, ଲିଙ୍ଗରାଜ ମାଣିଆ, ଅଭୟ ପାତ୍ର, ସୋବନି ବେହେରା, କ୍ଷେତ୍ରମୋହନ ସେଠୀ, ପ୍ରେମଲତା ଜେନାଙ୍କ ସମେତ ୧୭ ଜଣ ହିତାଧିକାରୀଙ୍କୁ ୨୦୧୮-୧୯ରେ ବ୍ଲକ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିବାବେଳେ ଏହି ହିତାଧିକାରୀମାନେ ଗୃହ ନ କରି କିପରି ତାଙ୍କୁ ଥ୍ରୀ ମ୍ୟାନ୍ କମିଟି ପକ୍ଷରୁ ମଜୁରି ପ୍ରଦାନ କରାଗଲା ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ମୋ ନିକଟରେ ଏପରି ଅଭିଯୋଗ ସମ୍ପର୍କରେ କୌଣସି ସୂଚନା ନାହିଁ, ତଥାପି ତଦନ୍ତ କରିବି।

### ଭୁବନେଶ୍ୱରରୁ ଅପହୃତ ଶିଶୁପୁତ୍ର ଗୋଳନ୍ଥରାରୁ ଉଦ୍ଧାର

**■ ମହିଳାଙ୍କୁ ଗିରଫ କଲା ପୋଲିସ**

ଭୁବନେଶ୍ୱର,୨୩।୧(ବ୍ୟୁରୋ): ଭୁବନେଶ୍ୱର ରେଳ ଷ୍ଟେଶନରୁ ଶିଶୁପୁତ୍ର ଅପହରଣ ମାମଲାରେ ଖାରବେଳନଗର ଥାନା ପୋଲିସ ଗଞ୍ଜାମ ଜିଲା ଗୋଳନ୍ଥରା ଅଞ୍ଚଳର ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଗୋଳନ୍ତରା ଥାନା ଅନ୍ତର୍ଗତ ଦୁମୁଦୁମି ଗ୍ରାମ ଛକ ନିକଟରେ ଏକ କ୍ଲିନିକ୍‌ରେ କାମ କରୁଥିବା ଜିତା ପାଲ। ପୋଲିସ ସୂଚନା ମୁତାବକ, ଗତ ୮ ତାରିଖରେ ବିହାର ମୁଜାଫରପୁର ଅଞ୍ଚଳର ଜଣେ ଦମ୍ପତିଙ୍କ ୪ ବର୍ଷର ଶିଶୁ ପୁତ୍ରକୁ ଖୋଜାଖୋଜି ପରେ ପାଇ ନ ଥିଲେ। ଶେଷରେ ନିରାଶ ହୋଇ ଗତ ୯ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ୧୫ଦିନ ହେଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଦୁମୁଦୁମି ଗ୍ରାମ ଛକ ନିକଟରେ ଥିବା ଏକ ଆୟୁର୍ବେଦିକ କ୍ଲିନିକରେ ଜଣେ ୪ ବର୍ଷର ଅପରିଚିତ ଶିଶୁପୁତ୍ରଙ୍କୁ ସନ୍ଦେହଜନକ ଭାବେ ରଖାଯାଇଥିଲା। ଏ ନେଇ ଗ୍ରାମବାସୀ ବୁଧବାର ଶିଶୁପୁତ୍ର ସମ୍ପର୍କରେ ଜନୈକ ବ୍ୟକ୍ତି ଓ ଦୁଇ ମହିଳାଙ୍କୁ ପଚାରିବାରୁ ଶିଶୁପୁତ୍ରଙ୍କୁ ଯେଉଁଠାରେ ଆଣିଥିଲୁ ସେଠାରେ ଛାଡ଼ିଦେଲୁ ବୋଲି କହିବା ପରେ ଗ୍ରାମବାସୀ ପାଟିତୁଣ୍ଡ କରିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ତହସିଲଦାରଙ୍କ ହସ୍ତକ୍ଷେପ ପରେ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଥାନାରେ ରଖି ପଚରାଉଚରା କରି ଖାରବେଳନଗର ଥାନାକୁ ଖବର ଦେଇଥିଲା। ଖାରବେଳନଗର ଥାନା ପୋଲିସ ଗୁରୁବାର ଗୋଳନ୍ଥରାରେ ପହଞ୍ଚି ମହିଳାଙ୍କୁ ପଚରାଉଚରା ପାଇଁ ଭୁବନେଶ୍ୱର ଆଣିଥିଲା। ଶିଶୁପୁତ୍ରଟି ବିହାର ମୁଜାଫରପୁର ଅଞ୍ଚଳର ଜନୈକ ଦମ୍ପତିଙ୍କର ବୋଲି ସେ ଜାଣି ନ ଥିଲେ। ଗତ ୮ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଶିଶୁଟି କାନ୍ଦୁଥିବାବେଳେ ଆଣିଥିବା କହିଥିଲେ। ଏ ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରିତ ହେବା ପରେ ଉକ୍ତ ଶିଶୁପୁତ୍ରଙ୍କୁ ପୁଣି ଭୁବନେଶ୍ୱର ନେଇ ଛାଡ଼ି ଦେଇଥିବା ସ୍ୱୀକାର କରିଥିଲେ। ଜିତାଙ୍କୁ ପଚରାଉଚରା ପରେ ଅପରାହ୍ନରୁ ପୋଲିସ କୋର୍ଟ ଚାଲାଣ କରିଥିଲା ବେଳେ କୋର୍ଟରେ ଜିତାଙ୍କୁ ଜାମିନ ମିଳିଥିଲା।

# ବନ୍ଧାପଡ଼ିଛି ଶୈଶବ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଶିଶୁକନ୍ୟା ତଥା ଝିଅମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକାଧିକ ଯୋଜନା କରୁଛନ୍ତି। କେନ୍ଦ୍ର ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ 'ବିଜୁ କନ୍ୟାରତ୍ନ ଯୋଜନା' ପର୍ଯ୍ୟନ୍ତ, ଝିଅମାନଙ୍କୁ ସ୍କୁଲ୍ ଆଣିବା, ସେମାନଙ୍କୁ ଉଚିତ ପୋଷଣ ତଥା ଉଜ୍ଜ୍ୱଳ ଭବିଷ୍ୟତ ଯୋଗାଇଦେବା ପାଇଁ ଏହି ଯୋଜନାମାନ କାର୍ଯ୍ୟକାରୀ ହେଉଛି। ହେଲେ ଏବେବି ଅନେକ ଶିଶୁକନ୍ୟାଙ୍କୁ ପ୍ରାଥମିକ ଶିକ୍ଷା ମିଳିବା ତ ଦୂରର କଥା, ନିଜ ଅଧିକାର ପାଇବାରୁ ବି ସେମାନେ ବଞ୍ଚିତ ହେଉଛନ୍ତି। ସର୍ବସମ୍ମୁଖରେ ରାସ୍ତାକଡ଼ରେ ହାତପାତି ଭିକ ମାଗୁଥିଲେ ମଧ ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯାଉ ନାହିଁ। ଭୁବନେଶ୍ୱରରେ ଶତାଧିକ ନାବାଳିକା ଏବଂ କିଶୋରୀ ଘରୋଇ ସହାୟିକା ଭାବେ କାମ କରୁଛନ୍ତି। ବିଶେଷକରି କନ୍ଧମାଳ, କୋରାପୁଟ ଓ କଳାହାଣ୍ଡି ଭଳି ଜନଜାତି ଅଧ୍ୟୁଷିତ ଜିଲାରୁ ଶତାଧିକ ଶିଶୁକନ୍ୟା ରାଜଧାନୀ ଭୁବନେଶ୍ୱରରେ ଘରୋଇ ସହାୟିକା ଭାବେ କାମ କରୁଛନ୍ତି। ହେଲେ ଏମାନଙ୍କୁ ଚିହ୍ନଟ ଏବଂ ଗଣନା କରିବା ପାଇଁ ନା କୌଣସି ସର୍ଭେ ହେଉଛି ନା ଏଥିପାଇଁ ଗଠିତ କମିଟି କାମ କରୁଛି। କେବଳ ଚାଇଲ୍ଡଲାଇନ୍ ନିକଟକୁ କାଁ ଭାଁ ଖବର ଆସିଲେ, ସେହି ଶିଶୁମାନଙ୍କୁ ଉଦ୍ଧାର କରାଯାଉଛି।


ଭୁବନେଶ୍ୱର ଚାଇଲ୍ଡଲାଇନ୍ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୨୦୧୭ ଏପ୍ରିଲରୁ ୨୦୧୮ ମାର୍ଚ୍ଚ ମଧରେ ରାଜଧାନୀରୁ ମୋଟ ୩୦୭ ଝିଅ ଉଦ୍ଧାର ହୋଇଛନ୍ତି। ରାଜଧାନୀ ରାଜରାସ୍ତାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ଘରେ କାମ କରୁଥିବା ଅବସ୍ଥାରେ ଏମାନଙ୍କୁ ଉଦ୍ଧାର କରାଯାଇଛି। ସେହିଭଳି ୨୦୧୮ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧରେ ସହରରୁ ୨୬୯ ଶିଶୁକନ୍ୟା କେବଳ ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱର ରେଳଷ୍ଟେଶନରୁ ରେଲ୍‌ୱେ ଚାଇଲ୍ଡଲାଇନ୍ ଶତାଧିକ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛି। କେତେବେଳେ ନିଜ ବାପା, ମା'ଙ୍କ ସଉକ ପାଇଁ ଏହି ଝିଅମାନେ ରାସ୍ତାକଡ଼କୁ ଆସିବାକୁ ବାଧ ହେଉଛନ୍ତି ତ ଆଉ କେତେବେଳେ ଦଇବର ନିଷ୍ଠୁରତା ସେମାନଙ୍କ ପାଇଁ କାଳ ହେଉଛି। ପରିବାର ଓ ସମାଜ ଭିତରେ ପେଷିହୋଇ ଏମାନେ ନିଜ ଶୈଶବ ଓ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଭୁବନେଶ୍ୱର ଚାଇଲ୍ଡଲାଇନ୍ କୋଅର୍ଡିନେଟର ରୁଲିନା ପାତ୍ରଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଉଦ୍ଧାର ହୋଇଥିବା ଅଧିକାଂଶ ଶିଶୁକନ୍ୟା ଆଦିବାସୀ ପ୍ରବଣ ଅଞ୍ଚଳରୁ ଆସୁଛନ୍ତି। କନ୍ଧମାଳ ଓ କୋରାପୁଟ ଜିଲାର ସର୍ବାଧିକ ଆଦିବାସୀ ଝିଅ ଘରୋଇ ସହାୟିକାଭାବେ କାମ କରୁଛନ୍ତି। ଆମ ପାଖକୁ ସୂଚନା ଆସିବା ମାତ୍ରେ ଆମେ ସେଠାକୁ ଯାଇ ତୁରନ୍ତ ସେମାନଙ୍କୁ ଉଦ୍ଧାର କରୁଛୁ। ସବୁଠାରୁ ବଡ଼ କଥା ହେଲା, ଏହି ଶିଶୁକନ୍ୟା ଏବଂ କିଶୋରୀମାନଙ୍କ ମଧରେ ଅଧିକାଂଶ ବାଲ୍ୟ ବିବାହ କରିଥିବା ଆମେ ଜାଣିବାକୁ ପାଉଛୁ, ଯାହା ଚିନ୍ତାଜନକ ବୋଲି ସେ କହିଛନ୍ତି।

■ ୨୦୧୮ରେ ରାଜଧାନୀରୁ ୩୦୭ ଶିଶୁକନ୍ୟା ଉଦ୍ଧାର

■ ୨୦୧୯ରେ ୨୬୯ ଶିଶୁଙ୍କୁ ଉଦ୍ଧାର କରିଛି ଚାଇଲ୍ଡଲାଇନ୍

■ ଘରୋଇ ସହାୟିକା କାମ କରୁଛନ୍ତି ଶତାଧିକ ନାବାଳିକା

**ଆଜି ଜାତୀୟ ଶିଶୁକନ୍ୟା ଦିବସ**



### ରହୁନି ଜନ୍ମ ପ୍ରମାଣପତ୍ର

୭ରୁ ୧୫ବର୍ଷ ବୟସ ମଧରେ ପ୍ରାୟ ୭ ହଜାର ଶିଶୁ ଭୁବନେଶ୍ୱରର ବିଭିନ୍ନ ରାସ୍ତାକଡ଼ରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ପଥପ୍ରାନ୍ତ ଶିଶୁଙ୍କ ପାଇଁ କାମ କରୁଥିବା କିଛି ସାମାଜିକ ଅନୁଷ୍ଠାନ ସୂତ୍ରରୁ ଏହି ତଥ୍ୟ ପଦାକୁ ଆସିଛି। ପୂର୍ବରୁ ରାଜ୍ୟ ବାହାରୁ ତଥା ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ଅଧିକାଂଶ ପିଲା ଆସି ଏଠାରେ ରହୁଥିବାବେଳେ ଏବେ କିନ୍ତୁ ଓଡ଼ିଶାର ବେଶି ପିଲାଙ୍କୁ ରାସ୍ତାକଡ଼ରେ ଦେଖିବାକୁ ମିଳୁଛି। ଉପକୂଳବର୍ତ୍ତୀ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, ଖୋର୍ଦ୍ଧା ଜିଲାର ପିଲାମାନଙ୍କୁ ରାଜଧାନୀର ପଥପ୍ରାନ୍ତରେ ଭିକ୍ଷାବୃତ୍ତି କରିବା, ଆବର୍ଜନା ସଂଗ୍ରହ କରିବା ଭଳି କାମ କରୁଥିବା ଦେଖିବାକୁ ମିଳୁଛି। ଡୁମଡୁମା, ପଟିଆ, ମାଷ୍ଟରକ୍ୟାଣ୍ଟିନ୍ ଭଳି ସ୍ଥାନରେ ଅଧିକାଂଶ ଓଡ଼ିଆ ପିଲା ରହିଥିବାବେଳେ ୟୁନିଟ୍-୩ ଅଞ୍ଚଳରେ ପଶ୍ଚିମବଙ୍ଗ, ରେଳଷ୍ଟେଶନ୍, ବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳରେ ଆନ୍ଧ୍ରପ୍ରଦେଶରୁ ଆସିଥିବା ଶିଶୁମାନେ ଭିକ୍ଷାବୃତ୍ତି କରୁଛନ୍ତି। ଏମାନଙ୍କ ମଧ୍ୟରୁ କେତେକ ପିଲା ଅନାଥ ହୋଇଥିବାବେଳେ ଆଉ କେତେକ ବାପା, ମା'ଙ୍କୁ ଛାଡ଼ି ଏଠାକୁ ପଳାଇ ଆସିଛନ୍ତି। ସେହିଭଳି ଅନ୍ୟ କେତେକ ପିଲା ନିଜ ବାପା, ମା'ଙ୍କ ସହ ବିଭିନ୍ନ କାମ କରିବାକୁ ବାଧ ହେଉଛନ୍ତି। ଏମାନଙ୍କ ପାଇଁ ନା କାମ କରୁଛି କୌଣସି ସରକାରୀ ଯୋଜନା ନା ମିଳୁଛି ମୌଳିକ ଅଧିକାର। ଏପରି କି କିଛି ସାମାଜିକ ଅନୁଷ୍ଠାନ ଏମାନଙ୍କୁ ସ୍କୁଲ୍‌ରେ ଭର୍ତ୍ତି କରିବାକୁ ଚାହୁଁଥିଲେ ବି ଜନ୍ମ ପ୍ରମାଣପତ୍ର ନ ଥିବାରୁ ନାମଲେଖା ହୋଇପାରୁ ନାହିଁ। ନିକଟରେ ରାଜଧାନୀର ଏକାଧିକ ସ୍ଥାନରେ ଏଭଳି ଶିଶୁ ଭିକ୍ଷାବୃତ୍ତି କରୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ ରାଜ୍ୟ ମାନବାଧିକାର କମିଶନ। ରାଜଧାନୀର ରାସ୍ତାକଡ଼ର ଏହି ଶିଶୁମାନଙ୍କ ତଥା ସେମାନଙ୍କ ପରିବାର ବିଷୟରେ ପରିସଂଖ୍ୟାନ କରିବାକୁ ଗୃହ ବିଭାଗକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଫେସର ଦଣ୍ଡେଶ୍ୱର ହୋତାଙ୍କୁ ସ୍ୱର୍ଣ୍ଣ ପଦକ

**କଟକ ଅଫିସ, ୨୩।୧**

ୟୁରୋଲୋଜି ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍‌ସିବି ମେଡିକାଲ ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତାଙ୍କୁ ଗୁରୁବାର ସ୍ୱର୍ଣ୍ଣ ପଦକ ମିଳିଛି। କୋଚିଠାରେ ଅନୁଷ୍ଠିତ ୟୁରୋଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆର ୫୩ତମ ବାର୍ଷିକ ସମ୍ମିଳନୀରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କୁରିଏନ ଯୋଶେଫ ଯୋଗଦେଇ ପ୍ରଫେସର ହୋତାଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ପିଜିଆଇ ଚଣ୍ଡିଗଡ଼ରୁ ୟୁରୋଲୋଜି ଉପରେ ଏମ୍‌ସିଏଚ୍ ପାଠ୍ୟକ୍ରମ ଶେଷ କରିବା ପରେ ହୋତା ୟୁରୋଲୋଜି ଚିକିତ୍ସା କ୍ଷେତ୍ରରେ ଏସ୍‌ସିବି ମେଡିକାଲ ସମେତ ସମଗ୍ର ରାଜ୍ୟକୁ ସୁନାମ ଆଣିଦେଇଥିଲେ। ହୋତାଙ୍କ ଉଦ୍ୟମରେ ୨୦୧୨ ମସିହାରେ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତ୍ୟାରୋପଣ ଆରମ୍ଭ କରାଯାଇଥିଲା। ଏହାର ରାଜ୍ୟରେ କୌଣସି ସରକାରୀ ମେଡିକାଲ ପାଇଁ ପ୍ରଥମ ଘଟଣା ଥିଲା। ବର୍ତ୍ତମାନ ସୁଦ୍ଧା ୧୭୦ ଜଣ ରୋଗୀଙ୍କ କ୍ଷେତ୍ରରେ ମାଗଣାରେ କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଛି। ୨୦୦୯ରେ ଏସ୍‌ସିବି ମେଡିକାଲରେ ୟୁରୋଲୋଜି ଏମ୍‌ସିଏଚ୍ ପାଠ୍ୟକ୍ରମ ଆରମ୍ଭ କରିବାରେ ମଧ ଡା. ହୋତାଙ୍କ ପ୍ରମୁଖ ଭୂମିକା ରହିଥିଲା। କେବଳ ସେତିକି ନୁହେଁ, ପୁରୁଷ ରୋଗ (ପୁରୁଷ ବନ୍ଧ୍ୟା ଦୋଷ ଓ ଯୌନ ସମସ୍ୟା) ଉପରେ ପୂର୍ବ ଭାରତରେ ପ୍ରଥମ ଡାକ୍ତର ଭାବେ ସ୍ୱତନ୍ତ୍ର ଚିକିତ୍ସା କରିଥିଲେ। ସେହିପରି ଏସ୍‌ସିବି ମେଡିକାଲରେ ଆଣ୍ଡ୍ରୋଲୋଜି (ପୁରୁଷ ରୋଗୀ ସମସ୍ୟା) କ୍ଲିନିକ ପ୍ରତିଷ୍ଠା କରିବାରେ ହୋତାଙ୍କ ଅବଦାନ ଉଲ୍ଲେଖନୀୟ। ଏହାବାଦ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହିତ ୟୁରୋଲୋଜି ଚିକିତ୍ସା କ୍ଷେତ୍ରରେ ୨୬ ବର୍ଷର ଅଭିଜ୍ଞତା ହୋତାଙ୍କୁ ବେଶ୍ ପରିଚିତ କରାଇପାରିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ନାଲରେ ହୋତାଙ୍କ ସନ୍ଦର୍ଭ ଉଚ୍ଚ ପ୍ରଶଂସିତ ହୋଇଛି। ତେବେ ସ୍ୱର୍ଣ୍ଣ ପଦକ ପାଇବା ପୂର୍ବରୁ ଡା. ହୋତାଙ୍କୁ ୨୦୧୭ ମସିହାରେ ସମ୍ମାନଜନକ ଡାକ୍ତର ବି.ସି. ରାୟ ପୁରସ୍କାର ମିଳିଥିଲା।



ପ୍ରଫେସର ଦଣ୍ଡେଶ୍ୱର ହୋତା ପଦକ ଗ୍ରହଣ କରୁଛନ୍ତି।





ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଗୁରୁବାର ଜନ୍ମସ୍ଥାନ କଟକ ଓଡ଼ିଆ ବଜାରସ୍ଥିତ ଜାନକୀନାଥ ଭବନଠାରେ ତାଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଫଟୋଚିତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ନେତାଜୀ ବିଶ୍ୱରେ ଏକମାତ୍ର ଜନନେତା

**କଟକ ଅଫିସ,୨୩।୧**

ସମଗ୍ର ବିଶ୍ୱରେ ଏକମାତ୍ର ଜନନେତା ହେଉଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ନେତାଜୀ ଏହି ମାଟିରେ ଜନ୍ମ ହୋଇଥିବାରୁ ଏହା ଓଡ଼ିଶାର ସୌଭାଗ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ନେତାଜୀ ଜୟନ୍ତୀ ଅବସରରେ ନେତାଜୀଙ୍କ ଜନ୍ମସ୍ଥାନ କଟକ ଓଡ଼ିଆ ବଜାରସ୍ଥିତ ଜାନକୀନାଥ ଭବନଠାରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ନେତାଜୀ ଜୟନ୍ତୀ ଅବସରରେ ଜାନକୀନାଥ ଭବନ ଉତ୍ସବମୁଖର ହୋଇଥିଲା। ପୂର୍ବାହ୍ନରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବା ସହ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ନେତାଜୀଙ୍କ ଅଦମ୍ୟ ସାହସ, ବୀରତ୍ୱ ଓ ଦେଶପ୍ରେମ ତାଙ୍କର ଦେଶପ୍ରୀତିର ବଳିଷ୍ଠ ଉଦାହରଣ। ଏଥିସହ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କୁ ମଧ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ନେତାଜୀ ସବୁଧର୍ମକୁ ନେଇ ଆଜାଦ୍ ହିନ୍ଦୀ ଫୌଜ ଗଠନ କରିଥିଲେ। ତାହା ତାଙ୍କ ଦେଶପ୍ରୀତିର ପ୍ରତୀକ। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ରାଜ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଓ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ବାଲୁକା କଳା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟର ସଚିବ ସଂଘମିତ୍ରା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ ଓ କଲ୍ୟାଣ ବୋର୍ଡ ଅଧକ୍ଷ ସୁବାସ ସିଂ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଦେବୀ ମିଶ୍ର, ସୌଭିକ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ମହମ୍ମଦ ମୋକିମ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ଭିକାରୀ ଦାସ ପ୍ରମୁଖ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସକାଳେ ସ୍ଥାନୀୟ ଏନ୍‌ସିସି ମୁଖ୍ୟାଳୟଠାରୁ ଜାନକୀନାଥ ଭବନ ପର୍ଯ୍ୟନ୍ତ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷରୁ ରାମଧୁନ୍ ଓ ଜିଲା ସଂସ୍କୃତି ବିଭାଗ ତରଫରୁ ନେତାଜୀଙ୍କ ଜନ୍ମ କୋଠରିରେ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ଜାନକୀନାଥ ଭବନଠାରେ ନେତାଜୀ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ କଲିଜିଏଟ୍ ସ୍କୁଲଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ଶୁଭଶ୍ରୀ



ରାଜେନ୍ଦ୍ର



ବିବେକାନନ୍ଦ



ସୋନାଲିସା



ଭବାନୀ



ସାଗର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ

www.dharitri.com/category/selfie/

# ଆମ ଲୋକକଳା, ଆମ ସଂସ୍କୃତି

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ରାଜ୍ୟର ହଜିଯାଉଥିବା ଲୋକକଳାର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାର ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ମାସରେ ଆୟୋଜିତ ହେଉଥିବା 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶାର ଦୁଇଟି ପ୍ରମୁଖ ତଥା ଲୋକପ୍ରିୟ ଲୋକକଳା ରବୀନ୍ଦ୍ର ମଣ୍ଡପ ମଞ୍ଚରେ ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ଅନୁଗୋଳ ଜିଲାର ଲୁପ୍ତପ୍ରାୟ ଲୋକକଳା 'ରାବଣ ଛାୟା' ମଞ୍ଚସ୍ଥ ହୋଇଥିଲା। ପରେ ପରେ 'ପ୍ରହଲ୍ଲାଦ ନାଟକ'କୁ ଗଞ୍ଜାମରୁ ଆସିଥିବା ଶିଳ୍ପୀମାନେ ବେଶ୍ ଚିତ୍ତାକର୍ଷକ ଶୈଳୀରେ ପରିବେଷଣ କରିଥିଲେ।



'ରାବଣ ଛାୟା'ର ଏକ ଦୃଶ୍ୟ।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଢ଼େ ସ୍ପର୍ଦ୍ଧା, ତ୍ୟାଗରେ ବଢ଼େ ମହତ୍ତ୍ୱ।

-ଶିରିଡ଼ି ସାଇବାବା

## ସଂକ୍ଷେପରେ

### ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ,୨୩।୧(ଡି.ଏନ.ଏ): କୋଣାର୍କରେ ଅନୁଷ୍ଠିତ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେବା ପାଇଁ ଆସିଥିବା ଗୁଜୁରାଟର ପର୍ଯ୍ୟଟନ ମନ୍ତ୍ରୀ ଭସନଭାଇ ଅହିର ଗୁରୁବାର ଅପରାହ୍ନ ୪ଟା ସମୟରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିର ସମ୍ମୁଖ ମୁଖ୍ୟଫାଟକ ପାଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମନ୍ତ୍ରୀ ଅହିରଙ୍କୁ ସୂର୍ଯ୍ୟମନ୍ଦିର ପରିସରକକୁ ପାଛୋଟି ନେଇଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସଚନ୍ଦ୍ର ମହାନ୍ତି ମନ୍ତ୍ରୀ ଅହିରଙ୍କୁ ସୂର୍ଯ୍ୟମନ୍ଦିରରେ କଳା ସଂସ୍କୃତି ଓ ଇତିହାସ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

### ଆନିମଲ୍ ସେଲଟର ହୋମରୁ ବୋଦା ଚୋରି

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଖଣ୍ଡଗିରି ଥାନା ଅନ୍ତର୍ଗତ ସିଜୁଆସ୍ଥିତ ଆନିମଲ୍ ସେଲଟର ହୋମରୁ ଏକ ବୋଦା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟା ୩୦ରେ କେତେଜଣ ଦୁର୍ବୃତ୍ତ ସେଲଟର ହୋମ୍‌ର ବିଦ୍ୟୁତ୍ କାଟି ପାଚେରି ଡେଇଁ ଭିତରକୁ ପଶିଥିଲେ। ବୋଦା ରହୁଥିବା ଖୁଆଡର ତାଲା ଭାଙ୍ଗି ଗୋଟିଏ ବୋଦାକୁ ନେଇ ଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲେ ମଧ ଦୁର୍ବୃତ୍ତଙ୍କ ସନ୍ଧାନ ପାଇ ନ ଥିବା ଜଣାପଡିଛି।


### ଆହତ ଚିତ୍ରା ହରିଣ ଉଦ୍ଧାର

ନରାଜ,୨୩।୧(ଡି.ଏନ୍.ଏ.):ବାରଙ୍ଗ ବ୍ଲକର ବଛିପୁର ଗହୀର ପାଖରୁ ଏକ ଆହତ ଅଣ୍ଡିରା ଚିତ୍ରା ହରିଣକୁ ଗୁରୁବାର ବନବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ସ୍ଥାନୀୟ ଚାଷୀ ସକାଳୁ କୁକୁର କବଳରୁ ତାକୁ ଉଦ୍ଧାର କରି ବନ ବିଭାଗରେ ଜଣାଇଥିଲେ। ଚନ୍ଦକା-ଡମପଡା ଅଭୟାରଣ୍ୟର କିଛି ଚିତ୍ରାହରିଣ ଖାଦ୍ୟ ଅନ୍ୱେଷଣରେ ନାଳପାର ହୋଇ ଚାଲିଆସିଥିଲେ। ବାରଙ୍ଗ ବ୍ଲକର ପଛ ପାଖରେ ସେମାନଙ୍କ ମଧରୁ ଏହି ହରିଣକୁ କୁକୁର ଘେରିଯାଇଥିଲେ । ଜୀବନ ବଞ୍ଚାଇବାକୁ ହରିଣଟି ସଂଘର୍ଷ କରୁଥିବା ବେଳେ ବିଲକୁ ଯାଉଥିବା ଚାଷୀ ଏହା ଦେଖି ବନବିଭାଗରେ ଖବରଦେବା ସହ କୁକୁର ଘଉଡାଇଥିଲେ। ଖବରପାଇ ବିଭାଗୀୟ କର୍ମଚାରୀ ସେଠାରେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରି ଚିକିତ୍ସା ଜାରି ରଖିଛନ୍ତି। କୁକୁର ଆକ୍ରମଣରେ ହରିଣର ଲାଞ୍ଜ ଛିଣ୍ଡିଯାଇଥିବା ସୂଚନା ମିଳିଛି।

### ଅରାଚଣ୍ଡୀ ପାଟରେ ୧୪,୮୧୯ ପକ୍ଷୀ

**ବାଙ୍କୀ,୨୩।୧(ସ୍ୱ.ପ୍ର.):** ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ କୁସୁପଙ୍ଗି ପଞ୍ଚାୟତସ୍ଥିତ ଅରାଚଣ୍ଡୀ ବଡ଼ପାଟରେ ଗୁରୁବାର ପକ୍ଷୀ ଗଣନା ହୋଇଥିଲା। ସେଣ୍ଟର ଫର୍ ରୁରାଲ ଟୁରିଜମ୍ ଡେଭଲପ୍‌ମେଣ୍ଟ୍ (ସି.ଆର.ଟି.ଡି) ସମ୍ପାଦକ ଲଳିତମୋହନ ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ୨୪ ଜଣ ଛାତ୍ରୀଛାତ୍ର, ଓୟୁଏଟିର ୬ଜଣ ଛାତ୍ର ଓ ଆୱେଲର ୪ ଜଣ ସଦସ୍ୟ ସାମିଲ ହୋଇଥିଲେ। ଚଳିତ ବର୍ଷ ୧୧୭ ପ୍ରଜାତିର ପକ୍ଷୀ ଏଠାକୁ ଆସିଛନ୍ତି। ଏହି ପକ୍ଷୀଙ୍କ ସଂଖ୍ୟା ୧୪,୮୧୯ ହେବ ବୋଲି ଗଣନା ପରେ ଲଳିତମୋହନ ସୂଚନା ଦେଇଛନ୍ତି।

# ଫଳ ଭେଣ୍ଡିଂ ଜୋନ୍‌ରେ ଅଗ୍ନିକାଣ୍ଡ





## ଜଳିଗଲା ୧୭ ଦୋକାନ

ଭୁବନେଶ୍ୱର, ୨୩।୧(ବ୍ୟୁରୋ)

କଳ୍ପନା ଛକ ନିକଟ ମା' ତାରିଣୀ ଭେଣ୍ଡିଂ ଜୋନରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୭ରୁ ଉର୍ଦ୍ଧ୍ୱ ଫଳ ଦୋକାନ ପୋଡି ପାଉଁଶ ହୋଇଯାଇଛି। ଦୋକାନରେ ଥିବା ଫଳ ଓ ଅନ୍ୟ ସାମଗ୍ରୀ ଜଳିଯାଇଛି। ସୂଚନାନୁଯାୟୀ, ପ୍ରତି ଦିନ ଭଳି ରାତି ପ୍ରାୟ ୧୦ଟାରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରିଘରକୁ ଯାଇଥିଲେ। ଆଉ କେତେଜଣ ବ୍ୟବସାୟୀ ଦୋକାନ ଭିତରେ ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ଗୋଟିଏ ଦୋକାନରୁ ନିଆଁ ଓ ଧୂଆଁ ବାହାରୁ ଥିବା ଦେଖି କେହି ଜଣେ ପାଟି କରି ଡାକ ପକାଇ ଥିଲେ। ଏହାଶୁଣି ଭିତରେ ଶୋଇଥିବା ବ୍ୟବସାୟୀମାନେ ବାହାରକୁ ଚାଲି ଆସିଥିଲେ। ସେମାନେ ବାଲି ଓ ପାଣି ପକାଇଥିଲେ ମଧ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। କଳ୍ପନା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଏତେ ଜୋରରେ ଲାଗିଥିଲା ଯେ, ସେମାନେ ଲିଭାଇବାକୁ ପ୍ରାୟ ଦେଢ ଘଣ୍ଟା ଲାଗିଥିଲା। ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀମାନେ ସନ୍ଦେହ କରିଛନ୍ତି। କେଶବ ସାହୁ, ସୁଦୀପ୍ତ ସାହୁ, କେଶବ ଚନ୍ଦ୍ର ନାଥ, ରମେଶ ଚନ୍ଦ୍ର ସାହୁ, ହୃଦାନନ୍ଦ ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, ବାବାଜି ଦାସ, ମାନଗୋବିନ୍ଦ ଜେନା, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଦୋକାନ ଜଳି ଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ୨୦୧୫ ରେ ଏହି ଭେଣ୍ଡିଂ ଜୋନର ପ୍ରାୟ ୨୫ ଦୋକାନ ପୋଡି ଯାଇଥିଲା।

## ଭୁବନେଶ୍ୱର ମଞ୍ଚେଶ୍ୱର ଟିମ୍ ଚାମ୍ପିୟନ

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ବାଙ୍କୀ,୨୩।୧(ସ୍ୱ.ପ୍ର.)

ବାଙ୍କୀରେ ଗତ ୧୨ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳଚନ୍ଦ୍ର ଟ୍ୟାଉ ପଟ୍ଟନାୟକ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ମଞ୍ଚେଶ୍ୱର ଓ ଫକୀରପଡା କଟକ ମଧରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୨ରନ ସଂଗ୍ରହ କରିଥିଲା। ଜବାବରେ କଟକ ଟିମ୍ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କାହ୍ନା ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି କଟକ ଦଳର ରାଜ କିଶୋର ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ସମ୍ମାନିତ ଅତିଥି ପ୍ରମୋଦ ପଟ୍ଟନାୟକ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ଉପବିଜେତା ଦଳକୁ କପ୍ ସହ୧୫ହଜାର ଟଙ୍କା ପ୍ରଦାନ କରିଥିଲେ।ଏଥିରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଆଡ୍‌ଭୋକେଟ୍ ସନ୍ତୋଷ ରଣା ସଭାପତିତ୍ୱ କରିଥିଲେ। ମ୍ୟାଚକୁ ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ପରିଚାଳନା କରିଥିବା ବେଳେ ସାଗର ବେହେରା ଓ ଆଦର୍ଶ ମହାପାତ୍ର ସହଯୋଗ କରିଥିଲେ।

## କଟକ-ପାରାଦୀପ ରାସ୍ତାରେ ଦୁର୍ଘଟଣା:୩ ମୃତ

### ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକୋ

କଟକସଦର,୨୩।୧(ଡି.ଏନ୍.ଏ.)

କଟକ-ପାରାଦୀପ ରାସ୍ତାର କମରପଦା ଛକରେ ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଅନ୍ୟ ଜଣେ ହେଲେ କମରପଦା ଗ୍ରାମର ଅଜୟ ସାସମଲ(୩୨)। ହମ୍ପସ ନିର୍ମାଣ ଦାବିରେ ଗୁରୁବାର ଧରିଣା ପଞ୍ଚାୟତର ଶତାଧିକ ଲୋକ କମରପଦା ଛକରେ ପ୍ରାୟ ୧ ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ପାରାଦୀପ ପଟୁ ଆସୁଥିବା ଏକ କାର(ଓଡି ୦୫ ୨୬୬୬) କଟକ ପଟୁ ଆସୁଥିବା ଏକ ସ୍କୁଟି(ଓଡି ୦୫ଓଦ୍ଧ୍ଲ ୦୨୩୮)କୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ୩ଜଣ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଚିକିତ୍ସିତ ହେଉଛନ୍ତି। ତେବେ ମୃତକ ଦ୍ୱୟଙ୍କ ପରିଚୟ ମିଳିପାରି ନ ଥିବା କିଶନନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ସ୍କୁଟି ପଞ୍ଜୀକୃତ ପ୍ରମାଣପତ୍ରରେ ରଘୁନାଥପୁର ଥାନା ସାଦେଇପୁର ଗ୍ରାମର ବବିତା ଖୁଣ୍ଟିଆଙ୍କର ବୋଲି ଥାନା ଅଧିକାରୀ କହିଛନ୍ତି। ଦୁର୍ଘଟଣାସ୍ଥଳରେ ହମ୍ପସ ନିର୍ମାଣ ଦାବିରେ ଧରିଣା ପଞ୍ଚାୟତର ଶତାଧିକ ଲୋକ ସନ୍ଧ୍ୟା ୫ଟାରୁ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କିଶନନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ହମ୍ପସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ବୁଧବାର ବିଳମ୍ବିତ ରାତିରେ କମରପଦା ଗ୍ରାମର ଅଜୟ ଏକ ବାଇକରେ ଘରକୁ ଫେରୁଥିବା ବେଳେ ତାଙ୍କୁ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।





ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ଭିଏସ୍ଏସ୍‌ନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଓ ଅନ୍ୟମାନେ।

## ଯାଞ୍ଚ ହେଲା ନାଟମଣ୍ଡପ

### ■ ଅନୁଧାନ ହେଲା କ୍ରାକ୍ ମିଟର
### ■ ନାଟମଣ୍ଡପ ଛାତରୁ ଗଳୁଛି ପାଣି

ପୁରୀ ଅଫିସ,୨୩।୧

ଶ୍ରୀମନ୍ଦିର ନାଟମଣ୍ଡପ ମୁଖ୍ୟ ବିମ୍ ଫାଟିଥିବା ବେଳେ ଛାତରୁ ପାଣି ଗଳୁଛି। ଏହାର ସ୍ଥାୟୀ ମରାମତି ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଗୁରୁବାର ନାଟମଣ୍ଡପ ଯାଞ୍ଚ କରିଛି ଶ୍ରୀମନ୍ଦିର କୋର୍ କମିଟି। ଫାଟିଥିବା ବିମ୍‌ର ସ୍ଥିତି ଜାଣିବା ପାଇଁ ଲଗାଯାଇଥିବା କ୍ରାକ ମିଟର (ଫାଟ ମାପକ ଯନ୍ତ୍ର)କୁ ଅନୁଧାନ କରାଯାଇଛି। ଏଥିସହ ଛାତରୁ ପାଣି ଗଳୁଥିବା ନେଇ ଚାଲିଥିବା ମରାମତି କାମ, ନାଟମଣ୍ଡପ ଓ ଜଗମୋହନ ସଂଯୋଗସ୍ଥଳର ସ୍ଥିତି ବି ପରଖିଛନ୍ତି କୋର୍ କମିଟି ଏବଂ ବୈଷୟିକ ଟିମ୍। ଶ୍ରୀମନ୍ଦିର କୋର କମିଟି, ଏଏସ୍ଆଇର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ନାଟମଣ୍ଡପ ଯାଞ୍ଚ କରିଥିଲେ। ଏହାପରେ କୋର୍ କମିଟି ବୈଠକ ବସିଥିଲା। ଏଥିରେ ନାଟମଣ୍ଡପ ଛାତ ମରାମତି କାମ ୩ ମାସ ମଧ୍ୟରେ ଶେଷ ହେବ ଏବଂ କ୍ରାକମିଟରକୁ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଚୂଡ଼ାନ୍ତ ହୋଇଛି।

ପୂର୍ବାହ୍ନରେ ଏଏସ୍ଆଇର ଯୁଗ୍ମ ଡିଜି ଜାହ୍ନବୀ ଶର୍ମାଙ୍କ ସମେତ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟ, ବିଶେଷଜ୍ଞ ଓ ଶ୍ରୀମନ୍ଦିର ଅଧିକାରୀ ମିଳିତ ଭାବେ ନାଟମଣ୍ଡପ ଅନୁଧାନ ପାଇଁ ଯାଇଥିଲେ। ପ୍ରଥମେ ନାଟମଣ୍ଡପ ଭିତର ପାର୍ଶ୍ୱ ବିଭିନ୍ନ ସ୍ଥଳ ଦେଖିଥିଲେ। ପରେ ଫାଟିଥିବା ମୁଖ୍ୟ ବିମ୍‌କୁ ଦେଖିଥିଲେ । ଏଠାରେ ଲଗାଯାଇଥିବା କ୍ରାକମିଟର ଠିକ୍ ଭାବେ ରିଡିଂ କରୁଛି କି ନାହିଁ ତାହା ପରଖିଥିଲେ। ମାଡ୍ରାସ ଆଇଆଇଟି ତତ୍ତ୍ୱାବଧାନରେ ଲକ୍ଷ୍ନୌର ଏକୁରାଇଟ୍ କମ୍ପାନୀ ଏହି କ୍ରାକମିଟର ଲଗାଇଛି। ମାଡ୍ରାସ ଆଇଆଇଟିର ପ୍ରଫେସର ଅରୁଣ ମେନନ୍ ଏହାର ରିଡିଂ ରିପୋର୍ଟ ତର୍ଜମା କରୁଛନ୍ତି। ଏହି ମିଟର ଲଗାଯିବା ପ୍ରାୟ ବର୍ଷେରୁ ଅଧିକ ସମୟ ହୋଇଥିଲେ ମଧ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଯାଞ୍ଚ ବେଳେ ଅଧିକାରୀମାନେ ଏହାର ରିପୋର୍ଟକୁ ଅନୁଧାନ କରିଥିଲେ। ସେହିପରି ନାଟମଣ୍ଡପ ଛାତର ବିଭିନ୍ନ ସ୍ଥାନରୁ ପାଣି ଗଳୁଥିଲା। ୨୦୧୮ ଅଗଷ୍ଟ ମାସରେ ମିଳିତ ଯାଞ୍ଚ ବେଳେ ଏହାର ମରମତି ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ୱାଟର ପ୍ରୁଫିଂ ଟ୍ରିଟ୍‌ମେଣ୍ଟ କାମ ଚାଲିଛି। ତେଣୁ ଏହି କାମ ଅନୁଧାନ କରାଯାଇଥିଲା। ଏଥିସହ ଜଗମୋହନ -ନାଟମଣ୍ଡପ ସଂଯୋଗସ୍ଥଳରେ ପାଣି ଗଳୁଥିବାରୁ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟର ନଷ୍ଟ ହୋଇଛି। ଏହାର ମରାମତି ଚାଲିଛି। ତୁରନ୍ତ କାମ ସାରିବାକୁ କୋର କମିଟି ସଦସ୍ୟ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଛି।

## ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

କଟକ ରୋଡ,୨୩।୧(ଡି.ଏନ୍.ଏ.)

ବଡ଼ଗଡ଼ସ୍ଥିତ ନେତାଜୀ ଯୁବକ ସଂଘ ପକ୍ଷରୁ ଗୁରୁବାର ନେତାଜୀ ଜୟନ୍ତୀ ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘ ସଭାପତି ସନ୍ତୋଷ ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସହ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଶାସନ ସଚିବ ଇନ୍ଦ୍ରମଣି ତ୍ରିପାଠୀ, ଅଶୋକ ସିଂହ, ଯୁବକ ସଂଘ ସମ୍ପାଦକ ବୃନ୍ଦାବନ ଦାସ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ପଣ୍ଡାଙ୍କୁ ନେତାଜୀ ଗୌରବ ସମ୍ମାନ-୨୦୨୦ ପ୍ରଦାନ କରାଯାଇଥିବା ବେଳେ ଛାତ୍ର ଭବାନୀ ଶଙ୍କର ପଟ୍ଟନାୟକଙ୍କୁ ସ୍ୱର୍ଗତ ଅଲେଖ ବିହାରୀ ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## କଂଗ୍ରେସ ସମ୍ବିଧାନକୁ ସୁରକ୍ଷା ଦେବା ପାଇଁ କାମ କରି ଆସିଛି

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଭିଏସ୍ଏସନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ କଂଗ୍ରେସ କାର୍ଯ୍ୟାଳୟଠାରେ ନିରଞ୍ଜନ ଏବଂ ଦଳର କାର୍ଯ୍ୟକର୍ତ୍ତାମାନେ ୨ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳ ପକ୍ଷରୁ ଆୟୋଜିତ ଏକ ସଭାରେ ଅଧକ୍ଷତା କରି ନିରଞ୍ଜନ କହିଛନ୍ତି କହିଲେ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ସେମାନଙ୍କର ନିଷ୍ଠା ଓ ପରାକାଷ୍ଠା ଦେଖାଇଛନ୍ତି। କଂଗ୍ରେସ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଦେଶବାସୀଙ୍କ ସ୍ୱାର୍ଥ ପ୍ରତି ସଜାଗ ରହି ସମ୍ବିଧାନକୁ ସୁରକ୍ଷା ଦେବାରେ କାର୍ଯ୍ୟ କରିଆସିଛି। କିନ୍ତୁ ବର୍ତ୍ତମାନ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ନାଗରିକତ୍ୱ ଆଇନ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସମ୍ବିଧାନକୁ ସଙ୍କୁଚିତ କରିବାର ମସୁଧା ଚଳାଇଛନ୍ତି। ସାରା ଦେଶରେ ଏହାକୁ ନେଇ ବିଭେଦ ସୃଷ୍ଟି ହୋଇଛି। ଫଳରେ ସାମ୍ପ୍ରଦାୟିକତା ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସମସ୍ତ କଂଗ୍ରେସ କର୍ମୀ ଏହାକୁ ବିରୋଧକରି ଜନସଚେତନତା ସୃଷ୍ଟି କରିବା ପ୍ରଥମ ଦାୟିତ୍ୱ ବୋଲି ନିରଞ୍ଜନ କହିଛନ୍ତି।









ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ସଙ୍ଗଠନ, ଛାତ୍ରୀଛାତ୍ର ଓ କଂଗ୍ରେସ ପକ୍ଷରୁ ରସୁଲଗଡ଼ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଭିମ୍‌ସାର:...

ପ୍ରତିବର୍ଷ ନବଜାତ ଶିଶୁଙ୍କ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି।

ମିଳିଥିବା ରିପୋର୍ଟ ଅନୁସାରେ ୨୦୧୮-୧୯ ବର୍ଷରେ ୨୮୭୦ ନବଜାତ ଶିଶୁ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଉକ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ନିଓନାଟାଲ ଇଣ୍ଟେନ୍‌ସିଭ କେୟାର ୟୁନିଟ (ଏନଆଇସିୟୁ)ରେ ଭର୍ତ୍ତି ହୋଇଥିବା ୨୨୨୯ଜଣ ଶିଶୁଙ୍କ ମଧ୍ୟରୁ ୬୫୬ ମୃତ୍ୟୁ ଘଟିଥିଲା। ସେହିବର୍ଷ ମୋଟ ୫ ହଜାର ୦୪୯ ଶିଶୁ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ଭିତରୁ ୮୭୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୨୦୧୫-୧୬ ମସିହାରେ ଉକ୍ତ ଡାକ୍ତରଖାନାରେ ସମୁଦାୟ ୩ ହଜାର ୭୫୩ ଜଣ ଶିଶୁ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୫୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୬-୧୭ ମସିହାରେ ମୋଟ ୪୩୦୧ ଜଣ ଶିଶୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୯୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୭-୧୮ ବର୍ଷରେ ମୋଟ ୪୬୧୪ ଜଣ ଶିଶୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୪୩ ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ସେହି ବର୍ଷ ୨୪ ଘଣ୍ଟା ମଧ୍ୟରେ ୯ ଶିଶୁରୋଗୀଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚାର ବିଷୟ ହୋଇଥିଲା।

ସୂଚନାଯୋଗ୍ୟ, ଭିମ୍‌ସାରରେ ନବଜାତ ଓ ଶିଶୁ ରୋଗୀମାନଙ୍କ ପାଇଁ ଏକ ୯ ତାଲା ବିଶିଷ୍ଟ କୋଠା ନିର୍ମାଣ କାମ ସରିଛି। ମୁଖ୍ୟମନ୍ତ୍ରୀ ଏହି କୋଠାକୁ ଉଦ୍‌ଘାଟନ ବି କରି ସାରିଛନ୍ତି। ହେଲେ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇ ନ ଥିବାରୁ ଶିଶୁରୋଗୀମାନଙ୍କୁ ସେହି ୱାର୍ଡକୁ ସ୍ଥାନାନ୍ତର କରାଯାଇ ପାରୁ ନ ଥିବା ଭିମ୍‌ସାର ପକ୍ଷରୁ ସୂଚନା ଦିଆଯାଇଛି। ସେଥିପାଇଁ ଅନ୍ୟ ବିଭାଗରେ ଶିଶୁରୋଗୀମାନଙ୍କୁ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଡାକ୍ତର ଜୟଶ୍ରୀ ଡୋରା କହିଛନ୍ତି ଯେ, ଶିଶୁ ରୋଗୀମାନଙ୍କ ଚିକିତ୍ସାରେ କିଛି ସମସ୍ୟା ହେଉଛି। ହେଲେ ମୃତ୍ୟୁ ହାର ନିୟନ୍ତ୍ରଣରେ ରହିଛି। ପୂର୍ବ ମୃତ୍ୟୁହାରକୁ ଆହୁରି କିପରି କମାଯାଇ ପାରିବ ସେ ନେଇ ଚେଷ୍ଟା କରାଯିବ।

ଭିମ୍‌ସାରର ଉନ୍ନତି ପାଇଁ ଏମସିଏଲ ପକ୍ଷରୁ ୫୫ କୋଟି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହି ଅର୍ଥରେ ନୂତନ ଶିଶୁ ଭବନ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ହେଲେ ଜମି ଅଭାବ ଯୋଗୁ ୨ ବର୍ଷ ହେଲା କାମ ଆରମ୍ଭ ହୋଇ ପାରୁନାହିଁ। ଏଦିଗରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ଓ ଉଦ୍‌ଘାଟିତ ହୋଇସାରିଥିବା ୯ ତାଲା ବିଶିଷ୍ଟ କୋଠାକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣ ଦାବି ହେଉଛି।

# ମନମୋହନଙ୍କୁ ମନେପକାଇଲା 'ଭିଜା ମାଟିର ସ୍ୱର୍ଗ'

**ଆଇଏଫ୍‌ଏଫ୍‌ବି-୨୦୨୦ ଉଦ୍‌ଘାଟିତ**









ଭୁବନେଶ୍ୱର,୨୩।୧(ବ୍ୟୁରୋ)

ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ଭୁବନେଶ୍ୱର (ଆଇଏଫ୍‌ଏଫ୍‌ବି)ର ୧୧ତମ ସଂସ୍କରଣ ଗୁରୁବାର ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଯାଇଛି। ଚଳିତବର୍ଷ ଏହି ଚଳଚ୍ଚିତ୍ର ମହୋତ୍ସବକୁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ସ୍ୱର୍ଗତଃ ମନମୋହନ ମହାପାତ୍ର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଏକାଧିକ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିବା ମହାପାତ୍ରଙ୍କ ନିର୍ମିତ ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ' ଆଇଏଫ୍‌ଏଫ୍‌ବି ଉଦ୍‌ଘାଟନୀ ଦିବସରେ ପ୍ରଦର୍ଶିତ ହୋଇ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଆୟୋଜିତ ଏହି ୪ଦିନିଆ ଚଳଚ୍ଚିତ୍ର ମହୋତ୍ସବରେ ଚଳିତବର୍ଷ ସମକାଳୀନ ଭାରତୀୟ ଚଳଚ୍ଚିତ୍ରର ବିବିଧତା ଦେଖିବାକୁ ମିଳିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର କଳାତ୍ମକ, ସାମାଜିକ, ସାଂସ୍କୃତିକ ଓ ପ୍ରାସଙ୍ଗିକ ବୈଶିଷ୍ଟ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ରଗୁଡ଼ିକୁ ମହୋତ୍ସବରେ ପ୍ରଦର୍ଶିତ କରାଯିବ। ଉଦ୍‌ଘାଟନୀ ଦିବସରେ ବିଭିନ୍ନ ଭାଷାର ୧୦ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

ଭାସ୍କର ହାଜାରିକାଙ୍କ ଅହମୀୟା ଫିଲ୍ମ 'ଆମିସ୍' ମହୋତ୍ସବର ପ୍ରଥମ ଦିବସର ଅନ୍ୟତମ ଆକର୍ଷଣ ରହିଥିଲା। ଏହି ଅବସରରେ କେରଳ ଚଳଚ୍ଚିତ୍ର ଏକାଡେମୀ, ଭାରତୀୟ କଳା ଅନୁଷ୍ଠାନ ଆଦିର ବିଭିନ୍ନ ଚଳଚ୍ଚିତ୍ର ସଂଗୃହିତ କରି ପ୍ରଦର୍ଶନ କରାଯାଇଥିଲା। ଏହାସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଚଳଚ୍ଚିତ୍ର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସାରା ଦେଶରୁ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିବାବେଳେ ଚନ୍ଦ୍ରଭାନୁ ପଟ୍ଟନାୟକ ଓ ଅକଲଖ୍ ଅହମ୍ମଦ ବିଚାରକ ଭାବେ ଯୋଗଦେଇଥିଲେ। ସେମାନଙ୍କ ଦ୍ୱାରା ନିର୍ବାଚିତ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ମହୋତ୍ସବରେ ପ୍ରଦର୍ଶିତ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏହାବ୍ୟତୀତ ଗୁରୁବାର ଆୟୋଜକଙ୍କ ପକ୍ଷରୁ ଏଠାରେ ଏକ ଚଳଚ୍ଚିତ୍ର କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଚଳଚ୍ଚିତ୍ର ନିର୍ମାତା ରୋନି ସେନ୍, ୱାନ୍‌ଫ୍ରାଙ୍ଗ୍ ଡି, ଫାହିଦ୍ ଇର୍ଶଦ ଓ ଅବାନ୍ ରାଜା ପ୍ରମୁଖ ଯୋଗଦେଇ ଚଳଚ୍ଚିତ୍ର ନିର୍ମାଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଫିଲ୍ମ ସୋସାଇଟି ସମ୍ପାଦକ ସୁବ୍ରତ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚଳଚ୍ଚିତ୍ର ମହୋତ୍ସବରେ ୪୫ ଭାଷାର ଫିଚର୍ ଫିଲ୍ମ ପ୍ରଦର୍ଶନ ସହ ଫଟୋ ଓ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହେବ।

# 'ବିଶ୍ୱଶାନ୍ତି ପାଇଁ ଶ୍ରୀକ୍ଷେତ୍ର ପରିଦର୍ଶନ ଆବଶ୍ୟକ'



**ଇକୋ ରିଟ୍ରିଟ୍‌ରେ ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଉଦ୍‌ଘାଟିତ**

କୋଣାର୍କ,୨୩।୧(ଡି.ଏନ.ଏ)

ଦୁନିଆର କୋଣ ଅନୁକୋଣରେ ହିଂସା, ବନାଗ୍ନି ଆଦି ଲାଗି ରହିଥିବାବେଳେ ପୁରୀରେ ଶାନ୍ତି ପରିବେଶ ରହିଛି। ଏହାର ଆନନ୍ଦ ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତ୍ୟେକ ରାଷ୍ଟ୍ର ପ୍ରମୁଖ ଓ ଧର୍ମାବଲମ୍ବୀମାନେ ପୁରୀ ପରିଦର୍ଶନ କରିବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କୋଣାର୍କ-ପୁରୀ ମେରାଇନ ଡ୍ରାଇଭ ରାସ୍ତାର ସାହୁଖଣ୍ଡତା ବେଳାଭୂମିଠାରେ ଆୟୋଜିତ ଇକୋ ରିଟ୍ରିଟ ଉତ୍ସବରେ ଗୁରୁବାର ବ୍ୟବସାୟିକ ସଂଘ ଫିକି ଓ ଓଡ଼ିଶା ପର୍ଯ୍ୟଟନ ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଆହୁରି ସେ କହିଥିଲେ, ପର୍ଯ୍ୟଟନ କେବଳ ଶିଳ୍ପ ହିସାବରେ ଦେଖିବା ଠିକ ହେବ ନୁହେଁ। ଏଠାକୁ ଆସିଲେ ଦିବ୍ୟତ୍ୱର ଅନୁଭୂତି ପାଇପାରିବ। କାରଣ ଯେଉଁ ଅନୁଭୂତି ଆତ୍ମ ପରିଚୟ ପ୍ରଦାନ କରିବାରେ ସହାୟତ ହୋଇଥାଏ, ତାହା ହିଁ ବାସ୍ତବ ପର୍ଯ୍ୟଟନ। ଏହାସହ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପର୍ଯ୍ୟଟନ ବିଭାଗ ଦିଗରେ ସହଭାଗିତାରେ ପର୍ଯ୍ୟଟନର ବିକାଶ ଚିନ୍ତା କରିଲେ ପର୍ଯ୍ୟଟନ ଶିଳ୍ପର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ ଗୁଜରାଟ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଭସନଭାଇ ଅହିର ଯୋଗଦେଇ ଓଡ଼ିଶାର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟର ପ୍ରଶଂସା କରିଥିଲେ। ଏଥିସହ ଗୁଜରାଟର ରାନ ଉତ୍ସବ ଢାଞ୍ଚାରେ ଓଡ଼ିଶାରେ ପ୍ରଥମଥର ପାଇଁ ଏଠାରେ ହୋଇଥିବା ଇକୋ ରିଟ୍ରିଟ ଉତ୍ସବ ରାଜ୍ୟ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି କରିବା ସହ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଏଭଳି ଉତ୍ସବ ଦ୍ୱାରା ଓଡ଼ିଶାରେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବା ସହ ଏହାର ଭିତ୍ତି ଭୂମି ବିଦେଶୀ ପର୍ଯ୍ୟଟକମାନଙ୍କ ଦ୍ୱାରା ପ୍ରସାର ପ୍ରଚାର ହେବା ସହ ଦେଶର ପର୍ଯ୍ୟଟନର ମାନ ବୃଦ୍ଧିରେ ସହାୟକ ହେବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟଅତିଥି ଭାବେ ପର୍ଯ୍ୟଟନ ବିଭାଗ ସଚିବ ବିଶାଲ କୁମାର ଦେବ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଭାରତୀୟ ଟୁର ଅପରେଟର ପୂର୍ବାଞ୍ଚଳ ଜୋନର ଅଧ୍ୟକ୍ଷ ଜେ.କେ ମହାନ୍ତି, ଫିକିର ଜାତୀୟ ପର୍ଯ୍ୟଟନ କମିଟିର ସହ ସଭାପତି ଜିତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରୋଗୀ ନେଇ ଯାଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଜଣେ ମୃତ, ୨ ଗୁରୁତର**

ଠାକୁରମୁଣ୍ଡା,୨୩।୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଡିଂ ଥାନା ଅଧୀନ ଝରାଡ଼ିର ବଡ଼କଦମ ଗ୍ରାମରୁ ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ କଟକ ନେବା ବାଟରେ କରଞ୍ଜିଆଠାରୁ ୪ କିମି ଦୂର ମାଣ୍ଡୁଆ ନିକଟରେ ବୁଧବାର ବିଳମ୍ବିତ ରାତିରେ ଗାଡ଼ି ଦୁର୍ଘଟଣା ହୋଇଛି। ଫଳରେ ଗାଡ଼ିରେ ଯାଉଥିବା ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଧନପତି ବେହେରା (୬୫)ଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ଭଉଣୀ ଜ୍ୟୋତି ଓ ପୁତୁରା ଶ୍ରବଣ ଏକ ସ୍କର୍ପିଓରେ କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତା ଦେଇ କଟକ ଯାଉଥିବାବେଳେ ରାତି ପ୍ରାୟ ୧.୩୦ମି ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଆହତମାନଙ୍କୁ ଉଦ୍ଧାର ପରେ କରଞ୍ଜିଆ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଧନପତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ତାଙ୍କ ପୁତୁରା ଓ ଭଉଣୀଙ୍କୁ କଟକ ପଠା ଯାଇଥିଲା। କରଞ୍ଜିଆ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

# ବିଧାନସଭା ପରିସରରେ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ଓଡ଼ିଶା ବିଧାନସଭା ଆନୁକୂଲ୍ୟରେ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଓ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବିଧାନସଭା ପରିସରରେ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଯୋଗଦେଇ ବିଧାନସଭା ପ୍ରାଙ୍ଗଣରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଉପବାଚସ୍ପତି, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସମେତ ବିଧାନସଭା ସଦସ୍ୟ ପ୍ରଫୁଲ୍ଲ ସାମଲ, ବିଷ୍ଣୁଚରଣ ଦାସ, ଅରବିନ୍ଦ ଢାଲିଙ୍କ ସମେତ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ ସାମିଲ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। 'ଶାଶ୍ୱତୀ' ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଏକ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଂଗ୍ରେସ ଭବନକୁ ବାଉନ୍ସର ଆସିବା ଘଟଣାର ତଦନ୍ତ କରିବ ୩ଜଣିଆ କମିଟି

ଭୁବନେଶ୍ୱର,୨୩।୧(ବ୍ୟୁରୋ)

କଂଗ୍ରେସ ଭବନକୁ ବାଉନ୍ସର ଡକାଇବା ଘଟଣାର ତଦନ୍ତ ହେବ। କିଏ ଦଳୀୟ କାର୍ଯ୍ୟାଳୟ ଭିତରକୁ ବାଉନ୍ସରଙ୍କୁ ଡକାଇଥିଲେ ତା'ର ତର୍ଜମା କରିବେ ୩ଜଣିଆ କମିଟି। ୨୦୧୯ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ସମ୍ପର୍କରେ ବିଭିନ୍ନ ସାଙ୍ଗଠନିକ ଜିଲାର ନେତାଙ୍କୁ ନେଇ ତର୍ଜମା ଚାଲିଥିବା ବେଳେ କଂଗ୍ରେସ କାର୍ଯ୍ୟାଳୟ ଭିତରେ ବାଉନ୍ସର ମୁତୟନକୁ ନେଇ ପ୍ରବଳ ବିରୋଧ ଆରମ୍ଭ ହୋଇଥିଲା। ବହୁ ବରିଷ୍ଠ ନେତା ଏହି ଘଟଣାକୁ ନିନ୍ଦା କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଘଟଣାର ତଦନ୍ତ ପାଇଁ ଦାବି କରିଥିଲେ। ଏହାସହ ବରିଷ୍ଠ ନେତା ଶରତ ରାଉତ ମଧ୍ୟ ଏହାର ତଦନ୍ତ କରାଯିବା ଆବଶ୍ୟକ ବୋଲି କହିଥିଲେ। ଶେଷରେ ଗୁରୁବାର ରାଜ୍ୟ ସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଛି। ଏଥିରେ ରଞ୍ଜୀବଙ୍କ ସମେତ ବଟକୃଷ୍ଣ ତ୍ରିପାଠୀ ଏବଂ ନିଶିକାନ୍ତ ମିଶ୍ର ଅଛନ୍ତି। କାର୍ଯ୍ୟାଳୟ ଭିତରକୁ କିଏ ବାଉନ୍ସର ଆଣିଥିଲେ ସେ ସଂକ୍ରାନ୍ତ ରିପୋର୍ଟ ଆସିବାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଭୋଜି ଡାଲମାରୁ ବାହାରିଲା ଚିତି

ପଟ୍ଟାମୁଣ୍ଡାଇ,୨୩।୧(ସ୍ୱ.ପ୍ର.)

ଭୋଜି ଡାଲମାରୁ ବାହାରିଲା ବିଷଧର ସାପ। ଏହି ଡାଲମା ଖାଇ ୩୦ ପରିବାରର ୫୦ ଜଣ ଅସୁସ୍ଥ ହେବା ସହ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଦେଉଳି ଗ୍ରାମର ମା' ତାରିଣୀ ମହିଳା ସଂଗଠନ ପକ୍ଷରୁ ଗ୍ରାମର ତାରିଣୀ ମନ୍ଦିରରେ ବୁଧବାର ରାତିରେ ଭୋଜି ହୋଇଥିଲା। ଉକ୍ତ ମନ୍ଦିର ପରିସରରେ ଭୋଜି ଖାଇବା ପାଇଁ ବାରଣ ଥିବାରୁ ମହିଳାମାନେ ଖାଦ୍ୟ ବାଣ୍ଟି ନେଇ ଘରକୁ ଯାଇଥିଲେ। ଘରେ ଖାଇବା ବେଳେ ସଦସ୍ୟା ପ୍ରଭାତି ରାଉତଙ୍କ ଡାଲମାରେ ମଲା ଚିତି ସାପ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟ ଜଣେ ସଦସ୍ୟା ମଧ୍ୟ ଖାଇବା ବେଳେ ସାପର କିଛି ଅଂଶ ଡାଲମାରେ ଦେଖିବାକୁ ପାଇଥିଲେ। ଏହି ଘଟଣା ସଙ୍ଗେ ସଙ୍ଗେ ପ୍ରଘଟ ହୋଇଯିବା ସହ ଗ୍ରାମର ଯେଉଁ ମହିଳା, ପୁରୁଷ ଓ ଛୋଟ ପିଲା ଭୋଜି ଖାଇଥିଲେ ବାନ୍ତି କରିଥିଲେ। କେତେକ ବ୍ୟକ୍ତି ସଙ୍ଗେ ସଙ୍ଗେ ଔଷଧ ଖାଇଥିବା



ଜଣେ ଶିଶୁଙ୍କୁ ଚିକିତ୍ସା କରାଯାଉଛି।

ବେଳେ ଗୁରୁବାର ସକାଳେ ଗ୍ରାମର ପ୍ରାୟ ୫୦ ଜଣ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ସମସ୍ତଙ୍କ ଇସିଜି ଓ ରକ୍ତ ପରୀକ୍ଷା କରିଥିଲେ। ଏହାଛଡା ଖାଦ୍ୟ ଖାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଔଷଧ ଦେବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ରଖି ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ା, ଡା. ଚନ୍ଦ୍ରଶେଖର ଦାଶ, ଡା. ପ୍ରଦ୍ୟୁମ୍ନ ପଣ୍ଡା, ଆୟୁଷ ଡାକ୍ତର ପି.କେ. ଚମ୍ପତି ପ୍ରମୁଖ ୪ ଘଣ୍ଟାକାଳ ସେମାନଙ୍କୁ ଚିକିତ୍ସାରେ ରଖି ଘରକୁ ଫେରିଯିବାକୁ କହିଥିଲେ। ତେବେ ସାପ ପଡ଼ିଥିବା ଖାଦ୍ୟର କୁପ୍ରଭାବ ରୋଗୀମାନଙ୍କ ଉପରେ ନ ଥିବା ଡାକ୍ତରମାନେ ସ୍ପଷ୍ଟ କରି ଦେଇଥିଲେ। ସମସ୍ତେ ଘରକୁ ଫେରି ଯାଇଥିବା ଜଣାଯାଇଛି। ଅସାବଧାନତା ବଶତଃ ସାପ ଡାଲମାରେ ପଡ଼ିଯାଇଥିବା କୁହାଯାଉଛି।

# ପୋଖରୀରେ ପଶିଲା ଆଇରନ ବୋଝେଇ ଟ୍ରକ୍

ଭଣ୍ଡାରିପୋଖରୀ, ୨୩।୧(ଡି.ଏନ.ଏ.)

- ୧୦ ଘଣ୍ଟା ଉଦ୍ୟମ ପରେ ଡ୍ରାଇଭର ଉଦ୍ଧାର
- ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି

ଏକ ଆଇରନ ବୋଝେଇ ଟ୍ରକ୍ ଗୁରୁବାର ସକାଳେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନଂ ଜାତୀୟ ରାଜପଥର ତୋରତ ନିକଟରେ ଅନ୍ୟ ଦୁଇଟି ଟ୍ରକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱ ଏକ ପୋଖରୀ ଭିତରକୁ ପଶି ଯାଇଥିଲା। ଟ୍ରକ୍‌ର ସମ୍ମୁଖ ଭାଗ ପାଣିରେ ବୁଡ଼ି ଯାଇଥିବାରୁ ଡ୍ରାଇଭର ଚାପି ହୋଇ ବେକ ପର୍ଯ୍ୟନ୍ତ ବୁଡ଼ି ରହିଥିଲେ। ଫଳରେ ଚେନ୍ ପୁଲି ଓ କ୍ରେନ୍ ସାହାଯ୍ୟରେ ଉଦ୍ଧାର ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଦମକଳ କର୍ମଚାରୀଙ୍କ ଆପ୍ରାଣ ଉଦ୍ୟମ ପରେ ଶେଷରେ ୬ଟି ପମ୍ପ ଲଗାଯାଇ ପୋଖରୀରୁ ପାଣି କମାଇ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା।

ଆଇରନ ବୋଝେଇ ଟ୍ରକ୍ (ନଂ. ଓଡି ୦୯ କ୍ୟୁ ୩୧୮୨) କେନ୍ଦୁଝରରୁ ପାରାଦୀପ ଅଭିମୁଖେ ଯାଉଥିଲା। ପ୍ରଥମେ ଯାଜପୁର ପାଣିକୋଇଲି ନିକଟରେ ଏକ ଗାଡ଼ିକୁ ଧକ୍କା ଦେଇଥିଲା। ଧରା ପଡ଼ିଯିବା ଭୟରେ ଗାଡ଼ି ଭଦ୍ରକ ଆଡ଼କୁ ଆସୁଥିଲା। ତୋରତଠାରେ ଡାଇଭର୍ଶନରେ କାଟୁଥିବାବେଳେ ରାଜପଥ କାର୍ଯ୍ୟରେ ନିୟୋଜିତ କନ୍‌ଷ୍ଟ୍ରକ୍‌ଶନର ଏକ ଗାଡ଼ି (ଏମ୍‌ପି ୩୯ ଜି ୨୩୬୬) ଏବଂ ଅନ୍ୟ ଏକ ଟ୍ରକ୍ (ଓଡି ୨୨ ବି ୦୮୧୨)କୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ଗାଡ଼ିଟି ପୋଖରୀକୁ ପଶିଯାଇଥିଲା। ଅନ୍ୟ ଦୁଇଗାଡ଼ିର ବିଶେଷ କିଛି କ୍ଷତି ହୋଇନାହିଁ। ତେବେ ଏହି ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ରାଜପଥରୁ ଅବରୋଧ ହଟାଇଥିଲା। ଭଦ୍ରକ, ଧାମନଗର ଓ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ରର ୬ଟି ପାଣିପମ୍ପ ପ୍ରାୟ ଅଢ଼େଇ ଫୁଟର ପାଣି ଶୁଖାଇଥିଲେ। ୧୦ ଘଣ୍ଟା ପରେ ସନ୍ଧ୍ୟାରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଡକାଇ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଉଦ୍ଧାର ଡ୍ରାଇଭରଙ୍କ ଡାହାଣ ପାଦ ହାଡ଼ ଭାଙ୍ଗିଯାଇଛି। ତାଙ୍କ ଘର କେନ୍ଦୁଝର ଜିଲା ରଗଡ଼ି ଅଞ୍ଚଳର ଅନ୍ଧାରି ଗାଁରେ ବୋଲି ଜଣାପଡ଼ିଛି।



ପାଣିରେ ପଶିଯାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଉଦ୍ଧାର ବେଳେ ଲୋକଙ୍କ ଭିଡ଼।




ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ଗୁରୁବାର 'ସମାଜ' ଶତବାର୍ଷିକ ସାଂସ୍କୃତିକ ସମାରୋହ ଉଦ୍‌ଯାପନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

# ପ୍ରତ୍ୟେକ ଓଡ଼ିଆ କଳାର ପୂଜାରୀ: ମୁଖ୍ୟମନ୍ତ୍ରୀ

**ସମାଜ ଶତବାର୍ଷିକ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ**

**ନାଟ୍ୟକାର ପ୍ରଫେସର କାର୍ତ୍ତିକ ରଥଙ୍କୁ ମରଣୋତ୍ତର ସମ୍ମାନ**

ଭୁବନେଶ୍ୱର, ୨୩।୧ (ବ୍ୟୁରୋ)

ପ୍ରତ୍ୟେକ ଓଡ଼ିଆ ହେଉଛନ୍ତି କଳାର ପୂଜାରୀ। ଓଡ଼ିଶା ମାଟି, ପାଣି, ପବନରେ କଳା ସଂସ୍କୃତିର ମହକ ଭରି ରହିଛି। ସମସ୍ତଙ୍କ ସହଯୋଗରେ ଆମର ସଂସ୍କୃତି ଅଧିକ ମଜଭୁତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ 'ସମାଜ' ଶତବାର୍ଷିକ ସାଂସ୍କୃତିକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ, ସମାଜ ଏକ ଖବରକାଗଜ ନୁହେଁ, ଏହା ଏକ ଆନ୍ଦୋଳନ। ନିଜର ନିରପେକ୍ଷତା ଯୋଗୁଁ ଆଜି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ସମାଜ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି, 'ସମାଜ' ପରିଚାଳନା ମଣ୍ଡଳୀର ଅଧ୍ୟକ୍ଷ ଦୀପକ ମାଲବ୍ୟ କହିଥିଲେ, ସମାଜର ଶତାବ୍ଦୀ ବର୍ଷରେ ଏପରି ଅଭିନବ ପ୍ରୟାସ ଆରମ୍ଭ ପୂର୍ବରୁ ପ୍ରତ୍ୟେକ ବର୍ଗର ଲୋକଙ୍କ ମତାମତ ଗ୍ରହଣ କରିଥିଲୁ। ସମାଜ ପାଖରେ ଯଦି କିଛି ପୁଞ୍ଜି ଥାଏ ତାହା ହେଉଛି ରାଜ୍ୟବାସୀଙ୍କ ଆଶୀର୍ବାଦ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଆମେ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଭାରତର ବିବିଧତା ମଧ୍ୟରେ ଏକତାକୁ ପ୍ରଦର୍ଶିତ କରିବା ଉଦ୍ୟମ କରିଛୁ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ପ୍ରଫେସର କାର୍ତ୍ତିକ ରଥଙ୍କୁ ଜୀବନବ୍ୟାପୀ ମଞ୍ଚ ସାଧନା ନିମନ୍ତେ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ଲୋକସେବକ ମଣ୍ଡଳର କୋଷାଧ୍ୟକ୍ଷ ତଥା ସମାଜ ପରିଚାଳନା ମଣ୍ଡଳୀର କାର୍ଯ୍ୟନିର୍ବାହୀ ସମ୍ପାଦକ ଭୀମସେନ ଯାଦବ, ଲୋକସେବକ ମଣ୍ଡଳର ନୂଆଦିଲ୍ଲୀ ଶାଖା ସଭାପତି ଶ୍ରୀ ରାଜକୁମାର, ସମାଜର କାର୍ଯ୍ୟକାରୀ ମୁଖ୍ୟ ପରିଚାଳକ ପ୍ରିୟବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ସମାଜର ପ୍ରକାଶକ ମୁଦ୍ରାକର ନିରଞ୍ଜନ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ ଓଡ଼ିଶାର ଲୋକନୃତ୍ୟ ରଣପା, ଢୁଲଢୁଲି, ଘୁମୁରା ସମେତ ରାଜ୍ୟ ବାହାରୁ ଆସିଥିବା ଶିଳ୍ପୀ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

# କୃଷିକ୍ଷେତ୍ରରେ ବଢୁଛି ମହିଳାଙ୍କ ଯୋଗଦାନ

ଭୁବନେଶ୍ୱର,୨୩।୧(ବ୍ୟୁରୋ)

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମହିଳାଙ୍କ ଭାଗିଦାରିତା ଓଡ଼ିଶାର କୃଷିକୁ ଆଗକୁ ନେଇଛି। ଅନ୍ୟ କ୍ଷେତ୍ର ଭଳି କୃଷି କ୍ଷେତ୍ରରେ ମଧ୍ୟ ମହିଳାମାନେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଓଡ଼ିଶାର ବିକାଶ ପର୍ବରେ ମହିଳାଙ୍କ ଯୋଗଦାନକୁ ସ୍ୱୀକୃତିପୂର୍ବକ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ସାମିଲ କରିଛନ୍ତି। କୃଷି କ୍ଷେତ୍ରରେ ଅଧିକରୁ ଅଧିକ ମହିଳା ସାମିଲ ହୋଇ ଯେପରି ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ ହୋଇପାରିବେ ସେଥିପାଇଁ ନୂତନ ଯୋଜନା ପ୍ରସ୍ତୁତ କରାଯାଉଥିବା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୦'ର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଥିଲେ,



'କୃଷି ଓଡ଼ିଶା'ର ଚତୁର୍ଥ ଦିବସରେ ଅତିଥିମାନେ କୃଷି ସମ୍ପର୍କିତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ମହିଳା ଚାଷୀଙ୍କୁ ସମର୍ପିତ 'କୃଷି ଓଡ଼ିଶା'ର ଚତୁର୍ଥ ଦିବସ**

ମହିଳାମାନେ ପାରମ୍ପରିକ କାର୍ଯ୍ୟଧାରାରୁ ଆଗକୁ ଯାଇ ଧାନସଂଗ୍ରହଠାରୁ ଆରମ୍ଭ କରି ପଞ୍ଚାୟତ ପୋଖରୀରେ ମାଛଚାଷ ପର୍ଯ୍ୟନ୍ତ କାମ କରୁଛନ୍ତି। ଧାନ ସଂଗ୍ରହ ଭଳି ଏକ ଆହ୍ୱାନମୂଳକ କ୍ଷେତ୍ରରେ ସେମାନେ ନିଜର ଦକ୍ଷତା ଓ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଏବେ ପଞ୍ଚାୟତ ପୋଖରୀଗୁଡ଼ିକ ଲିଜ୍ ଆକାରରେ ଦିଆଯାଉଛି। ଗତବର୍ଷ ଗଞ୍ଜାମ ଜିଲାର ପ୍ରାଥମିକ ମହିଳା ମତ୍ସ୍ୟ ଉନ୍ନୟନ ସମିତି କେନ୍ଦ୍ର ସରକାରଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ରାଜ୍ୟର କୃଷି ଅନୁକୂଳ ବାତାବରଣ, ସରକାରଙ୍କ ସକାରାତ୍ମକ କୃଷିନୀତି, କୃଷି କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମହିଳାଙ୍କୁ ପ୍ରୋତ୍ସାହନ ରାଜ୍ୟର ମହିଳାଙ୍କୁ କୃଷି କ୍ଷେତ୍ରରେ ସାମିଲ୍ ହେବା ଲାଗି ଉତ୍ସାହିତ କରିବ ବୋଲି ସେ କହିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଥିଲେ, ଚାଷରେ ବିବିଧତା ଆଣି ଅଧିକରୁ ଅଧିକ ଅର୍ଥକାରୀ ଫସଲ ନିମନ୍ତେ କୃଷକଙ୍କୁ ଆଗ୍ରହୀ କରିବାକୁ ରାଜ୍ୟ ସରକାର ଅନେକ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଉନ୍ନତ ଜ୍ଞାନକୌଶଳ ଓ ଚାଷପଦ୍ଧତି ଦ୍ୱାରା କମ୍ ଜମିରେ ଅଧିକ ଫସଲ କରାଯାଇପାରୁଛି ବୋଲି ମନ୍ତ୍ରୀ ସାହୁ କହିଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ରିସର୍ଚ୍ଚ ଲିଡର ରଞ୍ଜିତା ପୁସ୍କର ପ୍ରମୁଖ ଯୋଗଦେଇ ରାଜ୍ୟରେ କୃଷିର ବିକାଶରେ ମହିଳାଙ୍କ ଅବଦାନ ସମ୍ପର୍କରେ କହିଥିଲେ। କୃଷି ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଧା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ମତ୍ସ୍ୟ ନିର୍ଦ୍ଦେଶକ ଡ. ଏନ୍. ତିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ରାଇସ୍‌ବେସଡ୍ କ୍ରପିଙ୍ଗ ସିଷ୍ଟମ୍ ନଲେଜ୍ ବ୍ୟାଙ୍କ' ଏବଂ 'ରାଇସ୍ ଡକ୍ଟର' ଆପ୍‌ର ଲୋକାର୍ପଣ ହେବା ସହିତ 'କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର ଇନ୍ ଓଡ଼ିଶା' ଓ 'ରବି କାର୍ଯ୍ୟକ୍ରମ ପ୍ରଶିକ୍ଷଣ ମାନୁଆଲ୍'ର ଶୁଭ ଉନ୍ମୋଚନ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଣ୍ଡା ପାଟ**
**ହଜିଲେ ମଠା।**

ଜିନିଷଟି ପାଖରେ ଥିଲାବେଳେ ଏହା ଅଦରକାରୀ ବା ସାମାନ୍ୟ ଜିନିଷ ଭାବି କେହି କେହି ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। କିନ୍ତୁ ସେହି ଜିନିଷଟି ହଜିଗଲା ପରେ ଏହାର ମହତ୍ତ୍ୱ ଜଣାପଡ଼ି ଯାଇଥାଏ। ତା'ର ମୂଲ୍ୟ ମଧ୍ୟ ଅନେକ ପରିମାଣରେ ବଢ଼ିଯିବାର ଲକ୍ଷ୍ୟ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ଟଙ୍କାର ଘୋଡ଼ାକୁ**
**ନଅ ଟଙ୍କାର ଦାନା।**

ଜିନିଷର ଦାମ୍ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମ୍ବିଧାନ 'ମୁଖବନ୍ଧ' ସ୍କୁଲରେ ପାଠ କରାଯାଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ**

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଦେଶରେ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତାକୁ ମହାରାଷ୍ଟ୍ର ବିଧାନସଭା ସର୍ବସମ୍ମତ ସମର୍ଥନ ଦେବାପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କରିଥିବା ଆବେଦନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସ୍ୱାଗତ କରିଥିବା କହିଛନ୍ତି। ଶ୍ରୀକାନ୍ତ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ, ଉପରୋକ୍ତ ନିଷ୍ପତ୍ତି ଭଳି ସମ୍ବିଧାନର 'ମୁଖବନ୍ଧ'କୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରତିଦିନ ପାଠ କରାଇବା ଦରକାର। ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ଼ ଭଳି ଅନେକ ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଦିଲ୍ଲୀ ସରକାର ଦେଶର 'ସମ୍ବିଧାନ' ସମ୍ପର୍କିତ ଏକ ପାଠ୍ୟକ୍ରମ ମଧ୍ୟ ସ୍କୁଲଗୁଡ଼ିକରେ ଆରମ୍ଭ କରିଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ସମସ୍ତ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ସମ୍ବିଧାନର 'ମୁଖବନ୍ଧ' ପ୍ରତିଦିନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଢ଼ାଯିବାକୁ ନେଇ ରାଜ୍ୟ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବେ ବୋଲି ଶ୍ରୀକାନ୍ତ ଆଶା କରୁଥିବା ଚିଠିରେ ଦର୍ଶାଇଛନ୍ତି।

# ଅପରାଧୀଙ୍କ ସମ୍ପର୍କୀୟଙ୍କୁ ଧରିବାକୁ ଦାବି

ଭୁବନେଶ୍ୱର,୨୩।୧(ବ୍ୟୁରୋ)

**ଯାଜପୁର ନାବାଳିକା ଅପହରଣ ଘଟଣାରେ ଭାଜପା, କଂଗ୍ରେସର ଟାର୍ଗେଟ**

ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ମହିଳାଙ୍କ ସହ ବଳାତ୍କାର, ଅସଦାଚରଣ ଏବଂ ଘରୋଇ ହିଂସା ବୃଦ୍ଧି ପାଇବାରେ ଲାଗିଛି। ମହିଳାଙ୍କୁ ସୁରକ୍ଷା ଯୋଗାଇବା ଦାୟିତ୍ୱରେ ଥିବା ପୋଲିସ ଭକ୍ଷକ ସାଜିଛି ବୋଲି ଭାଜପା ଅଭିଯୋଗ କରିଛି। ରାଜ୍ୟର ପ୍ରାୟ ସମସ୍ତ ବଳାତ୍କାର ଘଟଣାରେ ପୋଲିସର ସମ୍ପୃକ୍ତି ଥିବା ମଧ୍ୟ ବିରୋଧୀ ଅଭିଯୋଗ କରିଛନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆରେ ୧୫ବର୍ଷୀୟ ଜଣେ ବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର ଘଟଣାକୁ ନେଇ ଭାଜପା ଓ କଂଗ୍ରେସ ଶାସକ ଦଳକୁ ଟାର୍ଗେଟ କରିଛନ୍ତି। ବଳାତ୍କାରର ଶିକାର ହେଇଥିବା ପୀଡ଼ିତାଙ୍କ ପରିବାରକୁ ଉଭୟ ଭାଜପା ଏବଂ କଂଗ୍ରେସ ଟିମ୍ ଭେଟିବାପରେ ପୋଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ନାବାଳିକା ପୀଡ଼ିତାଙ୍କୁ ୭ଦିନ ପର୍ଯ୍ୟନ୍ତ ଲଡୁରେ ନିଶା ଔଷଧ ଖାଇବାକୁ ଦେଇ ବଳାତ୍କାର କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ଘଟଣା। କିଛିଦିନ ତଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଏଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିନାହିଁ। ବର୍ତ୍ତମାନ କଣ୍ଟିଗଡ଼ିଆର ଏକ ଘରେ ଅସାମାଜିକ କାର୍ଯ୍ୟ କରାଯାଉଛି। ଅପରାଧୀ ନିଜ ସମ୍ପର୍କୀୟଙ୍କ ଘରେ ନାବାଳିକାଙ୍କୁ ବଳାତ୍କାର କରିଛି। ଯେଉଁ ସମ୍ପର୍କୀୟଙ୍କ ଘରେ ଏସବୁ ଘଟଣା ଘଟିଛି ସେମାନେ ପୋଲିସରେ ଅଛନ୍ତି। ସେମାନେ ମଧ୍ୟ ଏଥିରେ ସାମିଲ ଥିବାବେଳେ କାହିଁକି ସେମାନଙ୍କୁ ଗିରଫ କରାଯାଇନାହିଁ ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ପରିବାରକୁ ଭେଟିଥିବା ବେଳେ ସେମାନେ ମଧ୍ୟ ସମାନ ଅଭିଯୋଗ ଉଠାଇଛନ୍ତି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ମହିଳା ନିର୍ଯ୍ୟାତନା ଭଳି ସମ୍ବେଦନସୀଳ ଘଟଣାରେ ବିରୋଧୀଙ୍କ ଆଭିମୁଖ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

# ହାତୀ ଆକ୍ରମଣରେ ୨ ମୃତ

କୋରେଇ/କଳିଙ୍ଗନଗର, ୨୩।୧(ସ୍ୱ.ପ୍ର/ଡି.ଏନ୍.ଏ.)



- ୧୦ରୁ ଊର୍ଦ୍ଧ୍ୱ ଆହତ
- ଆଜି ବ୍ଲକ ଅଞ୍ଚଳର ସମସ୍ତ ବିଦ୍ୟାଳୟ ବନ୍ଦ

ଯାଜପୁର ଜିଲାରେ ଗତ ୫ଦିନ ଧରି ଏକ ବଣୁଆ ହାତୀ ଆତଙ୍କ ଖେଳାଇଛି। ପୂର୍ବରୁ ଏହି ହାତୀ ଆକ୍ରମଣରେ ରବିବାର ଶାଳିଜଙ୍ଗା ପଞ୍ଚାୟତର ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ତେବେ ଗୁରୁବାର ଏହି ହାତୀ ଆକ୍ରମଣରେ ଆଉ ୨ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ଶଙ୍ଖଚିଲା ଅଞ୍ଚଳ ଗୋଡିପାଟଣା ଗ୍ରାମର ଈଶ୍ୱର ଚନ୍ଦ୍ର ଦାସ (୫୦) ଓ ଚିନ୍ତାମଣି ରାମ (୬୦)। ଟମକା ବନ ବିଭାଗ ହାତୀକୁ ଘଉଡ଼ାଇ କେନ୍ଦୁଝର ଜିଲା ବରାଙ୍ଗ ଜଙ୍ଗଲରେ ଛାଡ଼ି ଦେଇଥିବାବେଳେ ମଙ୍ଗଳବାର ହାତୀଟି ପୁନଃ ରଗଡି ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବୁଧବାର ହାତୀ ତଳଗଡ଼ ପଞ୍ଚାୟତରୁ ତାହାରପୁର ଦେଇ ଗୁରୁବାର ସକାଳୁ ପହଞ୍ଚିଥିଲା ରସୁଲପୁର ବ୍ଲକ ଟିକରପଡ଼ା ଓ ନରସିଂହପୁରରେ। ସେଠାରେ ଜଙ୍ଗଲ ବିଭାଗ ପକ୍ଷରୁ ଘଉଡ଼ାଇ ଦିଆଯିବାରୁ ହାତୀ ପୁନଃ ଖରସ୍ରୋତା ନଦୀ ପାରିହୋଇ କୋରେଇ ବ୍ଲକରେ ପହଞ୍ଚିଥିଲା। କୋରେଇ ବ୍ଲକର ଅନ୍ଧାରୀ, ତଳଗଡ, ପାଟରଙ୍ଗା ଆଦି ପଞ୍ଚାୟତରେ ହାତୀ ଆତଙ୍କ ଖେଳାଇଥିବାବେଳେ ଗୁରୁବାର ଶଙ୍ଖଚିଲାର ଦୁଇ ଜଣଙ୍କ ଜୀବନ ନେବା ସହିତ ହାତୀ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଶଙ୍ଖଚିଲା ଅଞ୍ଚଳର ପବନା ଗୁରୁ (୫୫)ଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ହାତୀ ଶଙ୍ଖଚିଲାରୁ ବଡେଇଟିକର ଦେଇ ଯାଜପୁର ରୋଡ ଆଡକୁ ଯାଉଥିବା ଜଣାପଡ଼ିଛି। ଯାଜପୁର ରୋଡ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକ, ବନପାଳ ଦଉହରି ନାୟକ, ସରୋଜ ନାୟକ, ନିର୍ମଳ କୁମାର ମଲ୍ଲିକ, ଫରେଷ୍ଟ ଗାର୍ଡ ଭାରତୀ କାଣ୍ଡି, ସାବିତ୍ରୀ ଦାସ, ଅଜୟ ମଲ୍ଲିକଙ୍କ ସମେତ ପ୍ରାୟ ୨୫ଜଣ କର୍ମଚାରୀ ହାତୀକୁ ଘଉଡାଇବାକୁ ଚେଷ୍ଟା ଜାରି ରଖିଥିବା ଜଣାପଡ଼ିଛି। ଅପରପକ୍ଷରେ ହାତୀ ଉପଦ୍ରବକୁ ଦୃଷ୍ଟିରେ ରଖି କୋରେଇ ବ୍ଲକ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଶୁକ୍ରବାର ବନ୍ଦ ରହିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଥିବା ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ଧାନ ବୋଝେଇ ଟ୍ରକ୍‌କୁ ୫୮,୦୪୦ ଜରିମାନା

ତିହିଡ଼ି,୨୩।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ ନିଶ୍ଚିନ୍ତପୁର ସମବାୟ ସମିତିରୁ ଧାନ ବୋଝେଇ କରି ଯାଉଥିବା ଏକ ଟ୍ରକ୍‌କୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ ୫୮, ୦୪୦ ଟଙ୍କା ଜରିମାନା କରାଯାଇଛି। ଟ୍ରକ୍‌ର କାଗଜପତ୍ର ଠିକ୍ ନ ଥିବାବେଳେ ଚାଳକଙ୍କ ଲାଇସେନ୍ସ ନ ଥିବାରୁ ଜରିମାନା କରାଯାଇଥିବା ପରିବହନ ବିଭାଗ ସୂଚନା ଦେଇଛି।

ପ୍ରକାଶ ଯେ, ଗତ ମଙ୍ଗଳବାର ରାତିରେ ଏହି ସମବାୟ ସମିତିରୁ ୨ଶହ କୁଇଣ୍ଟାଲ ଧାନ ବୋଝେଇ କରି ଟ୍ରକ୍(ନଂ.ଏମଏଚ୍୧୬ସିସି ୭୪୭୪) ସମ୍ବଲପୁରସ୍ଥିତ ଭେଙ୍କଟେଶ୍ୱର ରାଇସ୍ ମିଲ୍‌କୁ ଯାଉଥିଲା। ତିହିଡ଼ି ଗ୍ରାମରେ କେତେଜଣ ଯୁବକ ଗାଡ଼ିକୁ ଅଟକାଇ ଚାନ୍ଦା ମାଗିଥିଲେ। ଏ ସମ୍ପର୍କରେ ଗାଡ଼ି ଡ୍ରାଇଭରଙ୍କଠାରୁ ସୂଚନା ପାଇ ସମବାୟ ସମିତି ସମ୍ପାଦିକା ଗୀତାଞ୍ଜଳି ଦାସ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୨୪/୨୦) ରୁଜୁ କରି ବୁଧବାର ତିହିଡ଼ି ଗ୍ରାମର ନିର୍ମଳ ବେହେରାଙ୍କୁ ଗିରଫ କରିଥିଲା। ପରେ ପୋଲିସ ସନ୍ଦେହରେ ଟ୍ରକ୍‌କୁ ଅଟକ ରଖି ଗାଡ଼ିର କାଗଜପତ୍ର ଯାଞ୍ଚ ପାଇଁ ପରିବହନ ବିଭାଗକୁ ଖବର ଦେଇଥିଲା। ଏମ୍‌ଭିଆଇ ବିପ୍ର ଚରଣ ଚୌଧୁରୀ ଗୁରୁବାର ପୂର୍ବାହ୍ନରେ ତିହିଡ଼ି ଥାନାକୁ ଆସି ଯାଞ୍ଚ କରିବାରୁ ଟ୍ରକ୍‌ର କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ଗାଡ଼ିକୁ ଥାନାରେ ଅଟକ ରଖାଯାଇଛି।



ଧାନବୋଝେଇ ଟ୍ରକ୍।

# ଏନ୍‌ଆର୍‌ୟୁ ଆରମ୍ଭ କରିବ ଭାରତୀୟ ଯୁବକଂଗ୍ରେସ

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ଦେଶରେ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନଶିପ୍ (ଏନ୍‌ଆର୍‌ସି)କୁ ନେଇ ବିବାଦ ଲାଗି ରହିଥିବା ବେଳେ ଭାରତୀୟ ଯୁବକଂଗ୍ରେସ ପକ୍ଷରୁ ନ୍ୟାଶନାଲ ରେଜିଷ୍ଟର ଅଫ୍ ଅନ୍‌ଏମ୍ପ୍ଲୟମେଣ୍ଟ (ଏନ୍‌ଆର୍‌ୟୁ) ଆରମ୍ଭ କରାଯିବ ବୋଲି କୁହାଯାଇଛି। ବେକାରି ସମସ୍ୟାକୁ ନେଇ ଦେଶବ୍ୟାପୀ ପ୍ରଚାର ଅଭିଯାନ ହେବ ବୋଲି ପ୍ରଦେଶ ଯୁବକଂଗ୍ରେସ ସଭାପତି ଲୋକନାଥ ମହାରଥୀ କହିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋକନାଥ କହିଛନ୍ତି, ଜାତୀୟ ନାଗରିକତା ଅଭିଲେଖର ନୁହେଁ, ବରଂ ଜାତୀୟ ବେରୋଜଗାରୀ ଅଭିଲେଖର ଆବଶ୍ୟକତା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବର୍ତ୍ତମାନ ଭାରତବର୍ଷରେ ବେକାରି ହାର ଗତ ୪୫ବର୍ଷ ମଧ୍ୟରେ ସବୁଠାରୁ ଅଧିକ। ଜାତିସଂଘ ରିପୋର୍ଟ ଅନୁଯାୟୀ ଦେଶରେ ୫ଜଣଙ୍କ ମଧ୍ୟରୁ ୨ଜଣ ବେକାର ଅଛନ୍ତି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁସାରେ ୨୦୧୭-୧୮ ବର୍ଷରେ ବେରୋଜଗାରୀଙ୍କ ଆତ୍ମହତ୍ୟା ପ୍ରତିଶତ କୃଷକଙ୍କ ଆତ୍ମହତ୍ୟାଠାରୁ ଅଧିକ ରହିଛି। ଓଡ଼ିଶାର ଲକ୍ଷ ଲକ୍ଷ ବେକାରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ତେଣୁ ଦେଶରେ ଜାତୀୟ ବେରୋଜଗାର ଅଭିଲେଖର ଆବଶ୍ୟକତା ରହିଛି। ସେଥିଲାଗି ସର୍ବଭାରତୀୟ ଯୁବକଂଗ୍ରେସ ପକ୍ଷରୁ ଏକ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ୮୧୫୧୯୯୪୧୧ରେ ମିସ୍‌ଡ କଲ୍ ଦେଇ ନିଜକୁ ପଞ୍ଜୀକରଣ କରିବା ପାଇଁ ଲୋକନାଥ କହିଛନ୍ତି।

## ଶିକ୍ଷକଙ୍କୁ ଛାତ୍ର ମସାଜ୍ କରୁଥିବା ଭିଡିଓ ଭାଇରାଲ୍

**ବାରିପଦା ଅଫିସ,୨୩।୧:** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ଛାତ୍ରମାନେ ମସାଜ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓଟି କେବେକାର ଜଣାପଡି ନାହିଁ। ତେବେ ବିଦ୍ୟାଳୟ ଛାତ୍ରାବାସରେ ଶିକ୍ଷକ ଜଣକ ଏକ ଦଉଡି ଖଟିଆରେ ଶୋଇଥିବା ବେଳେ ୩ ଜଣ ଛାତ୍ର ତାଙ୍କ ମୁଣ୍ଡ, ହାତ ଓ ଗୋଡ଼ ମସାଜ କରୁଥିବା ଏଥିରେ ଦେଖିବାକୁ ମିଳିଛି। ଘଟଣା ପ୍ରଘଟ ହେବାପରେ ବିଭାଗୀୟ ଅଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ କୌଣସି ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷେ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ବିଦ୍ୟାଳୟ ଓ ହଷ୍ଟେଲର ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଜଣେ ଶିକ୍ଷକ ଥିଲେ। ସେ ଅନିୟମିତତା କରିବାରୁ ତାଙ୍କୁ ଏହି ଦାୟିତ୍ୱରୁ ଅପସାରିତ କରାଯାଇଥିଲା। ଫଳରେ ସେ ପ୍ରତିଶୋଧ ପରାୟଣ ହୋଇ ଭିଡିଓ ଭାଇରାଲ କରିଛନ୍ତି।

## ଓସିଏର ଅମ୍ପାୟର ଭାବେ ନିଯୁକ୍ତ ହେଲେ ପ୍ଲାବନ

**ମାର୍ଶାଘାଇ୨୩।୧(ଡି.ଏନ୍.ଏ.):** ଓଡିଶା କ୍ରିକେଟ ଆସୋସିଏଶନ ତରଫରୁ ମାର୍ଶାଘାଇ ବ୍ଲକର ଉଦୀୟମାନ ଯୁବ କ୍ରିକେଟର ପ୍ଲାବନ ସ୍ୱାଇଁଙ୍କୁ ଅମ୍ପାୟର ଭାବେ ନିଯୁକ୍ତି ଦେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଗାଁ ମାର୍ଶାଘାଇର ପରିବେଶବିତ୍ ଦିଲୀପ ସ୍ୱାଇଁଙ୍କ ପୁଅ ପ୍ଲାବନ ପିଲାଟି ଦିନରୁ କ୍ରିକେଟ୍ ପ୍ରତି ରୁଚି ରଖିଥିଲେ। ବର୍ତ୍ତମାନ ସେ ଏକ ଘରୋଇ ଟେଲିଭିଜନ ଚ୍ୟାନେଲର ମାର୍ଶାଘାଇ ଓ ପାଟକୁରା ଅଞ୍ଚଳର ରିପୋର୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ଓସିଏ ଆନୁକୁଲ୍ୟରେ ଚଳିତ ମାସ ୧୫, ୧୬, ୧୭ ତାରିଖ ୩ ଦିନ ଧରି କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲ। ଏଥିରେ ରାଜ୍ୟର ସମସ୍ତ ଜିଲାର ଶତାଧିକ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପ୍ଲାବନ ଓସିଏର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ଭାବେ ନିଯୁକ୍ତି ପାଇଛନ୍ତି।

# କିଏ କେଉଁଠି ପତାକା ଉତ୍ତୋଳନ କରିବେ

ଭୁବନେଶ୍ୱର,୨୩।୧(ବ୍ୟୁରୋ)

**ଭୁବନେଶ୍ୱରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ**

ଆସନ୍ତା ଜାନୁୟାରୀ ୨୬ରେ କିଏ କେଉଁ ସ୍ଥାନରେ ପତାକା ଉତ୍ତୋଳନ କରିବେ ସେ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଟକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ସୁବର୍ଣ୍ଣପୁର, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୁନ୍ଦରଗଡ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମ୍ବଲପୁର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କେନ୍ଦୁଝର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ପୁରୀ, କୃଷି ଓ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଗଞ୍ଜାମ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବାଲେଶ୍ୱର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଅନୁଗୋଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କଳାହାଣ୍ଡି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ରାୟଗଡା, ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଜଗତ୍‌ସିଂହପୁର, ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯାଜପୁରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଢେଙ୍କାନାଳରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ବେଳେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନୟାଗଡ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବଲାଙ୍ଗୀର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ନବରଙ୍ଗପୁର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୟୂରଭଞ୍ଜ, ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଗଜପତି ଏବଂ କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମାଲକାନଗିରି ଜିଲାରେ ପତାକା ଉତ୍ତୋଳନ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆରଡିସି ବ୍ରହ୍ମପୁର, ଉତ୍ତରାଞ୍ଚଳ ଆରଡିସି ରାଉରକେଲା, ଭଦ୍ରକ, ବରଗଡ, ବୌଦ୍ଧ, ଦେବଗଡ, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ନୂଆପଡା, କେନ୍ଦ୍ରାପଡା, ଝାରସୁଗୁଡା ଆଦି ଜିଲାରେ ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିବା ନେଇ ସୂଚନା ଦିଆଯାଇଛି।

GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER

**Corrigendum to e-TENDER NOTICE NO.: HWP/TAL/PROD/2020/01**

In continuation with above referred NIT for the work of "Miscellaneous works viz. Handling, shifting, charging and dissolution of chemical, raw materials and dispatch of finished products to other DAE units". The Form Fee mentioned as Rs.590/- shall be read as **Rs.0/- (Zero)**. Also the Last date and time of closing of online submission of tenders extended up to **05.02.2020 (14:30 Hrs.)**, other dates & times, the bid forms and other details can be obtained from the website **www.tenderwizard.com/DAE.**

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
File No: AIIMS/BBSR/EE (AC & R)/43/2019-20 Dated:23rd Jan 2020

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Comprehensive Maintenance Contract of Split Type Air Conditioners of AIIMS, Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in. Sd/-**
**Executive Engineer (I/C) (AC & R)**
**AIIMS, Bhubaneswar**

**Gram Panchyata Office Jamukoli, Jatni**

No.19 **INVITATION FOR BIDS(IFB)** Date: 22.01.2020

Sealed percentage rate bids are invited in single cover system for the following work

| Sl No. | Name of work | Value of work (in Rs.) | Place of sale/ submission of tender paper | Class of contractor eligible | Bid Security / E.M.D (in Rs.) | Cost of bid documents including 18% G.S.T. (Non refundable) including VAT @ 5% (Rs.) | Period of completion (In months) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Kalyan Mandap", Village : Jamukoli, G.P. : Jamukoli, Block : Jatni | Civil : 17,67,725.00 | O/o Gram Panchyata Office, jamukoli Jatni, Khordha. | 'D' & 'C' Class | 17,677.00 | 7,080.00 | 6 (Six Calendar Months) |

1. The Bid documents can be availed from the office as mentioned in Col.4 by paying Demand Draft drawn on any Nationalised Bank in favour of Sarapanch Jamukoli GP, Jatni, Khordha, payable at Jatni. 2. The sale of Bid document starts from .24-01-2020 to 03-02-2020 during office hour (ie. from 10.30 AM to 5.30 PM) and last date of receipt of Bid documents is 03.02.2020. upto 5.30 P.M. Excluding Govt. Holidays. 3. The tenders will be opened on 04.02.2020 at 11.30 A.M. in the Office of the Gram Panchayat Office, Jamukoli, Jatni. 4. All other terms and conditions can be had from the Bid documents.
**Sd./- Sarapanch, Jamukoli, G.P.**

**COLLECTORATE, GANJAM, CHATRAPUR**
**(D.S.W.O. SECTION)**
**PH.#: 06811-263968, 262460, E-Mail : dswoganjam@nic.in**
**No.331** **Dt.22.01.2020**

**Tender Call Notice for printing & supply of Child Assessment Cards or Mo Bikas Patra for use of pre-school Children for the year 2018-2019 & 2019-2020**

Sealed tenders under two bid systems are invited from the reputed firms / agencies having valid PAN Card, TIN & GST for printing & supply of Child Assessment Cards or Mo Bikas Patra. The tender documents containing detail specifications to be supplied with terms and conditions may be collected from the Office of DSWO, Ganjam on any working day by depositing Rs.2,000/-(Rupees Two Thousand) only in shape of D.D.(SBI) in favour of DSWO, Ganjam payable at Chatrapur. If downloaded from NIC website it must be accompanied by D.D of Rs.2000/- in favour of DSWO Ganjam payable at Chatrapur. Quotation must be accompanied by D.D. of Rs. 15,000/-(Rupees Fifteen thousand)only towards E.M.D. The quotation must be sent only through Regd. Post / Speed Post to DSWO, Ganjam on or before 6th February-2020 by 5 PM during the working hours. The Office will not be responsible for any postal delay. The quotation will be opened on 07.02.2020 in presence of the Tender Committee & Tenderer or the representative of Tenderer duly authorized by the Tenderer at 1.00 P.M in the Office of Collector, Ganjam, Chatrapur. The sealed envelopes containing the quotation should be super-scribed "Printing and Supply of Child Assessment Cards or Mo Bikas Patra for Pre-school Children at AWCs.

The Tender Notice along with terms & condition of the tender can be viewed or downloaded from Ganjam NIC website. i.e www.ganjam.nic.in

The undersigned reserves the right to accept or reject any application without assigning any reason thereof.
**Sd./- Collector, Ganjam**

# ବ୍ଲାକ୍ କ୍ୟାପ୍ ଚ୍ୟାଲେଞ୍ଜ





ନିର୍ମଳ କୁମାର ମିଶ୍ର



**ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବା ପାଇଁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଛି। ଭାରତ ଓ ନ୍ୟୁଜିଲାଣ୍ଡ ୫ଗୋଟି ଟି୨୦, ୩ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚରେ ପରସ୍ପରକୁ ଭେଟିବେ। ୨୪ ତାରିଖରେ ଅକ୍ଲାଣ୍ଡଠାରେ ପ୍ରଥମ ଟି୨୦ ମ୍ୟାଚରୁ ସିରିଜ ଆରମ୍ଭ ହେବ। ଚଳିତ ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଭାରତ ଲାଗି ଏହି ଗସ୍ତ ବିଶେଷ ଭାବେ ମହତ୍ୱ ରଖୁଛି।**

୨୦୨୦ମସିହା ବର୍ଷ ଆରମ୍ଭ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଆହ୍ୱାନପୂର୍ଣ୍ଣ ରହିଥିଲା। ଟିମ୍ ଇଣ୍ଡିଆ ତାର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଦୁଇ ଦୁଇଟି ସିରିଜ ବିଜୟୀ ହୋଇଛି, ଯାହାକି ବିରାଟ ବାହିନୀର ମନୋବଳକୁ ଦେଶ ସୁଦୃଢ କରିବା ସହିତ ଆଗାମୀ ବିଦେଶ ଗସ୍ତ ପାଇଁ ବେଶ୍ ଫଳପ୍ରଦ ହେବ ବୋଲି କ୍ରିକେଟ୍ ପ୍ରେମୀମାନେ ବିଶ୍ୱାସ ରଖିଛନ୍ତି। ବର୍ଷ ଆରମ୍ଭ ହୋଇଥିଲା ଶ୍ରୀଲଙ୍କା ସହିତ ୩ଟି ଟି୨୦ ମ୍ୟାଚ ମାଧ୍ୟମରୁ। ପ୍ରଥମ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯିବା ପରେ ଟିମ୍ ଇଣ୍ଡିଆ ପରବର୍ତ୍ତୀ ଦୁଇଟି ମ୍ୟାଚରେ ଶ୍ରୀଲଙ୍କାକୁ ଅତି ସହଜରେ ହରାଇ ସିରିଜ ବିଜୟୀ ହୋଇଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ଘରୋଇ ମାଟିରେ ଶକ୍ତିଶାଳୀ କଙ୍ଗାରୁ ଦଳ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳିଥିଲା। ପ୍ରଥମ ମ୍ୟାଚରେ ଲଜ୍ଜାଜନକ ରୂପେ ପରାସ୍ତ ହେବା ପରେ ପୁନର୍ବାର ଟିମ୍ ଇଣ୍ଡିଆ ୨ଟି ମ୍ୟାଚରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହିତ ଅଷ୍ଟ୍ରେଲିଆକୁ ୨-୧ରେ ସିରିଜ ହରାଇ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ଟିମ୍ ବିରାଟ ତାର ଶ୍ରେଷ୍ଠତା ବଜାୟ ରଖିଛି। ୩ଟି ଫର୍ମାଟରେ ଟିମ୍ ଇଣ୍ଡିଆ ବିଶ୍ୱର ସମସ୍ତ ଶକ୍ତିଶାଳୀ ଟିମ୍‌କୁ ପରାସ୍ତ କରିବାକୁ ସକ୍ଷମ ଏକଥା ପ୍ରମାଣ କରିଛନ୍ତି ଟିମ୍ ଇଣ୍ଡିଆର ଇନ୍‌ଫର୍ମ ବ୍ୟାଟସମ୍ୟାନ ଏବଂ ସଫଳ ପେସ୍ ବୋଲରମାନେ।

ଏହି ଦୁଇଟି ଭିନ୍ନ ସିରିଜର ସଫଳତା ଟିମ୍ ଇଣ୍ଡିଆ ପାଇଁ ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତରେ ବେଶ୍ ସହାୟକ ହେବାର ଆଶା କରାଯାଉଛି। ଯଦିଓ ନ୍ୟୁଜିଲାଣ୍ଡ ଗସ୍ତ ସର୍ବଦା ଟିମ୍ ଇଣ୍ଡିଆ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଛି। ଚଳିତ ୨ଟି ଭିନ୍ନ ସିରିଜରେ ପୁନର୍ବାର ନିଜର ଚମକ ଦେଖାଇଛନ୍ତି ରୋହିତ ଶର୍ମା, ବିରାଟ କୋହଲି, ଶିଖର ଧାୱନ ଏବଂ ଲୋକେଶ ରାହୁଲ। ସେହିପରି ବୋଲିଂରେ ମହମ୍ମଦ ଶାମି ତାଙ୍କର କମାଲ ବୋଲିଂ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରାଇଥିବା ବେଳେ ନବଦୀପ ସଇନି ତାଙ୍କର ଲୟ ଫେରିପାଇଛନ୍ତି। ଯଶପ୍ରୀତ ବୁମରାଙ୍କ ପ୍ରତ୍ୟାବର୍ତ୍ତନ ସେତେ ପ୍ରଭାବୀ ହୋଇପାରି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକଦିବସୀୟ ମ୍ୟାଚରେ ରୋହିତ ଶର୍ମାଙ୍କ ନଅହଜାର ପୂରଣ ଏବଂ ଅଧିନାୟକ ଭାବରେ ବିରାଟ କୋହଲିଙ୍କ ୮୨ଟି ମ୍ୟାଚରେ ପାଞ୍ଚହଜାର ରନ୍ ପୂରଣ କରିବା।

ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବା ପାଇଁ ଟିମ୍ ଇଣ୍ଡିଆ ବିରାଟ କୋହଲିଙ୍କ ନେତୃତ୍ୱରେ ୫ଟି ଟି୨୦, ୩ଟି ଏକଦିବସୀୟ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବା ପାଇଁ ନ୍ୟୁଜିଲାଣ୍ଡରେ ପହଞ୍ଚିଛି। ଏହି ସିରିଜ ଜାନୁୟାରୀ ୨୪ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ଖେଳାଯିବ। ନ୍ୟୁଜିଲାଣ୍ଡରେ ଦଳର ଅଧିନାୟକ ଅଭିଜ୍ଞ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ୍ ରହିଥିବା ବେଳେ ଟିମ୍ ଇଣ୍ଡିଆର ଅଧିନାୟକ ରହିଛନ୍ତି ରେକର୍ଡ ମ୍ୟାନ ବିରାଟ କୋହଲି।

ଜୁନ ମାସରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ଟେଷ୍ଟ ମ୍ୟାଚ ପାଇଁ ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଆହ୍ୱାନପୂର୍ଣ୍ଣ ହେବ। ଯଦିଓ ଟିମ୍ ଇଣ୍ଡିଆ ଅନ୍ୟ ଦେଶମାନଙ୍କ ତୁଳନାରେ ପଏଣ୍ଟ ଟେବୁଲରେ ବେଶ୍ ଶୀର୍ଷସ୍ଥାନରେ ରହିଛି ନ୍ୟୁଜିଲାଣ୍ଡର ପେସ ଉଇକେଟ, ୱିଣ୍ଡି କଣ୍ଡିସନ, ଗ୍ରାସିଂ ଉଇକେଟ, ସର୍ଟ ବାଉଣ୍ଡାରୀ ସବୁବେଳ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଆସିଛି। ବର୍ତ୍ତମାନ ଟିମ୍ ଇଣ୍ଡିଆର ପେସ୍ ବାହିନୀ ବେଶ୍ ଶାଣିତ ଏବଂ ଶୃଙ୍ଖଳିତ ରହିଛି। ମହମ୍ମଦ ଶାମି, ଇଶାନ୍ତ ଶର୍ମା, ଉମେଶ ଯାଦବ ଏବଂ ଯଶପ୍ରୀତ ବୁମରା, ନବଦୀପ ସଇନି ଏବଂ ଭୁବନେଶ୍ୱର କୁମାର ଭଲ ଫର୍ମରେ ରହିଛନ୍ତି। ଓପନର ଶିଖର ଧାୱନ ଆଘାତ ସମସ୍ୟା ଯୋଗୁ ଓହରି ଯିବା ଉଭୟ ଟି୨୦ ଏବଂ ଏକଦିବସୀୟ ସିରିଜ ପାଇଁ ବ୍ୟାଟିଂ ଡାଉନରେ ସମସ୍ୟା ହୋଇପାରେ। ମନୀଷ ପାଣ୍ଡେ, ଶ୍ରେୟାଶ ଆୟାର, ଶାର୍ଦ୍ଦୁଳ ଠାକୁର, ଅଲରାଉଣ୍ଡର ଶିବମ୍ ଦୁବେଙ୍କ ଉପରେ ଟି୨୦ ମ୍ୟାଚ ପାଇଁ ବିସିସିଆଇର ନଜର ନିଶ୍ଚିତ ରହିବ।

## କାର୍ଯ୍ୟ ସୂଚୀ

### ଟି୨୦ ସିରିଜ

| ତାରିଖ | ମ୍ୟାଚ୍ | ଭେନୁ | ସମୟ |
|---|---|---|---|
| ଜାନୁୟାରୀ ୨୪ | ପ୍ରଥମ ଟି୨୦ | ଅକ୍ଲାଣ୍ଡ | ଅପରାହ୍ନ ୧୨.୩୦ |
| ଜାନୁୟାରୀ ୨୬ | ଦ୍ୱିତୀୟ ଟି୨୦ | ଅକ୍ଲାଣ୍ଡ | ଅପରାହ୍ନ ୧୨.୩୦ |
| ଜାନୁୟାରୀ ୨୯ | ତୃତୀୟ ଟି୨୦ | ହାମିଲଟନ | ଅପରାହ୍ନ ୧୨.୩୦ |
| ଜାନୁୟାରୀ ୩୧ | ଚତୁର୍ଥ ଟି୨୦ | ୱେଲିଂଟନ | ଅପରାହ୍ନ ୧୨.୩୦ |
| ଫେବୃୟାରୀ ୨ | ପଞ୍ଚମ ଟି୨୦ | ମାଉଣ୍ଟ ମଉନଗାନୁଇ | ଅପରାହ୍ନ ୧୨.୩୦ |

### ଦିନିକିଆ ସିରିଜ

| ତାରିଖ | ମ୍ୟାଚ୍ | ଭେନୁ | ସମୟ |
|---|---|---|---|
| ଫେବୃୟାରୀ ୫ | ପ୍ରଥମ ଦିନିକିଆ | ହାମିଲଟନ | ସକାଳ ୭.୩୦ |
| ଫେବୃୟାରୀ ୮ | ଦ୍ୱିତୀୟ ଦିନିକିଆ | ଅକ୍ଲାଣ୍ଡ | ସକାଳ ୭.୩୦ |
| ଫେବୃୟାରୀ ୧୧ | ତୃତୀୟ ଦିନିକିଆ | ମାଉଣ୍ଟ ମଉନଗାନୁଇ | ସକାଳ ୭.୩୦ |

### ଟେଷ୍ଟ ସିରିଜ

| ତାରିଖ | ମ୍ୟାଚ୍ | ଭେନୁ | ସମୟ |
|---|---|---|---|
| ଫେବୃୟାରୀ ୧୪ | ଅଭ୍ୟାସ ମ୍ୟାଚ୍ | ହାମିଲଟନ | ଭୋର ୩.୩୦ |
| ଫେବୃୟାରୀ ୨୧ | ପ୍ରଥମ ଟେଷ୍ଟ | ୱେଲିଂଟନ | ଭୋର ୪.୩୦ |
| ଫେବୃୟାରୀ ୨୯ | ଦ୍ୱିତୀୟ ଟେଷ୍ଟ | ଖ୍ରୀଷ୍ଟଚର୍ଚ୍ଚ | ଭୋର ୪.୩୦ |

ଯଦିଓ ବିସିସିଆଇ ୫ଟି ଟି୨୦ ମ୍ୟାଚ ପାଇଁ ଟିମ୍ ଘୋଷଣା କରିଛି ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସୁସ୍ଥ ପ୍ରତ୍ୟାବର୍ତ୍ତନ ଉପରେ ନଜର ରଖିଛି।

ଆଇସିସି ଟି୨୦ ର୍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆ ପଞ୍ଚମ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହିଛି। ଏକଦିବସୀୟ ମ୍ୟାଚରେ ଟିମ୍ ଇଣ୍ଡିଆ ୨ୟ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୩ୟ ସ୍ଥାନରେ ଏବଂ ଟେଷ୍ଟ ମ୍ୟାଚରେ ଟିମ୍ ଇଣ୍ଡିଆ ୧ନଂ ସ୍ଥାନରେ ରହିଥିବା ବେଳେ କ୍ୱିଇ ଦଳ ୩ୟ ସ୍ଥାନରେ ରହିଛି।

ଟିମ୍ ଇଣ୍ଡିଆର ନ୍ୟୁଜିଲାଣ୍ଡ ସହିତ ଟି୨୦ ରେକର୍ଡ ଅତ୍ୟନ୍ତ ନୈରାଶ୍ୟଜନକ। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମୋଟ ୧୧ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୩ଟି ମ୍ୟାଚରେ ଜିତିଥିବାବେଳେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚରେ ବିଜୟୀ ହୋଇ ବେଶ୍ ଆଗରେ ରହିଛି। ୨୦୦୭ରୁ ୨୦୧୯ ମଧ୍ୟରେ ଏହି ୧୧ଟି ମ୍ୟାଚ ଖେଳାଯାଇଛି। ସେହିପରି ଉଭୟ ଦେଶ ମଧ୍ୟରେ ୧୦୭ଟି ଦିନିକିଆ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୫୫ଟି ମ୍ୟାଚ ଜିତିଥିବାବେଳେ ୪୬ଟି ମ୍ୟାଚ ହାରିଛି, ଗୋଟିଏ ମ୍ୟାଚ ଟାଇ ରହିଥିବା ବେଳେ ୫ଟି ମ୍ୟାଚ କୌଣସି ଫଳାଫଳ ମିଳିପାରି ନାହିଁ। ଉଭୟ ଦେଶ ମଧ୍ୟରେ ୫୭ଟି ଟେଷ୍ଟ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୨୧ଟିରେ ବିଜୟୀ ହୋଇଥିବାବେଳେ ୧୦ଟିରେ ପରାଜିତ ହୋଇଛି। ୨୬ଟି ମ୍ୟାଚ ଡ୍ରରେ ସମାପ୍ତ ହୋଇଛି। ଆଗକୁ ରହିଛି ଟି୨୦ ବିଶ୍ୱକପ୍। ତେଣୁ ଉଭୟ ଦେଶର ବୋର୍ଡ ଟି୨୦ କ୍ରିକେଟ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏହି ଗସ୍ତ ପରେ ଭାରତ ମଧ୍ୟ ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ତଥା ସନ୍ତୁଳିତ ଦଳ ଚୟନ କରିବାରେ ସମର୍ଥ ହେବ।

# ଅନିଶ୍ଚିତ ଭବିଷ୍ୟତ

**ବିଶ୍ୱର ଦଶମ ମହିଳା ଖେଳାଳିଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିବା ରୁଷିଆର ମାରିଆ ଶାରାପୋଭା ଏବେ ନିଜର ଭବିଷ୍ୟତ ନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଚଳିତ ଅଷ୍ଟ୍ରେଲିଆନ ଓପନ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହେବା ପରେ ସେ ଆତ୍ମବିଶ୍ୱାସ ହରାଇଛନ୍ତି। ଏକଦା ବିଶ୍ୱର ୧ ନମ୍ବର ସ୍ଥାନରେ ଥିବା ଏହି ଖେଳାଳି ଏବେ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୩୫୦ରୁ ବାଦ୍ ପଡିବେ। ମାତ୍ର ୧୭ ବର୍ଷ ବୟସରେ ୨୦୦୪ରେ ୱିମ୍ବେଲଡ଼ନ ଟାଇଟଲ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଶାରାପୋଭାଙ୍କ ଅବସର ନେଇ ଚର୍ଚ୍ଚା ହେଉଛି...**

ବିଶ୍ୱ ଟେନିସର ଗ୍ଲାମର ଗର୍ଲ ରୂପେ ଜଣାଥିବା ରୁଷିଆର ମାରିଆ ଶାରାପୋଭା ଏବେ କ୍ୟାରିୟରର ସବୁଠାରୁ କଷ୍ଟକର ମୁହୂର୍ତ୍ତ ଦେଇ ଗତିକରୁଛନ୍ତି। ୫ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ସଫଳତାର ଶୀର୍ଷକୁ ଛୁଇଁ ଥିବା ଏହି ତାରକା ମହିଳା ଖେଳାଳି କ୍ୟାରିୟରର ଦୋଛକିରେ ପହଞ୍ଚିଛନ୍ତି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଚଳିତ ଅଷ୍ଟ୍ରେଲିଆନ ଓପନରେ ପ୍ରଥମ ରାଉଣ୍ଡର ପରାଜୟ ତାଙ୍କ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରୋଲିନ୍ ଓଜନିଆକି ଏହି ଟୁର୍ନାମେଣ୍ଟ ପରେ ଅବସର ଘୋଷଣା କରିବେ ବୋଲି କହିଥିଲେ। ତେବେ ସେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ତେବେ ପ୍ରାରମ୍ଭିକ ରାଉଣ୍ଡରେ ସାରାପୋଭା ଫେଲ୍ ମାରିଥିଲେ। ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ଶାରାପୋଭା ୨୩ ବର୍ଷୀୟା କ୍ରୋଏସିଆ ଖେଳାଳି ଡୋନ୍ନା ଭେକିକ୍‌ଙ୍କଠାରୁ ପ୍ରଥମ ରାଉଣ୍ଡରେ ଅତି ସହଜରେ ୬-୩,୬-୪ ସେଟରେ ପରାସ୍ତ ହୋଇଥିଲେ। ଏକଦା ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ରେ ୧ ନମ୍ବର ସ୍ଥାନ ହାସଲ କରିଥିବା ଶାରାପୋଭା ୧୪୫ତମ ସ୍ଥାନରେ ରହି ଅଷ୍ଟ୍ରେଲିଆନ ଓପନ୍ ମୁଖ୍ୟ ଡ୍ର'ରେ ପ୍ରବେଶ କରିଥିଲେ। ତେବେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ଶ୍ରେଷ୍ଠ ୩୫୦ରୁ ବାଦ୍ ପଡିବେ।

ନିଜ ପ୍ରଦର୍ଶନରେ ଶାରାପୋଭା ନୈରାଶ୍ୟ ଜାହିର କରିଛନ୍ତି। ଏବେ ସେ ନିଜ କ୍ୟାରିୟର ଭବିଷ୍ୟତ ନେଇ ଅନିଶ୍ଚିତତା ଭିତରେ ରହିଛନ୍ତି ବୋଲି କହିଛନ୍ତି। ୨୦୧୬ ଅଷ୍ଟ୍ରେଲିଆ ଓପନ୍‌ରେ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ସେ ୧୫ ମାସ ବାସନ୍ଦ ହୋଇଥିଲେ। ପୁଣି ଇଞ୍ଜୁରି ମଧ୍ୟ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଫର୍ମ ଓ ଫିଟନେସ୍‌ରେ ସମସ୍ୟା ରହିଥିବା କଥା ସେ ସ୍ୱୀକାର କରିଛନ୍ତି। ୩୨ ବର୍ଷରେ ପଦାର୍ପଣ କରିଥିବା ଶାରାପୋଭା ଆତ୍ମବିଶ୍ୱାସ ହରାଇଥିବା ଜଣାପଡୁଛି। ୨୦୦୫ରେ ସେ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ହାସଲ କରିଥିଲେ। ଏହାପର ବର୍ଷ ସେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। ୨୦୦୭ରେ ପୁଣି ସେ କାନ୍ଧରେ ଆଘାତ ପାଇଥିଲେ। ୨୦୧୨ରେ ସେ ଫ୍ରେଞ୍ଚ ଓପନ ଜିତି ସବୁ ୪ ଟ ଯାକ ମେଜର ଟାଇଟଲ ହାସଲ କରି କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ବିଶ୍ୱର ୧୦ମ ମହିଳା ଟେନିସ ଖେଳାଳି ସାବ୍ୟସ୍ତ ହୋଇଥିଲେ। ଏହି ବର୍ଷ ମଧ୍ୟ ସେ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାପରେ ଇଞ୍ଜୁରି ସତ୍ତ୍ୱେ ସେ ୨୦୧୪ରେ ପୁଣି ଥରେ ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଥିଲେ। କ୍ୟାରିୟରରେ ୩୬ଟି ଡବ୍ଲ୍ୟୁଟିଏ ଓ ୪ଟି ଆଇଟିଏଫ୍ ଟାଇଟଲ ଜିତିଥିବା ଶାରାପୋଭା ଡବଲ୍ସ ଓ ମିକ୍ସଡ ଡବଲ୍ସରେ ମଧ୍ୟ ବେଶ୍ ସଫଳ ରହିଥିଲେ। ଆଗକୁ ସେ ଖେଳ ଜାରି ରଖିବେ କି ନା ସେ ନିଶ୍ଚିତ ନୁହଁ ବୋଲି କହିଛନ୍ତି।



## ବିଟ୍

କଙ୍ଗାରୁଠୁ ଜିତି ବିରାଟ ଆଣ୍ଡ କୋ
ଦି ପାଦ ଆଗରେ ବିଶି
ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ମ୍ୟାଚ୍
ୱାର୍ଲ୍ଡ କପ୍ ସଦୃଶ ଖାସି
ରବି ଶାସ୍ତ୍ରୀ କହେ ହସି
ଗତ ୱାର୍ଲ୍ଡ କପ୍ ଫ୍ୟୁଜି ପରି ଲାଭ
ନାହିଁ ଦିନ ରାତି ଚଷି ।୧।

ବେଙ୍ଗଲ ରଣଜୀ ହିରୋ ମନୋଜ ତିୱାରୀ
ତ୍ରି ଶତକ ମାରି ତାରା
ସ୍ମରଣୀୟ ପାଇଁ ବ୍ୟାଟ୍‌କୁ ଧରି
ଶୋଇଗଲା ରାତି ସାରା
ନ ପାଇ ଟ୍ରେନିଂ ଧାରା
କ୍ରିକେଟ ପଛରେ ଧାଇଁ ଯୁବବର୍ଗ
ଫୁଟବଲ ଦିଗହରା ।୨।



ଅଷ୍ଟ୍ରେଲିଆ ଅଗ୍ନିକାଣ୍ଡ ପୀଡିତାଙ୍କୁ
ଦେଇ ସହଯୋଗ ହାତ
ଚାରି ଜର୍ସି ସହ ଦାନ ବାବଦରେ
ପ୍ରାୟ ଅଠର ଲକ୍ଷ ଅର୍ଥ
ସାନ ସିନା ଦାନ ମିତ
ମେଲୋନି କହଇ ହକି ଇଣ୍ଡିଆ ପରି
ଲୋକ ବଡ଼ ଏଠି ସତ ।୩।

–ସୁବାସ ଚନ୍ଦ୍ର ପ୍ରଧାନ

# ପାଞ୍ଚ ଷ୍ଟାଡିୟମରେ ଟେଷ୍ଟ



ରୁଦ୍ର ପ୍ରସନ୍ନ ରଥ

ଭାରତରେ ଏବେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌କୁ ୫ଟି ଷ୍ଟାଡିୟମରେ ଆୟୋଜନ କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚିନ୍ତାକରିବା ଆବଶ୍ୟକ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ମତ ଦେଇ ଏକ ନୂଆ ବିତର୍କ ଆରମ୍ଭ କରିଛନ୍ତି। କୋହଲିଙ୍କ ମତରେ ଛୋଟ ଛୋଟ ଷ୍ଟାଡିୟମ ଯଥା ରାଞ୍ଚି, ଧର୍ମଶାଳା ପରି ଷ୍ଟାଡିୟମରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ରେ ଦର୍ଶକ ସଂଖ୍ୟା କମ୍ ରହୁଥିବାରୁ ଏଠାରେ ମ୍ୟାଚ୍ ଆୟୋଜନ କରିବାର କିଛି ଅର୍ଥ ନାହିଁ। ଏଣୁ ଭାରତରେ ବଡ ଷ୍ଟାଡିୟମ୍‌ରେ ଯେଉଁଠାରେ ଅଧିକରୁ ଅଧିକ ଦର୍ଶକ ଆସୁଛନ୍ତି ସେଠାରେ ହିଁ ଟେଷ୍ଟ ମ୍ୟାଚ୍ ଆୟୋଜନ କରାଯିବା ଆବଶ୍ୟକ। ମାତ୍ର କୋହଲିଙ୍କର ଏହି ମନ୍ତବ୍ୟକୁ ବିଭିନ୍ନ କାରଣରୁ ବିରୋଧ କରାଯାଉଛି।


ଟେଷ୍ଟମ୍ୟାଚ୍ ଖେଳୁଥିବା ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆରେ ୫ ଏବଂ ଇଂଲଣ୍ଡର ୭ଟି ଷ୍ଟାଡିୟମ ଅଛି ଯେଉଁଠି କେବଳ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଗସ୍ତ କରୁଥିବା ସମସ୍ତ ଦଳ ଏହିଠାରେ ଟେଷ୍ଟମ୍ୟାଚ୍ ଖେଳିବାକୁ ବାଧ୍ୟ ହୋଇଥାନ୍ତି। କୋହଲିଙ୍କ ମତରେ ବିସିସିଆଇ ଏହି ମଡେଲକୁ ଅନୁସରଣ କରିବା ଦରକାର ଏବଂ ଏହି କ୍ରମରେ ଭାରତରେ ମଧ୍ୟ ୫ଟି ଷ୍ଟାଡିୟମରେ ହିଁ ଟେଷ୍ଟ ମ୍ୟାଚ୍ ହେବା ଦରକାର।

୨୦୦୦ ମସିହାରେ ଜଗମୋହନ ଡାଲମିଆ ବିସିସିଆଇର ଦାୟିତ୍ୱରେ ଥିବା ବେଳଠାରୁ ହିଁ ୧୦ଟି ଟେଷ୍ଟମ୍ୟାଚ୍ ଖେଳାଯାଇ ପାରୁଥିବା ଷ୍ଟାଡିୟମର ସୂଚୀ ତିଆରି ହୋଇଥିଲା ଏବଂ ବିସିସିଆଇ ଏହି ୧୦ଟି ଷ୍ଟାଡିୟମକୁ ରୋଟେଶନ ପଲିସି ଅନୁଯାୟୀ ଟେଷ୍ଟ ମ୍ୟାଚ୍ ପ୍ରଦାନ କରି ଆସୁଥିଲା। ପରେ ଅନୁରାଗ ଠାକୁର ବିସିସିଆଇର କାର୍ଯ୍ୟଭାର ହାତକୁ ନେଲାପରେ ସେ ଟେଷ୍ଟ ମ୍ୟାଚ୍‌କୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନେଲେ ଏବଂ ତାଙ୍କର ଚେଷ୍ଟା ଯୋଗୁଁ ହିଁ ରାଞ୍ଚି, ଧର୍ମଶାଳା ପରି ତଥାକଥିତ ଛୋଟ ଷ୍ଟାଡିୟମଗୁଡିକ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଲେ। ଏବେ ଭାରତରେ ପ୍ରାୟ ୧୫ଟି ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଭାରତ ପରି ଏକ ବିଶାଳ ଦେଶରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଷ୍ଟାଡିୟମ ଥିବାବେଳେ ଏହି ସଂଖ୍ୟା କିଛି ନୁହେଁ। ଦିନକୁ ଦିନ ଟେଷ୍ଟର ଲୋକପ୍ରିୟତା କମି କମି ଆସୁଛି। ଏହି କ୍ରମରେ ଏହାକୁ ଛୋଟ ସହରରେ ଆୟୋଜନ କଲେ ହିଁ ଏହା ଅଧିକ ଲୋକପ୍ରିୟ ହୋଇପାରିବ।

ଏବେ ବି ଟେଷ୍ଟମ୍ୟାଚ୍ କ୍ରିକେଟର ସବୁଠାରୁ ଜଟିଳ ବୈଷୟିକ ଫର୍ମାଟ ହୋଇ ରହିଛି ଏବଂ ଏହି ଫର୍ମାଟ ହିଁ ଖେଳାଳିଙ୍କର ପ୍ରକୃତ ଶାରୀରିକ ଏବଂ ମାନସିକ ଦକ୍ଷତାର ପରୀକ୍ଷା ନେଇଥାଏ। ପୁଣି ଏକ ଦିବସୀୟ ଅପେକ୍ଷା ଟେଷ୍ଟ ମ୍ୟାଚ୍‌ର ଟିକେଟର ଦାମ କମ୍ ହୋଇଥିବାରୁ କଲେଜ ପିଲାମାନେ ମଧ୍ୟ ଏହି ଖେଳ ଦେଖିବାକୁ ଯାଇଥାନ୍ତି। ଏଣୁ ଏହାକୁ କେବଳ କିଛି ସହର ମଧ୍ୟରେ ସୀମିତ ରଖିଲେ କ୍ରିକେଟର ବିକାଶ ହୋଇପାରିବ ନାହିଁ।

ଭାରତରେ ଟିଭିରେ ମ୍ୟାଚ୍‌କୁ ଦେଖିବା ଏକ ପରମ୍ପରାରେ ପରିବର୍ତ୍ତନ ହେଲାଣି। ଏହା କେବଳ ସହଜ ସାଧ୍ୟନୁହେଁ ଆରାମ ଦାୟକମଧ୍ୟ। ଭାରତରେ ଟିଭି ଦର୍ଶକଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧି ପାଉଛି। ପୁଣି ଷ୍ଟାଡିୟମକୁ ଯାଇ ଟ୍ରାଫିକ୍‌ରେ ଫସିବା, ଅଧିକ ଦାମ ଦେଇ ଷ୍ଟାଡିୟମରେ ଖାଇବା, ପିଇବା ପାଣି ପରି ମୌଳିକ ସୁବିଧା ଷ୍ଟାଡିୟମରେ ନ ପାଇବା ଓ ଶୌଚାଳୟର ଅବସ୍ଥା ମ୍ୟାଚ୍ ଆରମ୍ଭର କେଇ ଘଣ୍ଟା ପରେ ଖରାପ ହୋଇଯିବା ଆଦି କାରଣରୁ ଲୋକ ଟେଷ୍ଟ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମକୁ ଯାଉ ନାହାନ୍ତି। ଏ ଦିଗକୁ ଧ୍ୟାନ ନ ଦେଇ କୋହଲି କିଛି ଷ୍ଟାଡିୟମ ମଧ୍ୟରେ ଟେଷ୍ଟକୁ ସୀମିତ ରଖିବାକୁ ପ୍ରସ୍ତାବ ଦେବା ତାଙ୍କର ଅଦୂରଦର୍ଶିତାକୁ ଦର୍ଶାଉଛି।

ଭାରତରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଢାଞ୍ଚାରେ ୫ଟି ଷ୍ଟାଡିୟମରେ ଟେଷ୍ଟ ଖେଳ ହୋଇ ପାରିବ ନାହିଁ । ବରଂ ଅଧିକରୁ ଅଧିକ ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରିବା ଦରକାର। ଅଧିକ ଦିବାରାତ୍ର ଟେଷ୍ଟ, ଟିକେଟର ଦାମ ହ୍ରାସ କରିବା,କ୍ଲବ୍‌ର ଖେଳାଳିମାନଙ୍କୁ ଏବଂ ସ୍କୁଲ ପିଲାମାନଙ୍କୁ ମାଗଣାରେ ଖେଳ ଦେଖିବାକୁ ସୁଯୋଗ ଦେବା ଦ୍ୱାରା ଟେଷ୍ଟ ମ୍ୟାଚର ଲୋକପ୍ରିୟତା ପୁଣି ବୃଦ୍ଧି ପାଇବ। ସେହିପରି ଷ୍ଟାଡିୟମରେ ପାର୍କିଂ, ଉନ୍ନତ ମାନର ସିଟ୍, ସ୍ୱଳ୍ପ ମୂଲ୍ୟରେ ଖାଇବାକୁ ପ୍ରଦାନ କରିବା ସହ ଟିକେଟ କିଣା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ,ପାରଦର୍ଶୀ ଏବଂ ସରଳ କରାଯାଇ ପାରିଲେ ଲୋକ ଟେଷ୍ଟ ଦେଖିବାକୁ ଆସିବେ। ମୋଟ ଉପରେ କେବଳ ୫ଟି ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରିବାରେ କୋହଲିଙ୍କ ଯୁକ୍ତିରେ ତତ୍ତ୍ୱ ଏବଂ ତର୍କ ଉଭୟର ଅଭାବ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।



**ଭାରତରେ ଏବେ କେବଳ ୫ଟି ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଆୟୋଜନ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଧିନାୟକ ବିରାଟ କୋହଲି ଏହା ସପକ୍ଷରେ ମତ ଦେଇଛନ୍ତି। ବିସିସିଆଇ ମଧ୍ୟ ଏହାକୁ ଗୁରୁତ୍ୱ ଦେଉଛି। ତେବେ ଲୋକପ୍ରିୟତା ବୃଦ୍ଧି କରିବା ବଦଳରେ ଏହା ଟେଷ୍ଟ ଫର୍ମାଟର କ୍ଷତି ଘଟାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି...**

ଇଡେନ ଗାର୍ଡେନ

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 7 ↑ 71.26 | ↑ 271.02 41,386.40 | ↓ 73.45 12,180.35 | ↑ ₹63 40,723.00 | ↓ ₹95 47,082.00 |

“ ଏଲ୍‌ଏନ୍‌ଜି ମୂଲ୍ୟ ନେଇ କାତାର ସହ ପୁଣି ଥରେ ଆଲୋଚନା ହୋଇପାରେ। – **ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ**



“ ମନ୍ତ୍ରୀ ନ ହୋଇଥିଲେ ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ବିଡିଂରେ ସାମିଲ ହୋଇଥାନ୍ତି। – **ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ**



# ବଜାରରେ ଟାଟାର ନୂଆ ଅଲ୍‌ଟ୍ରୋଜ୍

**ଭୁବନେଶ୍ୱର,୨୩-୧**

ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ବୁଧବାର ଏହାର ନୂଆ ମଡେଲ ଅଲ୍‌ଟ୍ରୋଜ୍ ଓଡିଶା ବଜାରରେ ପ୍ରବେଶ କରାଯାଇଛି। ପ୍ରିମିୟମ ହ୍ୟାଚ୍‌ବ୍ୟାକ ସେଗ୍‌ମେଣ୍ଟର ଏହି ମଡେଲଟିର ଏକ୍ସ ଶୋ'ରୁମ ବଜାର ଦର ୫.୨୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ସ୍ଥାନୀୟ ଡିଅନ ମୋଟର୍ସଠାରେ ନୂଆ ଯାନଟିର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଶୋ'ରୁମର ଏମ୍‌ଡି ମନୋଜ ସାହୁ, ଦିବ୍ୟଜ୍ୟୋତି ମିଶ୍ର, ଟାଟା ମୋଟର୍ସ ଟିଏସ୍‌ଏମ୍ ରୁପେନ୍ଦ୍ର କୁମାର, ଟ୍ରେନିଂ ହେଡ୍ ପ୍ରୋତ୍ୟୁଶ ପଲ, ଜିଏମ୍ ପ୍ରତାପ ଶତପଥୀ, ଏସ୍‌ଏମ୍ ସନ୍ଦୀପ କାନୁନଗୋ, ମହିନ୍ଦ୍ରା ଫାଇନାନ୍ସ ଆର୍‌ଏମ୍ ହିମଜ୍ୟୋତି ଭୌମିକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବିଏସ୍-୬ ଅନୁପାଳନ ଇଞ୍ଜିନ ସହ ଆସିଛି। ୧.୨ ଲିଟର ପେଟ୍ରୋଲ ଏବଂ ୧.୫ ଲିଟର ଡିଜେଲ ଇଞ୍ଜିନ ବର୍ଗରେ ଏହା ଉପଲବ୍ଧ। ମଡେଲଟି ଏକ୍ସଇ, ଏକ୍ସଏମ୍, ଏକ୍ସଟି, ଏକ୍ସଜେଡ ଏବଂ ଏକ୍ସଜେଡ୍ ଅପ୍ସନ ସହ ଆସୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ପେଟ୍ରୋଲ ଭାରିଆଣ୍ଟର ବଜାର ଦର ୫.୨୯ ଲକ୍ଷରୁ ଆରମ୍ଭ ହୋଇ ୭.୬୯ ଲକ୍ଷ ଏବଂ ଡିଜେଲ ଭାରିଆଣ୍ଟର ଦର ୬.୯୯ ଲକ୍ଷରୁ ୯.୨୯ ଲକ୍ଷ ଟଙ୍କା ରହିଛି। ଗ୍ଲୋବାଲ ନ୍ୟୁ କାର ରେଟିଂ ଆସେସମେଣ୍ଟରେ ଏହା ୫ ଷ୍ଟାର ରେଟିଂ ଲାଭ କରିଛି।




## ଘର କ୍ରେତାଙ୍କ ଲାଗି ବଢୁ ଟିକସ ରିହାତି: ସିଆଇଆଇ

**ନୂଆଦିଲ୍ଲୀ,୨୩-୧**

ଦେଶର ରିୟଲ ଇଷ୍ଟେଟ କ୍ଷେତ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ସହ ଜୁଝୁ ଥିବା ବେଳେ ଏହି କ୍ଷେତ୍ରରେ ଚାହିଦା ବଢାଇବା ଲାଗି ଶିଳ୍ପ ସଂଘ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଛି। ସିଆଇଆଇ କହିଛି ଯେ, ଘର କ୍ରେତାଙ୍କ ଲାଗି ସରକାର ଟିକସ ରିହାତିକୁ ବଢାଇବାର ଆବଶ୍ୟକତା ରହିଛି। ଦେଶର ମୋଟ ଜିଡିପି ଅଭିବୃଦ୍ଧି ୬ରୁ ୭% କରିବା ଲାଗି ରିୟଲ ଇଷ୍ଟେଟ କ୍ଷେତ୍ରର ଚାହିଦା ବଢିବା ଭଳି ଯୋଜନା ହାତକୁ ନେବା ଆବଶ୍ୟକ। ଏହି କ୍ଷେତ୍ରକୁ ଅଧିକ ନଗଦ ଯୋଗାଣର ଆବଶ୍ୟକତାକୁ ମଧ୍ୟ ବୁଝିବାକୁ ହେବ ବୋଲି ଏହା ଏକ ବିବୃତ୍ତିରେ ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କ୍ରେତାଙ୍କ ଲାଗି ଟିକସ ସୁବିଧା ବୃଦ୍ଧି ଏବଂ ଆୟ ସୀମା ବଢାଇବା ନେଇ ସିଆଇଆଇ ସରକାରଙ୍କୁ ନିବେଦନ କରିଛି।

# କ୍ୟାରେଟଲେନ ଆଣିଲା ୩ ନୂଆ କଲେକ୍ସନ

**ଭୁବନେଶ୍ୱର,୨୩-୧**

ଭାଲେଣ୍ଟାଇନ୍ସ ଡେ'କୁ ସ୍ୱତନ୍ତ୍ର କରିବା ଲାଗି ପ୍ରମୁଖ ବ୍ରାଣ୍ଡ କ୍ୟାରେଟଲେନ ପକ୍ଷରୁ ୩ ନୂଆ କଲେକ୍ସନ ବଜାରକୁ ଆସିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଫିଲଲଭଡ କ୍ୟାମ୍ପେନ ଆରମ୍ଭ କରାଯାଇଛି। ତନିଷ୍କର ଏହି ପାର୍ଟନେଶିପ ଷ୍ଟୋର ନୂଆ କଲେକ୍ସନ ସହ ଅନେକ ମନଲୋଭା ଅଫର ଆଣିଛି। ନୂଆ ଡିଜାଇନ ମଧ୍ୟରେ ରହିଛି ମି ଆଣ୍ଡ ୟୁ, ମଣ୍ଡଳ ଏବଂ ରୟାଲ ରୋମାନ୍ସ। ସମସ୍ତଙ୍କ ଷ୍ଟାଇଲକୁ ଖାପ ଖୁଆଇଲା ଭଳି ଡିଜାଇନ ଏଥିରେ ରହିଛି। ମି ଆଣ୍ଡ ୟୁ କଲେକ୍ସନରେ ପ୍ରସିଦ୍ଧ ଭ୍ରମଣସ୍ଥଳଠାରୁ ଆରମ୍ଭ କରି ଆକର୍ଷଣୀୟ କଳାକୃତି ସାମିଲ ରହିଛି। ଏହାର ପ୍ରତିଟି ଡିଜାଇନ ଗ୍ରାହକଙ୍କୁ ବହୁ ମୂଲ୍ୟବାନ ସ୍ମୃତିର କାହାଣୀ କହିବ। ମଣ୍ଡଳ କଲେକ୍ସନରେ ଗ୍ରାହକ ଆଧୁନିକ ଛାପ ପାଇପାରିବେ। ପ୍ରତି କୋଣରୁ ଏହି ଗହଣାଗୁଡିକ ଷ୍ଟାଇଲିଶ ଲାଗୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭିକ୍ଟୋରିଆ ଯୁଗର ମନଲୋଭା ଗହଣା ଡିଜାଇନରୁ ଅନୁପ୍ରାଣିତ ହୋଇ ରୟାଲ ରୋମାନ୍ସ କଲେକ୍ସନ ଅଣାଯାଇଛି। ଏହି ଗହଣାର ଡିଜାଇନ ସ୍ୱତନ୍ତ୍ର ରହିଛି। ଯାହାକି ଜଣଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିବ। କମ୍ପାନୀ ୩୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ ହୀରା ଗହଣା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି ଦେଉଛି। ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସଲିଟେୟାର ମୁଦିରେ ଅତିରିକ୍ତ ୫% ରିହାତି ଉପଲବ୍ଧ ହେଉଥିବା କ୍ୟାରେଟ୍‌ଲେନ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ଏଭିପି ଜେନିଫର ପାଣ୍ଡ୍ୟା ଏବଂ ପପୁ ହଂସ ଉପସ୍ଥିତ ଥିଲେ।




# ରିଲାଏନ୍ସ ପକ୍ଷରୁ ଫୁଲ୍ ପୈସା ୱସୁଲ ସେଲ୍




**ଭୁବନେଶ୍ୱର,୨୩-୧**

ରିଲାଏନ୍ସ ରିଟେଲ ପକ୍ଷରୁ ଫୁଲ ପୈସା ୱସୁଲ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ରିଲାଏନ୍ସ ଫ୍ରେସ ଏବଂ ରିଲାଏନ୍ସ ସ୍ମାର୍ଟ ଷ୍ଟୋରରେ ଆସନ୍ତା ୨୬ ତାରିଖ ଯାଏ ଉପଲବ୍ଧ ହେବ। ଏହି ସମୟରେ ଗ୍ରାହକଙ୍କୁ ମେଗା ଅଫର ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ୫ ଦିନ ଚାଲିବାକୁ ଥିବା ଏହି ଅଫର ଦ୍ୱାରା ତେଜରାତି, ପନିପରିବା, ଫଳ, ହୋମଓ୍ୱେର, ରୋଷେଇ ସାମଗ୍ରୀ, ଅନ୍ୟ ମର୍ଚ୍ଚାଣ୍ଡାଇଜ ସମେତ ବିସ୍ତୃତ ରେଞ୍ଜର ପ୍ରଡକ୍ଟ ଉପରେ ସର୍ବୋତ୍ତମ ଅଫର ଲାଭ କରିପାରିବେ ବୋଲି ଏହା ସୂଚନା ଦେଇଛି। ଅଫରରେ ଗ୍ରାହକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ବିଚାର କରାଯାଇଛି ବୋଲି ରିଲାଏନ୍ସ ଫ୍ରେଶ୍ ଆଣ୍ଡ ସ୍ମାର୍ଟର ସିଇଓ ଦାମୋଦର ମଲ୍ କହିଛନ୍ତି। ସାରା ଦେଶରେ ୭୦୦ ଫ୍ରେଶ ଏବଂ ସ୍ମାର୍ଟ ଷ୍ଟୋର ସହ ସେବା ଯୋଗାଣ ହେଉଥିବା ସେ ମତ ଦେଇଛନ୍ତି।

## ବିଳମ୍ବରେ ଛାଡ଼ିବ ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ

**ଭୁବନେଶ୍ୱର,୨୩-୧**

ଗୁରୁବାର ସଂଧ୍ୟା ୯.୪୫ରେ ପୁରୀରୁ ଛାଡିବାକୁ ଥିବା ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ ଶୁକ୍ରବାର ସକାଳ ୪.୩୦ରେ ଛାଡିବ। ଉତ୍ତର ଭାରତରେ ଘନ କୁହୁଡି ଯୋଗୁ ସଂଯୋଗୀ ଟ୍ରେନଗୁଡିକର ବିଳମ୍ବ ହେଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଆସିଲା ନୂଆ ହ୍ୟୁଣ୍ଡାଇ ଅରା

**କଟକ,୨୩-୧**

ଦକ୍ଷିଣ କୋରିଆ ଭିତ୍ତିକ ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହ୍ୟୁଣ୍ଡାଇ ପକ୍ଷରୁ ନୂଆ ଅରା ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ ସ୍ଥାନୀୟ ବକ୍ସିବଜାର ସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇ ଶୋ'ରୁମଠାରେ ଗୁରୁବାର ବଜାର ପ୍ରବେଶ କରାଯାଇଛି। କମ୍ପାକ୍ଟ ସେଡାନ ବର୍ଗରେ ଆସିଥିବା ଏହି ମଡେଲଟିକୁ ଓଡିଆ ଅଭିନେତା ମିହିର ଦାସ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନୂଆ ମଡେଲ ଯାନକୁ ବଜାର ପ୍ରବେଶ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ୧.୦ପେଟ୍ରୋଲ, ୧.୨ କାପା ପେଟ୍ରୋଲ, ୧.୨ ସିଆର୍‌ଡିଆଇ ଡିଜେଲ କ୍ଷମତା ସହ ବିଏସ୍-୬ ମାନକ ଇଞ୍ଜିନ ସହ ଆସିଛି। ନୂତନ ଜ୍ଞାନ କୌଶଳରେ ନିର୍ମିତ ଏହି ମଡେଲରେ ଡବଲ ଡିଆଇଏମ୍ ଲାଇଟ, ୮.୦ର ଟଚ୍ ସ୍କ୍ରିନ, ପ୍ରୋଜେକ୍ଟର ହେଡ ଲ୍ୟାମ୍ପ ଏବଂ କ୍ରୁଜ କଣ୍ଟ୍ରୋଲ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଓଏସ୍‌ଏଲର ଜେନେରାଲ ମ୍ୟାନେଜର ଶୁଭାଶିଷ ଚକ୍ରବର୍ତ୍ତୀ, ଡିଜିଏମ୍ ପ୍ରଶାନ୍ତ ରାୟ, କଷ୍ଟମର ସର୍ଭିସ ମୁଖ୍ୟ ମୌସୁମୀ ଚୌଧୁରୀ, କଷ୍ଟମର ସର୍ଭିସ ମ୍ୟାନେଜର ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ଭାରତ ମସଲା ପକ୍ଷରୁ ରିଟେଲର ସମ୍ମିଳନୀ



**ଭୁବନେଶ୍ୱର, ୨୩-୧**

ଭାରତ ମସଲା ପକ୍ଷରୁ ବରଗଡର ବରପାଲିସ୍ଥିତ କ୍ୱାଲିଟି ଷ୍ଟୋର ପରିସରରେ ଏହାର ରିଟେଲର୍ସ, ସୂପକାର ଏବଂ ଗ୍ରାହକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପୁରର ବିଧାୟିକା ରୀତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କ୍ୱାଲିଟି ଷ୍ଟୋରର ସୁରେଶ କୁମାର ଅଗ୍ରୱାଲ ଏବଂ ବରପାଲି ବିତରକ ସଂଘ ଅଧ୍ୟକ୍ଷ ହରିଶ ପନ୍‌ଶାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତ ମସଲାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶୁଭ୍ରପ୍ରକାଶ ଦାସ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବରଗଡର ଆନନ୍ଦ ଅଗ୍ରୱାଲ, ସୋନପୁରର ମହେଶ ପ୍ରସାଦ ଭୂତ, ଭାରତ ମସଲା ଅଧିକାରୀ ଦିଲ୍ଲିପ କୁମାର ଦାସ, ଡମ୍ବରୁଧର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ୱିଜ୍ ପ୍ରତିଯୋଗିତାରେ ବିବେକ ଚିରାନିଆ, ନରେଶ ଶର୍ମା, ସୁଶାନ୍ତ ଶର୍ମା, ରାଜକୁମାର ସାହୁ ଏବଂ ଅରୁଣ ମହାରଣା ପ୍ରମୁଖ ପୁରସ୍କୃତ ହୋଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
| --- | --- | --- | --- | --- | --- | --- | --- |
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Sefty ବିଭିନ୍ନ ବିଭାଗର ନିଯୁକ୍ତି ସୁବିଧା ଉପଲବ୍ଧ
Nurshing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204863

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

FINANCE

CLASSIC FINANCE
(Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
1% ସୁଧ
50% ଛାଡ଼
ଲୋନ୍ ଧମାକା
ATM Card ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 +
20 Years
କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

BUSINESS

INDUS TOWER COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ:70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ।
ଅଗ୍ରିମ - 70,00,000/-,
ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ।
ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

HEALTH CARE

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

"ଦେଶ ପାଇଁ ଖେଳିବା ଏବଂ ଫ୍ରାଞ୍ଚାଇଜ୍ ତରଫରୁ କୌଣସି ଟୁର୍ନାମେଣ୍ଟ ଖେଳିବାରେ ଅନେକ ଫରକ ରହିଛି ।
–ଡବ୍ଲ୍ୟୁ.ବି. ରମଣ, ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍



"ଆମ ଦଳର ହିତ ପାଇଁ ଆବଶ୍ୟକ ସ୍ଥଳେ ମୁଁ ଅଧିନାୟକ ପଦ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି ।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



**ସଂକ୍ଷେପରେ**

## ଭୋକାନାଲଙ୍କ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର

ନୂଆଦିଲ୍ଲୀ, ୨୩।୧(ପି.ଟି.)-ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ (ଆର୍‌ଏଫ୍‌ଆଇ) ଗୁରୁବାର ରୋୟର ଦାତୁ ଭୋକାନାଲଙ୍କ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିଛି। ୨୦୧୮ ଏସିଆନ ଗେମ୍‌ରେ କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ରେସ୍ ଅଧାରୁ ଓହରିଯାଇଥିଲେ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରାଙ୍କ ହସ୍ତକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି। ଭୋକାନାଲ ଏସିଆନ ଗେମ୍ସର ପୁରୁଷ କ୍ୱାଡରପଲ ସ୍କଲ୍ସ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ ପରେ ସିଙ୍ଗଲ୍ସ ସ୍କଲ୍ସ ଇଭେଣ୍ଟରେ ଭାଗ ନେଇଥିଲେ। ସେ ଆକସ୍ମିକ ରେସ୍ ଅଧାରୁ ଓହରିଯାଇଥିଲେ। ତାଙ୍କୁ ପଚରାଯିବାରେ ସେ କହିଥିଲେ, ସେଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ବୋଟ୍‌ଟି ମଧ ଓଲଟି ପଡ଼ିଥିଲା। ମାତ୍ର ଆରଏଫ୍‌ଆଇ ରୋୟରଙ୍କ ଏହି ଉତ୍ତରରେ ସନ୍ତୁଷ୍ଟ ନ ଥିଲା। ଭୋକାନାଲଙ୍କୁ ଗତ ବର୍ଷ ମାର୍ଚ୍ଚ ମାସରୁ ୨ବର୍ଷ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିଥିଲା। ପରବର୍ତ୍ତୀ କାଳରେ ବାତ୍ରା ଏଥିରେ ହସ୍ତକ୍ଷେପ କରି ନିଷ୍ପତ୍ତିର ସମୀକ୍ଷା କରିବା ଲାଗି କହିଥିଲେ। ଆରଏଫ୍‌ଆଇ ଗୁରୁବାରଠାରୁ ତାଙ୍କ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିବା ସହ ଆସନ୍ତା ଏପ୍ରିଲ ୨୭ରୁ କୋରିଆରେ ହେବାକୁଥିବା ଅଲିମ୍ପିକ କ୍ୱାଲିଫିକେଶନ ପାଇଁ ପ୍ରସ୍ତୁତ ହେବା ଲାଗି ପରାମର୍ଶ ଦେଇଛି।

## ଶ୍ରୀଲଙ୍କାର ସହଜ ବିଜୟ

ହରାରେ, ୨୩।୧ (ଏଏଫ୍‌ପି)- ଜିମ୍ବାୱେ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟ ଲାଭ କରିଛି। ଶ୍ରୀଲଙ୍କାର ସୁରଙ୍ଗ ଲକମଲ ୨୭ ରନ ବିନିମୟରେ ପ୍ରଥମ ୪ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରି ଘରୋଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଗୁରୁବାର ପୂର୍ବଦିନର ଦ୍ୱିତୀୟ ଇନିଂସ ଅସମାପ୍ତ ସ୍କୋର ୩୦/୦ରୁ ଖେଳ ଆରମ୍ଭ କରିଥିଲା। ମଧାହ୍ନ ଭୋଜନ ସୁଦ୍ଧା ଦଳର ସ୍କୋର ୧୨୦/୩ ରହିଥିଲା। ଲକମଲ ପୁଣି ବ୍ରେଣ୍ଡନ ଟେଲର (୩୮)ଙ୍କ ଉଇକେଟ ନେବା ସହ ଜିମ୍ବାୱେ ବ୍ୟାଟିଂରେ ଅଙ୍କୁଶ ଲାଗିଥିଲା। ଦଳ ୧୭୦ରନରେ ଅଲଆଉଟ ହୋଇଯାଇଥିଲା। ମ୍ୟାଚ ଜିତିବା ପାଇଁ ଶ୍ରୀଲଙ୍କା ମାତ୍ର ୧୪ରନ ଆବଶ୍ୟକ କରୁଥିଲା। ଦୁଇ ଓପନର ଓସାଡା ଫର୍ନାଣ୍ଡୋ ଏବଂ ଦିମୁଥ କରୁଣାରତ୍ନେ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ଅତିକ୍ରମ କରିଯାଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଜିମ୍ବାୱେ ପ୍ରଥମ ଇନିଂସ: ୩୫୮ । ଶ୍ରୀଲଙ୍କା ପ୍ରଥମ ଇନିଂସ: ୫୧୫। ଜିମ୍ବାୱେ ଦ୍ୱିତୀୟ ଇନିଂସ: ୧୭୦। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୧୪/୦।

# ତୃତୀୟ ରାଉଣ୍ଡରେ ନାଡାଲ, ଥିମ୍



ଦ୍ୱିତୀୟ ରାଉଣ୍ଡରେ ରାଫାଲ ନାଡାଲ ଏକ ରିଟର୍ନ ଶଟ୍ ଖେଳୁଛନ୍ତି।

ମେଲବୋର୍ନ, ୨୩।୧(ଏଏଫ୍‌ପି)

ବିଶ୍ୱର ଏକ ନମ୍ବର ଖେଳାଳି ସ୍ପେନ୍‌ର ରାଫାଲ ନାଡାଲ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଚତୁର୍ଥ ଦିବସରେ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡରେ ନାଡାଲ ୬–୩, ୭– ୬, ୬–୧ ସେଟରେ ଆର୍ଜେଣ୍ଟିନାର ଫେଡେରିକୋ ଡେଲବୋନିଙ୍କୁ ପରାସ୍ତ କରିଛନ୍ତି। ତୃତୀୟ ରାଉଣ୍ଡରେ ସେ ୨୭ତମ ସିଡ ସ୍ପେନର ପାବ୍ଲୋ କାରେନୋ ବୁଷ୍ଟାଙ୍କୁ ଭେଟିବେ। ୨୩ତମ ସିଡ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ୍ ଫ୍ରାନ୍ସର ଜାଏଲ୍ସ ସିମନ୍ସଙ୍କୁ ମାରାଥନ ୬–୨, ୬–୪,୪–୬, ୭–୫ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଫ୍ରାନ୍ସର ଗାଏଲ୍ ମନ୍‌ଫିଲ୍ସ ତୃତୀୟ ରାଉଣ୍ଡରେ ଲାଟଭିଆ କ୍ୱାଲିଫାୟର ଏର୍ନେଷ୍ଟ ଗଲବିସ୍‌ଙ୍କୁ ଭେଟିବେ। ମନଫିଲ୍ସ ୪–୬,୭–୬, ୬–୪, ୭–୫ ସେଟ୍‌ରେ କ୍ରୋଏସିଆର ଇଭୋ କାର୍ଲୋଭିକଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ପଞ୍ଚମ ସିଡ ମାନ୍ୟତା ପାଇଥିବା ଅଷ୍ଟ୍ରିଆର ଡୋମିନିକ୍ ଥିମ ମାରାଥନ ୬–୨, ୫–୭, ୬–୭, ୬–୧, ୬–୨ ସେଟରେ ଅଷ୍ଟ୍ରେଲିଆର ଆଲେକ୍ସ ବୋଲ୍ଟଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଅଗ୍ରଗତି କରିଛନ୍ତି। ଚତୁର୍ଥ ସିଡ ଖେଳାଳି ରୁଷିଆର ଡାନିଏଲ ମେଡଭେଡେଭ ସ୍ପେନ କ୍ୱାଲିଫାୟର ପେଡ୍ରୋ ମାର୍ଟିନେଜଙ୍କୁ ୭–୫, ୬–୧,୬–୩ ସେଟରେ ହରାଇଛନ୍ତି। ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସୁଇଜରଲାଣ୍ଡର ଷ୍ଟାନିସଲାସ ୱାରିଙ୍କା ଓ ଆମେରିକାର ଜନ୍ ଇସ୍ନର ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ସେହିପରି ବେଲଜିୟମର ଡେଭିଡ୍ ଗଫିନ୍, ସ୍ପେନର ଫର୍ନାଣ୍ଡୋ ଭର୍ଡାସ୍କୋ, ଜର୍ମାନୀର ଆଲେଜାଣ୍ଡର ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି।

### ହାଲେପ୍, ପ୍ଲିସ୍କୋଭା, କରବରଙ୍କ ଅଗ୍ରଗତି

ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସହଜରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୧୮ରେ ରନର୍ସଅପ୍ ହୋଇଥିବା ରୋମାନିଆର ଚତୁର୍ଥ ସିଡ ଖେଳାଳି ସିମୋନା ହାଲେପ୍ ୬–୨,୬–୪ ସେଟ୍‌ରେ ବ୍ରିଟିଶ୍ କ୍ୱାଲିଫାୟର ହାରିଏର୍ଟ ଡର୍ଟଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ କାଜାଖସ୍ଥାନର ୟୁଲିୟା ପୁଟିନଶୋଭାଙ୍କୁ ଭେଟିବେ। ସେହିପରି ଦ୍ୱିତୀୟ ସିଡ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ୬–୩, ୬–୩ ସେଟ୍‌ରେ ଜର୍ମାନୀର ଲଉରା ସିଗେମୁଣ୍ଡଙ୍କୁ ହରାଇଛନ୍ତି। ପ୍ଲିସ୍କୋଭା ଏବେ ରୁଷିଆର ଅନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ଭେଟିବେ। ପାଭଲ୍ୟୁଚେଙ୍କୋଭା ୭–୫, ୭–୬ ସେଟ୍‌ରେ ଟେଲର ଟାଉନସେଣ୍ଡଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୨୦୧୬ ଚାମ୍ପିୟନ ୧୭ତମ ସିଡ୍ ଜର୍ମାନୀର ଆଞ୍ଜେଲିକ୍ କରବର ଅଷ୍ଟ୍ରେଲିଆ ୱାଇଲ୍ଡ କାର୍ଡ ପ୍ରିସ୍କିଲା ହୋନଙ୍କୁ ୬–୩, ୬–୨ ସେଟ୍‌ରେ ପରାସ୍ତ କରିଛନ୍ତି।

### ଅଧାରୁ ଓହରିଲେ ସାନିଆ

ଭାରତୀୟ ଟେନିସ ତାରକା ସାନିଆ ମିର୍ଜାଙ୍କ ଅଷ୍ଟ୍ରେଲିଆନ ଓପନ ଅଭିଯାନ ପ୍ରଥମ ରାଉଣ୍ଡରେ ଶେଷ ହୋଇଛି। ଆହତ ସମସ୍ୟା ଯୋଗୁ ସେ ମହିଳା ଡବଲ୍ସ ବର୍ଗର ପ୍ରଥମ ମ୍ୟାଚ୍ ଅଧାରୁ ଓହରି ଯାଇଛନ୍ତି। ଚାଇନାର ଜିନୟୁନ ହାନ–ଲିନ ଝୁଙ୍କ ବିପକ୍ଷ ମ୍ୟାଚ୍‌ରେ ମିର୍ଜା ଓ ୟୁକ୍ରେନ ସାଥୀ ନାଡିଆ କିଚେନୋକଙ୍କ ଯୋଡ଼ି ଦ୍ୱିତୀୟ ସେଟ୍‌ରେ ୦–୧ରେ ପଛୁଆ ଥିବାବେଳେ ସାନିଆଙ୍କ ଗୋଡ଼ର ମାଂସପେଶୀରେ ଆଘାତ ଯୋଗୁ ମ୍ୟାଚ୍‌ରୁ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ଇଣ୍ଡୋ–ୟୁକ୍ରେନ ଖେଳାଳି ପ୍ରଥମ ସେଟ୍‌ରେ ୨–୬ରେ ପରାସ୍ତ ହୋଇଥିଲା। ୩୩ ବର୍ଷୀୟା ମିର୍ଜା ଅଭ୍ୟାସବେଳେ ଗୋଡ଼ରେ ଆଘାତ ପାଇଥିଲେ। ଏଣୁ ସେ ଷ୍ଟ୍ରାପ ବ୍ୟବହାର କରି କୋର୍ଟକୁ ଓହ୍ଲାଇଥିଲେ। କିନ୍ତୁ ୩୩ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌ରେ ସାନିଆ କଦାପି ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲେ। ପୂର୍ବରୁ ସେ ମିକ୍ସଡ୍ ଡବଲ୍ସ ବର୍ଗରୁ ଓହରିଯାଇଥିଲେ। ସେଥିରେ ସେ ରୋହନ ବୋପାନ୍ନାଙ୍କ ସହ ଖେଳିଥାନ୍ତେ। ସୂଚନାଯୋଗ୍ୟ, ପୂର୍ବତନ ନମ୍ବର ୱାନ ମହିଳା ଡବଲ୍ସ ଖେଳାଳି ମିର୍ଜା ଓ କିଚେନୋକ ଗତ ସପ୍ତାହରେ ହୋବାର୍ଟ ଇଣ୍ଟରନ୍ୟାଶନାଲ ଟାଇଟଲ ହାତେଇଥିଲେ।



ସର୍ଭିସ ଅବସରରେ ସିମୋନା ହାଲେପ।

## ଜୁଭେନାଇଲ, ସୋଲାର, ରାଇଜିଂ ଷ୍ଟୁଡେଣ୍ଟର ବୃହତ୍ ବିଜୟ

କଟକ ଅଫିସ,୨୩।୧

କଟକରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଜୁଭେନାଇଲ, ଏସ୍‌ବିଆଇ, ସୋଲାର ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି। ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେନାଇଲ ୯ ଉଇକେଟରେ ସନରାଇଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜ ସମସ୍ତ ଉଇକେଟ ହରାଇ ୭୯ରନ କରିଥିଲା। ଦୀକ୍ଷାନ୍ତୁ ଜିସୁ ସର୍ବାଧିକ ୧୮ରନ କରିଥିଲେ। ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଜୁଭେନାଇଲ କ୍ଲବ। କେଭିନ ଖ୍ରୀଷ୍ଟୋଫର ସର୍ବାଧିକ ୩୪ରନ କରିଥିଲେ। ସନସାଇନ ଗ୍ରାଉଣ୍ଡରେ ଏସବିଆଇ ସ୍ପୋର୍ଟ୍ସ କ୍ଲବ ୯୦ରନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଏସବିଆଇ ସ୍ପୋର୍ଟ୍ସ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୪୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରିଥିଲା। ଆଶିଷ କୁମାର ପ୍ରଧାନ ସର୍ବାଧିକ ୫୫ରନ କରିଥିଲେ। ଜବାବରେ ସହିଦ ସ୍ପୋର୍ଟିଂ କ୍ଲବ ୩୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନରେ ଅଲଆଉଟ ହୋଇଥିଲା। ସ୍ମୃତି ରଞ୍ଜନ ମଲ୍ଲିକ ସର୍ବାଧିକ ୩୭ ରନ କରିଥିଲେ। ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ସୋଲାର କ୍ଲବ ରୋଭର୍ସ କ୍ଲବକୁ ୯ ଉଇକେଟରେ ପରାସ୍ତ କରିଛି। ରୋଭର୍ସ କ୍ଲବ ୩୪ରନରେ ଅଲଆଉଟ ହୋଇଥିବା ବେଳେ ଗୋଟିଏ ଉଇକେଟ ହରାଇ ସୋଲାର କ୍ଲବ ବିଜୟ ଲକ୍ଷ୍ୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଶାନ୍ତ କ୍ରିକେଟ ଏକାଡେମୀ ୨୭ରନରେ ଅଲଆଉଟ ହୋଇଥିଲା। ୪.୧ ଓଭରରେ ବିନା ଉଇକେଟରେ ରାଇଜିଂ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

## ରକ୍‌ଷ୍ଟାର, ଲୁଜର ଏକାଦଶ ବିଜୟୀ

**ଶାଗୁଆ କପ୍ କ୍ରିକେଟ ଉଦ୍‌ଘାଟିତ**

ବାଲକାଟୀ, ୨୩।୧(ଡି.ଏନ.ଏ.)

ନିକଟସ୍ଥ ଶାଗୁଆ ଗ୍ରାଉଣ୍ଡରେ ୪ର୍ଥ ଶାଗୁଆ କପ୍ ମା' ଉପୁଲାଇ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ରକ୍‌ଷ୍ଟାର ୮ ଉଇକେଟରେ ଡାଇନାମିକ୍ ଇଲେଭେନକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ଡାଇନାମିକ୍ ୧୨୬ ରନ କରିଥିଲା। ଦଳ ପକ୍ଷରୁ କିରଣ ସ୍ୱାଇଁ ସର୍ବାଧିକ ୪୫ ରନ କରିଥିଲେ। ପ୍ରତିପକ୍ଷ ଦଳର ବିମଳ ମିଶ୍ର ୪ଟି ଓ ଲରେନ ସ୍ୱାଇଁ ୨ଟି ଉଇକେଟ ନେଇଥିଲେ। ଜବାବରେ ରକ୍‌ଷ୍ଟାର ୨ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିନେଇଥିଲା। ବିମଳ ମିଶ୍ର ୭୦ ରନ କରି ଦଳକୁ ସହଜ ବିଜୟ ଦେଇଥିଲେ। ରକ୍‌ଷ୍ଟାରର ବିମଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଲରେନ ଭାଲୁଏବଲ ପ୍ଲେୟର ଅଫ ଦି ମ୍ୟାଚ ଏବଂ ଡାଇନାମିକ୍‌ର କିରଣ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଲୁଜର ଏକାଦଶ ୬୭ ରନରେ କୀର୍ତ୍ତି ଏକାଦଶକୁ ପରାସ୍ତ କରିଛି। କିଶୋର ଦାସଙ୍କ ୬୫ ରନ ସହାୟତାରେ ଲୁଜର ଏକାଦଶ ୭ ଉଇକେଟରେ ୧୬୨ ରନ କରିଥିଲା। ମାନସ ମହାପାତ୍ର ଓ କୁନା ଗୋଚ୍ଛାୟତ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ କୀର୍ତ୍ତି ଏକାଦଶ ୯୫ ରନରେ ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ଚିତ୍ତରଞ୍ଜନ ସେନାପତି ୪ଟି ଉଇକେଟ ନେଇଥିଲେ। ଲୁଜର ଏକାଦଶର ଚିତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍, କିଶୋର ଭାଲୁଏବଲ ପ୍ଲେୟର ଅଫ ଦି ମ୍ୟାଚ ଏବଂ କିର୍ତ୍ତୀ ଏକାଦଶର ଦୀପକ ବେହେରା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିରଜା ବରାଳ, ଦେବାଶିଷ ନାୟକ, ବାବୁ ମଲିକ, ବିଶ୍ୱଜିତ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଶ୍ରୀକାନ୍ତ ମହାରଣା ଓ ଶୁଭେନ୍ଦୁ ପଟ୍ଟନାୟକ ଭାଷ୍ୟକାର ଥିଲେ। ଭାଜପା ନେତା ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଧୁଭୂଷଣ ପଟ୍ଟନାୟକ, ସୁକାନ୍ତ ସାହୁ, ଚକ୍ରଧର ନାୟକ, ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଚୟନକର୍ତ୍ତା ଚୟନ ଦୌଡ଼ରେ ଶିବରାମକ୍ରିଷ୍ଣନ

ନୂଆଦିଲ୍ଲୀ, ୨୩।୧ (ପି.ଟି.)

ଜାତୀୟ ସିଲେକ୍ସନ ପ୍ୟାନେଲ ପାଇଁ ପୂର୍ବତନ ଭାରତୀୟ ଲେଗ୍ ସ୍ପିନର ଲକ୍ଷ୍ମଣ ଶିବରାମକ୍ରିଷ୍ଣନ, ପୂର୍ବତନ ଅଫ୍–ସ୍ପିନର ରାଜେଶ ଚୌହାନ ଏବଂ ବାମହତୀ ବ୍ୟାଟ୍ସମ୍ୟାନ ଅମୟ ଖୁରାସିଆ ଆବେଦନ କରିଛନ୍ତି। ଆବେଦନ କରିବାର ଅନ୍ତିମ ତାରିଖ ଶୁକ୍ରବାର ରଖାଯାଇଛି। ଏହି ସମସ୍ତ ୩ଜଣ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଆବେଦନ କରିଥିବା ସ୍ପଷ୍ଟ କରିଛନ୍ତି। ଅନ୍ୟ ଦୁଇଜଣ ଆବେଦନକାରୀ ହେଲେ ପୂର୍ବତନ ଜୁନିୟର ସିଲେକ୍ଟର ପ୍ରୀତମ ଗାନ୍ଧୀ ଏବଂ ବର୍ତ୍ତମାନର ଜୁନିୟର ସିଲେକ୍ସନ କମିଟି ସଦସ୍ୟ ଜ୍ଞାନ୍ଦ୍ରେ ପାଣ୍ଡେ। କିନ୍ତୁ ଉଭୟେ ଏକ କମିଟିରେ ୪ ବର୍ଷ କାର୍ଯ୍ୟକାଳ ଶେଷ କରିଥିବାରୁ ଲୋଧା ନିୟମାନୁସାରେ ସେମାନଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଆବେଦନକାରୀଙ୍କ ମଧ୍ୟରେ ସବୁଠାରୁ ଅଧିକ ଟେଷ୍ଟ ମ୍ୟାଚ ଖେଳିଥିବା ବ୍ୟକ୍ତି ଚେୟାରମ୍ୟାନ ହେବା କଥା। ଶିବରାମକ୍ରିଷ୍ଣନ ହେଉଛନ୍ତି ଏମାନଙ୍କ ମଧ୍ୟରେ ସବୁଠାରୁ ସିନିୟର। ସେ ୧୯୮୩ରେ ମାତ୍ର ୧୭ ବର୍ଷ ବୟସରେ ଟେଷ୍ଟ ପଦାର୍ପଣ କରିଥିଲେ।

## ଓଡ଼ିଶାର ଲଗାତର ୬ଷ୍ଠ ବିଜୟ

**ସିକେ ନାଇଡୁ ଟ୍ରଫି**

କଟକ ଅଫିସ,୨୩।୧

ଚଳିତ ସି.କେ. ନାଇଡୁ ଟ୍ରଫିରେ ରାଜ୍ୟ ୨୩ ବର୍ଷରୁ କମ୍ ବାଳକ ଦଳ ଲଗାତର ୬ଷ୍ଠ ବିଜୟ ହାସଲ କରିଛି। ଏଥିସହିତ ଦଳ ପ୍ଲେଟ୍ ଗ୍ରୁପର ଶୀର୍ଷ ସ୍ଥାନ ବଜାୟ ରଖିଛି। କୋଲକାତାର ଭିଡ଼ିଓକନ୍ ଗ୍ରାଉଣ୍ଡରେ ଗୁରୁବାର ଶେଷ ହୋଇଥିବା ମ୍ୟାଚ୍‌ରେ ଓଡ଼ିଶା ଇନିଂସ ଓ ୧୮୨ ରନରେ ମଣିପୁରକୁ ପରାସ୍ତ କରିଥିଲା। କାର୍ତ୍ତିକ ବିଶ୍ୱାଳଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ଏହି ମ୍ୟାଚ୍ ଜିତିଛି।

ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଉଇକେଟ ହରାଇ ୫୦୯ ରନ କରି ଇନିଂସ ଘୋଷଣା କରିଥିଲା। କାର୍ତ୍ତିକ ଅପରାଜିତ ୧୧୮ ରନ କରିଥିବା ବେଳେ ଅଧିନାୟକ ସ୍ୱସ୍ତିକ ସାମଲ ୫୯, ବିନିତ କୁମାର ମହାନ୍ତି ୬୦, ରାହୁଲ ଚୌଧୁରୀ ୭୬, ଶୁଭମ ଶତ୍ରୁଜିତ ୫୩ରନ କରିଥିଲେ। ମଣିପୁର ପକ୍ଷରୁ କିଶାନ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମଣିପୁରର ପ୍ରଥମ ଇନିଂସ ୧୦୫ ରନରେ ସୀମିତ ରହିଥିଲା। କାର୍ତ୍ତିକ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିବା ବେଳେ ପ୍ରୀତ କନୱର ସିଂ ଚୌହାନ ୨ଟି, ତାରିଣୀ ସ ଓ ହର୍ଷିତ ରାଥୋଡ଼ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଫଲୋଅନ ପାଇ ମଣିପୁର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। ଦ୍ୱିତୀୟ ଇନିଂସରେ ମଧ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ମଣିପୁର। ୨୨୨ ରନରେ ଦଳ ଅଲଆଉଟ ହୋଇଥିଲା। ବିକାଶ ସିଂ ସର୍ବାଧିକ ୬୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ହର୍ଷିତ ରାଥୋଡଙ୍କୁ ୩ଟି ଉଇକେଟ ମିଳିଥିବା ବେଳେ ରାହୁଲ ଚୌଧୁରୀ ଓ ପ୍ରୀତ କନୱର ୨ଟି ଲେଖାଏ ଉଇକେଟ ପାଇଥିଲେ।



କାର୍ତ୍ତିକ ବିଶ୍ୱାଳ

## ସେକ୍ରେଟାରିଏଟ କପ୍ କ୍ରିକେଟ ଆରମ୍ଭ

ଭୁବନେଶ୍ୱର, ୨୩।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସେକ୍ରେଟାରିଏଟ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୧୯ତମ ସେକ୍ରେଟାରିଏଟ କପ୍ କ୍ରିକେଟ ଗୁରୁବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଇଡ୍‌କୋ ୧୧୪ ରନରେ ସେକ୍ରେଟାରିଏଟ୍‌କୁ ଏବଂ ଦ୍ୱିତୀୟ ମ୍ୟାଚରେ ଓପିଟିସିଏଲ ୬ ଉଇକେଟରେ ସେସୁକୁ ହରାଇ ଦେଇଛି।

## ସେକ୍ରେଟାରିଏଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ

ଭୁବନେଶ୍ୱର, ୨୩।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରାଜ୍ୟ ସେକ୍ରେଟାରିଏଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବା) ଆନୁକୂଲ୍ୟରେ ୫ମ ଅଲ୍ ଓଡ଼ିଶା ଏମ୍ପ୍ଲଇଜ ଓପନ୍ ଏବଂ ୧୧ତମ ସେକ୍ରେଟାରିଏଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଛି। ପଟିଆସ୍ଥିତ ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ।

ପ୍ରଥମ ଦିନରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମୋନାଲି ପ୍ରଧାନ ଓ ଆଶ୍ୱସ୍ତି ପ୍ରଧାନ ପରସ୍ପରକୁ ଫାଇନାଲରେ ଭେଟିବେ। ସେମିଫାଇନାଲରେ ମୋନାଲି ଓ ଆଶ୍ୱସ୍ତି ଯଥାକ୍ରମେ ଡି. ଭାନୁମତୀଙ୍କୁ ଏବଂ ମୀନାକ୍ଷୀ ଠାକୁରଙ୍କୁ ପରାସ୍ତ କରିଥିଲେ। ସେହିଭଳି ମନଜିତ୍ ସାବତ୍ ଓ ମୋତିଲାଲ୍ କାଲୋଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଶୁକ୍ରବାର ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ ସେମିରେ ଦୀପରଞ୍ଜନ ବିଶୋଇଙ୍କୁ ମନଜିତ୍ ଏବଂ ୨ୟ ସେମିରେ ମହେନ୍ଦ୍ର କୁମାର ବାରିକଙ୍କୁ ମୋତିଲାଲ୍ ପରାସ୍ତ କରିଥିଲେ। ପୁରୁଷ ଡବଲ୍ସର ଫାଇନାଲ ମଧ୍ୟ ଚୂଡ଼ାନ୍ତ ହୋଇଛି। ଦୀପରଞ୍ଜନ ବିଶୋଇ ଓ ମୋତିଲାଲ କାଲୋ ଯୋଡ଼ି ଏବଂ ମହେନ୍ଦ୍ର କୁମାର ବାରିକ ଓ ରୁଣ୍ଟୁ କୁମାର ସାହୁ ଯୋଡ଼ି ଫାଇନାଲରେ ପରସ୍ପରକୁ ଭେଟିବେ। ଶୁକ୍ରବାର ସମସ୍ତ ବିଭାଗ ଫାଇନାଲ ସହ ଅଲ୍‌ଓଡ଼ିଶା ଏମ୍ପ୍ଲଇଜ ଓପନ୍ ପ୍ରତିଯୋଗିତା ଆରମ୍ଭ ହେବ ବୋଲି ଓସ୍‌ବା'ର ସମ୍ପାଦକ ଚିତ୍ତରଞ୍ଜନ ରାଉତ ଜଣାଇଛନ୍ତି। ଏହି ପ୍ରତିଯୋଗିତାକୁ ମୁଖ୍ୟ ରେଫରି ମନୋଜ କୁମାର ସାବତ୍ ପରିଚାଳନା କରୁଛନ୍ତି। ଓସ୍‌ବାର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର ଏବଂ କୋଷାଧ୍ୟକ୍ଷ ଜରେଶ ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ହାଇକୋର୍ଟ ବାର୍ ଚାମ୍ପିୟନ, ଭୁବନେଶ୍ୱର ରନର୍ସଅପ୍

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ ଉଦ୍‌ଯାପିତ**

ଭୁବନେଶ୍ୱର, ୨୩।୧(କ୍ରୀଡ଼ା ପ୍ରତିନିଧି)

ବିଜେବି କଲେଜ ପଡ଼ିଆରେ ୬ଷ୍ଠ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱରକୁ ୮ ଉଇକେଟରେ ହରାଇ ହାଇକୋର୍ଟ ବାର୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ବାର୍ ବ୍ୟାଟିଂ ବିଫଳତା ଯୋଗୁ ୨୦ ଓଭରରେ ୧୧୧ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ସୁମନ ରାଉତରାୟ ସର୍ବାଧିକ ୩୦ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରତିପକ୍ଷ ଦଳର ବିପ୍ଲବ ଶିଳାଦିତ୍ୟ ୧୧ ରନରେ ୪ଟି ଏବଂ ସଞ୍ଜୀବ ସେଠୀ ୮ ରନରେ ୩ଟି ଉଇକେଟ ନେଇ ଭୁବନେଶ୍ୱର ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୧୨ ରନର ବିଜୟ ଲକ୍ଷ୍ୟକୁ ହାଇକୋର୍ଟ ବାର୍ ୧୬ ଓଭରରେ ୨ ଉଇକେଟ ହରାଇ ହାସଲ କରିଥିଲା। ପାର୍ଥସାରଥି ଆଚାର୍ଯ୍ୟ ୩୦ ବଲ୍‌ରେ ୪୪ ଓ ଅମିତାଭ ନାଏକ ୩୬ ବଲ୍‌ରେ ୩୮ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ପାର୍ଥସାରଥି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫାଇନାଲ ପୂର୍ବରୁ ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚରେ ଜିଲା ଜଜ୍ ଏକାଦଶ ୧୩ ରନରେ ସଭାପତି ଏକାଦଶକୁ ପରାସ୍ତ କରିଥିଲା। ସତ୍ୟରଞ୍ଜନ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ହାଇକୋର୍ଟ ବିଚାରପତି ପ୍ରଥମ କୁମାର ପଟ୍ଟନାୟକ ଏବଂ ବିଚାରପତି ଅକ୍ଷୟ କୁମାର ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଜଜ୍ ଏକାଦଶ ପକ୍ଷରୁ ଜିଲାଜଜ୍ ଲୋକନାଥ ମହାପାତ୍ର, ଭୁବନେଶ୍ୱର ବାର୍ ପକ୍ଷରୁ ସୁମନ ରାଉତରାୟ ଓ ହାଇକୋର୍ଟ ବାର୍ ପକ୍ଷରୁ ଅଧିନାୟକ ସିଦ୍ଧାର୍ଥ ଶଙ୍କର ରାୟ ଟ୍ରଫି ଗ୍ରହଣ କରିଥିଲେ। ଜୟନ୍ତ ଜେନା ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ସୁମନ୍ତ ନାୟକ, ପ୍ରିନ୍ସ ପଟ୍ଟନାୟକ ଯଥାକ୍ରମେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ବୋଲର ବିବେଚିତ ହୋଇଥିଲେ।





ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ହାଇକୋର୍ଟ ବାର ଓ ରନର୍ସଅପ୍ ଭୁବନେଶ୍ୱର ଦଳର ଖେଳାଳିମାନେ।



“ନ୍ୟୁଜିଲାଣ୍ଡ ବିପକ୍ଷରେ ଆମେ ଗତବର୍ଷ ଦିନିକିଆ ବିଶ୍ୱକପ୍‌ରେ ପରାଜୟର ପ୍ରତିଶୋଧ ମନୋବୃତ୍ତି ନେଇ ଖେଳିବୁ ନାହିଁ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

“ଅଷ୍ଟ୍ରେଲିଆରେ ହେବାକୁଥିବା ଆସନ୍ତା ଟି୨୦ ବିଶ୍ୱକପ୍‌ରେ ଚାପକୁ ହାତେଇ ପାରୁଥିବା ଦଳ ଭଲ ପ୍ରଦର୍ଶନ କରିପାରିବ ।

–ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା



## ସଂକ୍ଷେପରେ

### ଭାରତ ଉପରୁ ଉଠିଲା ବାସନ୍ଦାଦେଶ

କୋଲକାତା,୨୩ା୧- ବିଶ୍ୱ ଆର୍ଚେରି ଗୁରୁବାର ସର୍ତ୍ତମୂଳକ ଭାବେ ଭାରତ ଉପରକୁ ବାସନ୍ଦାଦେଶ ଉଠାଇ ଦେଇଛି। ଜାତୀୟ ଫେଡେରେଶନର ନିର୍ବାଚନ ଶେଷ ହେବାର ଗୋଟିଏ ସପ୍ତାହ ପରେ ବିଶ୍ୱ ଆର୍ଚେରି ଏହି ନିଷ୍ପତ୍ତି ନେଇଛି। ସମ୍ବିଧାନ ଅନୁଯାୟୀ ଫେଡେରେଶନକୁ କାର୍ଯ୍ୟ କରିବାକୁ ପଡ଼ିବ ଏବଂ ୩ ମାସରେ ଥରେ ରିପୋର୍ଟ କରିବାକୁ ବିଶ୍ୱ ଆର୍ଚେରି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ବାସନ୍ଦାଦେଶ ଯୋଗୁ ଭାରତୀୟ ତୀରନ୍ଦାଜଙ୍କୁ ନ୍ୟୁଟ୍ରାଲ ଆଥ୍‌ଲେଟ୍ସ ଭାବେ ଖେଳିବାକୁ ପଡୁଥିଲା। ଏବେ ସେମାନେ ଭାରତୀୟ ପତାକା ତଳେ ଖେଳିପାରିବେ। ଆଗାମୀ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଲାସ ଭେଗାସଠାରେ ଇନ୍‌ଡୋର ୱାର୍ଲ୍ଡ ସିରିଜ୍ ଅନୁଷ୍ଠିତ ହେବ। କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଶନିବାର ଭାରତୀୟ ତୀରନ୍ଦାଜ ଆସୋସିଏଶନ (ଏଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଥିଲା।

### ଗୋଟିଏ ପୁଲ୍‌ରେ ଓଡ଼ିଶା, ହକି ଗାଙ୍ଗପୁର

କଟକ ଅଫିସ,୨୩ା୧: ଆସନ୍ତା ଜାନୁୟାରୀ ୨୩ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଝାନସୀଠାରେ ୧୦ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥି ନିମନ୍ତେ ହକି ଓଡ଼ିଶା ଦଳ ଗୁରୁବାର ଉତ୍ତରପ୍ରଦେଶ ଯାତ୍ରା କରିଛି। ହକି ଓଡ଼ିଶା ପୁଲ-ଡିରେ ସ୍ଥାନ ପାଇଛି। ଏହି ପୁଲରେ ଏୟାର ଇଣ୍ଡିଆ ସ୍ପୋର୍ଟସ ପ୍ରମୋଶନ ବୋର୍ଡ, ହକି କର୍ଣ୍ଣାଟକ ଓ ହକି ଗାଙ୍ଗପୁର ଦଳ ରହିଛନ୍ତି। ୨୫ ତାରିଖରେ ହକି ଓଡ଼ିଶା ଦଳ ଏୟାର ଇଣ୍ଡିଆ ସ୍ପୋର୍ଟସ ପ୍ରମୋଶନ ବୋର୍ଡ ସହ ପ୍ରଥମ ମ୍ୟାଚ୍ ଖେଳିବ। ଘୋଷିତ ଦଳରେ ଦୀପକ ଜନ କେରକେଟା ଅଧିନାୟକ ଅଛନ୍ତି। ସୂଚନା ଥାଉକି, ହକି ଇଣ୍ଡିଆ ଦ୍ୱାରା ପ୍ରଚଳିତ ମେମ୍ବର ୟୁନିଟ(ଏମ୍‌ୟୁ) ପୋର୍ଟାଲରେ ହକି ଓଡ଼ିଶା ଖେଳାଳିଙ୍କ ନାମ ପଞ୍ଜୀକରଣ କରି ନ ଥିବାରୁ ଏହି ସଂଘକୁ ଟୁର୍ନାମେଣ୍ଟରୁ ବାଦ ଦିଆଯିବା ସହିତ ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟକୁ ଅବନତି ଦିଆଯାଇଥିଲା। ହକି ଓଡ଼ିଶା ପକ୍ଷରୁ ହକି ଇଣ୍ଡିଆର ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ନିବେଦନ କରାଯାଇଥିଲା। ହାଇକୋର୍ଟ ହକି ଓଡ଼ିଶାକୁ ଭାଗ ନେବା ପାଇଁ ଅନୁମତି ଦେବା ପରେ ହକି ଇଣ୍ଡିଆ ନିଜର ମ୍ୟାଚ୍ ସୂଚୀରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ହକି ଓଡ଼ିଶା: ଦୀପକ ଜନ କେରକେଟା(ଅଧିନାୟକ), ସିରିଲ ଗୁଗୁନ, ସୁମନ ବେକ, ସୁଶୀଲ ଧାନୱାର, ପ୍ରସାଦ କୁଜୁର, ପ୍ରକାଶ ଧୀର, ଅଭିଜିତ ସ୍ୱାଇଁ, କ୍ରିଷ୍ଣା ତିର୍କୀ, ମଙ୍ଗଳ ଲୋହର, ସୁନୀଲ ଜେଜୋ, ଉପେନ୍ଦ୍ର ମାଝି, ଅଜୟ କୁମାର ଏକ୍କା, ପ୍ରଦୀପ ଲାକ୍ରା, ରାଏଡେନ ଟିଡୁ (ଗୋଲରକ୍ଷକ), ସାହିଲ ନାୟକ(ଗୋଲରକ୍ଷକ), ସମୀର ଏକ୍କା, ଲାବଣ ଲୁଗୁନ, ରାହୁଲ ଏକ୍କା। କାଲୁ ଚରଣ ଚୌଧୁରୀ-କୋଚ୍, ପ୍ରଣବ କିଶୋର ପଟ୍ଟନାୟକ-ମ୍ୟାନେଜର।

# ଭାରତ–ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି



ଅଭ୍ୟାସ ଅବସରରେ ରୋହିତ ଶର୍ମା।

ଅକଲାଣ୍ଡ,୨୩ା୧(ପି.ଟି.)

ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାର ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ପ୍ରଥମ ମୁକାବିଲା ଜିତି ଉଭୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଅଷ୍ଟ୍ରେଲିଆରେ ଆସନ୍ତା ଅକ୍ଟୋବରରେ ଖେଳାଯିବାକୁ ଥିବା ବିଶ୍ୱକପ୍ ପାଇଁ ଏକ ସନ୍ତୁଳିତ ଦଳ ଚୟନ ଉପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଗୁରୁତ୍ୱ ଦେଉଥିବାରୁ ଏହି ସିରିଜ ବେଶ୍ ମହତ୍ତ୍ୱ ରଖୁଛି। ଅନ୍ୟପେଟ ଆଘାତ ସମସ୍ୟା ଦେଇ ଗତି କରୁଥିବା ନ୍ୟୁଜିଲାଣ୍ଡ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ। ଦ୍ରୁତ ବୋଲରଙ୍କୁ ସୁହାଇଥିବା ଏହି ଉଇକେଟରେ ବ୍ୟାଟ୍ସମ୍ୟାନଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜ୍ ରହିବ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ଠିକ୍ ୫ ଦିନପରେ ଏହି ଟି୨୦ ସିରିଜ ଆରମ୍ଭ ହେବାକୁ ଯାଉଛି। ମଙ୍ଗଳବାର ଟିମ୍ ଇଣ୍ଡିଆ ଅକ୍‌ଲାଣ୍ଡରେ ପହଞ୍ଚିଥିଲା। ବୁଧବାର ବିଶ୍ରାମ ନେବା ପରେ ଗୁରୁବାର ଖେଳାଳିମାନେ ନେଟ୍ସରେ ଅଭ୍ୟାସ କରିଥିଲେ। ଏହି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଭାରତୀୟ ଟିମ ମ୍ୟାନେଜମେଣ୍ଟ ପାଇଁ ଦଳ ଚୟନରେ ଆଶୀର୍ବାଦ ସଦୃଶ ହୋଇଛି। ଖେଳାଳିମାନଙ୍କୁ ନେଇ ଭାରତ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ପାଇଛି। ଏହା ବିଶ୍ୱକପ୍ ପାଇଁ ଦଳ ଚୟନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଛି। ହ୍ୱାଇଟ୍ ବଲ୍ ତାରକା ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀପକ ଚହର ଓ ଭୁବନେଶ୍ୱର କୁମାର ଆହତ ହୋଇଥିଲେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିଛି ଓ ଭାରତ ବେଞ୍ଚ୍ ଷ୍ଟ୍ରେନ୍ଥକୁ ନେଇ ଏକ୍ସପେରିମେଣ୍ଟ କରିଛି ଓ ଏହି ସିରିଜରେ ମଧ୍ୟ କରିବ।

ଲୋକେଶ ରାହୁଲ ଜବରଦସ୍ତ ଫର୍ମରେ ରହିବା ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ଧାୱନଙ୍କ ଅନୁପସ୍ଥିତିରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ମଧ୍ୟ ଭଲ ଖେଳିଥିଲେ। ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଥିବା ସେ ଧାୱନଙ୍କ ସହ ମଧ୍ୟ ଭଲ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ପୁଣି ଥରେ ସେ ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିବେ। ରାହୁଲଙ୍କ ଫର୍ମ ଏବେ ଦଳ ପାଇଁ ବିକଳ୍ପ ସୃଷ୍ଟି କରିଛି ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ରାହୁଲ ବ୍ୟାଟ୍ସମ୍ୟାନ–କିପର ଭୂମିକାରେ ଅବତୀର୍ଣ୍ଣ ହେବେ। ଟି୨୦ ଓ ଦିନିକିଆରେ ସେ କିପିଂ କରିବେ। ଟି୨୦ରେ ସେ ଓପନିଂ କରିବେ। ତେବେ ଦିନିକିଆରେ ସେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ଏହା ହେଲେ ପୃଥ୍ୱୀ ଶ' ଦିନିକିଆରେ ଓପନିଂ କରିବାର ସୁଯୋଗ ହାସଲ କରି ପଦାର୍ପଣ କରିବେ। ମିଡଲ ଅର୍ଡରରେ କିଛି ପରିବର୍ତ୍ତନ ହେବ ବୋଲି କୋହଲି ସୂଚନା ଦେଇଛନ୍ତି। ରାହୁଲ କିପିଂ କଲେ ଫିଟ୍‌ନେସ ଫେରି ପାଇଥିବା ରିଷଭ ପନ୍ତ ଅନ୍ତିମ ଏକାଦଶରେ ସ୍ଥାନ ନ ପାଇ ପାରନ୍ତି। ପଞ୍ଚମ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ମନୀଷ ପାଣ୍ଡେ ଖେଳିବେ ଓ ଶ୍ରେୟାସ ଆୟାର ପୂର୍ବପରି ୪ ନମ୍ବରରେ ବ୍ୟାଟିଂ କରିବେ। ଗୁରୁବାର ପାଣ୍ଡେ, ଆୟାର ଓ ପନ୍ତ ନେଟ୍ସରେ ଏକାଠି ବ୍ୟାଟିଂ କରିବେ। ତେବେ ପ୍ୟାଡଅପ୍ ହୋଇଥିଲେ ମଧ୍ୟ ସଞ୍ଜୁ ସାମସନ ବ୍ୟାଟିଂ କରି ନ ଥିଲେ। ସେ ପ୍ରଥମ ଟି୨୦ ନ ଖେଳି ପାରନ୍ତି। ଯଦି ୫ଜଣ ବୋଲରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଏ ତେବେ ପନ୍ତ ଓ ପାଣ୍ଡେ ଖେଳିବା ସମ୍ଭାବନା ରହିଛି। ଷଷ୍ଠ ବିକଳ୍ପ ଭାବେ ଶିବମ୍ ଦୁବେ ଖେଳିପାରିନ୍ତି। ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଦୁଇଟି ଅଲ– ରାଉଣ୍ଡ ବିକଳ୍ପ ଭାବେ ଉଭା ହେବେ।

ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଗତ ବିଶ୍ୱକପ୍ ପରେ ଏପର୍ଯ୍ୟନ୍ତ ଏକାଠି ହୋଇ ଖେଳିନାହାନ୍ତି ଓ ଏବେ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ଦ୍ରୁତ ବୋଲିଂରେ ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରାଙ୍କୁ ଶାର୍ଦ୍ଦୂଳ ଠାକୁର କିମ୍ବା ନବଦୀପ ସଇନି ସହାୟତା କରିବେ।

ଗତବର୍ଷ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡ ଭାରତକୁ ୨–୧ରେ ହରାଇଥିଲା ଓ ଘରୋଇ ଶ୍ରୀଲଙ୍କାକୁ ମଧ୍ୟ ୨–୧ରେ ହରାଇଥିଲା। ଏହାପରେ ଇଂଲଣ୍ଡ ବିପକ୍ଷ ସିରିଜକୁ ୨–୨ରେ ଡ୍ର ରଖିଥିଲା। ଟି୨୦ରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ରେକର୍ଡ ଭଲ ରହିଛି। କେନ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ପୁଣି କମାଲ କରିବ ବୋଲି ଆଶା କରାଯାଉଛି। ଗତ ମାସ ଅଷ୍ଟ୍ରେଲିଆଠାରୁ ୩–୦ ନ୍ୟୁଜିଲାଣ୍ଡ ପରାସ୍ତ ହୋଇଥିଲା। ଫଳରେ ଦଳର ଆତ୍ମବିଶ୍ୱାସ ସାମାନ୍ୟ କମ୍ ରହିଛି। ଇଞ୍ଜୁରି କାରଣରୁ ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ ଓ ମ୍ୟାନ ହେନେରୀଙ୍କ ଭଳି ଦ୍ରୁତ ବୋଲର ଖେଳିବେ ନାହିଁ। ଫଳରେ ଦଳ ପାଇଁ ପରୀକ୍ଷା ସୃଷ୍ଟି ହୋଇଛି। ଏଠାରେ ପ୍ରଥମ ଦୁଇଟି ଟି୨୦ ଖେଳାଯିବ। ବାଉଣ୍ଡାରି ଛୋଟ ହୋଇଥିବାରୁ ନ୍ୟୁଜିଲାଣ୍ଡ ଦୁଇ ସ୍ପିନର ଇଶ୍ ସୋଧୀ ଓ ମିଚେଲ ସାଣ୍ଟନରଙ୍କୁ ଖେଳାଉଛି କି ନା ତାହା ଦେଖିବାକୁ ବାକି ରହିଲା। ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

### ଭାରତ–ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ୩ ମ୍ୟାଚ୍

ଶୁକ୍ରବାର କ୍ରିକେଟ୍‌ର ୩ଟି ବିଭିନ୍ନ ବର୍ଗରେ ଭାରତ ଓ ନ୍ୟୁଜିଲାଣ୍ଡ ଦଳ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ସିନିୟର ବିଭାଗରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଶୁକ୍ରବାରଠାରୁ ଅକ୍‌ଲାଣ୍ଡର ଇଡେନ ପାର୍କଠାରେ ଆରମ୍ଭ ହେବ। ସେହିଭଳି ୩ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲି ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ–ଏ ଦଳ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଗସ୍ତରେ ରହିଛି। ଉଭୟ ଭାରତ–ଏ ଓ ନ୍ୟୁଜିଲାଣ୍ଡ–ଏ ମଧ୍ୟରେ ଦ୍ୱିତୀୟ ଦିନିକିଆ ଶୁକ୍ରବାର ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ। ପ୍ରଥମ ଦିନିକିଆ ଜିତି ଭାରତ–ଏ ସିରିଜରେ ୧–୦ରେ ଅଗ୍ରଣୀ ରହିଛି। ଦିବସର ଅନ୍ତିମ ତଥା ୩ୟ ଭାରତ ଓ ନ୍ୟୁଜିଲାଣ୍ଡ ମ୍ୟାଚ୍ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକାରେ ଚାଲିଥିବା ବିଶ୍ୱକପ୍‌ରେ ପ୍ରିୟମ ଗର୍ଗଙ୍କ ନେତୃତ୍ୱରେ ଭାରତ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିସାରିଛି। କିନ୍ତୁ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ଶୁକ୍ରବାର ନ୍ୟୁଜିଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

### ଖେଳାଳି ତାଲିକା

**ଭାରତୀୟ ଦଳ**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ (ଉଇକେଟକିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।

**ନ୍ୟୁଜିଲାଣ୍ଡ ଦଳ**
କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ ଟେଲର, ସ୍କଟ କୁଗେଲେଜିନ, କଲିନ ମୁନ୍‌ରୋ, କଲିନ ଡି ଗ୍ରାଣ୍ଡହୋମ, ଟମ୍ ବ୍ରୁସ୍, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫେର୍ଟ (ଉଇକେଟକିପର), ହାମିଶ ବେନ୍ନେଟ, ଇଶ୍ ସୋଧୀ, ଟିମ୍ ସୌଦି ଓ ବ୍ଲେୟାର ଟିକ୍‌ନର।

**ସମୟ: ଅପରାହ୍ଣ ୧୨.୨୦, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

# ‘ସେହ୍ୱାଗଙ୍କ ମୁଣ୍ଡ କେଶଠାରୁ ମୋର ଧନ ଅଧିକ’



ବୀରେନ୍ଦ୍ର ସେହ୍ୱାଗ ଓ ସୋଏବ ଅଖତର।

କରାଚୀ,୨୩ା୧

ପାକିସ୍ତାନର ପୂର୍ବତନ ପେସର ସୋଏବ ଅଖତର ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କୁ କଟାକ୍ଷ କରି କହିଛନ୍ତି, ତାଙ୍କ ମୁଣ୍ଡରେ ଥିବା ଚୁଟିଠାରୁ ମୋ ପାଖରେ ଅଧିକ ଧନ ଅଛି। ନିକଟରେ ସୋଏବ ବ୍ୟବସାୟ ପାଇଁ ଭାରତୀୟ ଦଳକୁ ସମର୍ଥନ କରୁଥିବା ସେହ୍ୱାଗ କହିଥିଲେ। ଏହାର ଗୋଟିଏ ଦିନ ପରେ ଏଭଳି ବିବାଦୀୟ ପ୍ରତିକ୍ରିୟା ଦେଇଛନ୍ତି ରାୱଲପିଣ୍ଡି ଏକ୍ସପ୍ରେସ୍। ଏକ ଭିଡିଓ ଶେୟାର କରି ଅଖତର କହିଛନ୍ତି, ସେହ୍ୱାଗଙ୍କ କେଶଠାରୁ ଅଧିକ ଟଙ୍କା ମୋ ପାଖରେ ଅଛି। ସେହ୍ୱାଗଙ୍କୁ ବୁଝିବା ଦରକାର ଯେ, ମୁଁ ୪ଟି ଖବର ଲେଖି ପ୍ରସିଦ୍ଧି ଅର୍ଜନ କରିନାହିଁ। ୧୫ ବର୍ଷ ଧରି କ୍ରିକେଟ ଖେଳି ସମ୍ମାନ ହାସଲ କରିଛି। ମୋ କଥାକୁ ଗୁରୁତ୍ୱ ଦିଆଯାଉଥିବାରୁ ମୁଁ ବହୁତ ଖୁସି। ଭାରତୀୟ ଦଳକୁ ସମର୍ଥନ କରି କିଛି ଭୁଲ କରିନାହିଁ। ଭାରତ ବିଶ୍ୱର ନମ୍ବର ୱାନ ଟିମ୍ ଓ ବିରାଟ କୋହଲି ନମ୍ବର ୱାନ ବ୍ୟାଟ୍ସମ୍ୟାନ। ଏଥିରେ ମୁଁ ଏକମତ। ସେମାନଙ୍କୁ ପ୍ରଶଂସା କରିବା କ'ଣ ମୋର ଭୁଲ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଭିନ୍ନ ଅଭିଜ୍ଞତା

**ଗୌତମ ଗମ୍ଭୀର**

ବିଦେଶ ଟୁର୍ ବିଶେଷ କରି ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶ ଗସ୍ତ କରିବା ବେଳେ ଜଣେ ପ୍ରଫେଶନାଲ କ୍ରିକେଟର ହିସାବରେ ମୁଁ ଦୁଇ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରଥମଟି ସାଧାରଣ ଏବଂ ଦ୍ୱିତୀୟଟି ମୋର ବ୍ୟକ୍ତିଗତ ଆବିଷ୍କାର, ଯାହାକି ସ୍ୱାଭାବିକ ଆଶା କରାଯାଏ। ୨୦୦୯ରେ ଆମେ ନ୍ୟୁଜିଲାଣ୍ଡ ଟୁର୍‌ରେ ଯାଇଥାଉ। ସେତେବେଳେ ମୋର ଜଣେ ଟିମ୍‌ମେଟ୍ ଗ୍ୟାଷ୍ଟ୍ରିକ୍ ସମସ୍ୟାରେ ପଡ଼ିଥିଲେ। ଟିମ୍ ବୈଠକ, ବସ୍ ଯାତ୍ରା ଏପରିକି ଡ୍ରେସିଂରୁମ୍ ଓ ପଡ଼ିଆରେ ଟିମ୍‌ମେଟ୍‌ଙ୍କ ବାୟୁ ଦୋଷ ଅନୁଭବ କରିହେଉଥିଲା। ଖେଳାଳି ଜଣକ ପାଇଁ ହଜମକାରୀ ସିରପର ବ୍ୟବସ୍ଥା କରାଗଲା। ମାତ୍ର ତାହା କାମ ଦେଲା ନାହିଁ। ଖେଳାଳି ଜଣକ ସଫେଇ ଦେଇ କହିଥିଲେ ଲମ୍ବା ଯାତ୍ରା ଯୋଗୁ ଦେହ ବିଗିଡ଼ି ଯାଇଛି ମୁଁ କ'ଣ କରିବି। ପରବର୍ତ୍ତୀ ମ୍ୟାଚବେଳକୁ ମୁଁ ଠିକ୍ ହୋଇଯାଇଥିବି। ଜଣେ ବ୍ୟାଟ୍ସମ୍ୟାନ କହିଲେ ନାପିଏର୍‌ରେ ମୁଁ ଅଧିକ ସମୟ କ୍ରିଜ୍‌ରେ ରହିବାର କାରଣ ହେଲା ଡ୍ରେସିଂରୁମ୍‌ରେ ସମ୍ପୃକ୍ତ ଗ୍ୟାଷ୍ଟ୍ରିକ୍‌ରେ ପୀଡ଼ିତ ଖେଳାଳିଙ୍କ ଦ୍ୱାରା ସୃଷ୍ଟ ଦୁର୍ଗନ୍ଧ ପରିବେଶ। ଏହା ଦ୍ୱାରା ଟାର୍ଗେଟ ହାସଲ କରିବାରେ ବିଳମ୍ବ ଘଟିବା ସ୍ୱାଭାବିକ। ପରେ ଜଣାପଡ଼ିଥିଲା ଖେଳାଳିଜଣକ ତାଙ୍କ ସ୍ଥାନୀୟ ବନ୍ଧୁଙ୍କ ଦ୍ୱାରା ଅଣାଯାଇଥିବା ଖାଦ୍ୟ ଖାଇ ଗ୍ୟାଷ୍ଟ୍ରିକ୍ ସମସ୍ୟାରେ ପୀଡ଼ିତ ହୋଇଥିଲେ।

ନ୍ୟୁଜିଲାଣ୍ଡ ଟୁର୍ ପୂର୍ବରୁ ଭାରତ ଭଲରୂପେ ପ୍ରସ୍ତୁତ ହୋଇଛି। ଘରୋଇ ଫ୍ଲାଟ ପିଚ୍‌ରେ ବ୍ୟାଟିଂ ସହଜ ହୋଇଥାଏ। ଟି୨୦ରେ ୧୮୦ରୁ ୨୦୦ ରନ ସହଜରେ ସଂଗ୍ରହ ହୋଇ ପାରିଥାଏ। କିନ୍ତୁ ନ୍ୟୁଜିଲାଣ୍ଡ କଥା ଭିନ୍ନ। ସେଠାରେ ବାୟୁ ପ୍ରବାହ ସାଙ୍ଗକୁ ବଲ୍ ସୁଇଙ୍ଗ ଓ ସିମ୍ କରିଥାଏ। ବୋଲରମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ହୋଇଥାଏ। ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ଶୀଘ୍ର ସେଠିକା ପରିବେଶ ସହିତ ଖାପ ଖୁଆଇ ଖେଳିବାକୁ ହୋଇଥାଏ। କେଉଁ ପ୍ରକାର ଷ୍ଟ୍ରୋକ୍ ପୁଣି ପଡ଼ିଆର କେଉଁ ଦିଗକୁ ଖେଳିବାକୁ ହେବ ତାହା ସ୍ଥିର କରିବାକୁ ହୋଇଥାଏ। ଶିଖର ଧାୱନ ଆଘାତପ୍ରାପ୍ତ ହୋଇଛନ୍ତି। ତେଣୁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଦାୟିତ୍ୱ ଅଧିକ। ଅନ୍ତର୍ଜାତୀୟ କ୍ରିକେଟରେ ଅଳ୍ପ ଦିନ ହେଲା ପାଦ ଦେଇଥିବା କେ.ଏଲ୍. ରାହୁଲଙ୍କୁ ତାଙ୍କ ପ୍ରତିଭା ପ୍ରତିପାଦନ କରିବାକୁହେବ। ଶ୍ରେୟାସ ଆୟାର ଓ ମନୀଷ ପାଣ୍ଡେଙ୍କୁ ମଧ୍ୟ ।ଏହି ଟୁର୍‌ରେ ବ୍ୟାଟିଂ ଅପେକ୍ଷା ଲିଡରଶିପ୍ କୌଶଳର ପରୀକ୍ଷା ହେବ।

(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)

#WhatDrivesYou
EXIDE

# ମହିଳା ଫୁଟ୍‌ବଲ ଲିଗ୍‌ରେ ଓଡ଼ିଶା ପୋଲିସ ଦଳ



ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଭାଗ ନେବାକୁ ଥିବା ଓଡ଼ିଶା ପୋଲିସ ଦଳ।

କଟକ ଅଫିସ,୨୩ା୧

ଜାନୁୟାରୀ ୨୪ରୁ ଫେବୃୟାରୀ ୧୪ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଫୁଟବଲ ଲିଗ୍‌ର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟର ୧୨ଟି ଦଳ ଭାଗ ନେଉଥିବା ବେଳେ ଓଡ଼ିଶାର ଏକମାତ୍ର ଦଳ ଭାବେ ଓଡ଼ିଶା ପୋଲିସ ଅଂଶଗ୍ରହଣ କରିବ। ଏ ନେଇ ଗୁରୁବାର ଓଡ଼ିଶା ପୋଲିସ ଦଳ ଘୋଷଣା କରାଯାଇଛି। ଏଏଫ୍‌ସି–ବି ଲାଇସେନ୍ସପ୍ରାପ୍ତ କୋଚ୍ ମହମ୍ମଦ ସହିଦ ଜବାର ଦଳର ମୁଖ୍ୟ କୋଚ୍ ଥିବା ବେଳେ ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍ ଓ ସକିନା ନେସା ମ୍ୟାନେଜର ଭାବେ ଦଳରେ ଅଛନ୍ତି। ଦଳର ଅଧିନାୟିକା ହେଉଛନ୍ତି କରିସ୍ମା ଓରାମ୍। ଓଡ଼ିଶା ପୋଲିସ ଗ୍ରୁପ–ବିରେ ସ୍ଥାନ ପାଇଛି। କେନକେର ଏଫ୍‌ସି ବିପକ୍ଷରେ ଆସନ୍ତା ୨୫ରେ ଓଡ଼ିଶା ପୋଲିସ ପ୍ରଥମ ମ୍ୟାଚ୍ ଖେଳିବ।

**ଓଡ଼ିଶା ପୋଲିସ ଦଳ:** ରାଜେଶ୍ୱରୀ ଦାସ, ସୋନାଲି ଓରାମ, ଡିଗି ମାଝି, ପ୍ରଭାସିନୀ ପରିଡ଼ା, ପାର୍ବତୀ କୁଜୁର, ସସ୍ମିତା ବେହେରା, ସିନୁଲତା ସାହୁ, ସ୍ୱର୍ଣ୍ଣପ୍ରିୟା ନାୟକ, ଜବାମଣି ସୋରେନ, ଅନିମା ମଲ୍ଲିକ, ସସ୍ମିତା ଏକ୍କା, ଯଶମଣି ସାମଦ, ହେମା ଖାଖା, ଜ୍ୟୋତ୍ସ୍ନା ମଲ୍ଲିକ, କରିସ୍ମା ଓରାମ, ଗୋମତି ବାରା, ଆରତୀ ଅନିମା ଖାଡ଼ିଆ, ଟିଙ୍କିନା ସାମଲ।


ମନେ ପଡ଼ନ୍ତି


ଏକାଦଶାହ ଉପଲକ୍ଷେ


୰ତନ୍ମୟ କୁମାର ମିଶ୍ର (ଭାବ)
ରାଧାନାଥପୁର ଶାସନ, ଆଠଗଡ଼, କଟକ
ଆବିର୍ଭାବ : ୦୨.୦୯.୧୯୭୬
ତିରୋଧାନ : ୧୪.୦୧.୨୦୨୦
ବିଦ୍ୟାରେ ପାରଦର୍ଶିତା ଲାଭ କରି କୃତିତ୍ୱର ସହ ବାଙ୍କୀ ହାଇସ୍କୁଲ ଓ ସରାଙ୍ଗ ଇଞ୍ଜିନିୟରିଂ କଲେଜ, କାନପୁର ଆଇଆଇଟି ଓ କଲିକତାସ୍ଥ ଆଇଆଇଏମ୍‌ରୁ ଶିକ୍ଷା ଶେଷ କରି ବାଙ୍ଗାଲୋରରେ ଆଇଟି କ୍ଷେତ୍ରରେ କାର୍ଯ୍ୟରତ ଥିଲେ, ତାଙ୍କ ଅକାଳ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ବର୍ଗ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଆତ୍ମୀୟସ୍ୱଜନ
ଧ–୧୬୩୫୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ବ୍ରଜ କିଶୋର ମିଶ୍ର
ହାଇଟେକ୍, କଲ୍ୟାଣ ବିହାର
ଭୁବନେଶ୍ୱର
ଆର୍ବିଭାବ - ୩୦.୦୪.୧୯୫୮
ତିରୋଧାନ - ୧୭.୦୧.୨୦୧୮
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତୀତା ଏବଂ ଶୃଙ୍ଖଳିତ ଆଚରଣ ଆମ ଜୀବନର ଚଲାପଥରେ ପାଥେୟ ହୋଇ ରହିବ । ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
-: ଶୋକସନ୍ତପ୍ତ :- ସ୍ତ୍ରୀ ସରୁଲତା ମିଶ୍ର
ସମସ୍ତ ବନ୍ଧୁ ବାନ୍ଧବ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ–୫୯୯୪୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହାରାମଣୀ ସାସମଲ
ଅନନ୍ତପୁର, ଜଗନ୍ନାଥପୁର
ଆବିର୍ଭାବ:୨୮।୦୬।୧୯୩୬
ତିରୋଧାନ: ୦୪।୦୨।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ବନ୍ଧୁ , ପରିବାର ଓ ଆତ୍ମୀୟସ୍ୱଜନ ।
ଧ–୪୬୨୭୫

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଗୌର ମୋହନ ସାହୁ
କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୮।୧୯୩୫
ତିରୋଧାନ: ୧୪।୦୧।୨୦୨୦
ଆପଣଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ, ଆମେ ସମସ୍ତେ ଆପଣଙ୍କୁ ହରାଇ ମର୍ମାହତ। ଆପଣଙ୍କର ମାର୍ଗଦର୍ଶନ, ନିଷ୍ଠା, ସଂସ୍କାର, ସ୍ନେହ, ଶ୍ରଦ୍ଧା ଆମର ଚିରପାଥେୟ ହେଉ। ପବିତ୍ର ମହାନ୍ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ, ମା' ବାସନ୍ତୀ ଦୁର୍ଗା ଓ ନାମାଚାର୍ଯ୍ୟ ବାୟାବାବାଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପତ୍ନୀ: ଭାରତୀ, ପୁତ୍ର: ଶିବ, ନବ, ଝିଅ: କୁନି, ଟୁନି, ଜ୍ୱାଇଁ: ପ୍ରଦୀପ, ବାବୁଲି, ବୋହୂ: ଅନୁ, ଟିକି, ନାତି ଓ ନାତୁଣୀ: ରୋନି, ରିଙ୍କୁ, ରିମା, ପୁନମ୍, ସୋନି, ରୋହନ, ଗୁଡ଼ିଆ, ବନ୍ଧୁ ଓ ପରିବାରବର୍ଗ।
ଧ–୧୬୩୫୩

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଭୁବନେଶ୍ୱର ବରଗଡ ନିବାସୀ ସ୍ୱର୍ଗତ ବିଶ୍ୱନାଥ ବେହେରାଙ୍କର ପୁଣ୍ୟତିଥି ଅବସରରେ ସମସ୍ତ ପରିବାର, ବନ୍ଧୁ ପରିଜନଙ୍କର ବିନମ୍ର ଶ୍ରଦ୍ଧାଞ୍ଜଳି। ସମାଜସେବୀ, ପରୋପକାରୀ, ଧାର୍ମିକ ବ୍ୟକ୍ତି ଭାବେ ଜଣାଶୁଣା। ତାଙ୍କର ଅତୁଳନୀୟ ଅବଦାନ ପାଇଁ ଗ୍ରାମ ଉପକଣ୍ଠରେ ଗଢ଼ି ଉଠିଥିବା 'ବିଶ୍ୱନାଥ ନଗର' ତାଙ୍କର ନାମରେ ନାମିତ ହୋଇଛି। ତାଙ୍କର ଏ ମହାନ୍ ଅବଦାନ ପାଇଁ ବିଶ୍ୱନାଥ ନଗରବାସୀଙ୍କ ନିକଟରେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆଜିର ଏ ପବିତ୍ର ଦିନରେ ସେହି ପୁଣ୍ୟାତ୍ମାକୁ ଆମର କୋଟି ପ୍ରଣାମ।
ବନ୍ଧୁ ଓ ପରିବାରବର୍ଗ।
ପ୍ରଦୀପ ବେହେରା, ନାତି, ନାତୁଣୀମାନେ
ଧ–୧୬୩୩୫


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




## ବ୍ୟବସାୟୀଙ୍କ ଘର ଉପରକୁ ବୋମାମାଡ଼

**ଜଟଣୀ, ୨୩। ୧ (ଡି.ଏନ.ଏ.)**

ଜଟଣୀ ଥାନା ରାଜାବଜାର ଅଞ୍ଚଳରେ ରହୁଥିବା ବ୍ୟବସାୟୀ ତାରକେଶ୍ୱରନାଥଙ୍କ ଘର ଉପରକୁ ଗୁରୁବାର ରାତି ୧୦ଟା ୨ଟି ବୋମାମାଡ ହୋଇଛି। ତାରକେଶ୍ୱରନାଥଙ୍କର ବିଦ୍ୟୁତ୍ ସରଞ୍ଜାମ ଦୋକାନ ରହିଛି। ବିଦ୍ୟୁତ୍ ବଲ ଫେରାଇବାକୁ ନେଇ ସନ୍ଧ୍ୟାରେ ତାଙ୍କ ସହ କେତେଜଣ ଯୁବକଙ୍କ ପାଟିତୁଣ୍ଡ ହୋଇଥିଲା। ଯୁବକମାନେ ଦୋକାନ ଭଙ୍ଗାରୁଜା କରିବା ସହ ତାରକେଶ୍ୱରନାଥଙ୍କୁ ମାଡ ମାରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହାର ଦେଢଘଣ୍ଟା ପରେ ବୋମାମାଡ ହୋଇଥିଲା। ଘଟଣାର ତଦନ୍ତଚାଲିଥିବା ଇନ୍ସପେକ୍ଟର ବିଶ୍ୱ ରଞ୍ଜନ ସାହୁ କହିଛନ୍ତି।





## ଗୁମାସ୍ତାଙ୍କୁ ହାଣି ଲୁଟିନେଲେ ୩ ଲକ୍ଷ

**ନିମାପଡ଼ା,୨୩।୧(ଡି.ଏନ୍.ଏ.)**

ଚାରିଛକ-ଗୋପ ରାସ୍ତାର ଆଶାପୂରଣ ଛକ ବ୍ରିଜ ନିକଟରେ ୬ଜଣ ଦୁର୍ବୃତ୍ତ ଟ୍ରକ୍ ଚାଳକଙ୍କୁ ବନ୍ଧୁକ ଦେଖାଇବା ସହ ଜଣେ ଗୁମାସ୍ତାଙ୍କୁ ହାଣି ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଗୁରୁବାର ଅଭିଯୋଗ ହୋଇଛି। ନିମାପଡ଼ା ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୧୪/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ତ୍ରିଲୋଚନ ସାହୁ ନାମକ ବ୍ୟବସାୟୀଙ୍କ ଦୁଇ ଗୁମାସ୍ତା ପ୍ରଭାକର ବେହେରା ଓ କାହ୍ନୁଚରଣ ପାଢୀ ନିଆଳି ଅଞ୍ଚଳରୁ ଟଙ୍କା ଆଦାୟ କରି ବୁଧବାର ରାତିରେ ଟ୍ରକରେ କୋଣାର୍କ ଫେରୁଥିଲେ। ବ୍ରିଜ ନିକଟରେ ୩ଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ଆସି ହଠାତ୍ ଟ୍ରକକୁ ଅଟାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଟ୍ରକ୍ ଚାଳକଙ୍କୁ ବନ୍ଧୁକ ଦେଖାଇବା ସହ ଗୁମାସ୍ତା ପାଢୀଙ୍କୁ କଟୁରିରେ ହାଣି ବ୍ୟାଗରେ ଥିବା ୩ ଲକ୍ଷ ଟଙ୍କା ଓ ଲକ୍ଷାଧିକ ଟଙ୍କାର ଚେକ୍ ନେଇ ଫେରାର ହୋଇଯାଇଥିଲେ। ପାଢୀଙ୍କୁ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ଗୋପ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଗୁରୁବାର ବ୍ୟବସାୟୀ ତ୍ରିଲୋଚନ ସାହୁ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଉଭୟ ଗୁମାସ୍ତା ଓ ଟ୍ରକ ଚାଳକ ମିଟୁ ମହାପାତ୍ରଙ୍କୁ ଅଟକ ରଖି ପଚରଉଚରା ଚଳାଇଛି। ଏହା ଏକ ଯୋଜନା ବଦ୍ଧ ଲୁଟ୍ ଘଟଣା ବୋଲି କୋଣାର୍କ ଅଞ୍ଚଳ ବ୍ୟବସାୟୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।





ମନୁଷ୍ୟ ଖିଅର ହୋଇସାରିବା ପରେ, ତୈଳ ଲଗାଇଲା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ। - ଚାଣକ୍ୟ



## ଆଜି କ'ଣ କେଉଁଠି

**କଟକ**

- କାଜିବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା ୩୦।
- ୪୧ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, ମାତୃଭବନ, ଶ୍ରୀ ଅରବିନ୍ଦ ମାର୍ଗ, ଅପରାହ୍ନ ୫ଟା।
- ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ଉତ୍ସବ ପାଳନ ଅବସରରେ ନୃତ୍ୟ ପ୍ରତିଯୋଗିତା, କ୍ଲବ ପରିସର, ଅପରାହ୍ନ ୫ଟା।
- ପଦ୍ମଶ୍ରୀ ଡ. ବିଷ୍ଣୁଶ୍ରୀଧର ହରିଭାଉ ୱାକଣେକରଙ୍କ ଜନ୍ମ ଶତବାର୍ଷିକୀ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା ୩୦।

**ଚୌଦ୍ୱାର**


- ଶ୍ରୀ ଜଗନ୍ନାଥ ମହୋତ୍ସବର ଉଦ୍‌ଘାଟନ ସମାରୋହ, ସତ୍ୟନାରାୟଣ ପଡ଼ିଆ, ଓଟିଏମ୍ କଲୋନୀ, ଅପରାହ୍ନ ୫ଟା।

# କଟକ-ପାରାଦୀପ ରାସ୍ତାରେ ଦୁର୍ଘଟଣା: ୩ ମୃତ

**କଟକସଦର,୨୩।୧(ଡି.ଏନ୍.ଏ.)**



ଦୁର୍ଘଟଣାଗ୍ରସ୍ତ ଗାଡ଼ି।



ହମ୍ପସ୍ ନିର୍ମାଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

କଟକ-ପାରାଦୀପ ରାସ୍ତାର କମରପଦା ଛକରେ ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଅନ୍ୟ ଜଣେ ହେଲେ କମରପଦା ଗ୍ରାମର ଅଜୟ ସାସମଲ(୩୨)। ହମ୍ପସ ନିର୍ମାଣ ଦାବିରେ ଗୁରୁବାର ଧରିଣା ପଞ୍ଚାୟତର ଶତାଧିକ ଲୋକ କମରପଦା ଛକରେ ପ୍ରାୟ ୧ ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ପାରାଦୀପ ପଟୁ ଆସୁଥିବା ଏକ କାର(ଓଡି ୦୫ ୨୬୬୬) କଟକ ପଟୁ ଆସୁଥିବା ଏକ ସ୍କୁଟି(ଓଡି ୦୫ଡବ୍ଲୁ ୦୨୩୮)କୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ୩ଜଣ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଚିକିତ୍ସିତ ହେଉଛନ୍ତି। ତେବେ ମୃତକ ଦ୍ୱୟଙ୍କ ପରିଚୟ ମିଳିପାରି ନ ଥିବା କିଶନନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ସ୍କୁଟି ପଞ୍ଜୀକୃତ ପ୍ରମାଣପତ୍ରରେ ରଘୁନାଥପୁର ଥାନା ସାଦେଇପୁର ଗ୍ରାମର ବବିତା ଖୁଣ୍ଟିଆଙ୍କର ବୋଲି ଥାନା ଅଧିକାରୀ କହିଛନ୍ତି। ଦୁର୍ଘଟଣାସ୍ଥଳରେ ହମ୍ପସ ନିର୍ମାଣ ଦାବିରେ ଧରିଣା ପଞ୍ଚାୟତର ଶତାଧିକ ଲୋକ ସନ୍ଧ୍ୟା ୫ଟାରୁ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କିଶନନଗର

### ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକୋ

ପୋଲିସ ଘଟଣାସ୍ଥଳରେ ପହଞ୍ଚି ହମ୍ପସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ବୁଧବାର ବିଳମ୍ବିତ ରାତିରେ କମରପଦା ଗ୍ରାମର ଅଜୟ ଏକ ବାଇକରେ ଘରକୁ ଫେରୁଥିବା ବେଳେ ତାଙ୍କୁ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# କିଶନନଗର ବିକାଶ ମଞ୍ଚର ବାର୍ଷିକୋତ୍ସବ

**କଟକ ସଦର,୨୩।୧(ଡି.ଏନ୍.ଏ.)**


କିଶନନଗର ବିକାଶ ମଞ୍ଚର ବାର୍ଷିକୋତ୍ସବ ଗୁରୁବାର ଖେଣ୍ଟାଳୋଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ସୟଦ୍ ସାଜିନ ଅଲ୍ଲୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଇଂ. ସୁଶୀଳ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ଡ. ଗିରିଧାରୀ ନାୟକ ମୁଖ୍ୟବକ୍ତା, ସୁମନ୍ତ ସାହୁ, ମହେନ୍ଦ୍ର ଓଝା, ପ୍ରଭାତ ମଲ୍ଲିକ, ପ୍ରଦୀପ ଆଚାର୍ଯ୍ୟ, ନିର୍ମଳ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ କବି ପ୍ରତାପ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୀତାରାମ ପଣ୍ଡା ବିବରଣୀ ପାଠ କରିଥିଲେ। ଉକ୍ତ ଅଞ୍ଚଳର ୧୯ ପଞ୍ଚାୟତର ବିଭିନ୍ନ ଦାବି ପୂରଣ ହେବା ପର୍ଯ୍ୟନ୍ତ ମଞ୍ଚ କର୍ମକର୍ତ୍ତାମାନେ ସଂଗ୍ରାମ ଜାରି ରଖିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଭାସ୍କର ଚନ୍ଦ୍ର ଖଟାଇ, ଲକ୍ଷ୍ମଣ ସାହୁ, ମାନସୀ ଓଝା, ଯାମିନୀ ମୋହନ ସାହୁ, ପ୍ରଭାସ ଚନ୍ଦ୍ର ଚୟନୀ, ମହମ୍ମଦ ସକଲେନ ଅସରଫଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସରୋଜ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଧରଣୀଧର ଜେନା ଧନ୍ୟବାଦ ଦେଇଥିଲେ।

# ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ଚୌଦ୍ୱାର,୨୩।୧(ଡି.ଏନ୍.ଏ.):** ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ ଓ ଇମ୍ଫା ମାନବ ସମ୍ବଳ ପ୍ରଶାସକ ସାରଦା ପ୍ରସାଦ ରାଓ ଉଦ୍‌ଘାଟନ କରିଥିଲେ। ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଭାଗ ଡାକ୍ତରମାନେ ଶିବିରରେ ଯୋଗଦେଇ ୪୩୫ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। କୈଳାସ ଚନ୍ଦ୍ର ବେହେରା, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ବିଷ୍ଣୁ ଚରଣ ପରିଡା, କରୁଣାକର ସାହୁ, ଶିବ ନାରାୟଣ ନାୟକ ପ୍ରମୁଖ ଶିବିରରେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଇମ୍ଫା ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ମାନସ ରଞ୍ଜନ ପ୍ରଧାନ, ବିନୟ ଅଗ୍ରୱାଲ, ଆଶିଷ ଦାସ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ନାଟକ 'ମହିଳା ହିଂସା ଉପରେ ରୋକ' ମଞ୍ଚସ୍ଥ

**କଟକ ଅଫିସ, ୨୩।୧**




ମହିଳାମାନଙ୍କ ଉପରେ ହିଂସାତ୍ମକ ଆକ୍ରମଣ ଓ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପରବର୍ତ୍ତୀ ସମୟରେ ଏଭଳି ହିଂସା ବିରୋଧରେ ମହିଳାମାନେ କିଭଳି ସ୍ୱର ଉତ୍ତୋଳନ କରିଛନ୍ତି ତାହାକୁ ନେଇ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଗୁରୁବାର ମଞ୍ଚସ୍ଥ ହୋଇଥିଲା ନାଟକ 'ମହିଳା ହିଂସା ଉପରେ ରୋକ'। ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଚାଲିଥିବା ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ନାଗପୁର ନଟରାଜ ନୃତ୍ୟଶାଳାର କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ଏହି ନାଟକକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଓଡ଼ିଶା, ମହାରାଷ୍ଟ୍ର, ଆସାମ, ଛତିଶଗଡ ରାଜ୍ୟର କଳାକାରମାନେ ନିଜର ନୃତ୍ୟ ଓ ଅଭିନୟରେ ଦର୍ଶକଙ୍କୁ ଆନମନା କରିଥିଲେ। ଓଡ଼ିଶାର ବହୁ କଳାକାର

### ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଚତୁର୍ଥ ସନ୍ଧ୍ୟା

ତବଲା, ଭାଓଲିନ ଓ ଗୀଟାରରେ ଯୁଗଳବନ୍ଦୀ ପରିବେଷଣ କରିଥିଲେ। ସେହିପରି ଛତିଶଗଡର କଳାକାରମାନେ ହିନ୍ଦୀ ନାଟକ 'ଗିରପିଟ' ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇଥିଲେ। ଏହି ଅବସରରେ ମହାରାଷ୍ଟ୍ରର ପ୍ରଫେସର ମିଲିନ ଆର ପାଣ୍ଡେକର, ଛତିଶଗଡର ବିଭାସ ଉପାଧ୍ୟାୟ ଓ ଓଡ଼ିଶାର ସେବକ ରାୟ ଚୌଧୁରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିପିନ ବିହାରୀ ପଟ୍ଟନାୟକ ଓ ରାଜ କିଶୋର ବେହେରା ମଞ୍ଚ ପରିଚାଳନା କରିଥିଲେ।

# 'ଆଧ୍ୟାତ୍ମିକତା ମାର୍ଗରେ ରହିଛି ଦର୍ଶନତତ୍ତ୍ୱ'




ସାଧାରଣ ଅଧିବେଶନରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**କଣ୍ଟାପଡ଼ା,୨୩।୧(ଡି.ଏନ୍.ଏ.)**

ରାଜ୍ୟ ଫିଲୋସଫି ଆସୋସିଏଶନର ଦୁଇ ଦିନିଆ ୩୨ତମ ସାଧାରଣ ଅଧିବେଶନ ଅଡଶପୁର ମହାବିଦ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଧ୍ୟାତ୍ମିକତା ମାର୍ଗରେ ଦର୍ଶନତତ୍ତ୍ୱ ଭରି ରହିଛି। ପ୍ରତ୍ୟେକ ମଣିଷ ଜଣେ ଜଣେ ଦାର୍ଶନିକ ବୋଲି ରାଜ୍ୟପାଳ ଲାଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଫିଲୋସଫିକାଲ ଗବେଷଣା ପରିଷଦର ଚେୟାରମ୍ୟାନ ପ୍ରଫେସର ରମେଶ ଚନ୍ଦ୍ର ସିହ୍ନା, ଅଡଶପୁର ମହାବିଦ୍ୟାଳୟ ପରିଚାଳନା ବୋର୍ଡ ସଭାପତି ତ୍ରିଲୋଚନ କାନୁନଗୋ, ମହାବିଦ୍ୟାଳୟ ଅଧ୍ୟକ୍ଷ ଦୈତାରୀ ସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ଫିଲୋସଫି ଆସୋସିଏଶନର ସଭାପତି ସରୋଜ ମହାନ୍ତି ସ୍ୱାଗତ ଭାଷଣ, ଅଧ୍ୟାପିକା ଲୁଲୁମିନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଫିଲୋସଫି ଆସୋସିଏଶନର ବାର୍ଷିକ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ

**ଚୌଦ୍ୱାର/ କଟକସଦର, ୨୩।୧(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ବିକାଶ ପରିଷଦର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ତପସ୍ୱିନୀ ସାହୁ, ଶ୍ରାବଣୀ ମହାରଣା, ରେଖାଶ୍ରୀ ହୋତା, ରାଜେଶ ସାହୁ, ଗାୟତ୍ରୀ ସାହୁ, ପିଙ୍କି ସାହୁ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ସଂଗ୍ରାମୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶିଶୁ ମନ୍ଦିର ସମ୍ପାଦକ ମାନସ ସାହୁ ସ୍ୱାଗତ ଭାଷଣ, ପରିଚାଳକ ରାଜେଶ ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

କଟକସଦର ବ୍ଲକ ଅନ୍ତର୍ଗତ ଦେଓପୁରସ୍ଥିତ ନେତାଜୀ ପବ୍ଲିକ ସ୍କୁଲରେ ସୀତାକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଶିକ୍ଷାବିତ୍ ପ୍ରଶାନ୍ତ ମହାନ୍ତି, କୁଶଳ ଝଗଡ, ଆଲୋକ ପାଣି, ସମର ବେହେରା ପ୍ରମୁଖ ନେତାଜୀଙ୍କର ସ୍ୱାଧୀନତା ସଂଗ୍ରାମରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ୪୨ମୌଜା ଶାନ୍ତି ସୁରକ୍ଷା କମିଟି ଆନୁକୂଲ୍ୟରେ ବେଣ୍ଟକାର ଠାରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୟନ୍ତୀ ପାଳନ ହୋଇଥିଲା। ଅବସରପ୍ରାପ୍ତ ସେନା ଅଧିକାରୀ ରଣଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାରାୟଣ ଚନ୍ଦ୍ର ମହାନ୍ତି, ରୁଦ୍ରନାରାୟଣ ଦାସ, ପ୍ରଭାତ ଖଟୁଆ, ରାମଚନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ।

# ପୁସ୍ତକ 'ମୃତ୍ୟୁ ପରେ ନେତାଜୀ' ଲୋକାର୍ପିତ

**କଟକ ଅଫିସ, ୨୩।୧**

କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପୁସ୍ତକ 'ମୃତ୍ୟୁ ପରେ ନେତାଜୀ' ଗୁରୁବାର ଲୋକାର୍ପିତ ହୋଇଛି। ଏହି ପୁସ୍ତକକୁ ଲେଖିଛନ୍ତି ପ୍ରାବନ୍ଧିକ ଅସିତ କୁମାର ପଣ୍ଡା। ବର୍ଷା ପବ୍ଲିକେଶନ ପକ୍ଷରୁ ଆୟୋଜିତ ଲୋକାର୍ପଣ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଆବାହକ ବିଜୟାନନ୍ଦ ସିଂ, କବି ନୃସିଂହ ଚରଣ ଷଡଙ୍ଗୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି କବି ହୁସେନ ରବି ଗାନ୍ଧୀ, ନେତାଜୀ ଜନ୍ମମାଟି ଯାତ୍ରାର ଆବାହକ ଦେବୀପ୍ରସାଦ ତୃପ୍ତି ଏବଂ ପ୍ରାବନ୍ଧିକ ନେତାଜୀ ଅଭିନନ୍ଦନ ଉପସ୍ଥିତ ଥିଲେ। ବର୍ଷା ପବ୍ଲିକେସନର ପରିଚାଳନା ନିର୍ଦ୍ଦେଶକ ତଥା କବି ବାଦଲ ମହାନ୍ତି ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ।

# ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ବାର୍ଷିକ ଉତ୍ସବ

**କଟକ ଅଫିସ,୨୩।୧**

ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ବାର୍ଷିକ ଉତ୍ସବ ଓ ନେତାଜୀ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦେବାଶିଷ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେଇ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ କଲେଜର ମୁଖପତ୍ର 'ଆଦ୍ୟାଶା' ଓ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଏହାଛଡା ୟୁକୋବ୍ୟାଙ୍କ ପକ୍ଷରୁ କଲେଜ ପରିସରରେ ଏକ ଏଟିଏମ୍ ସ୍ଥାପନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ରବିନାରାୟଣ ନନ୍ଦ ଯୋଗଦେଇ ନେତାଜୀଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। କଲେଜର ସାଂସ୍କୃତିକ ପରିଷଦ ଓ ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ସରୋଜ ଦେଓଭଞ୍ଜ ଓ ଆରତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ସତ୍ୟପ୍ରିୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଦେଶ ସ୍ୱାଧୀନ ପାଇଁ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ନେତାଜୀ

**କଟକ ଅଫିସ,୨୩।୧**



ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

ଦି ଲ କଲେଜ ପୁରାତନ ଛାତ୍ର ସଂଘ ପକ୍ଷରୁ ସିଡିଏସ୍ଥିତ ଦି ଲ କଲେଜ ପ୍ରକୋଷ୍ଠରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ସଂଘ ସଭାପତି ଡ. ଟହଲି ଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଓ ମୁଖ୍ୟବକ୍ତା ଭାବେ ସୂର୍ଯ୍ୟପ୍ରସାଦ ଦାସ ଯୋଗଦେଇ କହିଥିଲେ, ଦେଶ ସ୍ୱାଧୀନ ପାଇଁ ନେତାଜୀ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଆଦିତ୍ୟ ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।

ସମୀଚୀନ ଅନୁଷ୍ଠାନ ଆନୁକୂଲ୍ୟରେ ନେତାଜୀ ଜୟନ୍ତୀ ମର୍କତନଗରଠାରେ ଗୁରୁବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ସମ୍ମାନିତ ଅତିଥି ଡ. ପରିଣୀତା ଦାସ ଯୋଗଦେଇଥିଲେ। ଗୀତିସୁଧା ସାହୁ ଧନ୍ୟବାଦ ଦେଇଥିଲେ।

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ରତ୍ନାକର ପ୍ରଧାନ, ଅକ୍ଷୟ କୁମାର ମହାନ୍ତି, ସିନୁ ରେଡି, ହିମାଂଶୁ ମହାପାତ୍ର, ମନୋଜ ପାଲ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ଧ୍ରୁବଚରଣ ବେହେରା ଓ ମୁକୁନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ।

କଟକ ନାଗରିକ ସମାଜ ପକ୍ଷରୁ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନଠାରେ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନାଗରିକ ସମାଜର ସଭାପତି ଡ. ବିକାଶ ଦାସ ଏବଂ ମହାସଚିବ ମନୋହର ମହନ୍ତଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତାମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବହୁ ସଦସ୍ୟ ଯୋଗଦେଇଥିଲେ।

ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ କଲେଜ ଛକସ୍ଥିତ କାର୍ଯ୍ୟାଳୟଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଛି। କଂଗ୍ରେସ ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ସଙ୍ଗଠନ ପକ୍ଷରୁ ଏକ ସାଧାରଣ ସଭାରେ ନେତାଜୀଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ସିଭିଲ ଓ କ୍ରିମିନାଲ କୋର୍ଟସ ମୋହରିର ସଂଘ ପକ୍ଷରୁ ଚାନ୍ଦିନୀଚୌକସ୍ଥିତ କାର୍ଯ୍ୟାଳୟଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଦିବାକର ସ୍ୱାଇଁ, ସମ୍ପାଦକ ଅଜୟ ପରିଜା, ଜଳଧର ବେହେରାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

ଭାଜପା କଟକ ନଗର ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଗୌରୀଶଙ୍କର ପାର୍କଠାରୁ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସମୀର ଦେ, ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଉପ ସଭାପତି ନୟନ ମହାନ୍ତି ଓ ଜିଲା ସଭାପତି ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିଲେ।



ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଗୁରୁବାର କଟକ ଦରଘାବଜାର ପୁରୁଣା ଜେଲ୍ ପରିସରରୁ ବାହାରିଥିବା ପଥ ସଞ୍ଚାଳନ।




ନେତାଜୀ ଜୟନ୍ତୀରେ କଟକ କଲେଜ ଛକରୁ ଏଆଇଡିଏସ୍ଓ ପକ୍ଷରୁ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆସିଥିବା ଶୋଭାଯାତ୍ରା।




ନେତାଜୀ ଜୟନ୍ତୀରେ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଲୋକାରଣ୍ୟ।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।

-ଶିରିଡ଼ି ସାଇବାବା

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରଘୁନାଥପୁର, ୨୩।୧ (ଡି.ଏନ.ଏ.):** ରଘୁନାଥପୁର ଥାନା ରାମଚନ୍ଦ୍ରପୁର ଗାଁର ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କୁ ବଳାତ୍କାର ଅଭିଯୋଗରେ ଗୁରୁବାର ମାଲକାନଗିରି ଟାଉନ ଥାନା ପୋଲିସ ଗିରଫ କରିଛି। ମାଲକାନଗିରି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ନଂ. ୧୪୦/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ଉପରେ ପୋଲିସ ନଜର ରଖିଥିଲା। ବୁଧବାର ରାତିରେ ଅଭିଯୁକ୍ତଙ୍କୁ ନିଜ ଗାଁରୁ ଧରିବାରେ ପୋଲିସ ଅସଫଳ ହୋଇଥିଲା। ପରେ ଗୁରୁବାର ପୂର୍ବାହ୍ନରେ ରଘୁନାଥପୁର ପୋଲିସ ସହାୟତାରେ ଜଇପୁର ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଥିଲା। ତେବେ ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଅପରାହ୍ନରେ ମାଲକାନଗିରି ପୋଲିସ ନେଇ ଯାଇଥିବା ରଘୁନାଥପୁର ଆଇଆଇସି ବବିତା ଦଳାଇ ସୂଚନା ଦେଇଛନ୍ତି।

### ଶିକ୍ଷା ସମୟରେ ସଂଯମତା ରକ୍ଷାକରିବାକୁ ପରାମର୍ଶ

**ତିଗିରିଆ, ୨୩।୧ (ଡି.ଏନ୍.ଏ.):** ତିଗିରିଆ ବ୍ଲକ ନିଜିଗଡସ୍ଥିତ ପ୍ରସନ୍ନପୁରୁଷୋତମ ମହାବିଦ୍ୟାଳୟର ରାଜନୀତି ବିଭାଗର ପୂର୍ବତନ ଛାତ୍ରୀଛାତ୍ର(ଆଲୁମ୍ନି)ଙ୍କ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ବୃନ୍ଦାବନ ସେନାପତି ଯୋଗଦେଇ ଶିକ୍ଷା ସମୟରେ ସଂଯମତା ରକ୍ଷା କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧାପିକ ଡ. ସୁଧାଂଶୁବାଳା ଦାଶ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ବିଭାଗୀୟ ଅଧାପକ ଅନନ୍ତ ଚରଣ ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଅଧାପକ ପ୍ରଦୀପ ତ୍ରିପାଠୀ ଉପସ୍ଥିତ ଥିଲେ।

### ପୂର୍ବତନ ବିଧାୟକଙ୍କ ବନ୍ଧୁମିଳନ ଉତ୍ସବ

**ବଡମ୍ବା, ୨୩।୧ (ଡି.ଏନ୍.ଏ):** ବଡମ୍ବା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସମୀର କୁମାର ରାଉତରାୟଙ୍କ ଏକ ବନ୍ଧୁମିଳନ ଉତ୍ସବ ବଡମ୍ବା ପ୍ରେସ୍ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡମ୍ବାର ବହୁ ଗଣମାଧମ ପ୍ରତିନିଧି ଯୋଗଦେଇଥିଲେ। ବଡମ୍ବାର ବରିଷ୍ଠ ଖବରଦାତା ବିରଜାଚରଣ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ପ୍ରେସ୍‌କ୍ଲବ୍ ସଭାପତି ସୁଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଦିଲୀପ କୁମାର ସାମନ୍ତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅମିୟ ପଟ୍ଟନାୟକ, କୈଳାସଚନ୍ଦ୍ର ଜେନା, ବରଦାଚରଣ ପଟ୍ଟନାୟକ, ଲିଙ୍ଗରାଜ ପାଟଶାଣୀ, ତ୍ରିଲୋଚନ ରଣା, ନବକିଶୋର ପଣ୍ଡା ଓ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅରାଚଣ୍ଡୀ ପାଟରେ ୧୪,୮୧୯ ପକ୍ଷୀ

**ବାଙ୍କୀ, ୨୩।୧ (ସ୍ୱ.ପ୍ର.)**

ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ କୁସୁପଙ୍ଗି ପଞ୍ଚାୟତସ୍ଥିତ ଅରାଚଣ୍ଡୀ ବଡ଼ପାଟରେ ଗୁରୁବାର ପକ୍ଷୀ ଗଣନା ହୋଇଥିଲା। ସେଣ୍ଟର ଫର୍ ରୁରାଲ ଟୁରିଜମ୍ ଡେଭଲପ୍‌ମେଣ୍ଟ (ସି.ଆର.ଟି.ଡି) ସମ୍ପାଦକ ଲଳିତମୋହନ ପଣ୍ଡା ଏହାର ନେତୃତ୍ୱ ନେଇଥିଲେ। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ୨୪ ଜଣ ଛାତ୍ରୀଛାତ୍ର, ଓୟୁଏଟିର ୬ଜଣ ଛାତ୍ର ଓ ଆୱେଲର ୪ ଜଣ ସଦସ୍ୟ ସାମିଲ ହୋଇଥିଲେ। ଚଳିତ ବର୍ଷ ୧୧୭ ପ୍ରଜାତିର ପକ୍ଷୀ ଏଠାକୁ ଆସିଛନ୍ତି। ଏହି ପକ୍ଷୀଙ୍କ ସଂଖ୍ୟା ୧୪,୮୧୯ ହେବ ବୋଲି ଗଣନା ପରେ ଲଳିତମୋହନ ସୂଚନା ଦେଇଛନ୍ତି। ଏଠାକୁ ପ୍ରଥମ ଥର ପାଇଁ ଗ୍ରେହିରନ୍, କମ୍ବଡକ୍, ବାରହେଡେଡ୍ ଗୁଜ୍ ଓ ଗ୍ଲସି ଆଇବିସି ପକ୍ଷୀ ଆସିଛନ୍ତି ବୋଲି ସେ କହିଛନ୍ତି। ଗତବର୍ଷ ୬୮ପ୍ରଜାତିର ୧୧,୭୦୦ ପକ୍ଷୀ ଏଠାକୁ ଆସିଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟାରେ ବୃଦ୍ଧି ଘଟିଛି। ଅରାଚଣ୍ଡୀ ପାଟ ଏକ ଆର୍ଦ୍ରଭୂମି ହୋଇଥିବାରୁ ପ୍ରତିବର୍ଷ ଏହି ସମୟରେ ବହୁ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଏଠାରେ ସମାଗମ ହୋଇଥାଏ। ବାଙ୍କୀ ସଂଲଗ୍ନରେ ଥିବା ଆଠଗୋଟି ଆର୍ଦ୍ରଭୂମିରେ ଆଗାମୀ ଦିନରେ ଏହି ସଂସ୍ଥା ପକ୍ଷରୁ ପକ୍ଷୀଗଣନା କାର୍ଯ୍ୟକ୍ରମ କରାଯିବ ବୋଲି ସମ୍ପାଦକ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ, ସିଆରଟିଡିର ସଦସ୍ୟ ଅମିତ କୁମାର ସାହୁ, ଦୁର୍ଗାମାଧବ ମହାପାତ୍ର, ବୀରବର ହରିଚନ୍ଦନ ଓ ମିନତି ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ସିଆରଟିଡି ପକ୍ଷରୁ ପକ୍ଷୀ ଗଣନା**



ଅରାଚଣ୍ଡୀ ପାଟରେ ପକ୍ଷୀଗୁଡ଼ିକ ବୁଲୁଛନ୍ତି।

- ଚଳିତ ବର୍ଷ ବଢ଼ିଛି ପକ୍ଷୀଙ୍କ ସଂଖ୍ୟା
- ପ୍ରଥମ ଥର ପାଇଁ ୪ ନୂତନ ପ୍ରଜାତିର ପକ୍ଷୀ

# ଆହତ ଚିତ୍ରା ହରିଣ ଉଦ୍ଧାର

**ନରାଜ, ୨୩।୧ (ଡି.ଏନ୍.ଏ.)**

ବାରଙ୍ଗ ବ୍ଲକର ବଛିପୁର ଗହୀର ପାଖରୁ ଏକ ଆହତ ଅଣ୍ଡିରା ଚିତ୍ରା ହରିଣକୁ ଗୁରୁବାର ବନବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ସ୍ଥାନୀୟ ଚାଷୀ ସକାଳୁ କୁକୁର କବଳରୁ ତାକୁ ଉଦ୍ଧାର କରି ବନ ବିଭାଗରେ ଜଣାଇଥିଲେ। ଚନ୍ଦକା-ଡମପଡା ଅଭୟାରଣ୍ୟର କିଛି ଚିତ୍ରାହରିଣ ଖାଦ୍ୟ ଅନ୍ୱେଷଣରେ ନାଳପାର ହୋଇ ଚାଲିଆସିଥିଲେ। ବାରଙ୍ଗ ବ୍ଲକର ପଛ ପାଖରେ ସେମାନଙ୍କ ମଧ୍ୟରୁ ଏହି ହରିଣକୁ କୁକୁର ଘେରିଯାଇଥିଲେ। ଜୀବନ ବଞ୍ଚାଇବାକୁ ହରିଣଟି ସଂଘର୍ଷ କରୁଥିବା ବେଳେ ବିଲକୁ ଯାଉଥିବା ଚାଷୀ ଏହା ଦେଖି ବନବିଭାଗରେ ଖବରଦେବା ସହ କୁକୁର ଘଉଡାଇଥିଲେ। ଖବରପାଇ ବିଭାଗୀୟ କର୍ମଚାରୀ ସେଠାରେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରି ଚିକିତ୍ସା ଜାରି ରଖିଛନ୍ତି। କୁକୁର ଆକ୍ରମଣରେ ହରିଣର ଲାଞ୍ଜ ଛିଣ୍ଡିଯାଇଥିବା ସୂଚନା ମିଳିଛି।



ବଛିପୁର ଗହୀର ପାଖରୁ ଉଦ୍ଧାର ହୋଇଥିବା ଚିତ୍ରା ହରିଣ।

# ଭୁବନେଶ୍ୱର ମଞ୍ଚେଶ୍ୱର ଟିମ୍ ଚାମ୍ପିୟନ

**ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ**

**ବାଙ୍କୀ, ୨୩।୧ (ସ୍ୱ.ପ୍ର.)**

ବାଙ୍କୀରେ ଗତ ୧୨ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ମଞ୍ଚେଶ୍ୱର ଓ ଫକୀରପଡା କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୨ରନ ସଂଗ୍ରହ କରିଥିଲା। ଜବାବରେ କଟକ ଟିମ୍ ୭ ଉଇକେଟ୍ ବିନିମୟରେ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଭୁବନେଶ୍ୱର ବିଜୟୀ ହେବା ସହ ଚାମ୍ପିୟନ ଘୋଷିତ ହୋଇଥିଲା। ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କାହ୍ନା ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି କଟକ ଦଳର ରାଜ କିଶୋର ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ସମ୍ମାନିତ ଅତିଥି ପ୍ରମୋଦ ପଟ୍ଟନାୟକ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ଉପବିଜେତା ଦଳକୁ କପ୍ ସହ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଆଡ୍‌ଭୋକେଟ୍ ସନ୍ତୋଷ କୁମାର ରଣା ସଭାପତିତ୍ୱ କରିଥିଲେ। ମ୍ୟାଚକୁ ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ପରିଚାଳନା କରିଥିବା ବେଳେ ସାଗର ବେହେରା ଓ ଆଦର୍ଶ ମହାପାତ୍ର ସହଯୋଗ କରିଥିଲେ। ସେହିପରି ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ, ସୌମେନ୍ଦ୍ର ମିଶ୍ର, ଅସିତ ପଟ୍ଟନାୟକ, ପ୍ରଶାନ୍ତ ଦାଶ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ୍ ଟ୍ରଫି ସହ ଅତିଥିଙ୍କ ଗହଣରେ ଖେଳାଳିମାନେ।

### ସାମାଜିକ କର୍ମୀଙ୍କ ପରଲୋକ

**ବାଙ୍କୀ, ୨୩।୧ (ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଭେଡା ରାମଚନ୍ଦ୍ରପୁର ଗ୍ରାମର ମାନଗୋବିନ୍ଦ ମହାପାତ୍ରଙ୍କ ବୁଧବାର ବିଳମ୍ବିତ ରାତିରେ ବାଙ୍କୀ କଲେଜ ରୋଡସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ସେ ଅବିଭକ୍ତ ରଗଡ଼ି ପଞ୍ଚାୟତର ସରପଞ୍ଚ, ବାଙ୍କୀ ସମବାୟ ଭୂଉନ୍ନୟନ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇଥିଲେ। ବାଙ୍କୀ ଟାଉନରେ ତାଙ୍କର ଏକ ଔଷଧ ଦୋକାନ ରହିଛି। ମୃତ୍ୟୁ ଖବରପାଇ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସନ୍ତୋଷ କୁମାର ରଣା, ବ୍ରଜ କିଶୋର ମହାପାତ୍ର, ବିରଞ୍ଚି ଦାଶ ଓ ପ୍ରଭାସିନୀ ଜେନା ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଗ୍ରାମ ଭେଡାରାମଚନ୍ଦ୍ରପୁରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଶବସତ୍କାର ହୋଇଥିଲା।

# ଆବାସ ଯୋଜନା ହିତାଧିକାରୀଙ୍କ ପାଇଁ 'ଅଙ୍ଗୀକାର' କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ବାଙ୍କୀ, ୨୩।୧ (ସ୍ୱ.ପ୍ର./ବି.ପ୍ର.)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ କଚେରି ପଡ଼ିଆସ୍ଥିତ ବନ୍ୟା ବାତ୍ୟା ଆଶ୍ରୟସ୍ଥଳରେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅଙ୍ଗୀକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ଡାଇରେକ୍ଟର ସୁମିତା ସରକାର ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ନେଇ ଏହି ଅଙ୍ଗୀକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବାସ ଯୋଜନାରେ ଶୀଘ୍ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ସରକାର କହିଥିଲେ। ପ୍ରତେକ ହିତାଧିକାରୀ ନିଜ ଘରେ ଜଳ ସଂରକ୍ଷଣ, ଏଲ୍‌ପିଜି ସଂଯୋଗ, ସୌର ବିଦ୍ୟୁତ, ବିଜୁ ସ୍ୱାସ୍ଥ୍ୟ ବୀମା, ଉଜ୍ଜ୍ୱଳା ଏଲଇଡିକୁ କିପରି ବ୍ୟବହାର କରି ଏକ ସମ୍ପୂର୍ଣ୍ଣ ଘର କରିପାରିବେ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଏହି ଅବସରରେ ଉପସ୍ଥିତ ହିତାଧିକାରୀଙ୍କୁ ନେଇ ଏକ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରେଷ୍ଠ ୩ଜଣଙ୍କୁ ସମ୍ମାନିତ କରାଯିବ ବୋଲି ଟିମ୍ ଲିଡର ଅକ୍ଷୟ କୁମାର ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଖବରଦାତା ଗୌରାଙ୍ଗ ବେହେରା, ଅମରକାନ୍ତ ରାଉତରାୟ, ପୀୟୁଷ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାପିତ ପରିଷଦର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

**ଧାର୍ମିକସ୍ଥଳୀରେ ଏମ୍‌ପିଙ୍କ ପାଣ୍ଠି ବିନିଯୋଗ**

**କଟକ ସଦର, ୨୩।୧ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଓ କଟକ ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଧାର୍ମିକସ୍ଥଳୀରେ ଏମ୍‌ପିଙ୍କ ପାଣ୍ଠି ଖର୍ଚ୍ଚ କରାଯିବା ଘଟଣାର ତଦନ୍ତ ରାଜ୍ୟ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକ ମହାନଗର ନିଗମ ୫୨ନଂ. ୱାର୍ଡର ଏକ ଧାର୍ମିକସ୍ଥଳୀରେ ଜଣେ ରାଜ୍ୟ ସଭା ସଦସ୍ୟଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପରିପ୍ରେକ୍ଷୀରେ ଏହି ତଦନ୍ତ ଆଦେଶ ହୋଇଥିବା ଜଣାପଡିଛି। ୧୯୯୯ରେ ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ଏମ୍‌ପିମାନଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିକୁ ଧାର୍ମିକସ୍ଥଳୀରେ ଖର୍ଚ୍ଚ ନ କରିବା ପାଇଁ କେନ୍ଦ୍ର ସରକାର ନିୟମ ପ୍ରଣୟନ କରିଥିଲେ। ଏହି ନିୟମକୁ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ଉଲ୍ଲଘଂନ କରିଥିବା ଜଣାପଡିବା ପରେ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ୨୦୦୦-୨୦୧୮ ମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟଙ୍କ ଅନୁଦାନ ପ୍ରାୟ ୩ କୋଟି ୫୦ ଲକ୍ଷ ଟଙ୍କା ବିଭିନ୍ନ ଅନୁଷ୍ଠାନରେ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ଖର୍ଚ୍ଚ କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଏପରି କି ୫୨ନଂ. ୱାର୍ଡର ଧାର୍ମିକସ୍ଥଳୀରେ ଟଙ୍କା ଖର୍ଚ୍ଚର ରିପୋର୍ଟ ଦେବା ପାଇଁ କଟକ ଜିଲାପାଳ ପତ୍ରସଂଖ୍ୟା ୧୬୬୭/୨୩।୭।୧୮ରେ ବିଡିଓଙ୍କୁ ଜଣାଇଥିଲେ। ଅଦ୍ୟାବଧି ଏହି ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇ ନ ଥିବା ଜିଲା ଯୋଜନା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ପାଣ୍ଠି ଧାର୍ମିକସ୍ଥଳୀରେ ଖର୍ଚ୍ଚ କରାଯାଇପାରିବ ବୋଲି ନୂତନ ନିୟମ ପ୍ରଣୟନ କରି ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ ପତ୍ରସଂଖ୍ୟା ୨୨୩୬(୩୦)/୧୭।୨।୨୦୦୬ରେ ଜିଲାପାଳମାନଙ୍କୁ ଅବଗତ କରାଇସାରିଛନ୍ତି। ଦୁଇ ମାସ ମଧ୍ୟରେ ତଦନ୍ତ ସରିବା ପରେ ଏମ୍‌ପି ପାଣ୍ଠିରୁ କେତେଟଙ୍କା ଧାର୍ମିକସ୍ଥଳୀରେ ଖର୍ଚ୍ଚ ହୋଇଛି, ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

# ରାସ୍ତାରୁ ବାଲି ସଫାକଲେ ୧୧ ସ୍ୱେଚ୍ଛାସେବୀ ସଙ୍ଗଠନ

**ନରାଜ, ୨୩।୧ (ଡି.ଏନ.ଏ)**

ସୁଭାଷ ବୋଷ ଜୟନ୍ତୀ ଉପଲକ୍ଷେ ଗୁରୁବାର ସୁଭାଷ ସେତୁ ଓ ତ୍ରିଶୂଳିଆ ଗୋଲେଇ ଛକର ବାଲିକୁ ସଫେଇ କରାଯାଇଛି। ଏଥିରେ ୧୧ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ। ସୁଭାଷ ସେତୁ ଓ ଗୋଲେଇ ଛକରେ ବାଲି ଜମିରହିବା ଫଳରେ ଦୁର୍ଘଟଣା ଘଟୁଥିବା ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବା ପରେ ଏହି ସଂଗଠନଗୁଡିକ ଉକ୍ତ ସ୍ଥାନ ସଫା କରିବା ପାଇଁ ଆଗେଇ ଆସିଥିଲେ। ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ତ୍ରିଶୂଳିଆ ବଜାରରେ ପହଞ୍ଚିଝାଡୁ, ଗାଣ୍ଡିଆ, କୋଦାଳ ଓ ବେଲଚା ସାହାଯ୍ୟରେ ସଫେଇ କାର୍ଯ୍ୟ କରିଥିଲେ। ଏଥିସହ ଏହି ସ୍ଥାନକୁ ସଫା ରଖିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ।



ସ୍ୱେଚ୍ଛାସେବୀ କର୍ମୀମାନେ ରାସ୍ତା ସଫେଇ କରୁଛନ୍ତି।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ସାଲେପୁର/ବଡ଼ମ୍ବା/ବାଙ୍କୀ/ଆଠଗଡ଼/ତିଗିରିଆ, ୨୩।୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଗୁରୁବାର କଟକ ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ଅବସରରେ ସାଲେପୁର ବ୍ଲକରେ ଅଟଳ ସେନା ପକ୍ଷରୁ ରାଇସୁଙ୍ଗୁଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଟଳ ସେନାର ରାଜ୍ୟ ଅଧ୍ୟକ୍ଷ ଦିବାକର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିପିନ୍ ବିହାରୀ କର ଯୋଗଦେଇଥିଲେ। ବ୍ଲକର ପ୍ରଜ୍ଞାପୀଠରେ ଆୟୋଜିତ ନେତାଜୀଙ୍କ ଜୟନ୍ତୀ ସମାରୋହକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବପିଢ଼ୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜୟନ୍ତୀ କମିଟି ପକ୍ଷରୁ ବିଧାୟକ ବେହେରାଙ୍କୁ ନେତାଜୀ ସୁଭାଷ ବୋଷ ପ୍ରତିଭା ସମ୍ମାନ - ୨୦୨୦ ପ୍ରଦାନ କରାଯାଇଥିଲା। ବଡମ୍ବାରେ ବ୍ଲକ ବିଜେଡି ପକ୍ଷରୁ ସୁନାପାଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ୍ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଅନୁସୂୟା ନାଏକ, ସର୍ବେଶ୍ୱର ସ୍ୱାଇଁ ଓ ଶାରଦା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୂପତି ଭୂଷଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ସଦାନନ୍ଦ ବାରିକ ଓ ମୁଖ୍ୟବକ୍ତା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି କ୍ୟାପଟେନ୍ ଡ.ସନ୍ଧ୍ୟାରାଣୀ ମହାନ୍ତି ଯୋଗଦେଇଥିଲେ। ଆଠଗଡ଼ ବ୍ଲକରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ରନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ସେହିପରି ଭାଜପା କାର୍ଯ୍ୟାଳୟରେ ବ୍ରଜେନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଠଗଡ଼ ବିକାଶ ପରିଷଦ ତରଫରୁ ସ୍ଥାନୀୟ ପୂର୍ତ୍ତବିଭାଗ ଡ଼ାକବଙ୍ଗଳାଠାରୁ ନେତାଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମଶାଲ ଶୋଭାଯାତ୍ରା ହୋଇଥିଲା। ଆଠଗଡ଼ ଥାନା ଅନ୍ତର୍ଗତ ସଠିଲୋ ଗ୍ରାମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ସ୍ଥିତ ପୋପରା ଆଶ୍ରମ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟିକଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କମ୍ବଳ, ମସିଣା, ବିଛଣା ଚଦର ଓ ୨ଟି ୱାସିଙ୍ଗ ମେସିନ୍ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଗହମରସାହିର ନେତାଜୀ ପାଠାଗାରରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ନେତାଜୀଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।



ଆଠଗଡ଼ ବିକାଶ ପରିଷଦ ତରଫରୁ ଆୟୋଜିତ ମଶାଲ ଶୋଭାଯାତ୍ରା।



ତିଗିରିଆରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।



ମନୁଷ୍ୟ ଖିଅର ହୋଇସାରିବା ପରେ, ତେଲ ଲଗାଇଲା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।

-ଚାଣକ୍ୟ



## ସଂକ୍ଷେପରେ

### ୨ଟି ସ୍ୱଲ ବୋଝେଇ ଟ୍ରକ୍ ଜବତ

ଖୋର୍ଦ୍ଧା ଅଫିସ, ୨୩।୧: ଖୋର୍ଦ୍ଧା ସଦର ଥାନା ପୋଲିସ କୁରାଢ଼ମଲ୍ଲ ଅଞ୍ଚଳରୁ ୨ଟି ସ୍ୱଲ ବୋଝେଇ ଟ୍ରକ ଜବତ କରିଛି। ଟ୍ରକ ଦୁଇଟି ବିନା ୱାଇ ଫର୍ମରେ ସ୍ୱଲ ନେଉଥିବା ଜଣାପଡିଥିଲା । ପ୍ରକାଶଥାଉ କି ଜାତୀୟ ରାଜପଥରେ ବେଆଇନ ଭାବେ କଳାମୁଗୁନି ପଥର, ସ୍ୱଲ, ଚିପ୍ସ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି ।

### ସଂଘବଦ୍ଧ ଆକ୍ରମଣ, ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୧(ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ଭବାନୀ ମଲ୍ ନିକଟରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ରହୁଥିବା ନିଆଳି ଥାନା ସୁନ୍ଦରଦା ଗ୍ରାମର ବିକାଶ କୁମାର ବାରିକ ଓରଫ ଲିପୁ (୩୦)। ସୂଚନା ମୁତାବକ, ଶହୀଦନଗର ପ୍ଲଟ୍ ନଂ.୯ରେ ରହୁଥିବା ଦୀପକ କୁମାର ପାତ୍ର ବୁଧବାର ସନ୍ଧ୍ୟାରେ ସାଙ୍ଗଙ୍କ ସହ ଭବାନୀ ମଲ୍ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ପୂର୍ବଶତ୍ରୁତାକୁ ନେଇ ଅଭିଯୁକ୍ତ ଲିପୁ ଓ ସହଯୋଗୀମାନେ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୀପକଙ୍କ ସାଙ୍ଗ ଆଶିଷ ଯାଦବଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଦୀପକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ପୁଣି ଚାଲିଲା ୧୭ ବେଆଇନ ଖଣି



ବେଆଇନ ଭାବେ ପାହାଡରୁ ପଥର କଟାଯାଉଛି ।

**ଖୋର୍ଦ୍ଧା ଅଫିସ,୨୩।୧:**

- ଏସ୍‌ଟିଏଫ୍ ଚଢ଼ାଉ ବନ୍ଦ
- ଲଗାମ ନାହିଁ ପ୍ରଶାସନର

ଏସ୍‌ଟିଏଫ୍‌ର ଚଢ଼ାଉ ବନ୍ଦ ହୋଇଯିବା ପରେ ଫନ୍ଦି ଫିକର କରି ପୁଣି ବେଆଇନ ଭାବେ କଳାମୁଗୁନି ଖଣି ଚାଲିଛି। ଖୋର୍ଦ୍ଧା ସବ୍‌ଡିଭିଜନରେ ପ୍ରାୟ ୧୭ଟି ବେଆଇନ କଳାମୁଗୁନି ପଥର ଖଣି ଚାଲିଥିବା ଅଭିଯୋଗ ରହିଛି। ତହସିଲ କର୍ତ୍ତୃପକ୍ଷ ଓ ପୋଲିସର ଲୋକ ଦେଖାଣିଆ ଚଢ଼ାଉ ପଥର ଚୋରିକୁ ରୋକିବାରେ ସକ୍ଷମ ହୋଇପାରିନାହିଁ। ଲଘୁ ଖଣିଜ ଚୋରି ରୋକିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ନିର୍ଦ୍ଦେଶ ମଧ୍ୟ ଶୀତଳଭଣ୍ଡାରରେ ରହିଗଲା। ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ପଦାର୍ଥ ଭରପୂର ହୋଇ ରହିଥିଲେ ମଧ୍ୟ ଏହାର ସଦୁପଯୋଗ ହେଉନାହିଁ।

### ୱାର୍କ ଅର୍ଡର ଖଣି ପାଖରେ ବେଆଇନ ଖନନ

ଖୋର୍ଦ୍ଧା ଓ ବେଗୁନିଆ ତହସିଲର ୪୬ଟି କଳାମୁଗୁନି ପଥର ଖଣିରୁ ୭ ଖଣି ୱାର୍କ ଅର୍ଡର ପାଇଛି। ଅନ୍ୟ ଖଣିଗୁଡିକ ୱାର୍କ ଅର୍ଡର ପାଇ ନ ଥିଲେ ମଧ୍ୟ ବେଆଇନ ଭାବେ ଖନନ ହେଉଥିଲା। ତେବେ ଏସ୍‌ଟିଏଫ୍‌ର ଚଢ଼ାଉ ପରେ ବେଆଇନ ଖଣି ଖନନ ବନ୍ଦ ରହିଥିଲା। ୱାର୍କ ଅର୍ଡର ପାଇବା ପରେ ୭ ଖଣି ଚାଲିଥିଲା। ତେବେ କିଛିଦିନର ନୀରବତା ପରେ ୱାର୍କ ଅର୍ଡର ପାଇଥିବା ଚତୁଃପାର୍ଶ୍ୱରେ ପୁଣି ୧୭ ଖଣି ବେଆଇନ ଭାବେ ଚାଲିଥିବା ଅଭିଯୋଗ ଉଠିଲାଣି। ବେଆଇନ ଖଣି ଖନନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲାପାଳ, ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ।

### ବେଆଇନ ଖଣି ଖନନ ରୋକିବାକୁ ନିବେଦନ

ଖୋର୍ଦ୍ଧା ତହସିଲ କାଇପଦର ମୌଜା ଧନିଆ ଉତ୍ତର ତରଫ (ଊ) ପଥର ଖଣିରୁ ବେଆଇନ ଭାବେ ପଥର ଖନନ ଚାଲିଛି। ସମ୍ପୃକ୍ତ ଖଣିର ନିଲାମଧାରୀ କଟକ ଜିଲା ଭାଣପୁର ପ୍ରତାପନଗରୀର ସୁନୀତା ସ୍ୱାଇଁ ଅଟନ୍ତି। ଉକ୍ତ ଖଣିର ସମସ୍ତ କାଗଜାତ ଶେଷ ହୋଇଥିଲେ ମଧ୍ୟ ପରିବେଶ ମଞ୍ଜୁରୀ ପତ୍ର ମିଳିନାହିଁ। ପରିବେଶ ମଞ୍ଜୁରୀ ପତ୍ର ସିଆ କମିଟିର ବିଚାରାଧୀନ ରହିଛି, ଯାହାଦ୍ୱାରା ସୁନୀତା ଖଣି କାର୍ଯ୍ୟ ଆରମ୍ଭ କରି ପାରୁନାହାନ୍ତି। ସେପଟେ ଅନ୍ୟ ଜଣେ ବ୍ୟକ୍ତି ସମ୍ପୃକ୍ତ ଖଣିରୁ ବେଆଇନ ଖନନ ଗୁଣ୍ଡାଙ୍କ ଉପସ୍ଥିତିରେ କରି ଚାଲିଛନ୍ତି। ଏ ନେଇ ସେ ଶ୍ରୀମନ୍ଦିର ପ୍ରଶାସନ, ଜିଲାପାଳ, ଥାନାକୁ ଅବଗତ କରାଇଥିଲେ ମଧ୍ୟ ଫାଇଲ ଶୀତଳଭଣ୍ଡାରରେ ପଡିରହିଛି।

### ୱାଇଫର୍ମର ଅପବ୍ୟବହାର

ୱାଇ ଫର୍ମର ଅପବ୍ୟବହାର କରି ଆଇନ ମୁତାବକ ଦର୍ଶାଇ ଚାଲିଛି ବେଆଇନ ପଥର ଚାଲାଣ। ଧରପଗଡ ହେଲେ ୱାଇ ଫର୍ମରେ ତାରିଖ ପକାଇ ସବୁ କିଛି ଠିକ୍‌ଠାକ୍ ଚାଲିଛି ବୋଲି ଦର୍ଶାଯାଏ। ନ ହେଲେ ତାରିଖ ନ ପକାଇ ୱାଇ ଫର୍ମରେ ଏକାଧିକ ଥର, ୩ରୁ ୫ ଦିନ ପର୍ଯ୍ୟନ୍ତ ମଧ୍ୟ ପଥର ଚାଲାଣ ହେଉଛି। ଏ ନେଇ ଜଣେ ଟ୍ରକ ଡ୍ରାଇଭର କହିଛନ୍ତି, ଧରପଗଡ ନ ହେବାକୁ ପୁଣି ହାତଗୁଞ୍ଜା କାରବାର ଚାଲିଛି। ଧରପଗଡ ହେଲେ ଆଗୁଆ ସୂଚନା ମିଳୁଛି। ଡରିବାର କିଛି ନାହିଁ। କାରଣ କାଗଜାତ ପାଖରେ ଅଛି। ୱାଇ ଫର୍ମର ଅପବ୍ୟବହାର ବଢୁଥିଲେ ମଧ୍ୟ ଏହାକୁ ରୋକିବା ସମ୍ଭବ ନୁହେଁ। କାରଣ ଦୁର୍ନୀତି ତଳୁ ଉପରସ୍ତର ପର୍ଯ୍ୟନ୍ତ ଲମ୍ବିଛି। ପୁଣି ଏସ୍‌ଟିଏଫ୍ ଚଢ଼ାଉ ହେଲେ ଭୟ ରହିବ। ତେବେ ନିକଟରେ ଏସଟିଏଫ୍ ଚଢ଼ାଉ ହେବାର ନାହିଁ। ସେଥିପାଇଁ ବି ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

## ଆଇଏଚ୍‌ଇପିଏର ଦୁଇଦିନିଆ ୮ମ ବାର୍ଷିକ ସମ୍ମିଳନୀ




ସମ୍ମିଳନୀରେର ଉପସ୍ଥିତ ଅତିଥିମାନେ ।

**ଜଟଣୀ,୨୩।୧(ଡି.ଏନ.ଏ.):**

ଭାରତୀୟ ସ୍ୱାସ୍ଥ୍ୟ ଅର୍ଥନୀତି ଓ ଯୋଜନା ସଙ୍ଗଠନ (ଆଇଏଚ୍‌ଇପିଏ)ର ଦୁଇଦିନିଆ ୮ମ ବାର୍ଷିକ ସମ୍ମିଳନୀ ନାଇଜର ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଏହାକୁ ଗୁରୁବାର ଉଦ୍‌ଘାଟନ କରିଥିଲେ। ଏଥିରେ ଲଣ୍ଡନସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଇକ୍ୱିଟିର(ୟୁନିଭରସିଟି କଲେଜ) ପ୍ରଫେସର ମାଇକେଲ ମାର୍ମଟ ଯୋଗଦେଇ ଗୃହ, କାର୍ଯ୍ୟ ଓ ସାମାଜିକ ବ୍ୟବସ୍ଥା ସୁବ୍ୟବସ୍ଥିତ ରହିଲେ ମନୁଷ୍ୟର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ବୋଲି କହିଥିଲେ। ଏଥିପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ। ସାମାଜିକ ନ୍ୟାୟ ଓ ସ୍ୱାସ୍ଥ୍ୟ ସମାନତା ଉପରେ ବକ୍ତବ୍ୟ ରଖି ସ୍ୱାସ୍ଥ୍ୟ ଏବଂ ସମାଜ ବ୍ୟବସ୍ଥା ଉପରେ ବିସ୍ତୃତ ଭାବେ କହିଥିଲେ। ସଙ୍ଗଠନର ସଭାପତି ତଥା ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀଲତା ରାଓ ଶେଷାଦ୍ରୀଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଦେଶ ବିଦେଶରୁ ୧୫୦ରୁ ଊର୍ଦ୍ଧ୍ୱ ଗବେଷକ ଯୋଗଦେଇଛନ୍ତି। ଅପରାହ୍ନ ଅଧିବେଶନରେ ଓଡ଼ିଶାରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଭାରତୀୟ ସ୍ୱାସ୍ଥ୍ୟସେବା ସଂସ୍ଥାର ପ୍ରଫେସର ସରିତ୍ କୁମାର ରାଉତ, ୟୁନିସେଫ୍‌ର ମୀନା ସୋମ୍, ଏମ୍‌ସର ପ୍ରଫେସର ବିନୋଦ ପାତ୍ର, ଆଇଆଇପିଏଚ୍‌ର ଡା. ଶ୍ରୀଧର କଦମ ବକ୍ତବ୍ୟ ରଖିଥିଲେ। ନାଇଜରର ସାମାଜିକ ବିଜ୍ଞାନ ବିଭାଗର ପ୍ରଫେସର ଅମରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ତର୍ଜାତୀୟ ଜନସଂଖ୍ୟା ବିଜ୍ଞାନ ସଙ୍ଗଠନର ନିର୍ଦ୍ଦେଶକ ଡ. କେ.ଏସ୍. ଜେମ୍‌ସ ଧନ୍ୟବାଦ ଦେଇଥିଲେ। ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ମଧ୍ୟ ବକ୍ତବ୍ୟ ରଖିଥିଲେ।

# କାଉନ୍‌ସେଲିଂ କଲେ ମାନସିକ ବିଶେଷଜ୍ଞ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):**

**ପ୍ରଦୀପ ସେଠୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

ଚିଟ୍‌ଫଣ୍ଡ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଝାରପଡା ଜେଲରେ ଥିବା ପ୍ରଦୀପ ସେଠୀ ଗତ ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ମାନସିକ ରୋଗ ଡାକ୍ତରଙ୍କ ନିକଟରେ କାଉନସେଲିଂ କରାଯିବା ପରେ ଔଷଧ ଦିଆଯାଇଥିବା ଜଣାପଡିଛି। ଏପରି କି ପ୍ରତି ସପ୍ତାହରେ ମାନସିକ ରୋଗ ଡାକ୍ତରଙ୍କ ଦ୍ୱାରା ତାଙ୍କୁ ଚିକିତ୍ସା କରାଯିବ ବୋଲି ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କର ମାନସିକ ଅବସ୍ଥା ଠିକ୍ ନ ଥିବାରୁ ତାଙ୍କ ଉପରେ କିଛିଦିନ କଡା ନଜର ରଖାଯିବ। ସେ ଯାଉଥିବା ଶୌଚାଳୟରେ ଆତ୍ମହତ୍ୟା କରାଯାଇପାରିବା ଭଳି ସାମଗ୍ରୀ ରଖାଯିବ ନାହିଁ। ଅନ୍ୟପକ୍ଷରେ ପ୍ରଦୀପଙ୍କ ମଧୁମେହ ରୋଗ ଥିବାରୁ ତାଙ୍କର ଆଖି ସମସ୍ୟା ଦେଖାଯାଉଛି। ତେଣୁ ଗୁରୁବାର ପୂର୍ବାହ୍ନ ୧୦ଟା ରେ ତାଙ୍କ ଆଖି ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଯିବା ପରେ ମେଡିସିନ୍ ନେଇ ଅପରାହ୍ନ ପ୍ରାୟ ୨ଟା ରେ ଝାରପଡା ଜେଲକୁ ଫେରିଥିଲେ। ସୂଚନାଥାଉ କି, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ପ୍ରଦୀପ ଏକ ଇନ୍‌ଭର୍ଟରର ତାର ଛିଣ୍ଡାଇ ଶୌଚାଳୟର କବାଟକୁ ଭିତରୁ ବନ୍ଦ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

### ଖୁବ୍‌ଶୀଘ୍ର ଜେଲରେ ଲାଗିବ ୫ଜି ଜାମ୍‌ର

ଅନେକ ସମୟରେ ଜେଲରେ ଅପରାଧୀମାନେ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି। ଏପରିକି ଅଣ୍ଡ୍ରୋଏଡ ଫୋନ୍ ମଧ୍ୟ ଜେଲ ଭିତରକୁ ନେଉଥିବା ନଜର ରହିଛି। ଜେଲରେ ଥିବା ୨ଜି ଜାମ୍‌ର ବଦଳାଯିବ। ଏବେ ଅତ୍ୟାଧୁନିକ ମୋବାଇଲ୍ ଫୋନ ତଥା ୩ଜି, ୪ଜି ବାହାରିଥିବାରୁ ତାକୁ ଜାମ୍‌ର ଧରିପାରୁନି। ତେଣୁ ଏଥର ଜେଲରେ ୫ଜି ଜାମର ଲଗାଯିବାର ଯୋଜନା କରାଯାଇଛି। ପ୍ରଥମ ଫେଜରେ ଝାରପଡା, ଚୌଦ୍ୱାର ଓ ବ୍ରହ୍ମପୁର ଜେଲରେ କରାଯିବ। ଏହାଦ୍ୱାରା ଜେଲରେ ଅତ୍ୟାଧୁନିକ ମୋବାଇଲ୍ ଫୋନ ଗଲେ ଏହା ଚିହ୍ନଟ କରିଦେବ ବୋଲି ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

# ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର

**କୃଷ୍ଣପ୍ରସାଦ,୨୩।୧(ଡି.ଏନ.ଏ.)**



ପୁରୀ ଜିଲା ଅନ୍ତଗତ କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ କଳା ଓ ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ତରଫରୁ ସ୍ୱତନ୍ତ୍ର ଶିବିର ବଜ୍ରକୋଟ ଗ୍ରାମଠାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଶିବିରରେ ୩୦ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିବା ବେଳେ ସ୍ୱଚ୍ଛତା ଅଭିଯାନ,ସଡକ ସୁରକ୍ଷା ସହିତ ସ୍ୱାସ୍ଥ୍ୟ ସଚେତନତା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହି ଶିବିର ୭ଦିନ ଧରି ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପ୍ରଭାତ କୁମାର ଆଚାର୍ଯ୍ୟ, କୈଳାଶ ଚନ୍ଦ୍ର ବାରିକ,ଶୈଳବାଳା ବେହୁରା,ଗୋପାଳ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ସ୍ମିତା ମହାରଣା,ମଧୁସୂଦନ ସାହୁ,କ୍ରୀଡା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ,ଏମ୍ ଜେଡ୍ ହୁସେନ୍,ବରିଷ୍ଠ କିରାଣୀ ପ୍ରକାଶ ଚନ୍ଦ୍ର ଗୌଡ, ଦୀଲ୍ଲିପ କୁମାର ଦଳେଇ,ଗ୍ରନ୍ଥାଗାର ରମାନାଥ ପ୍ରଧାନ ପ୍ରମୁଖ ଶିବିରରେ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ଗଡ଼ିଶାଗୋଦାରେ କଳିଭାଗବତ ସେମିନାର

**କଣାସ,୨୩।୧(ସ୍ୱ.ପ୍ର.):**

ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପଲ୍ଲୀପଲ୍ଲବ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁ ରାମବିହାରୀ ମଣ୍ଡପଠାରେ କଳିଭାଗବତ ସେମିନାର ଓ ସପ୍ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସଦେବଙ୍କ ୧୧୭ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଭକ୍ତଙ୍କ ଦ୍ୱାରା ଶ୍ରୀଗୁରୁବନ୍ଦନା ଗାନ କରାଯାଇଥିଲା। ଶ୍ରୀ ଠାକୁରଙ୍କୁ ଷୋଡ଼ଶ ଉପଚାର ପୂଜାନୀତି ପରେ ଭଜନ,ଜଣାଣ ଗାନ ହୋଇଥିଲା। ଠାକୁର ଶ୍ରୀ ଅଭିରାମଙ୍କ ବିରଚିତ 'କଳି ଭାଗବତ'ର ତାତ୍ତ୍ୱିକ ଆଲୋଚନା ସମ୍ବନ୍ଧୀୟ ଏହି ସେମିନାର୍‌ରେ କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ଅଧ୍ୟକ୍ଷତା କରିଥିଲେ। ଗବେଷିକା ଲବଙ୍ଗଲତା ସାମନ୍ତରାୟ, ଭ୍ରମର ବେହେରା, ଜୟକୃଷ୍ଣ ରାଉତରାୟ, କଳ୍ପନା ଜେନା, ଦିବାକର ସାମନ୍ତରାୟ ପ୍ରମୁଖ ଏଥିରେ ଭାଗନେଇଥିଲେ। ଗୌରାଙ୍ଗ ଦଳାଇ, ଭରତ ସାହୁ, ତ୍ରିନାଥ ରାଉତରାୟ ପ୍ରମୁଖ ସଂଯୋଜନା କରିଥିଲେ। ଶେଷରେ ଉଦଣ୍ଡକୀର୍ତ୍ତନ, ଦଶାବତାର ଗାନ ପରେ ସେମିନାର ଉଦ୍‌ଯାପିତ ହୋଇଥିଲା।

# ଖୋର୍ଦ୍ଧା ଆଇନ କଲେଜର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

**ଖୋର୍ଦ୍ଧା ଅଫିସ, ୨୩।୧:**

ଖୋର୍ଦ୍ଧା ଆଇନ୍ କଲେଜ ପରିସରରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସହ ନେତାଜୀ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟ କଲେଜ ଡେଭଲପ୍‌ମେଣ୍ଟ କାଉନ୍‌ସିଲ୍‌ର ଅଧ୍ୟକ୍ଷା ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଯୋଗଦେଇ କଲେଜରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଲ' ଖୋଲାଯିବା ପ୍ରସ୍ତାବ ବିଚାରାଧୀନ ଥିବା କହିବା ସହ କମ୍ପ୍ୟୁଟର ଲାବରେଟୋରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ କଲେଜର ମୁଖପତ୍ର 'କୌଟିଲ୍ୟ'କୁ ଉନ୍ମୋଚନ କରିଥିଲେ। ସେହିପରି ଅନ୍ୟତମ ଅତିଥି ରୂପେ ଡା. ଧୀରେନ୍ଦ୍ରନାଥ ପଟ୍ଟନାୟକ ଯୋଗଦେଇ ନେତାଜୀଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିସହ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ଯୋଗଦେଇଥିବା ଚମ୍ପାଇଲୋ ଗ୍ରାମର ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଡ. ନାରାୟଣ ରାଓ, ଅବସରପ୍ରାପ୍ତ ମେଜର୍ ଜେନେରାଲ୍ ରାଜେନ୍ଦ୍ର କୁମାର ସାମନ୍ତରାୟ, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ବାର୍ କାଉନ୍‌ସିଲର ସଭାପତି ପ୍ରାଣକୃଷ୍ଣ ଦଳବେହେରା, ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ କଲେଜର ବିକାଶ ତଥା ନେତାଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା ଓ ଡ. ଝରାଶ୍ରୀ ପାଇକରାୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କଲେଜ ସମ୍ପାଦକ ସୁଧୀର କୁମାର ମାନସିଂହ ସ୍ୱାଗତଭାଷଣ, ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ବିବରଣୀ ପାଠ ଓ ଅଧାପିକା ପିଆଲି ବିଶ୍ୱାସ ଧନ୍ୟବାଦ ଦେଇଥିଲେ। ଅଧାପକ ପ୍ରକାଶ ଚନ୍ଦ୍ର ବେହେରା, ରାଜଲକ୍ଷ୍ମୀ ରଥ ଓ ଅବଦୁଲ ଜାଫର୍, ତାରାକାନ୍ତ ବଡ଼ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ସ୍ମୃତିପ୍ରଭା ପଣ୍ଡାଙ୍କ ଓଡ଼ିଶୀ ଦଶ ଅବତାର ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା।

### ପାଇକତିଗିରିଆରେ ହାତୀ ଭାଙ୍ଗିଲା ଘର

**ଖୋର୍ଦ୍ଧା ଅଫିସ, ୨୩।୧:**

ଖୋର୍ଦ୍ଧା ତହସିଲ ପାଇକତିଗିରିଆରେ ବୁଧବାର ରାତିରେ ଏକ ମାଈ ହାତୀ ଘର ଭାଙ୍ଗି ଧାନ ଖାଇଛି। ନବକିଶୋର ଶତ୍ରୁଶଲ୍ୟଙ୍କର ଦାଣ୍ଡ ପାର୍ଶ୍ୱ ଆଜବେଷ୍ଟସ ଘର ଭାଙ୍ଗିଛି। ତେବେ ଘର ଭାଙ୍ଗିଲା ବେଳେ କାନ୍ଥ ପଡି ବାଇକ୍ ନଷ୍ଟ ହୋଇଯାଇଛି। ସନିଆ ନାୟକଙ୍କ ଘର କାନ୍ଥ ଭାଙ୍ଗିଥିବାବେଳେ ବାମଦେବଙ୍କର ବାରିପଟ ଗେଟ ଭାଙ୍ଗି ହାତୀ ଧାନ ଖାଇ ଦେଇଛି। ପରେ ଟାଙ୍ଗିଆପଡା ଦେଇ ନିଆଳ ଜଙ୍ଗଲକୁ ହାତୀଟି ପଳାଇଛି।



# ନେତାଜୀ ଜୟନ୍ତୀ ପାଳିତ

**ଖୋର୍ଦ୍ଧା ଅଫିସ, ୨୩।୧:**

ଅଲ ଇଣ୍ଡିଆ ଡିଏସ୍‌ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଉଇଲକିଶନ ନଗର ନୂଆଗାଁ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଡିଏସଓ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାମାଣିକଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶକ ଓ ପ୍ରଯୋଜକ ସମ୍ବିଦ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ଡିଏସ୍‌ଓ ରାଜ୍ୟ କମିଟି ସଦସ୍ୟ ଅବିନାଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅର୍ଜୁନ ସାହୁ ଓ ଅନୁପମା ମହାନ୍ତି ନେତାଜୀଙ୍କ ସମ୍ପର୍କରେ କହିଥିଲେ। ଛାତ୍ରନେତା ସାଗର ସାହୁ, ସତ୍ୟବ୍ରତ ଦାସ, ଚନ୍ଦ୍ରକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିମାନେ ।

# ପିଲାର ଲାଳନପାଳନ ପାଇଁ ଜନ୍ମଦାତ୍ରୀ ଅସହାୟ

**ବୋଲଗଡ,୨୩।୧(ଡି.ଏନ.ଏ.)**

ଅଭାବ ଅନଟନ ଆଗରେ ହାର୍ ମାନିଛି ମାତୃତ୍ୱ। ଦାରିଦ୍ର୍ୟ ଯୋଗୁ ନିଜର ନବଜାତକ କନ୍ୟାକୁ ଲାଳନପାଳନ ପାଇଁ ଅନ୍ୟହାତକୁ ଟେକି ଦେଇଛନ୍ତି ମା'।

ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ମାଳିସାହି ଗ୍ରାମରେ। ଏହି ଗ୍ରାମର ଅଭାବୀ ମହିଳା ବନିତା ବିଶ୍ୱାଳ (୩୦)ଙ୍କର ୩ଟିକନ୍ୟା ଥିଲା ବେଳେ ଗତ ୧୦ତାରିଖରେ ସେ ଆଉ ଗୋଟିଏ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଅର୍ଥାଭାବ କାରଣରୁ ତାଙ୍କର ତିନିଗୋଟି କନ୍ୟା ସନ୍ତାନଙ୍କର ଲାଳନ ପାଳନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ। ଏପରି କି ପିଲାମାନଙ୍କର ପୁଷ୍ଟି ସାଧନ ପାଇଁ ବନିତା ଆବଶ୍ୟକୀୟ ଖାଦ୍ୟ ପଦାର୍ଥ ଯୋଗାଇବାରେ ଅସମର୍ଥ ହେଉଛନ୍ତି। ସ୍ୱାମୀ ଦିନ ମଜୁରି କରିବା ପାଇଁ ବାହାର ରାଜ୍ୟକୁ ଯାଇଛନ୍ତି। ଯାହାକିଛି ଅର୍ଥ ପଠାନ୍ତି ତାହା ପରିବାରର ଆବଶ୍ୟକତା ମେଣ୍ଟାଇ ପାରି ନ ଥାଏ। ଏଭଳି ପରିସ୍ଥିତିରେ ଆଉ ଏକ ନବଜାତକ କନ୍ୟାର ଲାଳନପାଳନ କରିବା ଜନ୍ମଦାତ୍ରୀ ବନିତାଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଛି। କନ୍ୟାସନ୍ତାନଟିକୁ ଖୋର୍ଦ୍ଧାର ଏକ ଦମ୍ପତି କୋଳେଇ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ । ଫଳରେ ଶିଶୁକନ୍ୟା ଭଲରେ ବଞ୍ଚିବା ପାଇଁ ବନିତା ସ୍ୱଇଚ୍ଛାରେ ପିଲାକୁ ଟେକି ଦେଇଥିବା କହିଛନ୍ତି । ମାତ୍ର ଆଇନର ବ୍ୟବସ୍ଥା ଅନୁସାରେ ଖବର ପାଇ ଗୁରୁବାର ଶିଶୁଟିର ସୁରକ୍ଷା ତଥା ଭବିଷ୍ୟତ ପାଇଁ ଖୋର୍ଦ୍ଧା ସିଡବ୍ଲ୍ୟୁସି କମିଟି କର୍ମଚାରୀ ଆସି ପହଞ୍ଚିଥିଲେ । ବନିତା ଏବଂ ଶିଶୁଟିକୁ କୋଳେଇ ନେଇଥିବା ଦମ୍ପତି ନବଜାତକ ସହ ବୋଲଗଡ ଥାନାରେ ପହଞ୍ଚିଥିଲେ। ଥାନା ଆଇଆଇସି ସେଖ ଆକବର ଅଲ୍ଲୀଙ୍କ ଉପସ୍ଥିତିରେ, ଖୋର୍ଦ୍ଧା ସିଡବ୍ଲ୍ୟୁସି କୋର୍ଡିନେଟର ଇତିଶ୍ରୀ ମହାରଣା ନବଜାତ ଶିଶୁ, ଜନ୍ମଦାତ୍ରୀ ମାଆ ବନିତା ଏବଂ କୋଳେଇନେଇଥିବା ଦମ୍ପତିଙ୍କୁ ସାଥିରେ ନେଇ ଖୋର୍ଦ୍ଧା ଚାଇଲ୍ଡ ଲାଇନକୁ ଯାଇଥିଲେ। ସେଠାରେ ଆଇନ ଅନୁସାରେ ପୋଷ୍ୟ ଭାବେ କନ୍ୟା ସନ୍ତାନଟିକୁ ରଖିବାକୁ ଚାହୁଁଥିବା ଦମ୍ପତିଙ୍କୁ ଦିଆଯିବାର ବ୍ୟବସ୍ଥା ହୋଇପାରିବ ବୋଲି କହିଛନ୍ତି ସିଡବ୍ଲ୍ୟୁସି କୋର୍ଡିନେଟର । ଅନ୍ୟପକ୍ଷେ ବନିତାଙ୍କ ସ୍ୱାମୀ ରାଜ୍ୟ ବାହାରକୁ ଦିନ ମଜୁରିଆ ଭାବେ ଯାଇଥିବାବେଳେ ମାଟି ଚାଳଘର ବଖରାଟିରେ ୩ଜଣ ଝିଅଙ୍କୁ ଧରି ରହୁଛନ୍ତି ବନିତା । ପରିବାର ସଂଖ୍ୟା ୫ ହୋଇଥିଲା ବେଳେ ମିଳୁଛି ତିନିଜଣଙ୍କ ପାଇଁ ୧୫କେଜି ଚାଉଳ । ସାହି ପଡିଶାରୁ ମାଗିଯାଚି ଖାଇବାକୁ ବାଧ୍ୟ ହେଉଛନ୍ତି ଏହି ପରିବାର। ପିଲାମାନଙ୍କ ମଧ୍ୟରେ ଜଣେ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ଜଣେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ଅନ୍ୟଜଣେ ଅଙ୍ଗନୱାଡି ଯାଉଛନ୍ତି । କିଭଳି ଅପପୁଷ୍ଟିରୁ ପିଲାମାନଙ୍କୁ ବଞ୍ଚାଇ ହେବ ସେଥି ପ୍ରତି ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ପୂର୍ବତନ ସରପଞ୍ଚ କିଶୋର ହୋତା ଦାବି କରିଛନ୍ତି।



ବୋଲଗଡ ଥାନାଠାରେ ସିଡବ୍ଲ୍ୟୁସି କୋଅର୍ଡିନେଟର, ୪କନ୍ୟା ସନ୍ତାନଙ୍କ ସହିତ ଜନ୍ମଦାତ୍ରୀ ମାଆ।

**କୋଳେଇ ନେଇଥିଲେ ଏକ ଦମ୍ପତି, ଉଦ୍ଧାର କଲା ସିଡବ୍ଲ୍ୟୁସି**



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଢ଼େ ସ୍ପର୍ଦ୍ଧା, ତ୍ୟାଗରେ ବଢ଼େ ମହତ୍ତ୍ୱ।

-ଶିରିଡ଼ି ସାଇବାବା

## ସଂକ୍ଷେପରେ

### ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ଟାଙ୍ଗୀ (ଖୋର୍ଦ୍ଧା) ୨୩।୧ (ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍ କୁହୁଡି ତାଳଡିହର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିଶୁମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପବିତ୍ର କୁମାର ପ୍ରଧାନ ଛାତ୍ରୀଛାତ୍ରଙ୍କୁ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଉତ୍କଳ ସାମ୍ବାଦିକ ସଂଘ ଟାଙ୍ଗୀ ଶାଖା ତରଫରୁ ରଘୁନାଥ ମନ୍ଦିର ପରିସର ସତ୍ୟସାଇ କଲ୍ୟାଣୀମଣ୍ଡପରେ ଏହି ଉତ୍ସବ ପାଳନ କରାଯାଇଛି। ସଂଘ ସଭାପତି ନିରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଜିଲା ସଭାପତି ପ୍ରଭାତ କୁମାର ମିଶ୍ର, ସମ୍ପାଦକ ମାନସ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସେହିପରି ଭାରତର ଛାତ୍ର ଫେଡେରେସନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ବଳରାମଦେବଙ୍କ ମନ୍ଦିର ପରିସରରୁ ଶତାଧିକ ଛାତ୍ରୀଛାତ୍ର ଗଣଦୌଡରେ ସାମିଲ ହୋଇ ବଜାର ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ଶିକ୍ଷକନେତା ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଏସ୍ଏଫ୍ଆଇ ପୂର୍ବତନ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଯୁବ ସଂଗଠକ ସରୋଜ ନାୟକ, ଏସ୍ଏଫ୍ଆଇର ରାଜ୍ୟ ସମ୍ପାଦକ ବିପ୍ଲବ ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**କୃଷ୍ଣପ୍ରସାଦ,୨୩।୧(ଡି.ଏନ.ଏ.)-** କୃଷ୍ଣପ୍ରସାଦ ବ୍ଲକରେ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କର ବ୍ଲକସ୍ତରୀୟ ୧୩୨ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଗୁରୁବାର ମାଲୁଦସ୍ଥିତ ମଲେଶ୍ୱରୀ ବ୍ଲକ ପୀଠରୁ ଏକ ସୁସଜ୍ଜିତ ବିମାନରେ ଅନୁକୂଳଚନ୍ଦ୍ରଙ୍କ ଫଟୋକୁ ଅବସ୍ଥାପିତ କରି ଖୋଳତାଳ ସହ ସଙ୍କୀର୍ତ୍ତନ ମାଧମରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଠାକୁରଙ୍କୁ ମାଲୁଦ ୫ସାହି ଭ୍ରମଣ ପରେ ମଲେଶ୍ୱରୀ ସତ୍ସଙ୍ଗ ବିହାରରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା । ଏଥିରେ ବହୁ ପ୍ରବଚକ ଯୋଗଦେଇ ପ୍ରବଚନ ଦେଇଥିଲେ । ପ୍ରକାଶ ଚନ୍ଦ୍ର ଗୌଡ, ନିରଞ୍ଜନ ବିଶ୍ୱାଳ, ଶ୍ରୀକାନ୍ତ କୁମାର ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

### ଘର ଆଗରୁ ବାଇକ୍ ଚୋରି

ପୁରୀ ଅଫିସ, ୨୩।୧: ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ରଙ୍କ ଜଗନ୍ନାଥ କଲୋନୀସ୍ଥିତ ବାସଭବନ ଆଗରୁ ତାଙ୍କ ବାଇକ ଚୋରି ହୋଇଯାଇଛି। ଏ ନେଇ ବିଜୟ ଗୁରୁବାର ତାଳବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପୂର୍ବାହ୍ନରେ ବିଜୟ ବାଇକକୁ ଘର ଆଗରେ ରଖିଥିଲେ। କୌଣସି କାମରେ ବାହାରକୁ ଯିବା ଲାଗି ଆସିବାବେଳେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

# ସରକାରୀ କର୍ମଚାରୀଙ୍କ ଲାଞ୍ଚ ନିଶା ଛାଡୁନି

## ୪ ବର୍ଷରେ ଧରା ପଡ଼ିଲେଣି ୧୬ ଜଣ

**ବେଗୁନିଆ, ୨୩।୧ (ଡି.ଏନ.ଏ.):** ସରକାରୀ ଦପ୍ତରଗୁଡିକରେ ଲାଞ୍ଚ କାରବାର ଏକ ଧର୍ତ୍ତବ୍ୟ ଅପରାଧ । ବିଶେଷକରି କାନ୍ଥ, ନୋଟିସ ବୋର୍ଡରେ ଲାଞ୍ଚ ନେବା ଏବଂ ଦେବା ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ ରହିଛି। ମାତ୍ର ଏହି ସଚେତନ ବାର୍ତ୍ତାକୁ ତିଳେମାତ୍ର କାର୍ଯ୍ୟକାରୀ କରାଯାଉନାହିଁ। ଜନସାଧାରଣ ଏବଂ ଅଫିସରଙ୍କ ମଧ୍ୟରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଲାଞ୍ଚ କାରବାର ହେଉଛି। ଏହି ବେଆଇନ କାରବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ସର୍ବାଧିକ ବୋଲି କୁହାଯାଉଛି। ବିଗତ ୪ ବର୍ଷରେ ୧୬ ସରକାରୀ କର୍ମଚାରୀ ଏହି ଲାଞ୍ଚ କାରବାରରେ ଛନ୍ଦି ହୋଇ ପଡିଲେଣି। ୨୦୨୦ ଜାନୁୟାରୀରେ ଜଣେ, ୨୦୧୯ରେ ସର୍ବାଧିକ ୮ଜଣ, ୨୦୧୮ରେ ୫ ଜଣ ଏବଂ ୨୦୧୭ରେ ୨ ଜଣ। ଟଙ୍କା ପାଇଁ ଲାଳାୟିତ ସରକାରୀ ଅଫିସର, କର୍ମଚାରୀ, ପୋଲିସବାବୁ ଏହି କାରବାରରେ ଲିପ୍ତ ହେଉଥିବା ସବିଶେଷ ତଥ୍ୟରୁ ଜଣାପଡିଛି। ଅନ୍ୟପକ୍ଷରେ ବ୍ଲକରେ ଲାଞ୍ଚ କାରବାର ବୃଦ୍ଧି ପାଉଥିବାରୁ ଭିତିରି ରହସ୍ୟ ରହିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସେହିପରି ସରକାରୀ କର୍ମଚାରୀମାନଙ୍କର ମାସିକ ଦରମା ବୃଦ୍ଧି ପାଉଥିବା ବେଳେ ପୁଣି ଲୋକମାନଙ୍କଠାରୁ ଲାଞ୍ଚ ନେଇ ଜେଲ ଜରିମାନା ଭୋଗୁଛନ୍ତି। ତଥାପି ବେଗୁନିଆ ବ୍ଲକ ଅଞ୍ଚଳରେ କାମ କରୁଥିବା ସରକାରୀ କର୍ମଚାରୀମାନେ ଟିକେ ହେଲେ ବି ସଚେତନ ନ ହୋଇ ଲାଞ୍ଚ କାରବାର ଚାଲୁଥିବାର ଅଭିଯୋଗ ଉଠିଛି। ତହସିଲ, ସବ୍‌ରେଜିଷ୍ଟ୍ରାର ଏବଂ ବ୍ଲକ କାର୍ଯ୍ୟାଳୟକୁ ଗଲେ ଯେକୌଣସି କାମ ପାଇଁ ପ୍ରଥମେ ମୂଲଚାଲ କରାଯାଉଛି। ଯେତେ ହେଲେ ସେମାନଙ୍କର ପେଟ ପୂରୁନି କି ମନରୁ ଲାଞ୍ଚ କାରବାର ମୋହ ତୁଟୁନି। ଅନ୍ୟପକ୍ଷରେ ଏହି ଲାଞ୍ଚ କାରବାରରେ ଯଦି ପୋଲିସ କର୍ମଚାରୀ ଧରାପଡିବେ ତାହା ହେଲେ ସାଧାରଣ ଲୋକେ କିଭଳି ଭାବେ ଏଥିରୁ ନିବୃତ୍ତ ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶଥାଉ କି ବ୍ଲକ କାର୍ଯ୍ୟାଳୟର ଗ୍ରାମରୋଜଗାର ସେବକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜୁନିୟର ଇଞ୍ଜିନିୟର, ପୂର୍ତ୍ତବିଭାଗ ଯନ୍ତ୍ରୀମାନେ ପୂର୍ବରୁ ଲାଞ୍ଚ ନେଇ ଧରା ପଡିଛନ୍ତି। ନିର୍ମାଣାଧୀନ ରାସ୍ତାର ବିଲ୍ ପାସ କରାଇବା, ଆବାସ ଯୋଜନା ବିଲ୍ ପାସ କରାଇବା ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟରେ ଜମି ମ୍ୟୁଟେଶନ କେସ୍‌ର ଫଇସଲା କରାଇବାକୁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଜଣେ ଅତିରିକ୍ତ ତହସିଲଦାର ଭିଜିଲାନ୍ସ ହାତରେ ଧରାପଡିଥିଲେ। ପୁଣି ଏବେ ମ୍ୟୁଟେଶନ କେସ୍, ଡିମାରକେଶନ, ଅବରୋଧ ଫଇସଲା ପାଇଁ କେତେଜଣ କର୍ମଚାରୀ ଲାଞ୍ଚ ମାଗୁଥିବାର ଅଭିଯୋଗ ଉଠିଛି। ସେହିପରି ୨୦୧୮ ଜୁନ ୧୨ରେ ଜଣେ ପୋଲିସ ସବ୍‌ଇନ୍ସପେକ୍ଟର ପିତୁଲୁଳି ଗାଁର ଏକ ମାମଲାର ଦଫା କୋହଳ କରିଦେବା ପାଇଁ ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେହିପରି ଅନ୍ୟ ଜଣେ ମହିଳା ସବ୍‌ଇନ୍ସପେକ୍ଟର ଦଫା କୋହଳ କରିବାକୁ ଅଭିଯୁକ୍ତଙ୍କ ଭଉଣୀଙ୍କଠାରୁ ଲାଞ୍ଚ ମାଗୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାରେ ଚଳିତମାସ ୧୫ ତାରିଖରେ ଖୋର୍ଦ୍ଧା ଏସ୍‌ପି ସମ୍ପୃକ୍ତ ମହିଳା ସବ୍‌ଇନ୍ସପେକ୍ଟରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତେବେ ବେଗୁନିଆ ସରକାରୀ କର୍ମଚାରୀଙ୍କଠାରୁ କେବେ ଲାଞ୍ଚ ନିଶା ପିଛା ଛାଡିବ ତାହା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଏ ସମ୍ପର୍କରେ ତହସିଲଦାର ଏବଂ ବିଡିଓ ଦାୟିତ୍ୱରେ ଥିବା ବିବେକାନନ୍ଦ ପରିଡା କୁହନ୍ତି, କର୍ମଚାରୀମାନଙ୍କ ଦ୍ୱାରା ଲାଞ୍ଚ ମଗା ଯାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ, ତଥାପି ଯଦି ପ୍ରମାଣ ମିଳେ ତାହା ହେଲେ ବିଧିବଦ୍ଧ ଭାବେ ପଦକ୍ଷେପ ଗ୍ରହଣ କରାଯିବ।



ସିଡିପିଓଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ କରାଯାଉଛି ।

## କୃଷ୍ଣପ୍ରସାଦରେ ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୧(ଡି.ଏନ.ଏ.)** ଶିଶୁ,ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଉଚ୍ଚ ମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଥିଲା । ମୋରଡାସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସଂଘର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ,ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିଶ୍ରିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଭଜା ଗହମ, ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରି ଛତୁଆ ପ୍ରସ୍ତୁତି କରାଯାଇଥିଲା । ପ୍ରତି ମାସ ୨୩ ତାରିଖରେ ଏହି ଛତୁଆ ମିଶ୍ରଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସିଡିପିଓ ମନୋରମା ଦେବୀ ପ୍ରକାଶ କରିଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କଲେ ଦର୍ଶକ



ପାଞ୍ଚଗଡ ମହୋତ୍ସବରେ ଉପସ୍ଥିତ ଅତିଥିମାନେ ।

### ୯ମ ପାଞ୍ଚଗଡ଼ ମହୋତ୍ସବ -୨୦୨୦

**ବୋଲଗଡ,୨୩।୧(ଡି.ଏନ୍.ଏ.)** ବୋଲଗଡ ବ୍ଲକ ବଡକୁମାରୀଠାରେ ଚାଲିଥିବା ପାଞ୍ଚଗଡ ମହୋତ୍ସବ–୨୦୨୦ର ଗୁରୁବାର ୨ୟ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମହୋତ୍ସବର ପ୍ରଦର୍ଶନୀ ମଣ୍ଡପରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅପରାହ୍ନରୁ ରାତ୍ରି ସାଢେ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନଙ୍କ ନୃତ୍ୟ ଗୀତକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ସାଗରଗାଁସ୍ଥିତ ଅଲଟ୍ରା ସଂସ୍ଥାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଗୀତ, ବୌଦ୍ଧରୁ ଆସିଥିବା ସାରସ୍ୱତ ପ୍ରତୀକ ଗ୍ରୁପର ଏକକ ନୃତ୍ୟ, ପାଞ୍ଚଗଡ ମହିଳା ଭଜନ ସନ୍ଧ୍ୟା, ସ୍ଥାନୀୟ ଗ୍ରାମର ହାଡିବନ୍ଧୁ ରଥ ଓ ସାଥୀଙ୍କ ଦାସକାଠିଆ, ଧଳାପଥର ମା' ତରେଇଶୁଣୀ ନୃତ୍ୟ ପରିଷଦ କଳାକାରଙ୍କ ମୁଖା ନୃତ୍ୟ ପରିବେଷିତ ହୋଇଥିଲା ।

୨ୟ ସନ୍ଧ୍ୟା ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ କମିଟି ଅଧ୍ୟକ୍ଷ ପ୍ରକାଶ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଭାଜପା ନେତା ରିଷଭ ନନ୍ଦ ଯୋଗଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଲୋତକ ବିନ୍ଦୁ ପଟ୍ଟନାୟକ, ଅଶୋକ ରଉତ ପ୍ରମୁଖ ଭାଜପା ନେତାମାନେ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର କାର୍ଯ୍ୟକାରୀ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଗଣେଶ କୁମାର ପ୍ରଧାନ ଓ ଦୁର୍ଗା ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ମହୋତ୍ସବ କମିଟି ସଭାପତି ବସନ୍ତ ନାୟକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ କୁଇଜ ମାଷ୍ଟର ଦ୍ୱୀତିକୃଷ୍ଣ ସାହୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୁଇଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ମରଣଯନ୍ତା ପାଲଟିଛି ଲୁଣାନଦୀ ବ୍ରିଜ୍

**କଣାସ,୨୩।୧(ସ୍ୱ.ପ୍ର.):** କଣାସ ବ୍ଲକର କରମଳାଠାରେ ଲୁଣାନଦୀ ଉପରେ ଥିବା ବ୍ରିଜ୍‌ଟି ମରଣଯନ୍ତା ପାଲଟିଛି। ବ୍ରିଜର ଅବସ୍ଥା ଦୟନୀୟ ହୋଇପଡିଥିବାବେଳେ ସରକାରଙ୍କ ଅବହେଳା ନୀତି ଯୋଗୁ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣାସ ଓ ବ୍ରହ୍ମଗିରି ବ୍ଲକ ସଂଯୋଗ ପାଇଁ କରମଳାଠାରେ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାନ ଆଶ୍ରମ ନିକଟରେ ଲୁଣାନଦୀ ଉପରେ ବ୍ରିଜ୍‌ଟି ନିର୍ମାଣ କରାଯାଇଥିଲା। ଦୀର୍ଘ ୨୩ ବର୍ଷ ଧରି ବ୍ରିଜ ମରାମତି କରା ନ ଯିବାରୁ ଗୋଟିଏ ପାଖ ବାହଲ ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ଫଳରେ ଲୋକମାନେ ବ୍ରିଜ ଦେଇ ଯାତାୟତ କରିବାକୁ ଭୟ କରୁଛନ୍ତି। ବ୍ରିଜର ପୂର୍ଣ୍ଣ ନିର୍ମାଣ ପାଇଁ ବାରମ୍ବାର ଦାବି ହେବା ପରେ ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ବ୍ରିଜି ଦେଖି ତୁରନ୍ତ ନୂତନ ବ୍ରିଜ ନିର୍ମାଣ କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟରେ ବିଳମ୍ବ ଯୋଗୁ ସେହି ଭଙ୍ଗା ବ୍ରିଜ୍‌ରେ ପ୍ରତ୍ୟେକ ଦିନ ଦୁର୍ଘଟଣାମାନ ଘଟୁଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡା କୁହନ୍ତି, ନୂତନ ବ୍ରିଜ ନିର୍ମାଣ ପାଇଁ ୮ମାସ ହେଲା ଠିକାଦାର ନିଯୁକ୍ତି ହୋଇଥିଲେ ହେଁ ସେ କାମ କରୁନାହାନ୍ତି।

## ଯୌତୁକ ନିର୍ଯାତନା: ସ୍ତ୍ରୀଙ୍କୁ ମାଡ଼ମାରି ୨ ଗିରଫ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ପୃଥକ ଦୁଇ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶ୍ରୀରାମ ନଗରରେ ରହୁଥିବା ଶୁକଦେବ ସାହୁ ଓ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗାନ୍ଧୀ ବସ୍ତିର ଉମାକାନ୍ତ ନାୟକ। ଗୁରୁବାର ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ, ଶୁକଦେବ ଶ୍ରୀରାମ ନଗର ଅଞ୍ଚଳରେ ପରିବାର ସହ ରହୁଛନ୍ତି। ସେ ଯୌତୁକ ପାଇଁ ତାଙ୍କ ସ୍ତ୍ରୀଙ୍କୁ ନାନା ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ପ୍ରଚୁର ମଦ୍ୟପାନ କରି ସ୍ତ୍ରୀଙ୍କୁ ନିସ୍ତୁକ ମାଡ଼ମାରି ଫେରାର ହୋଇଯାଇଥିଲେ। ଖବର ପାଇ ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୁକଦେବଙ୍କ ସ୍ତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପୋଲିସ ୩୬/୨୦ରେ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତ ସ୍ୱାମୀ ଶୁକଦେବଙ୍କୁ ଗିରଫ କରିଥିଲା। ସେହିପରି ନୟାପଲ୍ଲୀ ଗାନ୍ଧୀ ବସ୍ତିରେ ରହୁଥିବା ଉମାକାନ୍ତ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଥିଲା। ଗତ ୪ ତାରିଖରେ ଉମାକାନ୍ତ ପ୍ରଚୁର ମଦ୍ୟପାନ କରି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ଏ ନେଇ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬/୨୦ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ଗୁରୁବାର ଅଭିଯୁକ୍ତ ଉମାକାନ୍ତଙ୍କୁ ଗିରଫ କରିଥିଲା।

## ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ

**ଜଟଣୀ,୨୩।୧(ଡି.ଏନ.ଏ.)** ଜଟଣୀ ରାଜାବଜାର ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଥିଲା। ମହାତ୍ମା ଗାନ୍ଧୀ ସ୍ମୃତି କମିଟି ଓ ଜଟଣୀ ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ଏହା ପାଳିତ ହୋଇଥିଲା। ଏଥିରେ ସାମ୍ବାଦିକ ସଂଘ ପକ୍ଷରୁ ରବି ସ୍ୱାଇଁ, ଈଶ୍ୱର ସାମନ୍ତରାୟ, ସଂଗ୍ରାମ ହୋତା, ଇସ୍‌ମାଇଲ୍ ଅଲ୍ଲୀ, ରଙ୍ଗନାଥ ବେହେରା, ହରିହର ସ୍ୱାଇଁ, ବିଶ୍ୱଜିତ୍ ସାମନ୍ତରାୟ, ସ୍ମୃତି କମିଟିର ବିଭୂତି ଭୂଷଣ ମିଶ୍ର, ଛବି ପାଇକରାୟ, ନିଖିଳ ଓଡ଼ିଶା ପାଇକ ଆଖଡ଼ା ଖୋର୍ଦ୍ଧା ଜିଲା ସଭାପତି କାଶୀନାଥ ନାୟକ, ପୂର୍ବତନ କାଉନ୍‌ସିଲର ବିଜୟ ପଣ୍ଡା, ନୌସର ଅଲ୍ଲୀ ଓ ଅନ୍ୟମାନେ ଉପସ୍ଥିତ ରହି ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ।



ଜଟଣୀ ସାମ୍ବାଦିକ ସଂଘର ଖବରଦାତାମାନେ ନେତାଜୀ ଜୟନ୍ତୀ ପାଳନ କରୁଛନ୍ତି ।

## ବିଦ୍ୟାଳୟସ୍ତରୀୟ ସ୍ତୋତ୍ର ଆବୃତ୍ତି ପ୍ରତିଯୋଗିତା

**ପୁରୀ ଅଫିସ,୨୩।୧:** ସ୍ତୋତ୍ରପାଠ ଓ ମନ୍ତ୍ର ଉଚ୍ଚାରଣ ପ୍ରାଚୀନ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଦୁଇଟି ଉପାଦେୟ ବିଷୟବସ୍ତୁ। ଏହାଦ୍ୱାରା ମନର ପ୍ରସନ୍ନତା ସହିତ ବୌଦ୍ଧିକ ବିକାଶ ହୋଇଥାଏ, ଯାହା ବିଜ୍ଞାନ ସମ୍ମତ। ମନରେ ହତାଶ ଭାବକୁ ଦୂର କରି ଏହା ସଂଯମତା ଓ ଶୃଙ୍ଖଳା ଶିକ୍ଷା ଦେଇଥାଏ। ଶୈଶବାବସ୍ଥାରୁ ଏହି ଅଭ୍ୟାସ ହୋଇ ପାରିଲେ ଜୀବନ ସୁଖମୟ ଓ ଶୃଙ୍ଖଳିତ ହୁଏ। ଏହି ମହତ ଉଦ୍ଦେଶ୍ୟକୁ ନେଇ ଗୁରୁବାର ଡାଫୋଡିଲ ନର୍ସରୀ ସ୍କୁଲ ପକ୍ଷରୁ ଆୟୋଜିତ ହୋଇଥିଲା ବିଦ୍ୟାଳୟସ୍ତରୀୟ ସ୍ତୋତ୍ରାବୃତ୍ତି ପ୍ରତିଯୋଗିତା । ଏଥିରେ ୟୁଥ୍ ହଷ୍ଟେଲ ପରିସରରେ ପୁରୀ ପୌରାଞ୍ଚଳ ଅନ୍ତର୍ଗତ ୧୮ଟି ବିଦ୍ୟାଳୟର ୬୬ ଜଣ କୁନି କୁନି ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କୁନି କୁନି ଛାତ୍ରୀଛାତ୍ରଙ୍କ ସ୍ତୋତ୍ର ଉଚ୍ଚାରଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବୈରାଗୀ ନାୟକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଡ. ଅଶ୍ୱିନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ଆଲୋଚନା




ଅତିଥିମାନେ ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚାକୁ ଉନ୍ମୋଚନ କରୁଛନ୍ତି ।

**ପୁରୀ ଅଫିସ, ୨୩।୧:** ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଗୁରୁବାର 'ଓଡ଼ିଶାର ଲୋକ ସଂସ୍କୃତି ଓ ଶ୍ରୀଜଗନ୍ନାଥ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ଟ୍ରଷ୍ଟ ଉପାଧକ୍ଷ ବିନୋଦ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଯୋଗଦେଇ କହିଲେ ଯେ, ଶ୍ରୀଜଗନ୍ନାଥ ଚେତନା ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ତ୍ରିବେଣୀ ସଙ୍ଗମ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ. ହରପ୍ରସାଦ ମିଶ୍ର ଯୋଗଦେଇ ଶବର ପୂଜିତ ନୀଳମାଧବ ଓ ଦାରୁବ୍ରହ୍ମଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଚନ୍ଦ୍ରଶେଖର ମିଶ୍ର, ଇଂ. ରଶ୍ମିରଞ୍ଜନ ରାୟ, ପିତାମ୍ବର ନାୟକ, ବିଜୟଲକ୍ଷ୍ମୀ ଦାଶ, ଆଇନଜୀବୀ ପୁଷ୍କର ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ଡ. ରମାକାନ୍ତ କର ଯୋଗଦେଇଥିଲେ। ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଲିଙ୍ଗରାଜ କଳା ନିକେତନର କଳାକାରମାନେ ଗୀତ ଗୋବିନ୍ଦ ନୃତ୍ୟ ପରିବେଷଣ କରିଥିଲେ। ମଦନ ମୋହନ ମହାପାତ୍ର, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ରଙ୍କନାଥ ସେଠୀ, ରଘୁନାଥ ମହାନ୍ତି, ସୁଶାନ୍ତ ଦାସ, ଅଶୋକ ମହାପାତ୍ର, ହରେକୃଷ୍ଣ ପ୍ରଧାନୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲେଖକ ସରୋଜ ମିଶ୍ର, ଡ. କାର୍ତ୍ତିକ ଦାଶ, ସୋନାମ୍ ମହାନ୍ତି, ଭିକାରୀ ଚରଣ ଜେନା ଏବଂ ଇଂ. ମୀନକେତନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅଶୋକ ଆଢ୍ୟ, ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଥାନାରେ ଭଡ଼ାଟିଆ ପରିଚୟ ସଂଖ୍ୟା ନଗଣ୍ୟ

- ଘରମାଲିକ ଦେଉନାହାନ୍ତି, କମିଶନରେଟ ପୋଲିସ ସଚେତନ କରୁନି
- ଅପରାଧ ଘଟାଇ ଅଭିଯୁକ୍ତ ହେଉଛନ୍ତି ଫେରାର

**ଜଟଣୀ,୨୩।୧(ଡି.ଏନ.ଏ.)** ଅପରାଧ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱର କମିଶନରେଟ୍ ପୋଲିସ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରୟାସ ମଧ୍ୟରୁ ଭଡ଼ାଟିଆଙ୍କ ପରିଚୟ ଥାନାରେ ରଖିବା ଅନ୍ୟତମ। କମିଶନରେଟ୍ ପୋଲିସ ଅଧୀନରେ ଥିବା ଜଟଣୀ ଥାନା ଅଞ୍ଚଳରେ ଏପରି ପ୍ରୟାସ ସେତେଟା ସଫଳତା ପାଇ ପାରିନାହିଁ। ଗୋଟିଏ କାରଣ ହେଲା ଘର ମାଲିକମାନେ ସେତେଟା ଆଗ୍ରହ ପ୍ରକାଶ ନ କରିବା। ଅନ୍ୟପକ୍ଷରେ ଅପରାଧୀଙ୍କୁ ଚିହ୍ନଟ ଓ ଧରିବାରେ ସହଜ ହେଉଥିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଲୋକଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ଓ ସଚେତନ କରିବାରେ ପୋଲିସର ବିଫଳତା ଅନ୍ୟତମ କାରଣ। ଜଟଣୀ ଥାନାରେ ଭଡ଼ାଟିଆଙ୍କ ପରିଚୟ ପ୍ରଦାନର ନଗଣ୍ୟ ସଂଖ୍ୟାରୁ ଏହା ସ୍ପଷ୍ଟ ବାରି ହେଉଛି। କମିଶନରେଟ୍ ପୋଲିସର ଏପରି ପ୍ରୟାସ ଏଠାରେ ଏକ ପ୍ରକାର ବିଫଳ ହୋଇଛି। ଅପରାଧ ଘଟାଇ ଅପରାଧୀ ଖସି ଯାଉଥିଲେ ମଧ ପୋଲିସ ଟେର୍ ପାଉନାହିଁ। ଘର ମାଲିକ ମଧ ଭଡ଼ାଟିଆଙ୍କ ଠିକ୍ ପରିଚୟ ଦେଇ ପାରୁନାହାନ୍ତି। ଅବଶ୍ୟ ୩ ବର୍ଷ ପୂର୍ବେ ମାଇକ୍ ଓ ଲିଫ୍‌ଲେଟ୍ ମାଧମରେ ୩ରୁ ୪ ଦିନ ଜଟଣୀ ଥାନା ପକ୍ଷରୁ ପ୍ରଚାର କରାଯାଇ ଘର ମାଲିକମାନଙ୍କୁ ଏ ନେଇ ସଚେତନ କରାଯାଇଥିଲା। ଭଡ଼ାଟିଆଙ୍କର ପରିଚୟ ଥାନାରେ ପ୍ରଦାନ କରିବାକୁ କୁହାଯାଇଥିଲା। ଏହାଦ୍ୱାରା କେତେକ ଘର ମାଲିକ ଭଡ଼ାଟିଆଙ୍କ ପରିଚୟ ଥାନାରେ ପ୍ରଦାନ କରିଥିଲେ। ପରେ ଉଭୟ ପୋଲିସ ଓ ଘର ମାଲିକ ନୀରବ ରହିଯାଇଥିଲେ। ଏଠାରେ ଥିବା ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନ ଏକ ଜଙ୍କସନ୍। ଦେଶର ବିଭିନ୍ନ ପ୍ରାନ୍ତକୁ ଏଠାରୁ ଟ୍ରେନ୍ ମାଧମରେ ଯାତ୍ରାର ସୁବିଧା ରହିଛି। ଅପରାଧ ଘଟାଇ ଅପରାଧୀ ଅନାୟାସରେ ଦେଶର ଯେକୌଣସି ସ୍ଥାନକୁ ଟ୍ରେନ୍‌ରେ ଖସି ଯାଇପାରିବେ। ଏହାଛଡ଼ା ଏହି ଥାନା ଅଞ୍ଚଳରେ ଅନେକ ବସ୍ତି ରହିଛି। ବସ୍ତିଗୁଡିକରେ ମଧ ବହୁ ଘର ଭଡ଼ାରେ ଲାଗିଛି। ଏଠାରେ ଥିବା ରେଲୱେ କଲୋନୀଗୁଡିକରେ ଅନେକ ପରିତ୍ୟକ୍ତ କ୍ୱାର୍ଟର୍ସ ମଧ ରହିଛି। ଏହି କ୍ୱାର୍ଟର୍ସଗୁଡିକରେ ବହୁ ଅପରିଚିତ ବ୍ୟକ୍ତି ରହୁଛନ୍ତି। ଏସବୁ ଦୃଷ୍ଟିରୁ ଥାନାରେ ଭଡ଼ାଟିଆଙ୍କ ପରିଚୟ ରହିବା ନିହାତି ଜରୁରୀ।

### ଏମାନେ ଯାହା କୁହନ୍ତି.

ଭୁବନେଶ୍ୱରରେ ଚାଲିଥିବା ହାଇପ୍ରୋଫାଇଲ୍ ସେକ୍ସ ର୍‍ୟାକେଟ ଓ ନିକଟରେ ଏଥିରେ ଧରାପଡ଼ିଥିବା ବାଂଲାଦେଶୀ ଯୁବତୀଙ୍କ ଘଟଣାରୁ ଏହା ସ୍ପଷ୍ଟ ହେଉଛି। ତଦନ୍ତ ସମୟରେ ଭଡ଼ାରେ ରହୁଥିବା ସେକ୍ସ ର୍‍ୟାକେଟ୍ ଚଳାଉଥିବା କିଙ୍ଗପିନ୍ ଓ ବାଂଲାଦେଶୀ ଯୁବତୀଙ୍କ ପରିଚୟ ଘର ମାଲିକ ଦେଇ ପାରି ନ ଥିଲେ। ଭଡ଼ାଟିଆଙ୍କ ପରିଚୟ ଘର ମାଲିକ ସଂଗ୍ରହ କରିବା ସହ ଥାନାକୁ ପ୍ରଦାନ କଲେ ଅପରାଧୀ ଚିହ୍ନଟରେ ସହାୟକ ହୋଇପାରନ୍ତା। ଏଥିପ୍ରତି ଉଭୟ ପୋଲିସ ଓ ଘର ମାଲିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ସଚେତନ ରହିବା ଆବଶ୍ୟକତା ରହିଛି। କମିଶନରେଟ୍ ପୋଲିସ ଉଦାହରଣ ସୃଷ୍ଟି କଲା ପରି ପଦକ୍ଷେପ ନେବାକୁ ପଡ଼ିବ।


**ବୀରେନ୍ଦ୍ର କୁମାର ପଟ୍ଟନାୟକ, ସଭାପତି ଭୁବନେଶ୍ୱର ବାର୍ ଆସୋସିଏଶନ୍**

ଅପରାଧ ନିୟନ୍ତ୍ରଣ ଓ ଏହା ଜନସାଧାରଣଙ୍କ ହିତ ପାଇଁ ଏପରି ନିୟମ ରହିଥିବା ନେଇ ପୋଲିସକୁ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଭଡାଟିଆଙ୍କ ପରିଚୟ ପ୍ରଦାନ ନ କଲେ ରହିଥିବା ଆଇନ୍‌କୁ ପୋଲିସ କଡ଼ାକଡ଼ି ଲାଗୁ କରିବାର ଆବଶ୍ୟକତା ରହିଛି।

**ଦୀପକ ମହାକୁଡ଼, ଆଇନଜୀବୀ, ଜଟଣୀ**

ଭଡ଼ାଟିଆଙ୍କ ପରିଚୟ ଘର ମାଲିକମାନେ ଥାନାରେ ପ୍ରଦାନ କରିବା ଜରୁରୀ ଅଟେ। ଏ ନେଇ ଥାନା ପକ୍ଷରୁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆଗାମୀ ଦିନରେ ମଧ କରାଯିବ। ରେଲୱେ କ୍ୱାର୍ଟର୍ସଗୁଡିକରେ ରହୁଥିବା କର୍ମଚାରୀଙ୍କ ପରିଚୟ ପ୍ରଦାନ ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କୁ ଚିଠି କରାଯିବ।

**ବିଶ୍ୱରଞ୍ଜନ ସାହୁ, ଆଇଆଇସି, ଜଟଣୀ ଥାନା**



" ମନୁଷ୍ୟ ଖିଅର ହୋଇସାରିବା ପରେ, ତେଲ ଲଗାଇଲା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।

-ଚାଣକ୍ୟ



## ସଂକ୍ଷେପରେ



### ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ

ବ୍ରହ୍ମଗିରି/କାକଟପୁର, ୨୩।୧ (ଡି.ଏନ.ଏ): ବ୍ରହ୍ମଗିରି ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ଗୁରୁବାର ବଙ୍କିବଜାର ବସ୍‌ଷ୍ଟାଣ୍ଡରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା କରିଥିଲେ। ବ୍ରହ୍ମଗିରି ବିଡିଓ ଜ୍ୟୋତି ପ୍ରକାଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ବୀରତ୍ୱ, ସାହସିକତାରେ ଛାତ୍ରଛାତ୍ରୀ ପ୍ରେରଣା ଲାଭ କରନ୍ତୁ ବୋଲି କହିଥିଲେ। ରମାଶଙ୍କର ପାତ୍ର, ଭଗବାନ ନାୟକ, ଭୀମସେନ ସ୍ୱାଇଁ, ଏନ୍‌ସିସି ଶିକ୍ଷକ ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନେତାଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୦୮ ପ୍ରଦୀପ ପ୍ରଜ୍ୱଳନ, ଆତସବାଜି ପ୍ରଦର୍ଶନ କରାଯାଇଥିଲା। ସେହିପରି କାକଟପୁର ଉତ୍କଳମଣି ମେମୋରିଆଲ ଗୁରୁକୁଳ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ ହୋଇଯାଇଛି। ଅଧକ୍ଷ କୈଳାସ ଚନ୍ଦ୍ର ଦାଶ ଅଧକ୍ଷତାରେ ସଭା ହୋଇଥିଲା। ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଦୁଷ୍ମନ୍ତ ରାୟ ଉପସ୍ଥିତ ଥିଲେ। କାକଟପୁର ବ୍ଲକର ସମସ୍ତ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳନ କରାଯାଇଛି।

### ସମାଜ ଗଠନରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ



ପିପିଲି, ୨୩।୧(ଡି.ଏନ.ଏ): ପିପିଲି ନହଲପଡ଼ା ହାଇସ୍କୁଲରେ ଗୁରୁବାର ନେତାଜୀ ଜୟନ୍ତୀ ଅବସରରେ 'ସୁସ୍ଥ ସମାଜ ଗଠନରେ ପୋଲିସର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଅମିୟ କୁମାର ରାଉତଙ୍କ ସଭାପତିତ୍ୱରେ ପିପିଲି ଥାନାଧିକାରୀ ସରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମାଜ ଗଠନରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏହାସହ ନିଜକୁ ସାମାଜରେ ଭଲ ମଣିଷ ଭାବେ ପରିଚିତ କରାଇବା ପାଇଁ ଅସାମାଜିକ କାର୍ଯ୍ୟକଳାପରୁ ଦୂରରେ ରହିବା ପାଇଁ ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଖବରଦାତା ହେମନ୍ତ ସେଠୀ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷଙ୍କ ପରଲୋକ

ଗୋପ, ୨୩।୧(ଡି.ଏନ୍.ଏ): ପୂର୍ବତନ ଗୋପ ପଞ୍ଚାୟତ ସମିତି ଉପାଧକ୍ଷ ତଥା ଗୋପ ବ୍ଲକ୍ ଅଧୀନ ଏରବଙ୍ଗ ପଞ୍ଚାୟତ ସ୍ଥିତ ପାଟେଲିଆ ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ଚନ୍ଦ୍ରଶେଖର ରଥ (୯୫)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ବୁଧବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ରଥ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଏରବଙ୍ଗ ଗ୍ରାମ ପଞ୍ଚାୟତରେ ପ୍ରଥମ ସରପଞ୍ଚ ଥିବାବେଳେ ଗୋପ ପଞ୍ଚାୟତ ସମିତିର ଉପାଧକ୍ଷ ହେବା ପରେ ବହୁ ଜନକଲ୍ୟାଣ କାର୍ଯ୍ୟ କରିଥିଲେ। ସେହିପରି ଗୋପ ଅଞ୍ଚଳରେ ପ୍ରଥମକରି ବ୍ୟାଙ୍କ ସେବା ଯୋଗାଇବାରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ ଥିଲା। ସ୍ୱର୍ଗତ ରଥଙ୍କ ମୃତ୍ୟୁ ଖବର ପାଇବା ପରେ ଗୋପ ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିଲା। ତାଙ୍କ ମର ଶରୀର ପାଟେଲିଆ ଗ୍ରାମରେ ପହଞ୍ଚିବା ପରେ ଗୋପ ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ, ସମିତିସଭ୍ୟ ଚନ୍ଦ୍ରକାନ୍ତ ସାହୁଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ତାଙ୍କର ଏକମାତ୍ର ପୁତ୍ର ଅଭିଷେକ ରଥ ମୁଖାଗ୍ନି ଦେଇଥିଲେ।

# ସମ୍‌ସାଦ ଆରା, ମୁକୁନ୍ଦ ପ୍ରଥମ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

■ପୁରୀ ମିନି ମାରାଥନ

■୮ କି.ମି. ଦୌଡ଼ିଲେ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ପୁରୀ ଅଫିସ, ୨୩।୧

ପ୍ରାକୃତିକ ବିପର୍ଯ୍ୟୟ ବେଳେ ଐତିହ୍ୟର ସୁରକ୍ଷା ଲାଗି ସଚେତନତା ସୃଷ୍ଟି ନିମନ୍ତେ ଗୁରୁବାର ପୁରୀରେ ଅନୁଷ୍ଠିତ ହୋଇଛି ମିନି ମାରାଥନ। ଏନ୍‌ଡିଆର୍‌ଏଫ୍, ବିମ୍‌ଷ୍ଟେକ, ଓସ୍‌ଡମା ଏବଂ ପୁରୀ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ପ୍ରଥମଥର ଲାଗି ପୁରୀରେ ଆୟୋଜିତ ଏହି ଗଣଦୌଡ଼ରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ପୁରୀ ଜଙ୍ଗଲୀ କ୍ଲବର ସମ୍‌ସାଦ ଆରା ବେଗମ୍ ଓ ମୁକୁନ୍ଦ ବାନରା। ଦୁହେଁ ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସକାଳ ସାଢେ ୭ଟାରେ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରୁ ଏହି ଗଣଦୌଡ଼କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ମହିଳା ଓ ପରେ ପୁରୁଷ ବର୍ଗରେ ଦୌଡ଼ ଆରମ୍ଭ ହୋଇଥିଲା। ୮ କି.ମି. ବ୍ୟାପୀ ଏହି ମିନି ମାରାଥନର ପ୍ରତିଯୋଗୀମାନେ ହେଲିପ୍ୟାଡ ଛକ, ପେଣ୍ଟକଟା, ୟୁଥ୍ ହଷ୍ଟେଲ ଛକ, ସୁଭାଷ ବୋଷ ଛକ, ସମୁଦ୍ରକୂଳ ଥାନା, ଦିଗବାରିଣୀ ଛକ ଦେଇ ବଳିଆପଣ୍ଡାସ୍ଥିତ ଆସିଆନା ଲାଗୁନଠାରେ ଦୌଡ଼ ଶେଷ କରିଥିଲେ। ପୁରସ୍କାର ବିତରଣ ପୂର୍ବରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, ଏନ୍‌ଡିଆର୍‌ଏଫ୍ ଡିଆଇଜି ମହସିନ ସାଜିଦ୍, ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍, ଇଷ୍ଟର୍ନ ମିଡ଼ିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହିଳା ବର୍ଗରେ ସମ୍‌ସାଦ ଆରା ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱିତୀୟ ଏବଂ ସାଇନା ସ୍ୱାଇଲ୍ ମହାନ୍ତି ତୃତୀୟ, ପୁରୁଷ ବର୍ଗରେ ମୁକୁନ୍ଦ ବାନରା ପ୍ରଥମ, ରଶ୍ମିରଞ୍ଜନ ନାୟକ ଦ୍ୱିତୀୟ ଏବଂ ସୁଧାଂଶୁ ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦,୦୦୦, ୨୦,୦୦୦ ଏବଂ ୧୦,୦୦୦ ଟଙ୍କା, ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ବର୍ଗରେ ଚତୁର୍ଥରୁ ଦଶମ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା।

### ମୁକୁନ୍ଦ, ସମ୍‌ସାଦ ଆରାଙ୍କ ଲକ୍ଷ୍ୟ ଅଲିମ୍ପିକ୍

ମିନି ମାରାଥନ୍‌ରେ ପୁରୁଷ ବର୍ଗରେ ପ୍ରଥମ ହୋଇଥିବା ମୁକୁନ୍ଦଙ୍କ ଘର ଝାଡଖଣ୍ଡରେ। ସେ ପୁରୀ ଜଙ୍ଗଲୀ କ୍ଲବ ପକ୍ଷରୁ ଏଥିରେ ଭାଗନେଇଥିଲେ। ମୁକୁନ୍ଦ କହିଛନ୍ତି, ପୂର୍ବରୁ ଏକାଧିକ ମାରାଥନରେ ଭାଗ ନେଇଛି। କିନ୍ତୁ ଏଠାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବହୁତ ଖୁସି ଲାଗୁଛି। ଆଗକୁ ଏହା ଅଧିକ ଉତ୍ସାହିତ କରିବ। ଅଲିମ୍ପିକ୍ସରେ ଭାଗନେବା ମୋର ଲକ୍ଷ୍ୟ। ସେହିପରି ମହିଳା ବର୍ଗରେ ପ୍ରଥମ ହୋଇଛନ୍ତି ଖୋର୍ଦ୍ଧାର ସମ୍‌ସାଦ ଆରା। ସେ ପୂର୍ବରୁ ଜାତୀୟ ସ୍ତରରେ ୫ ହଜାର ମିଟର ଦୌଡ଼ରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ସମ୍‌ସାଦ ଆରା କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୁତି ଚାନ୍ଦ ଓ ଶ୍ରାବଣୀ ନନ୍ଦ ରାଜ୍ୟ ତଥା ଦେଶକୁ ଗର୍ବିତ କରୁଛନ୍ତି। ସେ ସେହିଭଳି ଜଣେ ସ୍ପ୍ରିଣ୍ଟର ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ଆଗାମୀ ଦିନରେ ଅଲିମ୍ପିକ୍ସରେ ଭାଗନେବା ତାଙ୍କର ଲକ୍ଷ୍ୟ।

### ପ୍ରତିବର୍ଷ ଜାନୁୟାରୀ ୨୩ରେ ମିନି ମାରାଥନ

ପୁରୀରେ ପ୍ରଥମଥର ପାଇଁ ଆୟୋଜିତ ମିନି ମାରାଥନ ସଫଳତାର ସହ ଶେଷ ହୋଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ଭାଗ ନେଇ ସମୁଦ୍ର କୂଳରେ ଦୌଡ଼ିବାର ନିଆରା ଅନୁଭୂତି ସାଉଣ୍ଟିଛନ୍ତି। ଏଭଳି ପ୍ରତିଯୋଗିତା ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବ। ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ପ୍ରତିବର୍ଷ ଜାନୁୟାରୀ ୨୩ ନେତାଜୀ ଜୟନ୍ତୀରେ ମିନି ମାରାଥନ ଆୟୋଜନ ହେବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ସେହିପରି କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ଏଭଳି ପ୍ରତିଯୋଗିତା ଆୟୋଜନ କରାଗଲେ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ।

### ଜଙ୍ଗଲୀ କ୍ଲବର ୭ ପ୍ରତିଯୋଗୀ ସଫଳ

ଏହି ମିନି ମାରାଥନରେ ଜଙ୍ଗଲୀ କ୍ଲବର ୭ ପ୍ରତିଯୋଗୀ ସଫଳତା ପାଇଛନ୍ତି। ମହିଳା ଓ ପୁରୁଷ ବର୍ଗରେ ପ୍ରଥମ ହୋଇଥିବା ସମ୍‌ସାଦ ଆରା ଓ ମୁକୁନ୍ଦ ଏଥିରେ ଜଙ୍ଗଲୀ କ୍ଲବ ପକ୍ଷରୁ ଭାଗ ନେଇଥିଲେ। ପୁରୁଷ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ରଶ୍ମିରଞ୍ଜନ ନାୟକ, ତୃତୀୟ ସୁଧାଂଶୁ ନାୟକ, ଚତୁର୍ଥ ବୁଦ୍ରାବିଶି ନାୟକ, ଷଷ୍ଠ ବୁନିପ୍ ପ୍ରଧାନ ଏବଂ ମହିଳା ବର୍ଗରେ ପଞ୍ଚମ ହୋଇଥିବା ଅସ୍ମିତା ସେଠୀ ମଧ୍ୟ ଏହି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। କୃତୀ ପ୍ରତିଯୋଗୀଙ୍କୁ କ୍ଲବର ସମ୍ପାଦକ ପ୍ରକାଶ ବେହେରା, ପ୍ରଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା, ଅକ୍ଷୟ ମହାନ୍ତି, ରବୀନ୍ଦ୍ର ଭୋଇ, ମନୋଜ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।

## ମରଣଯନ୍ତା ପାଲଟିଛି ଲୁଣାନଦୀ ବ୍ରିଜ୍

କଣାସ, ୨୩।୧(ସ୍ୱ.ପ୍ର.)

କଣାସ ବ୍ଲକ କରମଳାଠାରେ ଲୁଣାନଦୀ ଉପରେ ଥିବା ବ୍ରିଜ୍ ମରଣଯନ୍ତା ପାଲଟିଛି। ବ୍ରିଜ ଅବସ୍ଥା ଦୟନୟ ହୋଇ ପଡିଥିବାବେଳେ ସରକାରଙ୍କ ଅବହେଳା ନୀତି ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। କଣାସ ଓ ବ୍ରହ୍ମଗିରି ବ୍ଲକ ସଂଯୋଗ ପାଇଁ ୧୯୯୭ ମସିହାରେ କରମଳାଠାରେ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମ ନିକଟରେ ଲୁଣାନଦୀ ଉପରେ ବ୍ରିଜ୍‌ଟି ନିର୍ମାଣ କରାଯାଇଥିଲା। ଦୀର୍ଘ ୨୩ବର୍ଷ ଧରି ବ୍ରିଜ ମରାମତି ପ୍ରତି ଧ୍ୟାନ ଦିଆ ନ ଯାଇଥିବାରୁ ବ୍ରିଜର ଗୋଟିଏ ପାଖ ବାହଲ ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ଫଳରେ ଲୋକମାନେ ବ୍ରିଜ ଦେଇ ଯାତାୟତ କରିବାକୁ ଭୟ କରୁଛନ୍ତି। ସେତୁର ପୂର୍ଣ୍ଣ ନିର୍ମାଣ ପାଇଁ ବାରମ୍ବାର ଦାବି ହେବା ପରେ ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମା ବ୍ରିଜ ଅନୁଧ୍ୟାନ କରି ତୁରନ୍ତ ନୂତନ ବ୍ରିଜ ନିର୍ମାଣ କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ କାମ ହୋଇନି। ଭଙ୍ଗା ବ୍ରିଜ୍‌ରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଗତ ଦୁଇଦିନ ହେବ ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ ଉତ୍ସବ ଚାଲିଥିବାରୁ ସେ ଭଙ୍ଗା ବ୍ରିଜ ଉପରେ ଶହଶହ ଯାତ୍ରୀ ଭୟରେ ଯିବାଆସିବା କରିବା ସହ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡା କୁହନ୍ତି, ନୂତନ ବ୍ରିଜ ନିର୍ମାଣ ପାଇଁ ୮ମାସ ହେଲା ଠିକାଦାର ନିଯୁକ୍ତି ହୋଇଯାଇଛି। କିନ୍ତୁ ଠିକାଦାର କାମ ଆରମ୍ଭ କରି ନାହାନ୍ତି।



ସୁଆଣ୍ଡୋ ଗ୍ରାମରେ ଅଧିକାରୀମାନେ ନକ୍ସା ସହ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖ ଅନୁଧ୍ୟାନ କରୁଛନ୍ତି।

## ଗୋପବନ୍ଧୁଙ୍କ ଜନ୍ମପୀଠକୁ ଐତିହ୍ୟ ଢାଞ୍ଚାରେ ବିକଶିତ କରିବାକୁ ଉଦ୍ୟମ

ସାକ୍ଷୀଗୋପାଳ, ୨୩।୧(ଡି.ଏନ.ଏ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମକୁ ଐତିହ୍ୟ ଢାଞ୍ଚାରେ ବିକଶିତ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଷଠୀଘରର ପୁନରୁଦ୍ଧାର କରାଯାଇ ଜାତୀୟ ସ୍ମାରକୀ ଭାବରେ ସଂରକ୍ଷିତ କରିବା ସହ ସେଠାରୁ ଶହେ ମିଟର ଦୂରରେ ସ୍ମୃତିରକ୍ଷା ନିମନ୍ତେ ସଂଗ୍ରହାଳୟ, ପାଠାଗାର, ଶୌଚାଳୟ, ପାର୍କିଂସ୍ଥଳ, ପାନୀୟଜଳ, ବିଦ୍ୟୁତ, ଗ୍ରାମରାସ୍ତାର ଉନ୍ନୟନ ଏବଂ ଗ୍ରାମବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ପରିକଳ୍ପନା କରାଯାଇଛି। ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଇଡ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବିନ୍ଧେଶ୍ୱର ପାତ୍ର, ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତଙ୍କ ସହ ସ୍ଥପତି, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଗ୍ରାମର ନକ୍ସା ସହ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖ ନେଇ ଅନୁଧ୍ୟାନ କରିଥିଲେ। ଅଧିକାରୀମାନେ ଗୋପବନ୍ଧୁଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଏ ଦିଗରେ ଆଲୋଚନା କରି ଜମି ଯୋଗାଇ ଦେବାକୁ କହିଥିଲେ। ଗୋପବନ୍ଧୁଙ୍କ ସ୍ମୃତି ରକ୍ଷା ନିମନ୍ତେ କ'ଣ ପ୍ରସ୍ତାବ ରହିଛି, ଜମି ହସ୍ତାନ୍ତର ଆଦି ପ୍ରକ୍ରିୟା ନେଇ ଏକ ବୈଠକ ଜରିଆରେ ନିଷ୍ପତ୍ତି ଗ୍ରହଣ କରିବାକୁ ଗୋପବନ୍ଧୁଙ୍କ ନାତି ଧିରେନ୍ଦ୍ର ନାଥ ଦାସ ଓ ରବୀନ୍ଦ୍ର ନାଥ ଦାସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ନନ୍ଦ, ୱାର୍ଡସଭ୍ୟ ରବୀନ୍ଦ୍ର ସ୍ୱାଇଁ, ପରମାନନ୍ଦ ବେହେରା, ରମେଶ ଭୋଇ, କାହ୍ନୁ ଚରଣ ଦାଶ, ନକୁଳ ଭୋଇ ଓ ନଟ ମଣ୍ଡଳ ଉପସ୍ଥିତ ରହି ସହଯୋଗ କରିଥିଲେ।

## କମେଣ୍ଟମରାକୁ ନେଇ ୪ ଯୁବକଙ୍କୁ ମାଡ଼

ଗୋପ, ୨୩।୧(ଡି.ଏନ୍.ଏ)

ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଛକରେ ଗୁରୁବାର ଅପରାହ୍ନରେ ଦୁଇ ନାବାଳିକାଙ୍କୁ କମେଣ୍ଟ ମାରିବା ନେଇ ରାଜରାସ୍ତାରେ ଚାରିଜଣ ଯୁବକଙ୍କୁ ଲୋକେ ମାଡ଼ ମାରିଥିଲେ। ପରେ ସ୍ଥାନୀୟ ଲୋକ ପୋଲିସ୍‌କୁ ଫୋନ୍ କରିଥିଲେ ମଧ୍ୟ ବିଳମ୍ବରେ ପହଞ୍ଚିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ସୂଚନାଯୋଗ୍ୟ, ଏହି ଥାନା ଅନ୍ତର୍ଗତ ଷୋଳପୁର ଗ୍ରାମର ଚାରିଜଣ ଯୁବକ କାର୍(ନଂ ଓଡି୦୨ବିଜି୬୬୬୮)ରେ କୋଣାର୍କରୁ ଫେରିବାବେଳେ ବାଟରେ ଦୁଇଜଣ ନାବାଳିକା ସାଇକେଲରେ ଟିଉସନ୍‌ରୁ ଘରକୁ ଫେରୁଥିଲେ। ଏହି ଯୁବକମାନେ ଦୁଇ ନାବାଳିକାଙ୍କୁ ଫୋନ୍ ନମ୍ବର ମାଗିବା ସହ ବିଭିନ୍ନ ପ୍ରକାର ଅଶ୍ଳୀଳ କମେଣ୍ଟ କରିଥିଲେ। ମାତ୍ର ସେମାନେ ଚାଲାକିରେ ଆଗକୁ ଆସ ନମ୍ବର ନବ କହି ବେଗୁନିଆ ଛକରେ ସ୍ଥାନୀୟ ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ସ୍ଥାନୀୟ ଲୋକେ ଚାରି ଯୁବକଙ୍କୁ ଧରି ନିର୍ଘୂମ ଛେଚିଥିଲେ। ପ୍ରାୟ ୪୦ମିନିଟ୍ ଧରି ଛକରେ ରାସ୍ତାଜାମ ହେବାରେ ଏହି ରାସ୍ତା ଦେଇ କୋଣାର୍କକୁ ଯାଉଥିବା ସଂସ୍କୃତି ମନ୍ତ୍ରୀ ମଧ୍ୟ ୧୦ ମିନିଟ୍ ଠିଆ ହୋଇଥିଲେ। ଶେଷରେ ମାଡ଼ ଖାଇଥିବା ୪ ଯୁବକ ନାବାଳିକା ଓ ସ୍ଥାନୀୟ ଲୋକମାନଙ୍କୁ ଭୁଲ୍ ମାଗିବା ପରେ ଛଡ଼ାଯାଇଥିଲା।

## ମାଟି, ବାଲି ଚୋରାଚାଲାଣ

■ଅଭିଯୋଗ ପରେ ବି ପ୍ରଶାସନ ଚୁପ୍

■ଦୁର୍ବଳ ହେଉଛି ନଦୀବନ୍ଧ, ଚିନ୍ତାରେ ଗ୍ରାମବାସୀ



ପୁରୀ ଅଫିସ, ୨୩।୧

ପୁରୀ ଜିଲାରେ ବେଆଇନ ବାଲି ଚୋରାଚାଲାଣ ଉପରେ ରୋକ୍ ଲାଗିପାରୁ ନାହିଁ। ବିଭିନ୍ନ ସ୍ଥାନରେ ବାଲି ମାଫିଆମାନେ ସକ୍ରିୟ ହୋଇ ମାଲାମାଲ୍ ହେଉଥିବାବେଳେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଅନେକ ସମୟରେ ଅଭିଯୋଗ ପରେ ଧରପଗଡ଼ ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଷ୍କ୍ରିୟତାର ସୁଯୋଗ ଉଠାଉଛନ୍ତି ମୁନାଫାଖୋର ବାଲି ବ୍ୟବସାୟୀ। ଗାଁ ଗହଳି ଅଞ୍ଚଳରେ ବାଲି ଚୋରା ଚାଲାଣ ଅଧିକ ମାତ୍ରାରେ ହେଉଛି। ପୁରୀ ସଦର ବ୍ଲକ ଅନ୍ତର୍ଗତ ବାଲିପଡ଼ା ଗାଁ ନିକଟ ଭାର୍ଗବୀ ନଦୀପଠାରୁ ମାଟି ଏବଂ ନଦୀରୁ ବାଲି ଉଠାଣ କରାଯାଉଥିବା ସ୍ଥାନୀୟ ଗ୍ରାମବାସୀ ପୁରୀ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। କିନ୍ତୁ ପ୍ରଶାସନ ପଦକ୍ଷେପ ନ ନେଇ ଚୁପ୍ ବସିଛି। ତହସିଲଦାରଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ବାଲିପଡ଼ା ଗାଁ ନିକଟ ଦେଇ ବହିଯାଇଛି ଭାର୍ଗବୀ ନଦୀ। ଏହା ଏକ ବନ୍ୟା ପ୍ଲାବିତ ଅଞ୍ଚଳ। କିନ୍ତୁ ଗତ ୨ମାସ ହେବ ଗ୍ରାମର ଜନୈକ ବ୍ୟକ୍ତି ଗାଁ ପାଖ ନଦୀବନ୍ଧ ଓ ନଦୀପଠାରୁ ମାଟି, ବାଲି ବେଆଇନ ଭାବେ ଉଠାଇ କରୁଛନ୍ତି। ଏହାଦ୍ୱାରା ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହେଉଛି। ବର୍ଷାଦିନେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଥିବାବେଳେ ନଦୀ ତା'ର ଗତିପଥ ବଦଳାଇବାର ସମ୍ଭାବନା ରହୁଛି। ଏଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରିବା ଲାଗି ସେମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଇଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ସହ ମାଟି, ବାଲି ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।ଏ ସମ୍ପର୍କରେ ପୁରୀ ତହସିଲଦାର ଆଶିଷ ରଞ୍ଜନ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ ଭସନଭାଇ ଅହିର ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି।

## ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ, ୨୩.୧(ଡି.ଏନ.ଏ)

କୋଣାର୍କରେ ଅନୁଷ୍ଠିତ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେବା ପାଇଁ ଆସିଥିବା ଗୁଜୁରାଟର ପର୍ଯ୍ୟଟନ ମନ୍ତ୍ରୀ ଭସନଭାଇ ଅହିର ଗୁରୁବାର ଅପରାହ୍ନ ୪ଟା ସମୟରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିର ସମ୍ମୁଖ ମୁଖ୍ୟଫାଟକ ପାଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମନ୍ତ୍ରୀ ଅହିରଙ୍କୁ ସୂର୍ଯ୍ୟମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସଚନ୍ଦ୍ର ମହାନ୍ତି ମନ୍ତ୍ରୀ ଅହିରଙ୍କୁ ସୂର୍ଯ୍ୟମନ୍ଦିରରେ କଳା ସଂସ୍କୃତି ଓ ଇତିହାସ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ହିତାଧିକାରୀଙ୍କ ଦୁଆରେ ଧାରଣା ଦେଲେ ସରପଞ୍ଚ, ପିଇଓ

ସାକ୍ଷୀଗୋପାଳ, ୨୩।୧(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଓ ଶ୍ରମିକ କଲ୍ୟାଣ ଯୋଜନାରେ ପକ୍କାଘରଟିଏ ପାଇବାକୁ ଲୋକେ ପ୍ରଶାସନ ନିକଟକୁ ବାରମ୍ବାର ଦୌଡି ବିଫଳ ହେବା ପରେ ଆନ୍ଦୋଳନପନ୍ଥା ଆପଣାଉଥିବା ନଜିର ରହିଛି। କିନ୍ତୁ ପୁରୀ ଜିଲା ସତ୍ୟବାଦୀ ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ହିତାଧିକାରୀ ଟଙ୍କା ନେଇ ଘର ନ କରିବାରୁ ସେମାନଙ୍କ ଦୁଆରେ ସରପଞ୍ଚ, ପିଇଓ ଧାରଣା ଦେଇଥିବା ଦେଖାଯାଇଛି। ପକ୍କାଘରଟିଏ କରିବାକୁ ଗରିବ ଲୋକମାନଙ୍କୁ ପ୍ରଥମ କିସ୍ତିରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦ ହଜାର ଟଙ୍କା ଦିଆଯାଇ ଗୃହ ନିର୍ମାଣ ଆରମ୍ଭ କରିବାକୁ ସୁବିଧା ଦିଆଯାଇଥିଲେ ମଧ୍ୟ ସେମାନେ କାମ କରୁନାହାନ୍ତି। ବ୍ୟକ୍ତିଗତ ଭାବରେ ନୋଟିସ କରାଯିବା ସହ ସର୍ବସାଧାରଣରେ ଏନେଇ ପ୍ରଚାର କରାଗଲେ ମଧ୍ୟ ସେମାନଙ୍କର ତତ୍ପରତା ପ୍ରକାଶ ପାଉ ନାହିଁ। ସରକାରୀ ଅନୁଦାନ ବର୍ଷବର୍ଷ ଧରି ଖର୍ଚ୍ଚ ନ ହୋଇ ପଡିରହୁଛି। ଗୃହ ନିର୍ମାଣ କାମର ଅଗ୍ରଗତି ନିମନ୍ତେ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିନବ ପ୍ରୟାସ ହାତକୁ ନିଆଯାଇଛି ବୋଲି ଗୁରୁବାର ବୀରରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ ଧାରଣା ଦେଇଥିବା ପିଇଓମାନେ କହିଛନ୍ତି। ସରପଞ୍ଚ ପ୍ରଶନ୍ନ କୁମାର ଷଡଙ୍ଗୀଙ୍କ ସହ କାର୍ଯ୍ୟନିର୍ବାହୀ ଦେବାଶିଷ ପଟ୍ଟନାୟକ, ସଚିନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ସାମର୍ଥା, ପାର୍ଥ ସାରଥି ସେଠୀ, ବନଲତା ଚିନରା ଓ ଜଗବନ୍ଧୁ ମିଶ୍ର ପ୍ରମୁଖ ବୀରରାମଚନ୍ଦ୍ରପୁର, ମୁନିନ୍ଦା ଓ ଅହମ୍ମଦପୁର ଗ୍ରାମକୁ ଯାଇଥିଲେ। ସେଠାରେ ହିତାଧିକରୀମାନଙ୍କ ଦୁଆରେ ବ୍ୟାନର ଲଗାଇ କାମ କରିବାକୁ ଦାବି କରି ଧାରଣା ଦେଇଥିଲେ। ତେବେ ଗୃହ ନିର୍ମାଣ କାମ କରିବାକୁ ହିତାଧିକାରୀମାନଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ସ୍ଥଗିତ ରଖାଯାଇଥିଲା। ଦୁଆର ଦୁଆର ବୁଲି ଏଭଳି ଧାରଣା ଦେଇଥିବା ପିଇଓମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ଅନୁରୂପ ଭାବରେ ଧାରଣା ଦେବେ ବୋଲି କହିଛନ୍ତି।

### ଗ୍ରାମୀଣ ଗୃହ ନିର୍ମାଣ ପାଇଁ ପ୍ରଶାସନର ଅଭିନବ ପ୍ରୟାସ




ଜଣେ ହିତାଧିକାରୀଙ୍କ ଘର ଆଗରେ ସରପଞ୍ଚ ଓ ପିଇଓ ଧାରଣା ଦେଇଛନ୍ତି।

ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ବଡ଼େ ସ୍ପର୍ଦ୍ଧା, ତ୍ୟାଗରେ ବଡ଼େ ମହତ୍ତ୍ୱ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଘର ଆଗରୁ ବାଇକ୍ ଚୋରି

ପୁରୀ ଅଫିସ, ୨୩।୧: ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ରଙ୍କ ଜଗନ୍ନାଥ କଲୋନୀସ୍ଥିତ ବାସଭବନ ଆଗରୁ ତାଙ୍କ ବାଇକ ଚୋରି ହୋଇଯାଇଛି। ଏ ନେଇ ବିଜୟ ଗୁରୁବାର ତାଳବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପୂର୍ବାହ୍ନରେ ବିଜୟ ବାଇକକୁ ଘର ଆଗରେ ରଖିଥିଲେ। କୌଣସି କାମରେ ବାହାରକୁ ଯିବା ଲାଗି ଆସିବାବେଳେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

### ଲଙ୍କେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଜଗା ୟୁନାଇଟେଡ୍

ବଳଙ୍ଗା, ୨୩।୧(ଡି.ଏନ୍.ଏ.): ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଲଙ୍କେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଜଗା ୟୁନାଇଟେଡ ଏବଂ କ୍ଲବ ୭୩ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗା ୟୁନାଇଟେଡ ୨-୧ଗୋଲରେ ବିଜୟ ଲାଭ କରି ସେମିଫାଇନାଲକୁ ପ୍ରବେଶ କରିଛି। ଅତିଥି ଭାବେ ଥାନା ଆଇଆଇସି ସଞ୍ଜିବ କୁମାର ପ୍ରଧାନ, ଆଶିଷ ବିଶ୍ୱାଳ ଓ ସୁଦିପ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ଅମ୍ଳି ନାୟକ, ସୁଦିପ୍ତ ଦାସ ଏବଂ ଦିପ୍ତିରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

### କ୍ୟାରିୟର କାଉନ୍‌ସେଲିଂ

କାକଟପୁର, ୨୩।୧: କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟରେ ବୁଧବାର କ୍ୟାରିଅର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହାକୁ ଅଧକ୍ଷ ପ୍ରଫେସର କାଳୀଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଂଯୋଜକ ପ୍ରଫେସର ସରୋଜ କୁମାର ନାୟକ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଫିଶେରି ଅଫିସର ମୂରଲୀଧର ପରିଡ଼ା, ବିଷୟ ବିଶେଷଜ୍ଞ (କ୍ୟାରିୟର ଲଞ୍ଚ) ପ୍ରଭଞ୍ଜନ ମହାନ୍ତି, ପ୍ରଫେସର ଡ. ପ୍ରଭୁରାମ ତ୍ରିପାଠୀ ଯୋଗଦେଇଥିଲେ। ଭଲ କ୍ୟାରିଅର୍ ଗଠନ ପାଇଁ କଠିନ ପରିଶ୍ରମ ଏବଂ ଅଧବସାୟ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଛାତ୍ର ପ୍ରଳୟ ମହାନ୍ତି, ସୋଏବ୍ ଅଖ୍ତାର, ଦୀପକ ଦାସ ଏବଂ କ୍ଷୀରୋଦ ଗୋଛାୟତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଶହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାଧାପକ ପୂର୍ଣ୍ଣାନନ୍ଦ ସାହୁ, ଅଜୟ କୁମାର ଦାଶ, ପ୍ରାଧାପିକା ଚୌଧୁରୀ ସନ୍ଧ୍ୟାରାଣୀ ଦାଶ, ଅଧାପିକା ଚିନ୍ମୟୀ ମିଶ୍ର, ରାଜଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମାଧବାନନ୍ଦ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

କାକଟପୁର,୨୩।୧(ଡି.ଏନ.ଏ)- କାକଟପୁର ବଲରା ନିକଟସ୍ଥ ମାଧବାନନ୍ଦ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସୁକାନ୍ତ କୁମାର ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାକଟପୁର ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମାଧବନନ୍ଦ ଯୁବକ ସଂଘ ପକ୍ଷରୁ ପ୍ରଶାସନିକ ଅଧିକାରୀମାନଙ୍କୁ ସହଯୋଗ କରିବା ପାଇଁ ଦାବି କରିଥିଲେ। ବୈଠକରେ ବିଦ୍ୟୁତ୍ ବିଭାଗ, ଜଳସେଚନ, ପୂର୍ତ୍ତ ବିଭାଗ, କାକଟପୁର ଥାନାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସଂଘ ପକ୍ଷରୁ ସୁଶୀଲ ଖୁଣ୍ଟିଆ, ନିରଞ୍ଜନ ବାରିକ, ଦୀପକ ଶତପଥୀ, ବିଶ୍ୱଜିତ ଦାଶ, ଚିନ୍ମୟ ଖୁଣ୍ଟିଆ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା କୌଶଳ ତାଲିମ

କଣାସ,୨୩।୧(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ଗଡ଼ସାନପୁଟ ପଞ୍ଚାୟତର ଚୌଦମୌଜା ମହାବିଦ୍ୟାଳୟରେ ଗତ ୯ତାରିଖଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୨୦ଜଣ ଛାତ୍ରୀ ଭାଗନେଇଥିଲେ। ପ୍ରଶିକ୍ଷକ ଭାବେ ବିଜୟନୀ ପ୍ରଧାନ, ହରପ୍ରିୟା ଭୁଜବଳ ଯୋଗଦେଇ ତାଲିମ୍ ଦେଇଥିଲେ। ଅଧକ୍ଷ ବିଜୟ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧାପକ ଶରତ ଶତପଥୀ, ଅଧାପିକା ନନ୍ଦିନୀ ଗଡ଼ନାୟକ, ସନ୍ଧ୍ୟାରାଣୀ ବେହେରା, ମନସ୍ୱିନୀ ମହାରଥୀ, ବନ୍ଦନା ସାହୁ, ସୁଶାନ୍ତ ଆଗ୍ରାସିଂ, ନିରଞ୍ଜନ ବଲିୟାରସିଂ, ଏସ୍.କେ. ବାସିର ଅହମ୍ମଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଯାଞ୍ଚ ହେଲା ନାଟମଣ୍ଡପ

■ ୩ ମାସରେ ସରିବ ଛାତ ମରାମତି

■ କ୍ରାକ ମିଟରକୁ ନେଇ ନିଷ୍ପତ୍ତି ଖୁବ୍‌ଶୀଘ୍ର

ପୁରୀ ଅଫିସ,୨୩।୧:

ଶ୍ରୀମନ୍ଦିର ନାଟମଣ୍ଡପ ମୁଖ୍ୟ ବିମ୍ ଫାଟିଥିବା ବେଳେ ଛାତରୁ ପାଣି ଗଳୁଛି। ଏହାର ସ୍ଥାୟୀ ମରାମତି ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଗୁରୁବାର ନାଟମଣ୍ଡପ ଯାଞ୍ଚ କରିଛି ଶ୍ରୀମନ୍ଦିର କୋର୍ କମିଟି। ଫାଟିଥିବା ବିମ୍‌ର ସ୍ଥିତି ଜାଣିବା ପାଇଁ ଲଗାଯାଇଥିବା କ୍ରାକ ମିଟର (ଫାଟ ମାପକ ଯନ୍ତ୍ର)କୁ ଅନୁଧ୍ୟାନ କରାଯାଇଛି। ଏଥିସହ ଛାତରୁ ପାଣି ଗଳୁଥିବା ନେଇ ଚାଲିଥିବା ମରାମତି କାମ, ନାଟମଣ୍ଡପ ଓ ଜଗମୋହନ ସଂଯୋଗସ୍ଥଳର ସ୍ଥିତି ବି ପରଖିଛନ୍ତି କୋର୍ କମିଟି ଏବଂ ବୈଷୟିକ ଟିମ୍। ଶ୍ରୀମନ୍ଦିର କୋର କମିଟି, ଏଏସ୍‌ଆଇର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ନାଟମଣ୍ଡପ ଯାଞ୍ଚ କରିଥିଲେ। ଏହାପରେ କୋର୍ କମିଟି ବୈଠକ ବସିଥିଲା। ଏଥିରେ ନାଟମଣ୍ଡପ ଛାତ ମରାମତି କାମ ୩ ମାସ ମଧ୍ୟରେ ଶେଷ ହେବ ଏବଂ କ୍ରାକମିଟରକୁ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଚୂଡ଼ାନ୍ତ ହୋଇଛି।

ପୂର୍ବାହ୍ନରେ ଏଏସ୍‌ଆଇର ଯୁଗ୍ମ ଡିଜି ଜାହ୍ନବୀ ଶର୍ମାଙ୍କ ସମେତ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟ, ବିଶେଷଜ୍ଞ ଓ ଶ୍ରୀମନ୍ଦିର ଅଧିକାରୀ ମିଳିତ ଭାବେ ନାଟମଣ୍ଡପ ଅନୁଧ୍ୟାନ ପାଇଁ ଯାଇଥିଲେ। ପ୍ରଥମେ ନାଟମଣ୍ଡପ ଭିତର ପାର୍ଶ୍ୱ ବିଭିନ୍ନ ସ୍ଥଳ ଦେଖିଥିଲେ। ପରେ ଫାଟିଥିବା ମୁଖ୍ୟ ବିମ୍‌କୁ ଦେଖିଥିଲେ । ଏଠାରେ ଲଗାଯାଇଥିବା କ୍ରାକମିଟର ଠିକ୍ ଭାବେ ରିଡ଼ିଂ କରୁଛି କି ନାହିଁ ତାହା ପରଖିଥିଲେ। ମାଡ୍ରାସ ଆଇଆଇଟି ତତ୍ତ୍ୱାବଧାନରେ ଲକ୍ଷ୍ନୌର ଏକ୍ୟୁରାଇଟ୍ କମ୍ପାନୀ ଏହି କ୍ରାକମିଟର ଲଗାଇଛି। ମାଡ୍ରାସ ଆଇଆଇଟିର ପ୍ରଫେସର ଅରୁଣ ମେନନ୍ ଏହାର ରିଡ଼ିଂ ରିପୋର୍ଟ ତର୍ଜମା କରୁଛନ୍ତି। ଏହି ମିଟର ଲଗାଯିବା ପ୍ରାୟ ବର୍ଷେରୁ ଅଧିକ ସମୟ ହୋଇଥିଲେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଯାଞ୍ଚ ବେଳେ ଅଧିକାରୀମାନେ ଏହାର ରିପୋର୍ଟକୁ ଅନୁଧ୍ୟାନ କରିଥିଲେ। ସେହିପରି ନାଟମଣ୍ଡପ ଛାତର ବିଭିନ୍ନ ସ୍ଥାନରୁ ପାଣି ଗଳୁଥିଲା। ୨୦୧୮ ଅଗଷ୍ଟ ମାସରେ ମିଳିତ ଯାଞ୍ଚ ବେଳେ ଏହାର ମରମତି ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ୱାଟର ପ୍ରୁଫିଂ ଟ୍ରିଟ୍‌ମେଣ୍ଟ କାମ ଚାଲିଛି। ତେଣୁ ଏହି କାମ ଅନୁଧ୍ୟାନ କରାଯାଇଥିଲା। ଏଥିସହ ଜଗମୋହନ -ନାଟମଣ୍ଡପ ସଂଯୋଗସ୍ଥଳରେ ପାଣି ଗଳୁଥିବାରୁ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟର ନଷ୍ଟ ହୋଇଛି। ଏହାର ମରାମତି ଚାଲିଛି। ତୁରନ୍ତ କାମ ସାରିବାକୁ କୋର କମିଟି ସଦସ୍ୟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଛି। ଯାଞ୍ଚ ପରେ ଶ୍ରୀମନ୍ଦିର ପରିସରସ୍ଥ ଏଏସ୍‌ଆଇ ଷ୍ଟୋର କ୍ୟାମ୍ପସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇ ଶୀଘ୍ର ନାଟମଣ୍ଡପ କାମ ସାରିବା ଉପରେ ସହମତି ହୋଇଛନ୍ତି। ୩ ମାସ ମଧ୍ୟରେ ନାଟମଣ୍ଡପ ଛାତର ୱାଟର ପ୍ରୁଫିଂ ଟ୍ରିଟ୍‌ମେଣ୍ଟ କାମ ଏଏସ୍‌ଆଇ ଶେଷ କରିବ। ସେହିପରି ଅନ୍ୟାନ୍ୟ କାମ ଶୀଘ୍ର ସାରିବା ଲାଗି ଏଏସ୍‌ଆଇକୁ କୋର କମିଟି ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ଏଏସ୍‌ଆଇର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ କହିଛନ୍ତି, ମୁଖ୍ୟ ବିମ୍ ଫାଟ ସ୍ଥିତି ଜାଣିବା ପାଇଁ ଯେଉଁ କ୍ରାକମିଟର ଲଗାଯାଇଥିଲା ତାହା ଠିକ୍ ଭାବେ ରିଡ଼ିଂ କରୁଛି। କିନ୍ତୁ ଏ ନେଇ ଆମେ କୌଣସି ସିଦ୍ଧାନ୍ତରେ ପହଞ୍ଚିନାହୁଁ। ନାଟମଣ୍ଡପର ମରାମତି ସ୍ଥିତି କୋର୍ କମିଟି ସଦସ୍ୟ ଦେଖିଛନ୍ତି। ଏହାର ସ୍ଥିତି ଭଲ ଅଛି। ସେହିପରି ଡ. ଏନ୍.ସି. ପାଲ୍ କହିଛନ୍ତି, ୨୦୧୮ ଅଗଷ୍ଟରେ କୋର କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ନାଟମଣ୍ଡପରେ ପର୍ଯ୍ୟାୟକ୍ରମେ କାମ ଚାଲିଛି। ଏ ସବୁ କାମକୁ କୋର୍ କମିଟି ଏବଂ ବିଶେଷଜ୍ଞ ଯାଞ୍ଚ କରିଛନ୍ତି। ନାଟମଣ୍ଡପରେ ଲାଗିଥିବା କ୍ରାକମିଟରର ମନିଟରିଂ କରାଯାଉଛି। ତୁରନ୍ତ କ୍ରାକମିଟର ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ।



ନାଟମଣ୍ଡପ ଯାଞ୍ଚ ସାରି ଏଏସ୍‌ଆଇର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଫେରୁଛନ୍ତି।

## କଳିଭାଗବତ ସେମିନାର

କଣାସ,୨୩।୧(ସ୍ୱ.ପ୍ର.):

ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପଲ୍ଲୀପଲ୍ଲବ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁ ରାମବିହାରୀ ମଣ୍ଡପଠାରେ କଳିଭାଗବତ ସେମିନାର ଓ ସପ୍ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସଦେବଙ୍କ ୧୧୭ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଭକ୍ତଙ୍କ ଦ୍ୱାରା ଶ୍ରୀଗୁରୁବନ୍ଦନା ଗାନ କରାଯାଇଥିଲା। ଶ୍ରୀ ଠାକୁରଙ୍କୁ ଷୋଡ଼ଶ ଉପଚାର ପୂଜାନୀତି ପରେ ଭଜନ,ଜଣାଣ ଗାନ ହୋଇଥିଲା। ଠାକୁର ଶ୍ରୀ ଅଭିରାମଙ୍କ ବିରଚିତ 'କଳି ଭାଗବତ'ର ତାତ୍ତ୍ୱିକ ଆଲୋଚନା ସମ୍ବନ୍ଧୀୟ ଏହି ସେମିନାର୍‌ରେ କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ଅଧକ୍ଷତା କରିଥିଲେ। ଗବେଷିକା ଲବଙ୍ଗଲତା ସାମନ୍ତରାୟ, ଭ୍ରମର ବେହେରା, ଜୟକୃଷ୍ଣ ରାଉତରାୟ, କଳ୍ପନା ଜେନା, ଦିବାକର ସାମନ୍ତରାୟ ପ୍ରମୁଖ ଏଥିରେ ଭାଗନେଇଥିଲେ। ଗୌରାଙ୍ଗ ଦଳାଇ, ଭରତ ସାହୁ, ତ୍ରିନାଥ ରାଉତରାୟ ପ୍ରମୁଖ ସଂଯୋଜନା କରିଥିଲେ। ଶେଷରେ ଉଦଣ୍ଡକୀର୍ତ୍ତନ, ଦଶାବତାର ଗାନ ପରେ ସେମିନାର ଉଦ୍‌ଯାପିତ ହୋଇଥିଲା।

## ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ଆଲୋଚନା




ଅତିଥିମାନେ ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚାକୁ ଉନ୍ମୋଚନ କରୁଛନ୍ତି ।

ପୁରୀ ଅଫିସ, ୨୩।୧:

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଗୁରୁବାର 'ଓଡ଼ିଶାର ଲୋକ ସଂସ୍କୃତି ଓ ଶ୍ରୀଜଗନ୍ନାଥ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ଟ୍ରଷ୍ଟ ଉପାଧକ୍ଷ ବିନୋଦ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଯୋଗଦେଇ କହିଲେ ଯେ, ଶ୍ରୀଜଗନ୍ନାଥ ଚେତନା ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ତ୍ରିବେଣୀ ସଙ୍ଗମ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ. ହରପ୍ରସାଦ ମିଶ୍ର ଯୋଗଦେଇ ଶବର ପୂଜିତ ନୀଳମାଧବ ଓ ଦାରୁବ୍ରହ୍ମଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଚନ୍ଦ୍ରଶେଖର ମିଶ୍ର, ଇଂ. ରଶ୍ମିରଞ୍ଜନ ରାୟ, ପିତାମ୍ବର ନାୟକ, ବିଜୟଲକ୍ଷ୍ମୀ ଦାଶ, ଆଇନଜୀବୀ ପୁଷ୍କର ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ଡ. ରମାକାନ୍ତ କର ଯୋଗଦେଇଥିଲେ। ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଲିଙ୍ଗରାଜ କଳା ନିକେତନର କଳାକାରମାନେ ଗୀତ ଗୋବିନ୍ଦ ନୃତ୍ୟ ପରିବେଷଣ କରିଥିଲେ। ମଦନ ମୋହନ ମହାପାତ୍ର, ଅଧାପକ ସର୍ବେଶ୍ୱର ଷଡ଼ଙ୍ଗୀ, ରଙ୍ଗନାଥ ସେଠୀ, ରଘୁନାଥ ମହାନ୍ତି, ସୁଶାନ୍ତ ଦାସ, ଅଶୋକ ମହାପାତ୍ର, ହରେକୃଷ୍ଣ ପ୍ରଧାନୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲେଖକ ସରୋଜ ମିଶ୍ର, ଡ. କାର୍ତ୍ତିକ ଦାଶ, ସୋନାମ୍ ମହାନ୍ତି, ଭିକାରୀ ଚରଣ ଜେନା ଏବଂ ଇଂ. ମୀନକେତନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟ ମୁଖପତ୍ର ଶ୍ରୀଗୁଣ୍ଡିଚା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅଶୋକ ଆଢ୍ୟ, ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ନିମାପଡ଼ା,୨୩।୧(ଡି.ଏନ୍.ଏ.):

ନିମାପଡ଼ାସ୍ଥିତ ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଏବଂ ପୁରସ୍କାର ବିତରଣୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଶ୍ରଦ୍ଧାଞ୍ଜଳି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ସଂସ୍ଥାର ଡେପୁଟି ସେକ୍ରେଟାରୀ ସୁରେଖା ସୁନ୍ଦରୀ ସ୍ୱାଇଁ, ସାହିତ୍ୟିକ ଦାସ୍ ବେନହୁର୍, ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ମହାନ୍ତି, ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଅନୁପମା ସ୍ୱାଇଁ ଯୋଗଦେଇଥିଲେ। ଅଧାପିକା ଚପଳଛନ୍ଦା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ଓ ଏନ୍‌ସିସିରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ପକ୍ଷରୁ ଅତିଥିଙ୍କ ସମେତ କଳାକାର ମଧୁସୂଦନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲିଟିଲ ଷ୍ଟାର ଗ୍ରୁପ୍ ପକ୍ଷରୁ ଶିଶୁ ମହୋତ୍ସବ

ନିମାପଡ଼ା,୨୩।୧(ଡି.ଏନ୍.ଏ.):

ନିମାପଡ଼ା ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଗୁରୁବାର ୧୭ତମ ଶିଶୁ ମହୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ପ୍ରାକ୍ଟିସିଂ ୟୁ.ଜି.ୟୁ.ପି. ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ନିମାପଡ଼ା କଲେଜ ଅଧାପକ ସୁବ୍ରତ ମହାନ୍ତି, ରବୀନ୍ଦ୍ରନାଥ ପାଢୀ, ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁବାଳା ମହାପାତ୍ର, ନିର୍ମଳ ମିଶ୍ର, ଜ୍ୟୋସ୍ନାମୟୀ ମିଶ୍ର, ଗୀତା ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶିଶୁ ହସିଲେ ଦେଶ ହସିବ, ଶିଶୁଙ୍କ ମୁହଁରେ ହସ ଫୁଟାଇବା, ଶିଶୁଙ୍କୁ ଉତ୍ତମଭାବେ ମୂଳରୁ ଗଢିତୋଳିବା ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ନୈତିକ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ବର୍ଜନ କରିବା ନିମନ୍ତେ ହାତରେ ଧରିତ୍ରୀର ପେପର ବ୍ୟାଗ ଧରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।




ଶିଶୁ ମହୋତ୍ସବରେ ଅତିଥିଙ୍କ ଗହଣ ଶିଶୁମାନେ ।

## ବାସୁଦେବ ଯୁବକ ସଂଘର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନିମାପଡ଼ା,୨୩।୧(ଡି.ଏନ୍.ଏ.):

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଗୁରୁବାର ଇଣ୍ଡାଲୋ ବାସୁଦେବ ଯୁବକ ସଂଘ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ କୁନି କୁନି ତାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ସରପଞ୍ଚ ସିଲା ସାହୁ, ୱାର୍ଡ ସଭ୍ୟା ବିଷ୍ଣୁପ୍ରିୟା ଜେନା, ଆଇନଜୀବୀ ରଞ୍ଜିତ୍ ସାହୁ, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଯୁବକସଂଘ ସଭାପତି ପ୍ରଶାନ୍ତ ଜେନା, ସମ୍ପାଦକ ରାକେଶ ଜେନା, ସୁରେଶ ଦାସ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ, ତର୍କ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ବିକ୍ରମ କେଶରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁନି କୁନି ତାରା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ କଣ୍ଢେଇ ପ୍ରଦର୍ଶନୀ

ପୁରୀ ଅଫିସ,୨୩।୧:

ମରିଚିକୋଟ ଲେନ୍‌ସ୍ଥିତ କିଡ୍‌ସ ହୋମ୍ ପବ୍ଲିକ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁରୁବାର କଣ୍ଢେଇ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏଥିରେ ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ୨୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅତିଥି ବିଚାରକ ଭାବେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟ ଅଧକ୍ଷା ହରପ୍ରିୟା ମହାପାତ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ସୋନାଲି ରଥଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ସଭାପତି ଶ୍ୟାମପ୍ରକାଶ ସେନାପତି, ଅଧକ୍ଷା ରୂପାଲି ଚାନ୍ଦ, ମୋନିକା ବାନାର୍ଜୀ, ଝରଣା ଦାସ, ସସ୍ମିତା ସାହୁ, ମୋନାଲିସା ଦାସ ଓ କାବେରୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃତି ପ୍ରତିଭାଙ୍କୁ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।

## ବିଦ୍ୟାଳୟସ୍ତରୀୟ ସ୍ତୋତ୍ର ଆବୃତ୍ତି ପ୍ରତିଯୋଗିତା

ପୁରୀ ଅଫିସ,୨୩।୧:

ସ୍ତୋତ୍ରପାଠ ଓ ମନ୍ତ୍ର ଉଚ୍ଚାରଣ ପ୍ରାଚୀନ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଦୁଇଟି ଉପାଦେୟ ବିଷୟବସ୍ତୁ । ଏହାଦ୍ୱାରା ମନର ପ୍ରସନ୍ନତା ସହିତ ବୌଦ୍ଧିକ ବିକାଶ ହୋଇଥାଏ, ଯାହା ବିଜ୍ଞାନ ସମ୍ମତ । ମନରେ ହତାଶ ଭାବକୁ ଦୂର କରି ଏହା ସଂଯମତା ଓ ଶୃଙ୍ଖଳା ଶିକ୍ଷା ଦେଇଥାଏ । ଶୈଶବାବସ୍ଥାରୁ ଏହି ଅଭ୍ୟାସ ହୋଇପାରିଲେ ଜୀବନ ସୁଖମୟ ଓ ଶୃଙ୍ଖଳିତ ହୁଏ । ଏହି ମହତ ଉଦ୍ଦେଶ୍ୟକୁ ନେଇ ଗୁରୁବାର ଡାଫୋଡିଲ ନର୍ସରୀ ସ୍କୁଲ ପକ୍ଷରୁ ଆୟୋଜିତ ହୋଇଥିଲା ବିଦ୍ୟାଳୟସ୍ତରୀୟ ସ୍ତୋତ୍ରାବୃତ୍ତି ପ୍ରତିଯୋଗିତା । ଏଥିରେ ୟୁଥ୍ ହଷ୍ଟେଲ ପରିସରରେ ପୁରୀ ପୌରାଞ୍ଚଳ ଅନ୍ତର୍ଗତ ୧୮ଟି ବିଦ୍ୟାଳୟର ୬୬ ଜଣ କୁନି କୁନି ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏହି କୁନି କୁନି ଛାତ୍ରୀଛାତ୍ରଙ୍କ ସ୍ତୋତ୍ର ଉଚ୍ଚାରଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସମସ୍ତ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ଆଗାମୀ ଆଧ୍ୟାତ୍ମିକ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବୈରାଗୀ ନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ନାଥ ସେନାପତି ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ଅଧକ୍ଷ ଡ. ଅଶ୍ୱିନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## 'ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ପୁରୀ ଅଫିସ, ୨୩।୧:

ପୁରୀ ସହରସ୍ଥ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମାଖନଲାଲ ହାଲଦାର ସ୍ମୃତି ସମିତି ପକ୍ଷରୁ ପର୍ଯ୍ୟଟନ କାର୍ଯ୍ୟାଳୟ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଥିଲେ, ସ୍ୱାଧିନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ ଅତୁଳନୀୟ। ତାଙ୍କ ବାଗ୍ମୀତା, ଦେଶପ୍ରେମ ଓ ବ୍ୟକ୍ତିତ୍ୱ ସେତେବେଳେ ଦେଶରେ ନୂତନ ଜାଗରଣ ସୃଷ୍ଟି କରିଥିଲା। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ। ଏହି ସମାରୋହରେ ଅନୁଷ୍ଠାନର ସଭାପତି ଦିବାକର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଉପସଭାପତି ଅନାମ ଚନ୍ଦ୍ର ସାହୁ, କବି ଶିବସୁନ୍ଦର ମିଶ୍ର, ସୁରେଶ ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ବିପିନ ବିହାରୀ ମିଶ୍ର, ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀରାମକୃଷ୍ଣ ମିଶନ ପକ୍ଷରୁ ନେତାଜୀଙ୍କ ଫଟୋଚିତ୍ରକୁ ଏକ ସଜ୍ଜିତ ରଥରେ ନଗର ପରିକ୍ରମା କରି ସଭାସ୍ଥଳକୁ ନିଆଯାଇଥିଲା। ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ନାୟକ ପ୍ଲାଜାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ପୁଷ୍କର ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଚିନ୍ମୟ ପ୍ରହରାଜ, କୃଷ୍ଣମୋହନ ପଟ୍ଟନାୟକ, ସସ୍ମିତା ବାହିନୀପତି, ରଞ୍ଜିତା ମହାପାତ୍ର, ବନଲତା ମହାପାତ୍ର, ନବକିଶୋର ଶତପଥି, ଶିବକିଶୋର ପଲେଇ, ପୀତାମ୍ବର ନାୟକ, ଅଶୋକ କୁମାର ଆଢ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ନେତାଜୀ ସ୍ମୃତିପରିଷଦ ଓ ନେତାଜୀ ସଂଗ୍ରହାଳୟ ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦ ସଭାପତି ଡା. ବିପିନାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରମିକ ନେତା ଶରତ ଚନ୍ଦ୍ର ରାୟଗୁରୁ, ଅଧାପକ ସୁରେନ୍ଦ୍ର ଜେନା, ଶିବ ପ୍ରସାଦ ମିଶ୍ର, ନିରଞ୍ଜନ ମିଶ୍ର, ଟୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ଛାତ୍ର ଫେଡେରେଶନ ପକ୍ଷରୁ ରାମଚଣ୍ଡୀସାହିସ୍ଥିତ ସରସ୍ୱତୀ ଭଗବତୀ ସ୍ମୃତି ସଦନରେ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରାଧାପକ ସୁରେନ୍ଦ୍ର କୁମାର ଜେନା, ଶରତ ସେଠୀ, ଅନିଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଘୋଡାବଜାରସ୍ଥିତ ସରସ୍ୱତୀ ଜ୍ଞାନ ମନ୍ଦିର ଉଚ୍ଚ ବିଦ୍ୟାଳୟରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ପ୍ରକାଶକ ପଦ୍ମନାଭ ପଣ୍ଡା, ସାହିତ୍ୟ ଏକାଡେମୀ ସଦସ୍ୟ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟ ଉପସଭାପତି ରତ୍ନାକର ସାହୁ, ଅଧକ୍ଷା ରଙ୍ଗଲତା ସାହୁ ଉପସ୍ଥିତ ଥିଲେ। ବୀର ନରସିଂହପୁର ବିବେକାନନ୍ଦ ପବ୍ଲିକ ସ୍କୁଲ, ଉତ୍କଳ ବଚପନ ପ୍ଲେ ସ୍କୁଲରେ ମଧ୍ୟ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି।




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀମାନେ ।